୫୭ତମ ବର୍ଷ | ୨୪ ଏପ୍ରିଲ ୨୦୧୪ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୪]


| | | | | |
|---|---|---|---|---|
| **ଯୋଗ-ଦର୍ଶନ** | | | | |
| ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ | ··· | ଶ୍ରୀଅରବିନ୍ଦ | ··· | ୫ |
| ସମର୍ପଣ | ··· | ଶ୍ରୀଅରବିନ୍ଦ | ··· | ୭ |
| ଆତ୍ମ-ସମର୍ପଣହିଁ ସର୍ବୋତ୍ତମ ସୁରକ୍ଷା | ··· | ଶ୍ରୀମା | ··· | ୯ |
| ସମର୍ପଣ ଓ ତପସ୍ୟା | ··· | ··· | ··· | ୧୧ |
| ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ | ··· | ଶ୍ରୀମା | ··· | ୧୨ |
| ସହଜ ନିରନ୍ତର ଅଭୀପ୍ସା | ··· | ଶ୍ରୀଅରବିନ୍ଦ | ··· | ୧୪ |
| ଆତ୍ମଦାନ କ୍ଷେତ୍ରରେ ବିରାଟ ବାଧା | ··· | ଶ୍ରୀମା | ··· | ୧୫ |
| ଆମୋଦ ଓ ଆନନ୍ଦ | ··· | ଶ୍ରୀମା | ··· | ୧୭ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ··· | ଏ. ବି. ପୁରାଣୀ | ··· | ୧୮ |
| **ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ** | | | | |
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୧ |
| ସତ୍ୟରେ ଲାଗି ରହିବା | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୪ |
| 'ଦସ୍ୟୁ'ମାନଙ୍କ ଉପରେ ବିଜୟ (୧) | ··· | ଶ୍ରୀଅରବିନ୍ଦ | ··· | ୨୭ |
| ସେଦିନର ପ୍ରତିଶ୍ରୁତି : ଆଜିର ପରିତ୍ୟକ୍ତ ପରିସର | ··· | ଶ୍ରୀ ମନୋଜ ଦାସ | ··· | ୩୨ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୩୬ |
| ଆଧାରଶୁଦ୍ଧି ଓ ଅବଚେତନ | ··· | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ··· | ୩୮ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୬) | ··· | ଶ୍ରୀପତି ଦାସ | ··· | ୪୨ |
| ଅନୁପମ ସକାଳର ଅନ୍ୱେଷା | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୪୫ |
| **ସାଧନା ପରମ୍ପରା** | | | | |
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୮) | ··· | ··· | ··· | ୪୮ |
| **ଅନ୍ତରାଳ ଜଗତ୍** | | | | |
| କଳା ଓ ଯୋଗ | ··· | ଶ୍ରୀମା | ··· | ୫୧ |
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୧୧, (Bulletin, Feb. 2005, p. 62 - 63); ପୃ : ୧୪, (Bulletin, Feb. 2006, p. 34); ପୃ : ୧୫-୧୬, (Bulletin, Feb. 2008, p. 59 - 63); ପୃ : ୧୭, (M.C.W., Vol. 8, pp. 191 - 192); ପୃ : ୫୧-୫୩, (M.C.W., Vol. 3, pp. 107-13)

Let us never be satisfied with what is accomplished, let us not stop at any realisation.

*Sept. 6, 1914*

(MCW, Vol. 1, p. 242) – The Mother

ଆସ, ଆମ୍ଭେମାନେ ଯାହା ସଂପାଦିତ ହୋଇ ସାରିଛି ସେଇଆକୁ ନେଇ କେବେ ବି ସନ୍ତୁଷ୍ଟ ହେବା ନାହିଁ, କୌଣସି ସିଦ୍ଧିରେ ଅଟକିଯିବା ନାହିଁ ।

– ଶ୍ରୀମା

*

There is no end to progress and every day one can learn to do better what one does.

*April. 26, 1954*

(MCW, Vol. 15, p. 76) – The Mother

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

What one has to do is to put oneself in the Mother’s hands and open oneself to her by service, by bhakti, by aspiration; then the Mother by her light and force works in him so that the sadhana is done.

– Sri Aurobindo

ବ୍ୟକ୍ତିକୁ ଯାହା କରିବାକୁ ହେବ ତାହା ହେଉଛି ନିଜକୁ ମା’ଙ୍କ ହାତରେ ସମର୍ପଣ କରି ସେବା, ଭକ୍ତି, ଅଭୀପ୍‌ସା ବଳରେ ନିଜକୁ ଉନ୍ମୁକ୍ତ ରଖିବା; ତା’ହେଲେ ମା ତାଙ୍କର ଜ୍ୟୋତିଃ ଏବଂ ଶକ୍ତି ବଳରେ ତା’ ମଧ୍ୟରେ କ୍ରିୟା କରିବେ ଯାହାଫଳରେ ସାଧନା ସମ୍ଭବ ହେବ ।

— ଶ୍ରୀଅରବିନ୍ଦ



# ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ

## ଶ୍ରୀଅରବିନ୍ଦ

ଏହି ବିଶ୍ୱଜଗତରେ ମନୁଷ୍ୟ ନିଜକୁ ସାବ୍ୟସ୍ତ ବା ପ୍ରତିଷ୍ଠିତ କରିବ – ଏହାହିଁ ତାହାର ପ୍ରଥମ କାମ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ସେ ନିଜକୁ ବିବର୍ଦ୍ଧିତ କରିବ ଓ ଶେଷରେ ନିଜକୁ ଅତିକ୍ରମ କରିଯିବ – ଏହା ମଧ୍ୟ ତା'ର ଉଦ୍ଦିଷ୍ଟ ଲକ୍ଷ୍ୟ । ନିଜର ଆଂଶିକ ସତ୍ତାକୁ ସେ ଏକ ପୂର୍ଣ୍ଣସତ୍ତାରେ ପ୍ରସାରିତ କରିଦେବ, ନିଜର ଆଂଶିକ ଚେତନାକୁ ଏକ ପୂର୍ଣ୍ଣ ଚେତନାରେ ପରିଣତ କରିବ । ପାରିପାର୍ଶ୍ୱିକ ପରିବେଶ ଉପରେ ନିଜର କର୍ତ୍ତୃତ୍ୱକୁ ପ୍ରତିଷ୍ଠିତ କରିବା ସଙ୍ଗେସଙ୍ଗେ ସେ ମଧ୍ୟ ମିଳିତ ହେବ ସମଗ୍ର ବିଶ୍ୱ ସଙ୍ଗରେ, ସମଗ୍ର ବିଶ୍ୱକୁ ସମନ୍ୱିତ ଓ ସୌଷମ୍ୟମଣ୍ଡିତ କରିବା ଦିଗରେ ଆଗେଇଯିବ । ନିଜ ବ୍ୟକ୍ତିତ୍ୱର ମହତ୍ତ୍ୱ ଉପଲବ୍ଧି କରିବା ସଙ୍ଗେସଙ୍ଗେ ସେହି ବ୍ୟକ୍ତିତ୍ୱକୁ ସଂପ୍ରସାରିତ କରିବାକୁ ହେବ ବିଶ୍ୱାତ୍ମା ଓ ବିଶ୍ୱ ଜୀବନର ଆଧ୍ୟାତ୍ମିକ ଆନନ୍ଦ ଭିତରକୁ । ନିଜର ଏକ ରୂପାନ୍ତର ଘଟାଇ, ନିଜର ମନୋଗତ ଭୂମିରେ ଯାହାକିଛି ଅଜ୍ଞାନମୟ, ଭ୍ରାନ୍ତ, ପ୍ରମାଦପୂର୍ଣ୍ଣ ଓ ତମସାବୃତ ହୋଇ ରହିଛି ସେଗୁଡ଼ିକୁ ସଂଶୋଧିତ, ମାର୍ଜିତ ଓ ବିଶୁଦ୍ଧ କରି ତାହାକୁ ଚୂଡ଼ାନ୍ତଭାବେ ପହଞ୍ଚିବାକୁ ହେବ ଜ୍ଞାନ, ସଂକଳ୍ପ, ଆବେଗ, ଅନୁଭବ, କର୍ମ ଓ ଚରିତ୍ରରେ ଏକ ମୁକ୍ତ, ଉଦାର ପ୍ରସାରିତ ସୌଷମ୍ୟ ଏବଂ ଜ୍ୟୋତିର୍ମୟ ଅବସ୍ଥାରେ । ଏହି ସମସ୍ତହିଁ ମନୁଷ୍ୟ ପ୍ରକୃତି ଭିତରେ ଅତିସ୍ପଷ୍ଟ ଅଭିପ୍ରାୟ ରୂପେ ନିହିତ ହୋଇ ରହିଛି । ସୃଜନାତ୍ମିକା ମହାଶକ୍ତି ମନୁଷ୍ୟର ବୁଦ୍ଧିକୁ ଏହି ଆଦର୍ଶ ଦ୍ୱାରାହିଁ ଅନୁପ୍ରାଣିତ କରିରଖିଛି, ତା'ର ମନ ଓ ପ୍ରାଣର ଉପାଦାନ ଭିତରେ ଏହି ପ୍ରୟୋଜନୀୟତାଟିକୁ ରୋପଣ କରି ରଖିଛି । କିନ୍ତୁ ଏହା କେବଳ ସମ୍ପନ୍ନ ହୋଇପାରିବ ଏକ ବୃହତ୍ତର ସତ୍ତା ଓ ବୃହତ୍ତର ଚେତନା ଭିତରକୁ ମଣିଷର ବିକାଶ ଓ ଅଭିବୃଦ୍ଧିର ପ୍ରବେଶ ଦ୍ୱାରା, ଆତ୍ମପ୍ରସାରଣ ଓ ଆତ୍ମପୂର୍ଣ୍ଣତା ଦ୍ୱାରା; ବର୍ତ୍ତମାନ ସେ ତା'ର ଆପାତ ଓ ଜାଗତିକ ପ୍ରକୃତିରେ ଆଂଶିକ ଓ ଅସ୍ଥାୟୀ ଭାବରେ ଯାହା ହୋଇରହିଛି ତାହାକୁ ଅତିକ୍ରମ କରି ଆତ୍ମ-ବିବର୍ତ୍ତନ ଦ୍ୱାରା ତାକୁ ନିଜର ସେହି ପୂର୍ଣ୍ଣ ସ୍ୱରୂପରେ ପହଞ୍ଚିବାକୁ ହେବ, ଯାହା ତାହାର ଗୋପନ ଆତ୍ମା ଓ ସତ୍ତାର ନିଗୂଢ଼ ସତ୍ୟ । ତାହାର ଆତ୍ମା ଓ ଚିନ୍ମୟତା ଭିତରେ ସେହି ପରିପୂର୍ଣ୍ଣତାଟି ପ୍ରଚ୍ଛନ୍ନ ହୋଇରହିଛି ଏବଂ ସେହି କାରଣରୁହିଁ ତାହା ଅବଶ୍ୟ ତା'ର ଅଭିବ୍ୟକ୍ତ ଜୀବନରେ ନିଶ୍ଚୟ ପ୍ରକଟିତ ହେବ । ଏହି ଜଗତରେ ଯେ ମଣିଷର ସୃଷ୍ଟି ହୋଇଛି, ତାହା ପଛରେ ଏହି ମୂଳ ଉଦ୍ଦେଶ୍ୟଟି ନିହିତ ହୋଇରହିଛି । ଏହି ଆଶା ଓ ସମ୍ଭାବନାହିଁ ବିଶ୍ୱଜାଗତିକ ଯାବତୀୟ ପ୍ରତିଭାସ ମଧ୍ୟରେ ଓ ପୃଥିବୀପୃଷ୍ଠରେ ମନୁଷ୍ୟ ଜୀବନର ଯାଥାର୍ଥ୍ୟ ପ୍ରତିପାଦନ କରେ । ବାହାରୁ ଦେଖିଲେ ମନୁଷ୍ୟ କେବଳ କ୍ଷଣକ ଲାଗି ଆସି ପୁଣି କୁଆଡ଼େ ମିଳାଇ ଯାଉଥିବା ଏକ ଅକିଞ୍ଚନ ଜୀବ ପରି ପ୍ରତୀତ ହୁଏ । ନିଜର ଜଡ଼ ଶରୀରଟା ଭିତରେ ସେ ସତେଅବା ଆବଦ୍ଧ ହୋଇରହିଛି । ଏକ ଅତି ସୀମାବଦ୍ଧ ମନର କ୍ଷୁଦ୍ରାୟତନ ଭିତରେ ବନ୍ଦି ହୋଇରହିଛି । ସେହି ବାହ୍ୟ ଓ ଆପାତ ମଣିଷକୁ ଅନ୍ତରର ସେହି ଯଥାର୍ଥ ମାନବରେ ପରିଣତ ହେବାକୁ ହେବ । ବର୍ତ୍ତମାନ ସେ ଯେପରି ନାନା ଚାପ ଭିତରେ ନିଜର ତଥା ଅବସ୍ଥାର ଅଧୀନ ହୋଇ ରହିଛି ସେଭଳି ନରହି ସେ ହେବ ନିଜର ତଥା ନିଜ ପରିବେଶର ପ୍ରଭୁ, ସେ ନିଜ ସତ୍ତାରେ ହୋଇଉଠିବ ବିଶ୍ୱପୁରୁଷ । କମ୍ ଦାର୍ଶନିକ ଭାଷା ଓ ଏକ ଅଧିକ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାଷାରେ କହିଲେ ଏବେଯାଏଁ ପ୍ରକୃତିର ଅଧୀନ ହୋଇ ରହିଥିବା ମଣିଷକୁ ବିବର୍ତ୍ତିତ ହେବାକୁ ହେବ ଏକ ଦିବ୍ୟମାନବରେ । ମୃତ୍ୟୁର ସନ୍ତାନ ହୋଇ ରହିବାକୁ ବାଧ୍ୟ ହେଉଥିବା ମନୁଷ୍ୟକୁ ଉପଲବ୍ଧି କରିବାକୁ ହେବ ସେମାନେ ଅମୃତର ସନ୍ତାନ ବୋଲି । ଏହି କାରଣରୁହିଁ ମାନବଜନ୍ମକୁ ବିବର୍ତ୍ତନ କ୍ରମରେ ଏକ ସୁନିଶ୍ଚିତ ମୋଡ଼ ଓ ପୃଥିବୀ ପ୍ରକୃତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୋପାନ ବୋଲି କୁହାଯାଇପାରେ ।

ଏଥିରୁ ସଙ୍ଗେସଙ୍ଗେ ଏହି ସିଦ୍ଧାନ୍ତ ଆସୁଛି ଯେ ଏଥିପାଇଁ ଆମର ଯେଉଁ ଜ୍ଞାନରେ ପହଞ୍ଚିବା ଆବଶ୍ୟକ, ତାହା କୌଣସି ମାନସିକ ବୁଦ୍ଧିର ସତ୍ୟ ନୁହେଁ, ନିଜ ସମ୍ପର୍କରେ ଓ ବସ୍ତୁଗୁଡ଼ିକ ସମ୍ପର୍କରେ କେବଳ ଏକ ଯଥାର୍ଥ ବିଶ୍ୱାସ ରଖିବା ନୁହେଁ ବା ଯଥାର୍ଥ ମତପୋଷଣ ବା ତଥ୍ୟାନୁସନ୍ଧାନ ନୁହେଁ – କାରଣ ଏଗୁଡ଼ିକ ହେଉଛି ଜ୍ଞାନ ସମ୍ପର୍କରେ ବାହ୍ୟ ଓ ଉପୁରିଆ ମନର ଧାରଣା ମାତ୍ର । ଭଗବାନଙ୍କ ସମ୍ପର୍କରେ, ନିଜ ସମ୍ପର୍କରେ ବା ଜଗତ୍ ସମ୍ପର୍କରେ ଏକ ମାନସିକ ଧାରଣାରେ ପହଞ୍ଚିବା ବୁଦ୍ଧି ପାଇଁ ଏକ ଉତ୍ତମ ଲକ୍ଷ୍ୟ ହୋଇପାରେ, କିନ୍ତୁ ଆତ୍ମା ଲାଗି ତାହା ଆଦୌ ଯଥେଷ୍ଟ ନୁହେଁ, ଏହା ଆମକୁ ଅନନ୍ତଙ୍କର ସଚେତ ସନ୍ତାନରେ ପରିଣତ କରି ଦେଇପାରିବ ନାହିଁ । ଭାରତର

ପ୍ରାଚୀନ ବିଚାରଧାରାରେ ଜ୍ଞାନ କହିଲେ ଏପରି ଏକ ଚେତନାକୁ ବୁଝାଉଥିଲା ଯାହାକି ଏକ ସିଧା ସଳଖ ପ୍ରତ୍ୟକ୍ଷ ଭିତରେ, ଆତ୍ମ-ଅନୁଭୂତି ଭିତରେ ସର୍ବୋଚ୍ଚ ସତ୍ୟକୁ ଲାଭ କରିଛି । ଆମେ ଯେ ପ୍ରକୃତ ଜ୍ଞାନ ଲାଭ କରିଛୁ ତା'ର ଲକ୍ଷଣ ହେଲା, ଆମେ ଯାହାକୁ ସର୍ବୋଚ୍ଚ ବୋଲି ଜାଣୁ, ଯେତେବେଳେ ଆମେ ସ୍ୱୟଂ ତାହାହିଁ ହୋଇ ଉଠିବୁ । ସେହି କାରଣରୁ ସତ୍ୟ ଓ ଔଚିତ୍ୟବୋଧ ସମ୍ପର୍କରେ ଆମର ବୁଦ୍ଧିଗତ ଧାରଣା ସହ ଯେତେଦୂର ସମ୍ଭବ ଖାପ ଖୁଆଇ ଆମର ବାସ୍ତବ ଜୀବନ ଓ କର୍ମକୁ ରୂପ ଦେବା ବା ଏକ ସଫଳ ବ୍ୟାବହାରିକ ଜ୍ଞାନ ନେଇ ନୈତିକ ବା ପ୍ରାଣିକ ପୂର୍ଣ୍ଣତା ପଥରେ ଚାଲିବା – ଏଗୁଡ଼ିକ କେବେହେଲେ ଆମ ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ ବା ହୋଇପାରିବ ନାହିଁ । ଆମର ଲକ୍ଷ୍ୟ ହେବା ଉଚିତ ଆମର ଯଥାର୍ଥ ସତ୍ତାରେ, ଆମର ଆତ୍ମ-ସତ୍ତାରେ, ପରମ ଅସ୍ତିତ୍ୱ ଓ ବିଶ୍ୱଜୀବନର ସତ୍ତାରେ; ସଚ୍ଚିଦାନନ୍ଦଙ୍କ ସତ୍ତାରେ ବିକଶିତ ଓ ପରିଣତ ହୋଇଉଠିବା ।

ଆମର ସମଗ୍ର ଅସ୍ତିତ୍ୱ ନିର୍ଭର କରୁଛି ସେହି ପରମ ଅସ୍ତିତ୍ୱ ଉପରେ, ଆମ ଭିତରେ ସେହି ପରମ ସତ୍ୟହିଁ ବିବର୍ତ୍ତିତ ହେଉଛି; ଆମେ ସେହି ଦିବ୍ୟ-ଅସ୍ତିତ୍ୱରହିଁ ଏକ ସତ୍ତା, ସେହି ଦିବ୍ୟଚେତନାରହିଁ ଏକ ଚେତନା, ସେହି ସଚେତ ଦିବ୍ୟଶକ୍ତିରହିଁ ଏକ ଶକ୍ତି । ସେହି ଦିବ୍ୟ-ଆନନ୍ଦରୁ ଜନ୍ମ ନେଇଥିବା ସତ୍ତାର ଆନନ୍ଦ, ଚେତନାର ଆନନ୍ଦ, ଶକ୍ତିର ଆନନ୍ଦ ଦିଗରେ ଅଭିମୁଖୀ ହୋଇ ରହିଥିବା ଏକ ସଂକଳ୍ପ ହେଉଛୁ ଆମେ । ଆମ ଅସ୍ତିତ୍ୱର ଏହାହିଁ ହେଉଛି ମୂଳତତ୍ତ୍ୱ । ମାତ୍ର ଆମ ଜୀବନର ଉପରି ଭାଗରେ ଏହିସବୁର ଯେଉଁ ରୂପାୟଣ ହୋଇଛି, ସେହି ରୂପାୟଣଗୁଡ଼ିକ ଆମେ ସେହି ପରମ ଅସ୍ତିତ୍ୱ ବୋଲି କହିପାରିବା ନାହିଁ । ଏଠାରେ ଅଜ୍ଞାନର ଭାଷାରେ ତାହା ଯଥାର୍ଥ ଜିନିଷର ଏକ ଭୁଲ୍ ଅନୁବାଦ ମାତ୍ର । ଆମର 'ମୁଁ' କେବେହେଲେ ସେହି ଆଧ୍ୟାତ୍ମିକ ଦିବ୍ୟସତ୍ତା ନୁହେଁ ଯେକି ସେହି ପରମ ଦିବ୍ୟ-ଅସ୍ତିତ୍ୱ ଉପରେ ଦୃଷ୍ଟି ନିକ୍ଷେପ କରି କହିବ ସେହି ଦିବ୍ୟସତ୍ୟହିଁ ମୁଁ; ଆମର ମନୋଭୂମି ସେହି ଆଧ୍ୟାତ୍ମିକ ଚେତନା ନୁହେଁ, ଆମର ସଂକଳ୍ପ ଦିବ୍ୟଚେତନାର ସେହି ସାମର୍ଥ୍ୟ ନୁହେଁ, ଆମର ଦୁଃଖ ଓ ସୁଖ, ଏପରିକି ଆମର ଶୀର୍ଷତମ ଆନନ୍ଦ ଓ ଉଲ୍ଲାସ ସତ୍ତାର ସେହି ପରମ ଆନନ୍ଦ ନୁହେଁ । ବାହ୍ୟ ଉପରିଭାଗରେ ଆମେ ରହିଛୁ ତଥାପି ଏକ ଅହଂ ହୋଇ ଯାହା ଆତ୍ମାର ରୂପ ନେବାକୁ ଚାହୁଁଛି, ଏକ ଅଜ୍ଞାନତା ହୋଇ ଯାହା ଜ୍ଞାନରେ ପରିଣତ ହେବାକୁ ଚାହୁଁଛି, ଏକ ସଂକଳ୍ପ ହୋଇ ଯାହା ଯଥାର୍ଥ ଶକ୍ତି ଲାଭ ପାଇଁ ଆୟାସ କରିଚାଲିଛି, ଏକ କାମନା ହୋଇ ଯାହା ଅସ୍ତିତ୍ୱର ଆନନ୍ଦ ଅନ୍ୱେଷଣ କରିଚାଲିଛି । ଜଣେ ଅର୍ଦ୍ଧ-ଅନ୍ଧ ଦ୍ରଷ୍ଟା ଆତ୍ମାକୁ ଜାଣି ନଥିଲେ ମଧ୍ୟ ଆତ୍ମାର ବର୍ଣ୍ଣନା କରିବାକୁ ଯାଇ ଯେଉଁ ଅନୁପ୍ରେରଣାର ବାଣୀ ଉଚ୍ଚାରଣ କରିଥିଲେ, ତାହାକୁ ଟିକିଏ ବୁଲାଇ କରି ଆମେ କହିପାରୁ ଯେ ଆମ ନିଜକୁ ଅତିକ୍ରମ କରିହିଁ ଆମ ନିଜକୁ ଲାଭ କରିପାରିବା, ଏହି କଷ୍ଟସାଧ୍ୟ ଓ ବିପଜ୍ଜନକ ଆବଶ୍ୟକତାଟିକୁ ଆମ ଉପରେ ଲଦି ଦିଆଯାଇଛି, ନିଜ ଉପରେ ଏକ ଅଦୃଶ୍ୟ ରାଜମୁକୁଟ ବହନ କରୁଥିବା ଏକ କ୍ରୁଶକୁ ଆଣି ଆମ ଉପରେ ଲଦି ଦିଆଯାଇଛି । ସତ୍ତାର ନିମ୍ନଦେଶରେ ଥିବା ନିଶ୍ଚେତନାର ସେହି ଅନ୍ଧକାରମୟ ସ୍ଫିଙ୍କ୍ସ ବା ପ୍ରହେଳିକା ମଣିଷକୁ ତା'ର ଯଥାର୍ଥ ସ୍ୱଭାବର ରହସ୍ୟ ସମ୍ପର୍କରେ ପ୍ରଶ୍ନ କରି ଉତ୍ତର ପାଇବା ଲାଗି ଅପେକ୍ଷା କରିରହିଛି, ଗଭୀରରେ ଓ ଉର୍ଦ୍ଧ୍ୱସତ୍ତାର ଦେଶରେ ଥିବା ଅନନ୍ତ ଚେତନା ଓ ଶାଶ୍ୱତ ପ୍ରଜ୍ଞାର ଆବରଣ ପରିହିତା ଜ୍ୟୋତିର୍ମୟୀ ସ୍ଫିଙ୍କ୍ସ ବା ପ୍ରହେଳିକା ଏକ ଅବୋଧ ଦିବ୍ୟମାୟାର ବେଶରେ ତା'ର ସମ୍ମୁଖୀନ ହୋଇରହିଛି । ତେଣୁ ଅହଂକୁ ଅତିକ୍ରମ କରି ଆମ ନିଜର ଯଥାର୍ଥ ଆତ୍ମା ହୋଇଉଠିବା, ଆମ ଯଥାର୍ଥ ସତ୍ତା ସମ୍ପର୍କରେ ସଚେତନ ହେବା, ତାହାକୁ ଅଧିକାର କରିବା ଏବଂ ସତ୍ତାର ସେହି ଯଥାର୍ଥ ଆନନ୍ଦଟିକୁ ନିଜସ୍ୱ ସମ୍ପଦ ରୂପେ ଲାଭ କରିବା – ଏହାହିଁ ହେଉଛି ଇହ ଜଗତରେ ଆମ ଜୀବନର ଚରମ ଅର୍ଥ ଓ ଆମ ବ୍ୟକ୍ତିଗତ ଓ ପାର୍ଥିବ ଅସ୍ତିତ୍ୱର ଗୋପନ ମର୍ମ । ❖

# ସମର୍ପଣ

## ଶ୍ରୀଅରବିନ୍ଦ

ଯଦି କେହି ଭଗବାନଙ୍କୁ ଚାହେଁ ତେବେ ସ୍ୱୟଂ ଭଗବାନହିଁ ତା'ର ହୃଦୟକୁ ଶୁଦ୍ଧ କରିବାର ଭାର ଗ୍ରହଣ କରିବେ, ତା'ର ସାଧନାର ବିକାଶ କରାଇବେ ଓ ଆବଶ୍ୟକ ସମସ୍ତ ଅନୁଭୂତି ପ୍ରଦାନ କରିବେ : ଏହି ଭାବରେହିଁ ଏହା ଘଟିପାରେ ଓ ଘଟିଥାଏ, ଯଦି ଭଗବାନଙ୍କ ଉପରେ ତୁମର ଦୃଢ଼ ବିଶ୍ୱାସ, ଭରସା ଏବଂ ସମର୍ପଣ ପାଇଁ ସଂକଳ୍ପ ରହିଥାଏ । କାରଣ ଏହି ଭାବରେ ଭଗବାନ୍ ତୁମର ସାଧନାର ଭାର ଗ୍ରହଣ କରିବାର ଅର୍ଥ ହେଉଛି ତୁମେ କେବଳ ନିଜର ସାଧନା ବା ପ୍ରଚେଷ୍ଟା ଉପରେ ନିର୍ଭର କରିବା ଅପେକ୍ଷା ନିଜକୁ ପୂରାପୂରି ଭଗବାନଙ୍କ ହାତରେ ଛାଡ଼ିଦିଅ । ଏବଂ ଏଥିପାଇଁ ଆବଶ୍ୟକ ହେଲା ଭଗବାନଙ୍କ ଉପରେ ନିଜର ଭରସା, ବିଶ୍ୱାସ ସ୍ଥାପନ ଏବଂ ଏକ କ୍ରମବର୍ଦ୍ଧିଷ୍ଣୁ ଆତ୍ମ-ନିବେଦନ । ପ୍ରକୃତରେ ମୁଁ ନିଜେ ସାଧନାର ଏହି ଭାବ ଓ ନୀତିହିଁ ଅନୁସରଣ କରିଥିଲି ଏବଂ ମୋ ବିଚାରରେ ଏହାହିଁ ହେଉଛି ଯୋଗର କେନ୍ଦ୍ରୀୟ ପଦ୍ଧତି । ମୁଁ ମନେକରେ ଶ୍ରୀରାମକୃଷ୍ଣ ବିରାଡ଼ି ଛୁଆର ଉପମା ଦେଇ ଏହି ପଦ୍ଧତି କଥାହିଁ କହିଥିଲେ । କିନ୍ତୁ ସମସ୍ତେ ସଙ୍ଗେ ସଙ୍ଗେ ଏହି ମାର୍ଗ ଅନୁସରଣ କରି ପାରିବେ ନାହିଁ, ଏହି ଅବସ୍ଥାରେ ପହଞ୍ଚିବା ପାଇଁ ସମୟ ଲାଗେ – ଯେତେବେଳେ ମନ ଓ ପ୍ରାଣ ନୀରବ ହୋଇ ଯାଆନ୍ତି ସେତେବେଳେ ଏହା ସବୁଠୁ ସମୃଦ୍ଧ ହୋଇଥାଏ, ବୃଦ୍ଧି ପାଇଥାଏ ।

ମୁଁ ଯେଉଁ ଅର୍ଥରେ ସମର୍ପଣ କଥା କହିଲି ତା' ହେଉଛି ମନ ଓ ପ୍ରାଣର ଏହି ଆନ୍ତର ସମର୍ପଣ । ଅବଶ୍ୟ ଏହା ସଙ୍ଗରେ ବାହ୍ୟ ସମର୍ପଣ ମଧ ରହିଛି, ତାହାହେଲା ସାଧନାର ଭାବ ଓ ଆବଶ୍ୟକତାର ଯାହା ବିରୋଧୀ, ତାହାର ପରିତ୍ୟାଗ, ଆତ୍ମ ନିବେଦନ, ଭଗବାନଙ୍କ ପରିଚାଳନା ପ୍ରତି ବଶ୍ୟତା ସ୍ୱୀକାର – ତାହା ପ୍ରତ୍ୟକ୍ଷ ଭାବରେ ହୋଇଥାଏ, ଯଦି ଜଣେ ସେହି ଅବସ୍ଥାରେ ପହଞ୍ଚି ଥାଏ, ଅଥବା ଚୈତ୍ୟସତ୍ତା ବା ଗୁରୁଙ୍କ ପରିଚାଳନା ମାଧ୍ୟମରେ ହୋଇଥାଏ । ମୁଁ କହିପାରେ ପ୍ରୟୋପବେଶନ (ଦୀର୍ଘ କାଳ ଧରି ଉପବାସ)ର ସମର୍ପଣ ସଙ୍ଗେ କୌଣସି ସମ୍ପର୍କ ନାହିଁ; ଏହା ହେଉଛି କୃଚ୍ଛ୍ର ସାଧନା ସମ୍ବଳିତ ଏକ ତପସ୍ୟା ଏବଂ ମୋ ମତରେ ଏହାର ଧରଣ ଉଗ୍ର ଏବଂ ଅନେକ ସମୟରେ ବିପଜ୍ଜନକ ।

ଆନ୍ତର ସମର୍ପଣର ସାରକଥା ହେଉଛି ଭଗବାନଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ । ତୁମେ ଏହି ମନୋଭାବ ଗ୍ରହଣ କରିଥାଅ, "ମୁଁ କେବଳ ଭଗବାନଙ୍କୁ ଚାହେଁ, ଆଉ କିଛି ମଧ ଚାହେଁ ନାହିଁ । ମୁଁ ନିଜକୁ ପୂରାପୂରି ତାଙ୍କୁ ଦେଇ ଦେବାକୁ ଚାହେଁ, ଏବଂ ଯେହେତୁ ମୋ ଆତ୍ମା ଏହାହିଁ ଚାହୁଁଛି ତେଣୁ ମୁଁ ଯେ ତାଙ୍କୁ ପାଇବି ଓ ଉପଲବ୍ଧି କରିବି, ଏହାର ଅନ୍ୟଥା ହେବ ନାହିଁ । ମୁଁ ଆଉ କିଛି ଚାହୁଁ ନାହିଁ କେବଳ ଏହାହିଁ ଚାହେଁ, ଏବଂ ମୋ ଭିତରେ ତାଙ୍କର କ୍ରିୟା ମୋତେ ତାଙ୍କ ନିକଟକୁ ନେଇଯିବ, ତାଙ୍କର ସେହି କ୍ରିୟା ପ୍ରଚ୍ଛନ୍ନ ହେଉ ବା ପ୍ରକାଶ୍ୟ ହେଉ, ଆବୃତ ହେଉ ବା ସ୍ପଷ୍ଟ ଭାବରେ ବ୍ୟକ୍ତ ହେଉ । ମୁଁ ମୋ ନିଜର ସମୟ ବା ମାର୍ଗ ଉପରେ କୌଣସି ଜୋର୍ ଦେଉ ନାହିଁ, ସେ ତାଙ୍କ ନିଜର ସମୟ ଓ ମାର୍ଗ ନିରୂପଣ କରି ସବୁକିଛି କରନ୍ତୁ । ମୁଁ ତାଙ୍କ ଉପରେ ଆସ୍ଥା ରଖିବି, ତାଙ୍କରି ଇଚ୍ଛାକୁହିଁ ମାନିନେବି, ତାଙ୍କର ଆଲୋକ, ଉପସ୍ଥିତି ଓ ଆନନ୍ଦ ପାଇଁ ନିରଳସ ଦୃଢ଼ ଅଭୀପ୍ସା ରଖିଚାଲିବି, ତାଙ୍କ ଉପରେ ପୂର୍ଣ୍ଣ ଭରସା ରଖି ସମସ୍ତ ବାଧାବିଘ୍ନ ଓ ବିଳମ୍ବ ଭିତର ଦେଇ ଯିବାକୁ ମୁଁ ପ୍ରସ୍ତୁତ, ମୋର ଏହି ଅଭୀପ୍ସା ମୁଁ କେବେହେଲେ ଛାଡ଼ି ଦେବି ନାହିଁ । ମୋର ମନ ନିଶ୍ଚଳ, ନୀରବ ହେଉ ଓ ସେ ଏହାକୁ ଉନ୍ମୋଚିତ କରିଦିଅନ୍ତୁ ତାଙ୍କର ଆଲୋକ ପ୍ରତି, ମୋର ପ୍ରାଣ ନିଶ୍ଚଳ, ନୀରବ ହେଉ ଓ କେବଳ ତାଙ୍କରି ଅଭିମୁଖୀ ହୋଇରହୁ ଏବଂ ସେ ଏହାକୁ ଉନ୍ମୋଚିତ କରିଦିଅନ୍ତୁ ତାଙ୍କର ପ୍ରଶାନ୍ତି ଓ ଆନନ୍ଦ ପ୍ରତି । ସବୁକିଛି ତାଙ୍କରି ପାଇଁ, ମୁଁ ନିଜେ ତାଙ୍କରି ପାଇଁ । ଯାହାକିଛି ଘଟୁ, ମୁଁ ଏହି ଅଭୀପ୍ସା ଓ ଆତ୍ମ-ନିବେଦନକୁ ଧରିରଖିବି; ଏବଂ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି ଆଗେଇ ଚାଲିବି ଯେ ଏହା ନିଶ୍ଚୟ ସମ୍ପନ୍ନ ହେବ ।"

ଆମ ଭିତରେ ଏହି ମନୋଭାବରହିଁ ଅଭିବୃଦ୍ଧି ଓ ବିକାଶ ସାଧନ କରିବାକୁ ପଡ଼ିବ; କାରଣ ନିଶ୍ଚିତ ରୂପେ ଗୋଟିଏ ଦିନରେ ଏହାର ପୂର୍ଣ୍ଣତା ସମ୍ଭବ ନୁହେଁ – ମନ ଓ ପ୍ରାଣର ନାନା ଗତିବୃତ୍ତି ଏଦିଗରେ ବାଧା ସୃଷ୍ଟି କରିବେ – କିନ୍ତୁ ଯଦି ଆମ ଭିତରେ ଏଥିପାଇଁ ଦୃଢ଼ ସଂକଳ୍ପ ରୁହେ ତେବେ ଆମର ସତ୍ତା ଭିତରେ ଏହି ମନୋଭାବ ବୃଦ୍ଧି ପାଇବାରେ ଲାଗିବ । ବାକି ଯାହା କରିବାକୁ ହେବ ତାହାହେଲା ଭଗବତ୍ ଚାଳନା

ଯେତେବେଳେ ଅଭିବ୍ୟକ୍ତ ହୁଏ ତାହା ପ୍ରତି ସମ୍ପୂର୍ଣ୍ଣ ଅନୁଗତ ରହିବା, ନିଜର କୌଣସି ମନ ବା ପ୍ରାଣର ଗତିବୃତ୍ତି ଯେପରି ତହିଁରେ ହସ୍ତକ୍ଷେପ ନ କରେ ।

ମୋର ଏପରି କହିବାର ଉଦ୍ଦେଶ୍ୟ ନୁହେଁ ଯେ ଏହି ମାର୍ଗହିଁ ଏକମାତ୍ର ମାର୍ଗ ଏବଂ ଅନ୍ୟ କୌଣସି ଭାବରେ ସାଧନା କରାଯାଇ ପାରିବ ନାହିଁ । ଭଗବାନଙ୍କ ଦିଗରେ ଆଗେଇ ଯିବା ପାଇଁ ଅନ୍ୟ ବହୁ ମାର୍ଗ ରହିଛି । କିନ୍ତୁ ମୁଁ ଜାଣିଥିବା ଏହାହିଁ ଏକମାତ୍ର ମାର୍ଗ ଯେଉଁଥିରେ ପ୍ରକୃତିର ଆବଶ୍ୟକ ପ୍ରସ୍ତୁତି ପୂର୍ବରୁହିଁ ଭଗବାନ୍ ତୁମ ସାଧନାର ଭାର ଗ୍ରହଣ କରିବା ଏକ ଅନୁଭବଗମ୍ୟ ସତ୍ୟ ହୋଇଥାଏ । ଅନ୍ୟାନ୍ୟ ସାଧନା ପ୍ରଣାଳୀରେ ଭଗବାନଙ୍କ କ୍ରିୟା ମଝିରେ ମଝିରେ ଅନୁଭୂତ ହୋଇପାରେ, କିନ୍ତୁ ମୁଖ୍ୟତଃ ଏହା ରହିଥାଏ ପରଦାର ଅନ୍ତରାଳରେ ଯେପର୍ଯ୍ୟନ୍ତ ସବୁକିଛି ପ୍ରସ୍ତୁତ ନ ହୋଇଛି । କେତେକ ସାଧନାରେ ଭଗବତ୍ କ୍ରିୟାକୁ ସ୍ୱୀକାର କରାଯାଏ ନାହିଁ, ସବୁକିଛି ତପସ୍ୟା ଦ୍ୱାରାହିଁ କରିବାକୁ ହୋଇଥାଏ । ଅଧିକାଂଶ ମାର୍ଗରେ ଏ ଉଭୟର ଏକ ସମ୍ମିଶ୍ରଣ ହୋଇଥାଏ : ତପସ୍ୟା ଦ୍ୱାରା ଶେଷରେ ଭଗବାନଙ୍କର ସହାୟତା ଓ ହସ୍ତକ୍ଷେପକୁ ଆବାହନ କରାଯାଇଥାଏ । ଭଗବାନ୍ ସବୁକିଛି କରନ୍ତି – ଏହି ଧାରଣା ଓ ଅନୁଭୂତି କେବଳ ସମର୍ପଣ ଉପରେ ପ୍ରତିଷ୍ଠିତ ଯୋଗର ଅନ୍ତର୍ଗତ । କିନ୍ତୁ ଯେକୌଣସି ମାର୍ଗ ଅନୁସରଣ କରାଯାଉ ନା କାହିଁକି, ଏକମାତ୍ର ଯାହା କରାଯିବା କଥା ତାହାହେଲା ଅନୁଗତ ଓ ବିଶ୍ୱସ୍ତ ରହିବା ଓ ଲକ୍ଷ୍ୟ ଶେଷ ପର୍ଯ୍ୟନ୍ତ ଯିବା ।

ଭଗବାନ୍ ସବୁକିଛି କରିଦିଅନ୍ତି – ହୃଦୟ ଓ ପ୍ରକୃତି ଶୁଦ୍ଧ ହୋଇଯାଏ, ଆନ୍ତର ଚେତନା ଜାଗ୍ରତ୍ ହୁଏ, ଆବରଣ ଅପସାରିତ ହୁଏ – ସବୁକିଛି ଭଗବାନଙ୍କ ଦ୍ୱାରା ସମ୍ପନ୍ନ ହୁଏ ଯଦି ଆମେ ନିଜକୁ ପୂର୍ଣ୍ଣ ଭରସା ଓ ବିଶ୍ୱାସର ସହିତ ତାଙ୍କ ହାତରେ ଛାଡ଼ିଦେଉ । ଯଦି ବି ସଙ୍ଗେ ସଙ୍ଗେ ପୂର୍ଣ୍ଣଭାବରେ ଏପରି କରିବା ପାଇଁ ସମର୍ଥ ନହେଉ ତଥାପି ଯେତେ ଯେତେ ଅଧିକ ଭାବରେ ଆମେ ଏପରି କରିଥାଉ ଆନ୍ତର ସହାୟତା ଓ ଚାଳନା ସେତିକି ଅଧିକ ଭାବରେ ଆସେ ଏବଂ ଭିତରେ ଭଗବାନଙ୍କର ଅନୁଭୂତି ବୃଦ୍ଧି ପାଇବାରେ ଲାଗେ । ଯଦି ସନ୍ଦେହ ଓ ପ୍ରଶ୍ନ ଉଠାଉଥିବା ମନ ଟିକେ କମ୍ ସକ୍ରିୟ ହୁଏ, ଏବଂ ନମ୍ରତା ଓ ସମର୍ପଣର ସଂକଳ୍ପ ବୃଦ୍ଧି ପାଏ ତେବେ ଏହା ସମ୍ପୂର୍ଣ୍ଣ ସମ୍ଭବ । ସେତେବେଳେ ଅନ୍ୟ କୌଣସି ସାମର୍ଥ୍ୟ ବା ତପସ୍ୟାର ଆବଶ୍ୟକତା ନାହିଁ, କେବଳ ଏହାହିଁ ଯଥେଷ୍ଟ ।

ଖୁବ୍ ସ୍ଥିର, ନିଶ୍ଚଳ ରୁହ, ତୁମର ମନ ଓ ତୁମର ହୃଦୟକୁ ଶ୍ରୀଅରବିନ୍ଦ ଓ ମୋ ପ୍ରଭାବ ପ୍ରତି ଉନ୍ମୁକ୍ତ ରଖ, ଗଭୀର ଭାବେ ଏକ ଆନ୍ତର ନୀରବତା (ଯାହାକି ସକଳ ପରିସ୍ଥିତିରେ ଲାଭ କରାଯାଇପାରେ) ମଧ୍ୟକୁ ନିଜକୁ ଅପସରାଇ ନିଅ, ସେହି ନୀରବତାର ଗଭୀରତା ମଧ୍ୟରୁ ମୋତେ ଆବାହନ କର ଏବଂ ତୁମେ ତୁମ ସତ୍ତାର କେନ୍ଦ୍ରରେ ମୋତେ ଉଭା ହୋଇଥିବାର ଦେଖି ପାରିବ ।

– ଶ୍ରୀମା

# ଆତ୍ମ-ସମର୍ପଣହିଁ ସର୍ବୋତ୍ତମ ସୁରକ୍ଷା

## ଶ୍ରୀମା

*ପ୍ରଶ୍ନ : ମା' ''ଭାଗବତୀ ଶକ୍ତିଙ୍କ ଆଡ଼କୁ ଅନନ୍ୟମୁଖୀ ଆତ୍ମୋନ୍ମୀଳନ''ର ଅର୍ଥ କ'ଣ ?*

ଉତ୍ତର : ଆମେ ଆତ୍ମ-ଉନ୍ମୀଳନ ପରିବର୍ତ୍ତେ ଗ୍ରହଣଶୀଳତା କହିପାରୁ, ଯାହା ଗ୍ରହଣ କରିବା ପାଇଁ ନିଜକୁ ଉନ୍ମୀଳିତ କରେ । ବର୍ତ୍ତମାନ କଥାଟି ହେଲା ସବୁଆଡ଼କୁ ଓ ସମସ୍ତଙ୍କ ପ୍ରତି ନିଜକୁ ଉନ୍ମୀଳିତ ନକରି ସମସ୍ତଙ୍କଠାରୁ ଗ୍ରହଣ ନକରି ଆମକୁ କେବଳ ଭଗବାନଙ୍କ ପ୍ରତି ଉନ୍ମୀଳିତ ହେବାକୁ ପଡ଼ିବ ଏବଂ କେବଳ ତାଙ୍କର ଦିବ୍ୟଶକ୍ତିକୁହିଁ ଗ୍ରହଣ କରିବାକୁ ହେବ । ସାଧାରଣତଃ ଲୋକମାନେ ଯାହା କରନ୍ତି ଏହା ତା'ର ଠିକ୍ ବିପରୀତ । ଲୋକମାନେ କେବଳ ତାଙ୍କର ଅଗଭୀର ଉପରିଆ ସତ୍ତାରେ ସବୁବେଳେ ଉନ୍ମୋଚିତ ରହି ଥାଆନ୍ତି, ତେଣୁ ସବୁଆଡୁ ସବୁପ୍ରକାର ପ୍ରଭାବ ଗ୍ରହଣ କରିଥା'ନ୍ତି । ଫଳରେ ସେମାନେ ନିଜ ଭିତରେ ଏକପ୍ରକାର ଗୋଳିଆମିଶାର ଅବସ୍ଥା ସୃଷ୍ଟି କରିଥା'ନ୍ତି (ମା' ହସିଲେ) । ନିଜ ଭିତରେ ନାନା ପରସ୍ପର ବିରୋଧୀ ଜିନିଷକୁ ଗ୍ରହଣ କରିଥା'ନ୍ତି, ଯାହା ସ୍ୱଭାବତଃ ଅସଂଖ୍ୟ ବିଷମ ବାଧା ସୃଷ୍ଟି କରେ । ତେଣୁ ଏଠାରେ ତୁମକୁ ଅନ୍ୟସବୁକୁ ବାଦ୍ ଦେଇ କେବଳ ଭଗବାନଙ୍କ ଆଡ଼କୁ ଉନ୍ମୀଳିତ ହେବା-ପାଇଁ ଓ କେବଳ ତାଙ୍କରି ଦିବ୍ୟଶକ୍ତିକୁ ଗ୍ରହଣ କରିବାପାଇଁ ପରାମର୍ଶ ଦିଆ ଯାଉଛି । ଏହା ସମସ୍ତ ବାଧାବିଘ୍ନକୁ ହ୍ରାସ କରିଦିଏ, ପୂରାପୂରି ପ୍ରାୟ ଦୂର କରିଦିଏ ବୋଲି କୁହାଯାଇ ପାରେ । କେବଳ ଗୋଟିଏ ଅସୁବିଧା ରହିଯାଏ । ଏହା ହେଉଛି... ଜଣେ ମିଳାମିଶା କରିପାରେ, କିନ୍ତୁ ଜଣେ ଯଦି ଏକ ପୂରା ରସାୟନ-ବିଶୋଧନ ଅବସ୍ଥାରେ ନଥାଏ ତା'ହେଲେ ଲୋକମାନଙ୍କ ସଙ୍ଗେ ସଂପର୍କ ରଖିବ, ସେମାନଙ୍କ ସଙ୍ଗେ ଆଦାନ-ପ୍ରଦାନ ଓ ଭାବବିନିମୟ କରିବ ଅଥଚ ସେମାନଙ୍କଠାରୁ କିଛି ଗ୍ରହଣ କରିବ ନାହିଁ, ଏହା ଅତି କଷ୍ଟସାଧ୍ୟ । ଅତି ଦୁରୂହ । ଯଦି ତୁମେ ଏପରି ଏକ ବାତାବରଣ ରଖି ରହିଥାଅ ଯାହାକି ଏକ ଶୋଧନ ଯନ୍ତ୍ର ପରି ହୋଇଥାଏ, ତା'ହେଲେ ବାହାରୁ ଯାହାକିଛି ତୁମ ଭିତରକୁ ଆସେ ତାହା ତୁମକୁ ସ୍ପର୍ଶ କରିବା ପୂର୍ବରୁ ଛାଣିହୋଇ ଆସେ । ଏହା ଅତ୍ୟନ୍ତ କଷ୍ଟସାଧ୍ୟ ଏଥିପାଇଁ ବହୁ ବ୍ୟାପକ ଅନୁଭୂତିର ପ୍ରୟୋଜନ ରହିଛି । ସେଇଥିପାଇଁ ମଧ୍ୟ ଯେଉଁମାନେ ସହଜତମ ମାର୍ଗ ଅନୁସରଣ କରିବାକୁ ଚାହୁଁଥିଲେ, ସେମାନେ ସାଧନା କରିବାକୁ ନିର୍ଜନ ଅଞ୍ଚଳକୁ ଚାଲିଯାଇ ବଣଜଙ୍ଗଲରେ ବୃକ୍ଷ ତଳେ ବସି ଧ୍ୟାନ କରୁଥିଲେ, ମୌନତା ଅବଲମ୍ବନ କରି କାହା ସଙ୍ଗେ କଥାବାର୍ତ୍ତା କରୁ ନଥିଲେ, କାହା ସଙ୍ଗେ ଦେଖା କରୁ ନଥିଲେ, କାରଣ ଏହା ସେମାନଙ୍କୁ ଅବାଞ୍ଛିତ ବାହ୍ୟ ସଂପର୍କ ଓ ଆଦାନ-ପ୍ରଦାନକୁ ହ୍ରାସ ଓ ସର୍ବନିମ୍ନ କରିଦେବା ପାଇଁ ସାହାଯ୍ୟ କରୁଥିଲା । କେବଳ, ଦେଖାଯାଇଛି ଯେ ଏହି ଲୋକମାନେ ବଣର ଛୋଟ ଛୋଟ ଜୀବଜନ୍ତୁ ଓ ଗଛଲତାଗୁଡ଼ିକର ଜୀବନ ସଂପର୍କରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଥିଲେ, କାରଣ କାହା ସଙ୍ଗରେ ଆଦୌ କୌଣସି ଭାବ ବିନିମୟ, କୌଣସି ଆଦାନ-ପ୍ରଦାନ ନ କରିବା ଖୁବ୍ କଷ୍ଟସାଧ୍ୟ । ତେଣୁ ଉତ୍ତମ ବାଟ ହେଲା ଏହି ସମସ୍ୟାର ସିଧାସଳଖ ସମ୍ମୁଖୀନ ହେବା ଏବଂ ନିଜ ଚାରି ପାଖରେ ଓ ଭିତରେ ଏପରି ଏକ ବାତାବରଣ ସୃଷ୍ଟି କରି ସେହି ବେଷ୍ଟନୀ ଭିତରେ ରହିବା ଯାହା କେବଳ ଭଗବାନଙ୍କ ଦିଗରେହିଁ ସଂପୂର୍ଣ୍ଣ ଭାବରେ ଏକାଗ୍ର ହୋଇ ରହିଥିବ ଓ ସେହି ବାତାବରଣ ଦେଇ ଯାହାକିଛି ଆସିବ ତାହା ଆସିବା ବେଳେ ପୂରା ଛାଣିହୋଇ ବିଶୋଧିତ ହୋଇହିଁ ଆସିବ ।

... କିନ୍ତୁ, ଦେଖ ବର୍ତ୍ତମାନର ପୃଥିବୀ ଯେଉଁ ଅବସ୍ଥାରେ ରହିଛି ତହିଁରେ ଆମେ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ । ତୁମେ ଆଦୌ କୌଣସି ଭାବସ୍ପନ୍ଦନ ଗ୍ରହଣ ନକରି ନିଃଶ୍ୱାସଟିଏ ମଧ୍ୟ ନେଇ ପାରିବ ନାହିଁ; ତେଣୁ ଅସଂଖ୍ୟ ଲୋକଙ୍କ ଦ୍ୱାରା, ଅସଂଖ୍ୟ ଗତିବୃତ୍ତି ଦ୍ୱାରା ସୃଷ୍ଟି ହେଉଥିବା ଅଗଣିତ ଭାବସ୍ପନ୍ଦନକୁ ଗ୍ରହଣ କରିବା ବେଳେ, ତୁମେ ଯଦି ଅକ୍ଷତ ଓ ନିରାପଦ ରହିବାକୁ ଚାହଁ ତେବେ ତୁମକୁ ମୁଁ ଯେଉଁ ଛାଣିବା ପ୍ରକ୍ରିୟା ବିଷୟରେ କହୁଥିଲି ସେହିପରି ନିରନ୍ତର ନିଜକୁ ଏକ ଛାଣିବା ଯନ୍ତ୍ରରେ ପରିଣତ କରିବାକୁ ହେବ । ଅର୍ଥାତ୍ ନିଜ ଭିତରେ ଏପରି କିଛି ପ୍ରବେଶ କରିବାକୁ ଦେବ ନାହିଁ ଯାହା ଅବାଞ୍ଛନୀୟ; ଯେପରି କୌଣସି ରୋଗ ବା ବିଷାକ୍ତ ବାଷ୍ପ ସଂକ୍ରମିତ ହୋଇଥିବା ଅଞ୍ଚଳକୁ ଗଲାବେଳେ ତୁମକୁ ଏକ ମୁଖା ପିନ୍ଧିବାକୁ

ହୋଇଥାଏ ଯେପରି ସେହି ପବନ ନିଃଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରିବା ପୂର୍ବରୁ ତାହା ସେହି ମୁଖା ଭିତର ଦେଇ ବିଶୋଧିତ ହୋଇ ଆସେ, ସେହି ଧରଣର କିଛି ତୁମକୁ କରିବାକୁ ହେବ । ତୁମ ଚାରିପାଖରେ, ଭଗବାନଙ୍କୁ ସଂପୂର୍ଣ୍ଣ ସମର୍ପଣ କରିବାର ଏପରି ଏକ ନିବିଡ଼ ବାତାବରଣ ରଖିବାକୁ ହେବ, ସେହି ବାତାବରଣକୁ ତୁମ ଚାରିପାଖରେ ଏପରି ଘନୀଭୂତ କରିବାକୁ ହେବ ଯେପରି କି ତାହା ଭିତର ଦେଇ ଯାହାକିଛି ଆସିବ ତାହା ଆପେ ଆପେ ଛାଣି ହୋଇ ବିଶୋଧିତ ହୋଇଆସିବ । ଯାହାହେଉ, ଜୀବନରେ ଏହାର ଅତ୍ୟନ୍ତ ଉପଯୋଗିତା ଅଛି, କାରଣ, ମନ୍ଦ ଚିନ୍ତା, ଅସଦିଚ୍ଛାସବୁ ରହିଛି, ଏପରି ଲୋକମାନେ ଅଛନ୍ତି ଯେଉଁମାନେ ତୁମର ଅମଙ୍ଗଳ ଚିନ୍ତା କରନ୍ତି, ସେଇ ଧରଣର ମାନସିକ ଗଠନସବୁ କରନ୍ତି – ଆମେ ଏ ବିଷୟ ମଧ୍ୟ ଆଗରୁ ଆଲୋଚନା କରିଛେ । ବାତାବରଣରେ ଏହିପରି ନାନା ଧରଣର ପୂରା ଅବାଞ୍ଛନୀୟ ଜିନିଷମାନ ରହିଛି । ତେଣୁ, ଯଦି ଜଣେ ବରାବର ସତର୍କ ରୁହେ, ଚାରିପାଖରେ ସବୁ ଦିଗକୁ ଦୃଷ୍ଟି ଦିଏ ତା'ହେଲେ ତାହାର ପ୍ରଧାନ ଭାବନା ହେବ କିପରି ସେସବୁଥିରୁ ସେ ନିଜକୁ ରକ୍ଷା କରିବ । ପ୍ରଥମେ ଏହା କ୍ଳାନ୍ତିକର ଲାଗିବ, ଏବଂ ଦେଖ ଯେ ଏଦିଗରେ ତୁମକୁ ବହୁତ ସମୟ ନଷ୍ଟ କରିବାକୁ ପଡୁଛି । କିନ୍ତୁ ତୁମେ ଯଦି ଏହିପରି ଭାବରେ, ଏହିପରି ଏକ ଆଲୋକ ଦ୍ୱାରା ପରିବେଷ୍ଟିତ ହୋଇଥିବ, ପୂର୍ଣ୍ଣ ଆନନ୍ଦ ଓ ଏକ ସାମଗ୍ରିକ ତଥା ଆନ୍ତରିକ ଆତ୍ମସମର୍ପଣର ଏହି ଆଲୋକ ଦ୍ୱାରା ଆଚ୍ଛାଦିତ ଓ ପରିବେଷ୍ଟିତ ହୋଇ ରହିଥିବ ତେବେ ଏହା ତୁମ ପାଇଁ ଏକ ସୁନ୍ଦର ଛାଣିବାର ଯନ୍ତ୍ର ପରି କାମ କରିବ । ଏପରି କରି ତାହା ଭିତର ଦେଇ ପ୍ରବେଶ କରିବ ନାହିଁ, ଯାହା ପୂରାପୂରି ଅବାଞ୍ଛନୀୟ ଓ ଯାହା ଅସଦିଚ୍ଛାରେ ଭରପୂର । ତେଣୁ ପ୍ରବେଶ କରି ନପାରି ଏହି ଜିନିଷସବୁ ସେଇମାନଙ୍କ ପାଖକୁ ଆପଣା ଛାଏଁ ଫେରିଯିବେ, ଯେଉଁଠାରୁ ଏଗୁଡ଼ିକ ଆସିଥିଲେ । ଯଦି ତୁମ ବିରୋଧରେ ଏକ ସଚେତ ଅସଦିଚ୍ଛା ରହିଥାଏ, ତେବେ ଏହା ଆସିବ କିନ୍ତୁ ତାହାକୁ ଭେଦ କରିପାରିବ ନାହିଁ, କାରଣ ଦରଜା ବନ୍ଦ ରହିଛି ଓ ଏହି ଦରଜା କେବଳ ଭଗବତ୍ ବସ୍ତୁ ଦିଗରେ ଉନ୍ମୁକ୍ତ, ତାହା ବ୍ୟତୀତ ଅନ୍ୟ କୌଣସି ଜିନିଷ ଦିଗରେ ଏହା ଉନ୍ମୁକ୍ତ ନୁହେଁ । ତେଣୁ ଯେଉଁ ଉତ୍ସରୁ ଏହି ଅସଦିଚ୍ଛାସବୁ ଆସିଥାଏ ସେହିଠାକୁହିଁ ଏହା ନୀରବରେ ଫେରିଯିବ । ❖

ମନ, ପ୍ରାଣ ଓ ଦେହ ପାଇଁ ନମ୍ର ଓ ବିନୟୀ ହେବାର ଅର୍ଥ ହେଉଛି ସେମାନେ ଯେପରି ଭୁଲି ନ ଯାଆନ୍ତି ଯେ ଭଗବାନଙ୍କ ବ୍ୟତୀତ ସେମାନେ କିଛି ବି ଜାଣନ୍ତି ନାହିଁ, କିଛି ବି ନୁହନ୍ତି, କିଛି ବି କରିପାରନ୍ତି ନାହିଁ; ଭଗବାନଙ୍କ ବ୍ୟତୀତ ସେମାନେ ଅଜ୍ଞାନ, ଅରାଜକତା ଓ କ୍ଲୀବତା ଛଡ଼ା ଆଉ କିଛି ବି ନୁହନ୍ତି । କେବଳ ଭଗବାନହିଁ ସତ୍ୟ, ଜୀବନ, ଶକ୍ତି, ପ୍ରେମ ଓ ଆନନ୍ଦ ।

ତେଣୁ ମନ, ପ୍ରାଣ ଓ ଦେହକୁ ସବୁ ସମୟ ପାଇଁ ଏହା ଶିଖିବାକୁ ହେବ ଓ ଅନୁଭବ କରିବାକୁ ହେବ ଯେ ଭଗବାନଙ୍କୁ ବୁଝିବା ପାଇଁ ଓ ବିଚାର କରିବା ପାଇଁ ସେମାନେ ଏକାବେଳେକେ ଅସମର୍ଥ, ଭଗବାନଙ୍କର କେବଳ ସାରମର୍ମରେ ନୁହେଁ, ତାଙ୍କର କ୍ରିୟା ଓ ଅଭିବ୍ୟକ୍ତିରେ ମଧ୍ୟ ।

ଏହାହିଁ ହେଉଛି ଯଥାର୍ଥ ନମ୍ରତା ଏବଂ ଏହା ସହିତ ଆସିଥାଏ ନୀରବତା ଓ ପ୍ରଶାନ୍ତି ।

ଆଉ ମଧ୍ୟ ଏହାହିଁ ହେଉଛି ସମସ୍ତ ବିରୋଧୀ ଆକ୍ରମଣ ବିରୋଧରେ ସବୁଠୁ ନିଶ୍ଚିତ ରକ୍ଷାକବଚ । ପ୍ରକୃତରେ ମଣିଷ ଭିତରେ ଗର୍ବ ଓ ଦମ୍ଭହିଁ ହେଉଛି ସେହି ଦ୍ୱାର ଯାହା ଉପରେ ବିରୋଧିଶକ୍ତି କରାଘାତ କରିଥାଏ ଏବଂ ଏହି ଦ୍ୱାରହିଁ ବିରୋଧିଶକ୍ତିକୁ ତା'ର ପ୍ରବେଶ ପାଇଁ ଦ୍ୱାର ଖୋଲିଦିଏ ।

– ଶ୍ରୀମା

# ସମର୍ପଣ ଓ ତପସ୍ୟା

## (ଶ୍ରୀଅରବିନ୍ଦଙ୍କ ସଙ୍ଗେ ପତ୍ରାଳାପ)

*ଶିଷ୍ୟ : ନିଜ ପାଖରେ ଯାହା ଥାଏ ତାହାକୁ ସମର୍ପଣ କରିଦେବା ସହଜ, କିନ୍ତୁ ନିଜ ସତ୍ତାର ସମସ୍ତ ଅଂଶ ଓ ତା'ର କ୍ରିୟାକଳାପକୁ ସମର୍ପଣ କରିବା କଷ୍ଟସାଧ୍ୟ । ତେଣୁ ସମର୍ପଣ ଦିଗରେ ଆଗେଇ ଯିବାର ପଦ୍ଧତି ସ୍ୱୟଂ ଏକ ତପସ୍ୟା ନୁହେଁ କି ? ଏବଂ ଯେହେତୁ ସମର୍ପଣ ପରେ ମଧ୍ୟ ତଥାପି ବାଧାବିଘ୍ନ ରହିଯାଏ, ତେଣୁ ସେଗୁଡ଼ିକ ଭିତର ଦେଇ ଯିବାବେଳେ ଆବଶ୍ୟକ ହେଉଥିବା ଧୈର୍ଯ୍ୟ ଓ ଲାଗିରହିବା ମଧ୍ୟ ସ୍ୱୟଂ ଏକ ତପସ୍ୟା ନୁହେଁ କି ?*

*ତେଣୁ ସମର୍ପଣ ଓ ତପସ୍ୟା ଭିତରେ ପ୍ରଭେଦ ରେଖାଟି କେଉଁଠି ? ତପସ୍ୟା ବିନା କେବଳ ସମର୍ପଣ କିପରି ସମ୍ଭବ ହେବ ?*

ଶ୍ରୀଅରବିନ୍ଦ : ତୁମେ ଯାହା କହୁଛ ତାହା ନିଶ୍ଚୟ ଠିକ୍ । ସମର୍ପଣର ପଦ୍ଧତି ସ୍ୱୟଂ ଏକ ତପସ୍ୟା । କେବଳ ସେତିକି ନୁହେଁ, ପ୍ରକୃତରେ ଏହା ତପସ୍ୟାର ଏକ ଦ୍ୱୈତ ପଦ୍ଧତି ଏବଂ କ୍ରମବର୍ଦ୍ଧିଷ୍ଣୁ ସମର୍ପଣ ଅନେକ କାଳ ଧରି ଲାଗି ରୁହେ, ଏପରିକି ଯେତେବେଳେ ତାହା ବେଶ୍ ଭଲ ଭାବରେ ଆରମ୍ଭ ହୋଇଥାଏ । କିନ୍ତୁ ଗୋଟିଏ ସମୟ ଆସେ ଯେତେବେଳେ ଜଣେ ନିରନ୍ତର ଭାବରେ ଦିବ୍ୟ-ଉପସ୍ଥିତି ଓ ଦିବ୍ୟଶକ୍ତିକୁ ଅନୁଭବ କରେ ଓ ଅଧିକରୁ ଅଧିକ ଅନୁଭବ କରେ ଯେ ତାହାହିଁ ସବୁକିଛି କରାଇ ନେଉଛି – ଯାହାଫଳରେ ସବୁଠୁ ଭୟଙ୍କର ବାଧାବିଘ୍ନ ମଧ୍ୟ ତାହାର ସେହି ସମର୍ପଣବୋଧରେ ବାଧା ଦେଇପାରେ ନାହିଁ, ଓ ବ୍ୟକ୍ତିଗତ ପ୍ରଚେଷ୍ଟାର ଆଉ କୌଣସି ପ୍ରୟୋଜନୀୟତା ନ ଥାଏ, ଏପରିକି ତାହା କ୍ୱଚିତ୍ ସମ୍ଭବ ହୁଏ । ଏହାହିଁ ହେଉଛି ଭଗବାନଙ୍କ ହାତରେ ନିଜକୁ ପୂର୍ଣ୍ଣ ଭାବରେ ସମର୍ପଣ କରି ଦେବାର ଲକ୍ଷଣ । କେତେକ ସାଧକ ଅଛନ୍ତି ଯେଉଁମାନେ ଏହି ଅନୁଭୂତିଟି ଆସିବା ପୂର୍ବରୁ ବିଶ୍ୱାସ ଭିତରେହିଁ ନିଜର ସ୍ଥାନ ସ୍ଥାପିତ କରନ୍ତି ଏବଂ ଯଦି ଭକ୍ତି ଓ ବିଶ୍ୱାସ ଦୃଢ଼ ହୋଇଥାଏ ତେବେ ଅନୁଭୂତି ଆସିବା ପର୍ଯ୍ୟନ୍ତ ଏହା ସେମାନଙ୍କୁ ବହନ କରିନେଇଥାଏ । କିନ୍ତୁ ଆରମ୍ଭରୁ ସମସ୍ତେ ଏହି ସ୍ଥିତି ନେଇ ପାରନ୍ତି ନାହିଁ – ଏବଂ କେତେକଙ୍କ କ୍ଷେତ୍ରରେ ଏହା ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ଭଗବତ୍ ଶକ୍ତି ବୋଲି ଭାବି ସେମାନେ କୌଣସି ବିରୋଧୀ ଅପଶକ୍ତି ହାତରେ ନିଜକୁ ଛାଡ଼ି ଦେଇପାରନ୍ତି । ତେଣୁ ଅଧିକାଂଶଙ୍କ ପାଇଁ ତପସ୍ୟା ଭିତର ଦେଇ ସମର୍ପଣ ଭିତରକୁ ଉନ୍ନୀତ ହେବା ଆବଶ୍ୟକ ।

*ଶିଷ୍ୟ : ଆଶ୍ରମ ସହିତ ସଂପର୍କ ନ ଥିବା କେହି ବ୍ୟକ୍ତି ଗୀତାରେ ଭଗବାନଙ୍କୁ ସମର୍ପଣ କଥା ପଢ଼ିବ, କିନ୍ତୁ ସେ କ'ଣ ଜାଣିବ ବାସ୍ତବରେ କିପରି ସମର୍ପଣ କରିବାକୁ ହୁଏ ? ଏକ ସମୟରେ ସେ ହୁଏତ ଭାବିବ ଯେ ଜାତୀୟ ଆନ୍ଦୋଳନହିଁ ଭଗବାନ୍ ବା ଅନ୍ୟ ଏକ ସମୟରେ ଭାବିବ ଯେ କୌଣସି ଧାର୍ମିକ ସଂପ୍ରଦାୟହିଁ ଭଗବାନ୍ କିଂବା ପରିବାର ଓ ଅନ୍ୟମାନଙ୍କ ପାଇଁ ସେ ଯେଉଁ କାମ କରୁଛି ତାହା ତାକୁ ଭଗବାନହିଁ ଦେଇଛନ୍ତି ।*

ଶ୍ରୀଅରବିନ୍ଦ : ତାହା ହେଉଛି ସାଧାରଣ କର୍ମଯୋଗ ଯେଉଁଥିରେ ସାଧକ ତା'ର ନିଜ କାମଟିକୁ ବାଛିଥାଏ କିନ୍ତୁ ତାହାକୁ ଭଗବାନଙ୍କୁ ଅର୍ପଣ କରେ – ଏହା ତାହାକୁ ପ୍ରଦତ୍ତ ହୋଇଛି ଏହି ଅର୍ଥରେ ଯେ ଏ ମନ ବା ହୃଦୟର ବା ପ୍ରାଣର କୌଣସି ପ୍ରେରଣା ଦ୍ୱାରା ସେ ଏହି କାମଟିରେ ପ୍ରବୃତ୍ତ ହୋଇଛି ଏବଂ ଏହି ପ୍ରେରଣା ପଛରେ କୌଣସି ବିଶ୍ୱଶକ୍ତି ବା ମୂଳ ଭଗବତ୍ ବିଶ୍ୱଶକ୍ତି ରହିଛି ବୋଲି ସେ ଅନୁଭବ କରେ ଏବଂ ସେ ଚେଷ୍ଟା କରେ ଏହା ଦେଖିବା ପାଇଁ ଯେ ସବୁ କର୍ମର ପଶ୍ଚାତ୍‌ରେ ଥିବା ସେହି ଏକହିଁ ଅଦ୍ୱୈତ ଦିବ୍ୟଶକ୍ତି ତାହା ଭିତରେ ଓ ଅନ୍ୟମାନଙ୍କ ଭିତରେ କର୍ମ କରାଇ ନେଇ ନିଜର ବିଶ୍ୱଉଦ୍ଦେଶ୍ୟ ସାଧନ କରୁଛି ।

*ଶିଷ୍ୟ : ବୋଧହୁଏ ଏହା ନିର୍ଭର କରେ ତା'ର ଅଭୀପ୍ସା ଉପରେ, ସିଧାସଳଖ ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିବା ଉପରେ । ଯାହା ହେଲେ ବି, ଜଣେ ଏଠାକୁ ଥରେ ଆସିବା ପରେ ବର୍ଜନ ବା ପ୍ରତ୍ୟାଖ୍ୟାନର ପଦ୍ଧତିଟି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ କି ?*

ଶ୍ରୀଅରବିନ୍ଦ : ଯଦି ଥରେ ସେ ଭଗବାନଙ୍କୁ ସିଧାସଳଖ ସମର୍ପଣ କରିବାର ଲକ୍ଷ୍ୟ ଗ୍ରହଣ କରେ ତା'ହେଲେ ତାହାକୁ ସେହି ପ୍ରତ୍ୟକ୍ଷ ଦିବ୍ୟଚାଳନା ଶକ୍ତିର ସନ୍ଧାନ କରିବାକୁ ପଡ଼ିବ – ସେଇଥି-ପାଇଁ ସେ ଯାହାକିଛିକୁ ନିଜ ପ୍ରକୃତିରୁ ବା ବିଶ୍ୱ ପ୍ରକୃତିରୁ ଆସୁଥିବା କେବଳ ମାନସିକ, ପ୍ରାଣିକ ବା ଦୈହିକ ପ୍ରେରଣା ବୋଲି ଅନୁଭବ କରିବ, ସେଗୁଡ଼ିକୁ ସେ ପ୍ରତ୍ୟାଖ୍ୟାନ କରିବ । ଅବଶ୍ୟ ସମର୍ପଣର ପୂର୍ଣ୍ଣ ତାତ୍ପର୍ଯ୍ୟ ତା' ପାଇଁ ଆସିବ କେବଳ ସେତିକିବେଳେ, ଯେତେବେଳେ ସେ ସେଥିପାଇଁ ପ୍ରସ୍ତୁତ ହୋଇଥିବ । ❖

# ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ

## ଶ୍ରୀମା

*''ଏକ ଜଡ଼ ନିଷ୍କ୍ରିୟତାକୁ ଅନେକ ସମୟରେ ଯଥାର୍ଥ ସମର୍ପଣ ବୋଲି ଭୁଲ୍ କରାଯାଇଥାଏ । କିନ୍ତୁ କୌଣସି ଜଡ଼ ନିଷ୍କ୍ରିୟତା ମଧ୍ୟରୁ କୌଣସି ଯଥାର୍ଥ ଶକ୍ତିଶାଳୀ ବସ୍ତୁର ଉଦ୍ଭବ ହୋଇ ନ ଥାଏ । ଭୌତିକ ପ୍ରକୃତିର ଜଡ଼ ନିଷ୍କ୍ରିୟତାହିଁ ଏହାକୁ ଯାବତୀୟ ଅନ୍ଧକାରମୟ ଓ ଅଦିବ୍ୟ ପ୍ରଭାବର ଶିକାର ହେବା ଲାଗି ଛାଡ଼ି ଦେଇଥାଏ । ଭାଗବତୀ ଶକ୍ତି ଯେଉଁଥିରେ କାର୍ଯ୍ୟ କରିପାରନ୍ତି ସେଥିଲାଗି ଦରକାର ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ଆତ୍ମ-ସମର୍ପଣ, ...''*

— ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା -୬)

*ପ୍ରଶ୍ନ : ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ସମର୍ପଣର ଅର୍ଥ କ'ଣ ?*

ଶ୍ରୀମା : ତୁମେ ଜାଣ ତ, ଖୁସୀ ହେବା ବା ଆନନ୍ଦ କହିଲେ ପ୍ରକୃତରେ କ'ଣ ବୁଝାଏ ? ଶକ୍ତିଯୁକ୍ତ ବା ସାମର୍ଥ୍ୟବାନ୍ ହେବା କହିଲେ କ'ଣ ବୁଝାଏ ସେକଥା ତୁମକୁ ଜଣା ଅଛି ତ ? ସହଯୋଗ ବା ସହାୟକ ହୋଇ ଉଠିବାର ଅର୍ଥ କ'ଣ ଜାଣ ତ ? କଥା ହେଉଛି ସମର୍ପଣ, ଅର୍ଥାତ୍ ଭଗବାନଙ୍କ ନିକଟରେ ଆତ୍ମଦାନ ହେବା ଉଚିତ ଖୁସିଭରା, ପ୍ରଫୁଲ୍ଲତାଯୁକ୍ତ ଓ ଆନନ୍ଦମୟ । ଏହି ସମର୍ପଣ ହେବା ଉଚିତ ଶକ୍ତି-ସାମର୍ଥ୍ୟଯୁକ୍ତ, ଦୁର୍ବଳତା ଅଥବା କୌଣସି ପ୍ରକାର ଅସମର୍ଥତା ଦ୍ୱାରା ପ୍ରେରିତ ହୋଇ ନିଜକୁ କାହା ପାଖରେ ନେଇ ସମର୍ପଣ କରିଦେବା ଉଚିତ ନୁହେଁ, ମାତ୍ର ତାହା ହେବା ଉଚିତ ସକ୍ରିୟ ଓ ଶକ୍ତିଶାଳୀ ସଂକଳ୍ପର ସହ । ତା'ପରେ ଏହି ସମର୍ପଣ ଯେପରି ଖାଲି ଆଳସ୍ୟଭରା ହୋଇ ନ ରହେ ! ''ମୁଁ ତ ନିଜକୁ ସମର୍ପଣ କରି ଦେଇଛି, ଆଉ ମୋର ଜୀବନରେ କିଛି କରିବାର ନାହିଁ, ଏଥର ମୋତେ ଖାଲି ସ୍ଥିର ହୋଇ ବସିବାକୁ ହେବ, ସମର୍ପଣ ତ ମୋର ହୋଇଯାଇଛି ।'' ଆହୁରି ମଧ୍ୟ ଏହି ସମର୍ପଣ ହେବା ଉଚିତ ସହାୟକ ବା ସହଯୋଗୀ, ଅର୍ଥାତ୍, ଏହା ହେବା ଉଚିତ ସକ୍ରିୟ,— ସତ୍ତାର ରୂପାନ୍ତର ସାଧନହିଁ ଏହାର କାର୍ଯ୍ୟ ହୋଇ ରହିବା ଉଚିତ ବା କୌଣସି ଉପଯୋଗୀ କାର୍ଯ୍ୟରେ ତାହା ନିଜକୁ ନିଯୁକ୍ତ କରି ରଖିବା ଉଚିତ ।

*''ରୂପାନ୍ତର ହେବା ଉଚିତ ପରିପୂର୍ଣ୍ଣ, ଏବଂ ସେଇଥିଯୋଗୁଁ ଯାହାକିଛି ଏହାର ପ୍ରତିରୋଧ କରେ ସେସବୁର ପ୍ରତ୍ୟାଖ୍ୟାନ ମଧ୍ୟ ହେବା ଉଚିତ ପରିପୂର୍ଣ୍ଣ ।''*

— ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା - ୫)

ଶ୍ରୀମା :ଏହି କଥାଟି ଖୁବ୍ ଭଲ ଭାବରେ ବୁଝିହେଉଛି । କେବଳ ଏକ ଇତିବାଚକ ଗତିବୃତ୍ତି ରହିଲେ ତାହା କଦାପି ଯଥେଷ୍ଟ ହେବ ନାହିଁ; ପ୍ରତ୍ୟାଖ୍ୟାନର ନେତିବାଚକ ଗତିବୃତ୍ତିଟି ମଧ୍ୟ ଆବଶ୍ୟକ । କାରଣ ବିରୋଧୀ ଉପାଦାନଗୁଡ଼ିକୁ ନିଜର ସତ୍ତା ମଧ୍ୟରେ ଯେପର୍ଯ୍ୟନ୍ତ ଆଶ୍ରୟ ଦେଇ ରଖିଥିବ ସେପର୍ଯ୍ୟନ୍ତ ତୁମେ ସ୍ଥାୟୀ ରୂପାନ୍ତର କଦାପି ଲାଭ କରିପାରିବ ନାହିଁ । ଯଦି ତୁମେ ଅନ୍ଧକାର, ଅସ୍ପଷ୍ଟତାକୁ ନିଜ ମଧ୍ୟରେ ସ୍ଥାନ ଦିଅ ତେବେ ସେମାନେ କିଛିକାଳ ଲାଗି ନୀରବ ରହିଯାଇ ପାରନ୍ତି, ଅଚଳ ସଦୃଶ ପଡ଼ିରହି ପାରନ୍ତି, ଏତେ ସୁନ୍ଦର ଭାବରେ ନୀରବ ଓ ଅଚଳ ହୋଇଯିବେ ଯେ ତୁମେ ହୁଏତ ସେସବୁ ଉପରେ ଆଦୌ ଗୁରୁତ୍ୱ ଦେବ ନାହିଁ; କିନ୍ତୁ ହଠାତ୍ ଦିନେ ଆକସ୍ମିକ ଭାବରେ ସେମାନେ ଜାଗ୍ରତ୍ ହୋଇଉଠିବେ ଏବଂ ତୁମର ରୂପାନ୍ତର ସେଗୁଡ଼ିକର ପ୍ରତିରୋଧ କରିବା ଲାଗି ଆଦୌ ସମର୍ଥ ହେବ ନାହିଁ । ତେଣୁ ନିଜକୁ ଅର୍ପଣ କରି ଦେବାର ଇତିବାଚକ ଗତିବୃତ୍ତିଟି ଯେ କେବଳ ଆବଶ୍ୟକ ତା' ନୁହେଁ, କିନ୍ତୁ ଏହି ଅର୍ପଣ କରିଦେବାର ପଥରେ ଯେଉଁମାନେ ବିରୋଧ କରିଥା'ନ୍ତି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାର ନେତିବାଚକ ଗତିବୃତ୍ତିଟିର ମଧ୍ୟ ସମାନ ପରିମାଣରେ ଆବଶ୍ୟକତା ରହିଛି । ତେଣୁ ବିଷୟଗୁଡ଼ିକୁ ''ସେହିପରି ଭାବରେ'' କୌଣସି ନା କୌଣସି ସ୍ଥାନରେ ଖାଲି ପୋତି ହୋଇ ରହିବାକୁ ଛାଡ଼ିଦେଲେ ଚଳିବ ନାହିଁ, କାରଣ ସେପରି ହୋଇଥିଲେ ସେମାନେ ପ୍ରଥମ

ସୁଯୋଗଟି ପାଇବା ମାତ୍ରେହିଁ ଜାଗ୍ରତ୍ ହୋଇଉଠି ତୁମର ସମସ୍ତ କାର୍ଯ୍ୟକୁ ପଣ୍ଡ କରିଦେବେ । ସତ୍ତାରେ ଏପରି କେତେକ ଅଂଶ ଅଛନ୍ତି, ଯେଉଁମାନେ କି ଏହି କାର୍ଯ୍ୟଟିକୁ ଭଲ ଭାବରେ କରି ଜାଣିଛନ୍ତି; ପ୍ରାଣିକ ସ୍ତରରେ ଏଭଳି କେତୋଟି ଉପାଦାନ ରହିଛନ୍ତି ଯେଉଁମାନଙ୍କୁ କି ଏହି ଦୃଷ୍ଟିରୁ ଅସାଧାରଣ ଶକ୍ତିସଂପନ୍ନ ବୋଲି କୁହାଯାଇ ପାରିବ : ସେମାନେ ଚୁପ୍ ହୋଇ ଏକ କୋଣ ଜାଗା ଦେଖି ଲୁଚି ରହିଥିବେ, ଏପରି ଚୁପ୍‌ଚାପ, ନିଶ୍ଚଳ ହୋଇ ରହିଥିବେ ଯେ ସେମାନଙ୍କର ଆଉ କୌଣସି ଅସ୍ତିତ୍ୱ ନାହିଁ ବୋଲି ତୁମେ ଭାବୁଥିବ । ତେଣୁ ତୁମେ ଆଉ ସତର୍କ ରୁହ ନାହିଁ, ତୁମର ରୂପାନ୍ତର ଓ ସମର୍ପଣକୁ ନେଇ ସନ୍ତୁଷ୍ଟ ରୁହ, ତୁମେ ଭାବ ସବୁକିଛି ଠିକ୍ ଚାଲିଛି; ଏବଂ ତା'ପରେ ଦିନେ ହଠାତ୍ କୌଣସି ପ୍ରକାର ଚେତାବନୀ ନ ଦେଇ ସେହି କଥାଟି ବାକ୍ସ ଭିତରେ ବନ୍ଦ ହୋଇ ରହିଥିବା ବିଲେଇଟି ପରି ଖପ୍ କରି ଉପରକୁ ଡେଇଁ ପଡ଼ିବ ଏବଂ ତା'ପରେ ତୁମେ ଧରାତଳେ ରହିଥିବା ଯାବତୀୟ ନିର୍ବୋଧତାଗୁଡ଼ିକୁ କରିବାକୁ ଆରମ୍ଭ କରିଦେବ । ଏବଂ ଏତେଦିନ ଅବଦମିତ ହୋଇ ରହିଥିବାରୁ ତାହା ଅଧିକ ଶକ୍ତିଯୁକ୍ତ ହୋଇଯାଇଥିବ,– ଗୋଟିଏ କୋଣରେ ଦବିକରି ବନ୍ଦହୋଇ ରହିଥିବାରୁ ଅଧିକ ବଳବାନ୍ ହୋଇ ବାହାରିବ । ସତେ ଯେପରି ତୁମର ଦୃଷ୍ଟି ଆକର୍ଷଣ ନକରିବାକୁହିଁ ତାହା ପୋତିହୋଇ ଲୁଚି ରହିଥିଲା, ପ୍ରକୃତରେ ଖୁବ୍ ଚୁପ୍ ହୋଇ ରହିଥିଲା, ଏବଂ ଯେଉଁ ମୁହୂର୍ତ୍ତରେ ତା'ର ଆବିର୍ଭାବ ଲାଗି ତୁମେ ଆଦୌ କୌଣସି ଆଶଙ୍କାହିଁ କରୁ ନଥିଲ, ତାହା ଫକ୍ କରି ବାହାରକୁ ଡେଇଁ ପଡ଼ିଲା । ତୁମେ ମନେ ମନେ କହିବାକୁ ଆରମ୍ଭ କଲ, ''ତେବେ ମୋର ଏହି ଯାବତୀୟ ରୂପାନ୍ତର ଦ୍ୱାରା ଆଉ କ'ଣ ଫଳ ହେଲା ?'' ସେହି ବସ୍ତୁଟି ସେଇଠି ରହିଥିଲା, ତେଣୁ ସେକଥା ଘଟିଲା । ଏସବୁ ଠିକ୍ ସେହିପରି ହୋଇଥାଏ, ଏହିସବୁ ବସ୍ତୁ ନିଜକୁ ସେହିଠାରେହିଁ ରଖିଥା'ନ୍ତି, ସେହିଠାରେହିଁ ଲୁଚି ରହିଥା'ନ୍ତି ଏବଂ ଏପରି କୁଶଳତାର ସହ ଲୁଚି ରହିଥା'ନ୍ତି ଯେ ଯଦି ସଫା ହୋଇ ଜଳୁଥିବା ବତିଟିଏ ନେଇ ତୁମେ ସେଗୁଡ଼ିକୁ ଖୋଜିବା ଲାଗି ନ ଯାଅ, ତେବେ ସେମାନେ ସେଠାରେ ରହିଛନ୍ତି ବୋଲି ତୁମକୁ ପତ୍ତାହିଁ ମିଳିବ ନାହିଁ ଏବଂ ଶେଷରେ ଦିନେ ସେମାନେ ବାହାରକୁ ବାହାରି ଆସିବେ ଏବଂ ଗୋଟାଏ ମୁହୂର୍ତ୍ତରେହିଁ ତୁମର ସବୁଯାକ କାର୍ଯ୍ୟକୁ ଧୂଳିସାତ୍ କରିଦେଇଯିବେ ।

*ପ୍ରଶ୍ନ : ଯଦି ସାଧକର ଅଭୀପ୍ସା ଖୁବ୍ ବିପୁଳ ହୋଇଥାଏ ତା'ହେଲେ ବି କ'ଣ ଏପରି ଘଟେ ?*

ଶ୍ରୀମା : ସେହି ଅଭୀପ୍ସା ଅତ୍ୟନ୍ତ ସତର୍କ ପରାୟଣ ହେବା ଉଚିତ ।

ମୁଁ ଏପରି ଲୋକଙ୍କୁ ଜାଣେ (ଯୋଗ କରୁଥିବା ଲୋକମାନଙ୍କ ଭିତରୁ ଅନେକ, ସେମାନଙ୍କ ସଂଖ୍ୟା କମ୍ ନୁହେଁ), ମୁଁ ଏପରି ଅନେକଙ୍କୁ ଜାଣେ, ପ୍ରତ୍ୟେକଥର ଯେତେବେଳେ ସେମାନେ ଏକ ସୁନ୍ଦର ଅଭୀପ୍ସା ପୋଷଣ କରନ୍ତି, ଏବଂ ସେମାନଙ୍କର ସେହି ଅଭୀପ୍ସା ଖୁବ୍ ଦୃଢ଼ ଓ ଶକ୍ତିଶାଳୀ ହୋଇଥାଏ ଓ ସେମାନେ ସେ ଅଭୀପ୍ସାର ଉତ୍ତର ମଧ୍ୟ ପାଇଥା'ନ୍ତି କିନ୍ତୁ ପ୍ରତ୍ୟେକବାର ସେହିଦିନ ବା ଅତିବେଶିରେ ତା'ପରଦିନ ତାଙ୍କ ଚେତନାର ଏକ ପତନୋନ୍ମୁଖୀ ଅବସ୍ଥା ଆସେ ଏବଂ ସେମାନେ ସେମାନଙ୍କ ଅଭୀପ୍ସାର ଠିକ୍ ବିପରୀତ ଜିନିଷଟିର ସମ୍ମୁଖୀନ ହୋଇଥାଆନ୍ତି । ପ୍ରାୟ ପ୍ରତି ନିୟତ ଏହିପରି ଘଟୁଥିବାର ଦେଖାଯାଏ । ଏହି ଲୋକମାନେ କେବଳ ଇତିବାଚକ ଦିଗଟିକୁହିଁ ବିକଶିତ କରାଇଥାଆନ୍ତି । ସେମାନେ ଏକ ପ୍ରକାର ଅଭୀପ୍ସାର ସାଧନା କରିଥାଆନ୍ତି, ସାହାଯ୍ୟ ପ୍ରାର୍ଥନା କରନ୍ତି, ଉଚ୍ଚତର ଶକ୍ତି ସହ ସଂଯୋଗ ସ୍ଥାପନ କରିବାକୁ ଉଦ୍ୟମ କରନ୍ତି, ସେଦିଗରେ ସଫଳ ମଧ୍ୟ ହୁଅନ୍ତି, ନାନା ଅନୁଭୂତି ମଧ୍ୟ ପାଆନ୍ତି; କିନ୍ତୁ ନିଜ ଘରଟିକୁ ପରିଷ୍କାର କରିବା ଦିଗରେ ଚରମ ଅବହେଳା ପ୍ରଦର୍ଶନ କରିଥାଆନ୍ତି, ତାହା ସେହି ପୂର୍ବ ଭଳି ଆବର୍ଜନାପୂର୍ଣ୍ଣ ହୋଇ ରହିଥାଏ । ତେଣୁ ଏହା ସ୍ୱାଭାବିକ ଯେ ଯେତେବେଳେ ଉଚ୍ଚତର ଅନୁଭୂତିଟି ଚାଲିଯାଏ ସେହି ମଇଳା ଓ ଆବର୍ଜନାଗୁଡ଼ିକ ପୂର୍ବଠାରୁ ଆହୁରି ତିକ୍ତ ଓ ବିରକ୍ତିକର ଲାଗେ ।

ନିଜର ପ୍ରକୋଷ୍ଠଟିକୁ ପରିଷ୍କାର କରିବାରେ କେବେହେଲେ କୌଣସି ଅବହେଳା ଦେଖାଇବା ଉଚିତ ନୁହେଁ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭିତରର ଶୁଦ୍ଧି ଅନ୍ତତଃପକ୍ଷେ ବାହାରର ଶୁଦ୍ଧି ଭଳି ସମାନ ଗୁରୁତ୍ୱପୂର୍ଣ୍ଣ ।

ବିବେକାନନ୍ଦ ଲେଖିଛନ୍ତି (ମୁଁ ମୂଳ ଲେଖାଟି ପଢ଼ି ନାହିଁ, କେବଳ ଫରାସୀ ଅନୁବାଦଟି ପଢ଼ିଛି) : ''ସବୁଦିନ ସକାଳେ ନିଜର ଆତ୍ମା ଓ ନିଜର ଶରୀରକୁ ଶୁଦ୍ଧ ଓ ପରିଷ୍କାର କରିବା ଉଚିତ, ଯଦି ଉଭୟଟା ପାଇଁ ତୁମର ସମୟ ନ ଥାଏ ତେବେ ଶରୀରକୁ ପରିଷ୍କାର କରିବା ଅପେକ୍ଷା ଆତ୍ମାକୁ ପରିଷ୍କାର କରିବା ଅଧିକ ଉପାଦେୟ ।''

# ସହଜ ନିରନ୍ତର ଅଭୀପ୍ସା

## ଶ୍ରୀଅରବିନ୍ଦ

ମୁଁ କେବେହେଲେ ଭକ୍ତି ଉପରେ କୌଣସି ନିଷେଧ ଜାରି କରି ନାହିଁ । କିଂବା କୌଣସି ସମୟରେ ଧ୍ୟାନକୁ ନିଷେଧ କରିବା କଥା ମୋର ମନକୁ ଆସି ନାହିଁ । ମୁଁ ମୋ ଯୋଗରେ ଉଭୟ ଭକ୍ତି ଓ ଜ୍ଞାନ ଉପରେ ଜୋର୍ ଦେଇଛି, ସେହିପରି କର୍ମ ଉପରେ ମଧ୍ୟ ଜୋର୍ ଦେଇଛି, ଯଦିଓ ଶଙ୍କର ବା ଚୈତନ୍ୟଙ୍କ ପରି କୌଣସି ଗୋଟିକ ଉପରେ ଅନନ୍ୟ ଗୁରୁତ୍ୱ ଆରୋପ କରି ନାହିଁ ।

ସାଧନା ସଂପର୍କରେ ତୁମେ ବା ଅନ୍ୟ କେହି ଯେଉଁ ଅସୁବିଧା ଅନୁଭବ କରୁଛ ତାହା ଧ୍ୟାନ ବନାମ ଭକ୍ତି ବନାମ କର୍ମ ସଂପର୍କୀୟ ଏକ ପ୍ରଶ୍ନ ନୁହେଁ । ଏହା ହେଉଛି ଏଗୁଡ଼ିକ ସଂପର୍କରେ କେଉଁ ମନୋଭାବ ଗ୍ରହଣ କରିବ, ତାହାକୁ ମନୋଭାବ, ଆଭିମୁଖ୍ୟ ବା ଅନ୍ୟ ଯେଉଁ ନାମ ଦିଅ ନା କାହିଁକି,– ସେହି ମନୋଭାବ ସଂପର୍କରେ ଏହି ଅସୁବିଧାଟି ଉଠିଥାଏ ।

କର୍ମ କରିବାର ସବୁତକ ସମୟ ଧରି ତୁମେ ଯେ ଏପର୍ଯ୍ୟନ୍ତ ଭଗବାନଙ୍କୁ ସ୍ମରଣ କରିପାରୁ ନାହଁ, ତହିଁରେ ଖୁବ୍ ବିଶେଷ କିଛି ଯାଏ ଆସେ ନାହିଁ । କର୍ମର ଆରମ୍ଭରେ ଭଗବାନଙ୍କୁ ସ୍ମରଣ ଓ ଉତ୍ସର୍ଗ କରିବା ଏବଂ କର୍ମର ଶେଷରେ ତାହାଙ୍କୁ ଧନ୍ୟବାଦ ଜଣାଇବା ବର୍ତ୍ତମାନ ପାଇଁ ଯଥେଷ୍ଟ ହେବା ଉଚିତ । କିଂବା ଅତି ବେଶୀରେ ମଝିରେ ଅବସର ପାଇଲେ ତାଙ୍କୁ ସ୍ମରଣ କରିବା ଉତ୍ତମ । କିନ୍ତୁ ତୁମର ପଦ୍ଧତିଟି ମୋତେ ଲାଗୁଛି ବରଂ ଅଧିକ ଦୁରୂହ ଓ କଷ୍ଟକର,– ମନେହୁଏ ତୁମେ ମନର ସେହି ଗୋଟିଏ ଅଂଶରେ, ଏକାଠି ସମାନ ଭାବରେ ସ୍ମରଣ ଓ କର୍ମ କରିବା ପାଇଁ ଚେଷ୍ଟା କରୁଛ । ମୁଁ ଜାଣେ ନାହିଁ ତାହା କେତେଦୂର ସମ୍ଭବପର । କର୍ମ କରିବା ବେଳେ ସବୁସମୟ ଧରି ଲୋକମାନେ ଯେତେବେଳେ ଭଗବାନଙ୍କୁ ସ୍ମରଣ କରିବା ପାଇଁ ଚେଷ୍ଟା କରନ୍ତି (ଏହା କରାଯାଇପାରେ) ସେତେବେଳେ ସେମାନେ ଏହା କରନ୍ତି ମନର ପୃଷ୍ଠଦେଶ ବା ପଶ୍ଚାତ୍ ଭାଗରେ, କିଂବା ନ ହେଲେ କ୍ରମଶଃ ଏକ ଦ୍ୱୈତ ଭାବନା ବା ଦ୍ୱୈତ ଚେତନାର ସୃଷ୍ଟି ହୋଇଥାଏ, ସମ୍ମୁଖଭାଗଟି କର୍ମରେ ନିୟୋଜିତ ହୋଇଥିବା ବେଳେ ଭିତରର ଭାଗଟି ତାହା ଦେଖି ଚାଲିଥାଏ ଓ ସ୍ମରଣ କରୁଥାଏ । ଆଉ ମଧ୍ୟ ଏକ ପଦ୍ଧତି ଅଛି ଯାହାକି ଦୀର୍ଘକାଳ ଧରି ମୁଁ ଅନୁସରଣ କରୁଥିଲି – ତାହା ହେଉଛି ଏପରି ଏକ ଅବସ୍ଥା ଯେଉଁଠି କର୍ମଟି ସ୍ୱୟଂକ୍ରିୟ ଭାବରେ ଚାଲିବ ଏବଂ ତହିଁରେ କୌଣସି ବ୍ୟକ୍ତିଗତ ମାନସିକ ଭାବନା ବା ମାନସିକ କ୍ରିୟାର ହସ୍ତକ୍ଷେପ ହେବ ନାହିଁ, ଚେତନାଟି ପୂରାପୂରି ଭଗବାନଙ୍କ ଭିତରେ ନୀରବ ହୋଇ ରହିଥିବ । ଏହି ଜିନିଷଟି ଅବଶ୍ୟ ଚେଷ୍ଟା କରିବା ଫଳରେ ଯେତେଟା ଆସେ ନାହିଁ, ଆସିଥାଏ ଏକ ଅତି ସହଜ ନିରନ୍ତର ଅଭୀପ୍ସା ଓ ଉତ୍ସର୍ଗର ସଂକଳ୍ପ ଫଳରେ – କିଂବା ଆସିଥାଏ ଆନ୍ତର ସତ୍ତାକୁ ଯନ୍ତ୍ରସ୍ୱରୂପ ସତ୍ତାଠାରୁ ପୃଥକ୍ କରୁଥିବା ଚେତନାର ଏକ ଗତିବୃତ୍ତି ଫଳରେ । କର୍ମର ସଂପାଦନ ପାଇଁ ଏକ ଉଚ୍ଚତର ଦିବ୍ୟଶକ୍ତିକୁ ଆବାହନ କରିବାର ଅଭୀପ୍ସା ଓ ତା' ପାଖରେ ଉତ୍ସର୍ଗ କରିବାର ସଂକଳ୍ପ ବିରାଟ ଫଳମାନ ଆଣିଦେଇଥାଏ, ଯଦିଓ କେତେକଙ୍କ କ୍ଷେତ୍ରରେ ଏଥିପାଇଁ ବେଶ୍ ଦୀର୍ଘ ସମୟ ଲାଗିଯାଏ । ସମସ୍ତ କାମଟି ନିଜ ମନର ପ୍ରଚେଷ୍ଟା ଦ୍ୱାରା ସଂପନ୍ନ କରିବା ପରିବର୍ତ୍ତେ, ତାହା କିପରି ପଶ୍ଚାତରେ ବା ଉର୍ଦ୍ଧ୍ୱରେ ରହିଥିବା ଏକ ଦିବ୍ୟଶକ୍ତି ଦ୍ୱାରା କରାଇବାକୁ ହୁଏ ତାହା ଜାଣିବା ସାଧନାର ଏକ ମହାନ୍ ନିଗୂଢ଼ ରହସ୍ୟ । ମୁଁ ଏହା କହୁ ନାହିଁ ଯେ ମନର ପ୍ରଚେଷ୍ଟା ଅନାବଶ୍ୟକ ଓ ତାହାର କୌଣସି ଫଳ ନାହିଁ – କିନ୍ତୁ ଯଦି ସବୁକିଛି ଏହା କେବଳ ନିଜେହିଁ କରିବାକୁ ଚାହେଁ ତେବେ ଆଧ୍ୟାତ୍ମିକ ମଲ୍ଲମାନଙ୍କ ଛଡ଼ା ଏହା ହୋଇଉଠେ ଏକ ଅତି କଷ୍ଟକର ଓ ଶ୍ରମସାଧ୍ୟ ପ୍ରଚେଷ୍ଟା । ଏହା ମଧ୍ୟ ମୁଁ କହୁ ନାହିଁ ଯେ ଅନ୍ୟ ପଦ୍ଧତିଟି ହେଉଛି ଆକାଂକ୍ଷିତ ସେହି ଅନତିଦୀର୍ଘ ସହଜ ପଥ । ସେହି ପଦ୍ଧତିଟିରେ ଫଳାଫଳ ମିଳିବା ପାଇଁ ଦୀର୍ଘ ସମୟ ଲାଗିପାରେ । କିନ୍ତୁ ସାଧନାର ପ୍ରତ୍ୟେକଟି ପଦ୍ଧତି ପାଇଁ ଧୈର୍ଯ୍ୟ ଓ ଦୃଢ଼ ସଂକଳ୍ପ ଅତ୍ୟନ୍ତ ଆବଶ୍ୟକ ।

ଯେ ସମର୍ଥ ଓ ଶକ୍ତିମାନ୍ ତା' ପାଇଁ ସାମର୍ଥ୍ୟ ଠିକ୍ – କିନ୍ତୁ ଅଭୀପ୍ସା ଓ ତାହାକୁ ଉତ୍ତର ଦେଉଥିବା ଦିବ୍ୟକୃପା କେବଳ ପୂରାପୂରି କଳ୍ପିତ କାହାଣୀ ନୁହେଁ; ଆଧ୍ୟାତ୍ମିକ ଜୀବନରେ ସେଗୁଡ଼ିକ ହେଉଛି ମହାନ୍ ବାସ୍ତବତା । ✤

# ଆତ୍ମଦାନ କ୍ଷେତ୍ରରେ ବିରାଟ ବାଧା

## (ସୂତ୍ରାବଳୀ ଉପରେ ଆଲୋଚନା)

## ଶ୍ରୀମା

''ନିର୍ଦ୍ଦୟ ଭାବରେ ନିଜକୁ ପରୀକ୍ଷା କର, ତା'ହେଲେ ତୁମେ ଅନ୍ୟମାନଙ୍କ ପ୍ରତି ଅଧିକ ଉଦାର ଓ ସଦୟ ହୋଇ ପାରିବ ।''

ଶ୍ରୀମା : ଏହା ଖୁବ୍ ଉତ୍ତମ; ସମସ୍ତଙ୍କ ପାଇଁ ଉତ୍ତମ, ବିଶେଷ କରି ସେହିମାନଙ୍କ ପାଇଁ ଯେଉଁମାନେ ନିଜକୁ ଖୁବ୍ ଶ୍ରେଷ୍ଠ ବୋଲି ଭାବନ୍ତି ।

କିନ୍ତୁ ପ୍ରକୃତରେ ଏହାର ସମ୍ବନ୍ଧ ରହିଛି ଖୁବ୍ ଗଭୀର କିଛି ସହିତ । ବାସ୍ତବରେ ମୁଁ ଏହି ଅନୁଭୂତି ଭିତରେ କିଛି ସମୟ ଧରି ରହିଚାଲିଛି । ଏହା ପ୍ରାୟ ମନୋଭାବର ଏକ ଓଲଟିଯିବା ଭଳି କଥା ।

ସତରେ, ମନୁଷ୍ୟମାନେ ସର୍ବଦା ନିଜକୁ ବିରୋଧିଶକ୍ତି ଦ୍ୱାରା ଉତ୍ପୀଡ଼ିତ ଶିକାର ବୋଲି ଭାବି ଆସିଛନ୍ତି । ଯେଉଁମାନେ ସାହସୀ, ସେମାନେ ସଂଗ୍ରାମ କରନ୍ତି, ଅନ୍ୟମାନେ ଅଭିଯୋଗ କରନ୍ତି । କିନ୍ତୁ ସୃଷ୍ଟିରେ ବିରୋଧିଶକ୍ତିମାନେ ଯେଉଁ ଭୂମିକା ଗ୍ରହଣ କରନ୍ତି ଏବଂ ସେମାନଙ୍କର ଯେଉଁ ଅନିବାର୍ଯ୍ୟ ଆବଶ୍ୟକତା ରହିଛି ଯାହାଫଳରେ ସୃଷ୍ଟିର ବିକାଶଧାରା ଆଗେଇ ଚାଲିବ ଓ ସୃଷ୍ଟି ପୁଣି ଥରେ ନିଜ ଦିବ୍ୟ-ଉତ୍ସର ସ୍ୱରୂପ ଗ୍ରହଣ କରିପାରିବ — ଏ ସମ୍ପର୍କରେ ମୋର ଅନ୍ତର୍ଦୃଷ୍ଟି ଅଧିକରୁ ଅଧିକ ନିର୍ଦ୍ଦିଷ୍ଟ ରୂପ ନେଇ ଚାଲିଛି । ଏବଂ ଏହା ଏପରି ସ୍ପଷ୍ଟ ଏକ ଦୃଷ୍ଟି, ଯାହା ଦେଖାଇ ଦିଏ ଯେ ବିରୋଧିଶକ୍ତିଗୁଡ଼ିକର ବିଲୋପ ବା ରୂପାନ୍ତର ଚାହିଁବା ପରିବର୍ତ୍ତେ ବ୍ୟକ୍ତିକୁ ପ୍ରଥମେ ତା'ର ନିଜର ରୂପାନ୍ତର ସାଧିତ କରିବାକୁ ହେବ, ସେଥିପାଇଁ ପ୍ରାର୍ଥନା କରିବାକୁ ହେବ ଏବଂ ତାହାକୁ କାର୍ଯ୍ୟକାରୀ କରିବାରେ ଆଗେଇ ଯିବାକୁ ହେବ । କୌଣସି ବ୍ୟକ୍ତିଗତ ଦୃଷ୍ଟିକୋଣରୁ ନୁହେଁ, ଜାଗତିକ ଦୃଷ୍ଟିକୋଣରୁ ମୁଁ ଏହା କହୁଛି । ହଠାତ୍ ଏକ ଅନ୍ତର୍ଦୃଷ୍ଟି ଖୋଲିଗଲା, ଯେଉଁଥିରେ ଦେଖା ଦେଲା ସମସ୍ତ ବିଭ୍ରାନ୍ତି, ସମସ୍ତ ଭୁଲ୍ ବୁଝାମଣା, ସମସ୍ତ ଅଜ୍ଞାନତା, ମୂଢ଼ତା ଏବଂ ତା'ଠାରୁ ଆହୁରି ଖରାପ ଜିନିଷ, ଜାଗତିକ ଚେତନାରେ ରହିଥିବା ସମସ୍ତ ଅସଦିଚ୍ଛା ଯାହାକି ଏହି ବିରୋଧୀ ସତ୍ତା ଓ ଶକ୍ତିମାନଙ୍କର ଦୀର୍ଘକାଳ ଧରି ରହିବା ପାଇଁ ନିଜକୁ ଦାୟୀ ମନେ କରେ ଏବଂ ଯାହା ଏକ ବିରାଟ ଅଭୀପ୍ସା ନେଇ, ଅଭୀପ୍ସାଠାରୁ ଅଧିକ ବରଂ ଏକ ଆହୁତିର ଭାବ ନେଇ ଏହି ବିରୋଧିଶକ୍ତିଗୁଡ଼ିକୁ ଉତ୍ସର୍ଗ କରି ଦେଲା, ଯେପରିକି ସେଗୁଡ଼ିକ ପୂରାପୂରି ବିଲୁପ୍ତ ହୋଇଯିବେ ଏବଂ ସେମାନଙ୍କ ତିଷ୍ଠି ରହିବାର ଆଉ ଏପରି କୌଣସି କାରଣ ରହିବ ନାହିଁ, ଯାହାଦ୍ୱାରା ସେମାନେ ସୂଚିତ କରୁଥିଲେ ପୃଥିବୀର ଯେଉଁ ଯେଉଁ ବସ୍ତୁଗୁଡ଼ିକୁ ପରିବର୍ତ୍ତିତ କରିବାକୁ ହେବ ।

ଦିବ୍ୟଜୀବନର ବିରୋଧୀ ଏହି ସମସ୍ତ ଜିନିଷଗୁଡ଼ିକ ରହିଥିବାରୁ ଏହି ବିରୋଧିଶକ୍ତିମାନଙ୍କର ଉପସ୍ଥିତିକୁ ମଧ୍ୟ ଏଡ଼ି ଦିଆଯାଇ ପାରୁ ନ ଥିଲା । କିନ୍ତୁ ଏକ ଅସାଧାରଣ ତୀବ୍ରତା ସହ ପୃଥିବୀ ଚେତନା ସେମାନଙ୍କୁ ପରମଙ୍କ ପାଖରେ ଏହିପରି ଉତ୍ସର୍ଗ କରିଦେବା ହେଉଛି ସେମାନଙ୍କ ପାଇଁ ଏକ ମୁକ୍ତି, ଯାହା-ଫଳରେ ଏହି ବିରୋଧିଶକ୍ତିମାନେ ପୂରା ଅନ୍ତର୍ଦ୍ଧାନ ହୋଇଯାଇ ପାରିବେ ।

ଏହା ଅତି ତୀବ୍ର ଏକ ଅନୁଭୂତି ଥିଲା, ଯାହା ନିଜକୁ ପ୍ରକାଶ କରିଥିଲା ଏହିପରି ଭାବେ; ''ମୁଁ ଯେଉଁ ସମସ୍ତ ଭୁଲ୍ କରିଛି, ସେସବୁଗୁଡ଼ିକୁ ନେଇଯାଅ, ଗ୍ରହଣ କର, ସେଗୁଡ଼ିକୁ ନିଶ୍ଚିହ୍ନ କରିଦିଅ ଯେପରିକି ଏହି ବିରୋଧିଶକ୍ତିଗୁଡ଼ିକ ପୂରା ବିଲୁପ୍ତ ଓ ଅନ୍ତର୍ଦ୍ଧାନ ହୋଇଯିବେ ।

ଏହି ସୂତ୍ରଟିକୁ ଅନ୍ୟପ୍ରାନ୍ତରୁ ଦେଖିଲେ ମଧ୍ୟ ସେହି ଏକହିଁ ଅର୍ଥ ବହନ କରେ । ଯେପର୍ଯ୍ୟନ୍ତ ମାନବ ଚେତନା ମହାନ୍ ଦିବ୍ୟସମ୍ଭୂତିକୁ ବିରୋଧ କରିବା ପାଇଁ ଓ ତା' ବିରୋଧରେ ଅନୁଭବ, ଚିନ୍ତା ଓ କର୍ମ କରିବା ପାଇଁ ସକ୍ଷମ ହୋଇ ରହିଥିବ, ସେପର୍ଯ୍ୟନ୍ତ ସେଥିପାଇଁ ଆଉ କାହାକୁ ଦୋଷୀ ସାବ୍ୟସ୍ତ କରିବା ଅସମ୍ଭବ, ବିରୋଧିଶକ୍ତିମାନଙ୍କୁ ସେଥିପାଇଁ ଦୋଷ ଦିଆଯାଇ ପାରିବ ନାହିଁ, କାରଣ ସୃଷ୍ଟିରେ ସେମାନଙ୍କୁ ରଖାଯାଇଛି ଏକ ଉପାୟ ରୂପେ, ଯାହାଫଳରେ ଏବେ ବି ତୁମର ଯେଉଁ ସମସ୍ତ ଅଗ୍ରଗତି କରିବା ବାକି ରହିଛି, ତୁମେ ସେଗୁଡ଼ିକୁ ଦେଖି ପାରିବ ଓ ଅନୁଭବ କରିପାରିବ ।

(ନୀରବତା)

ମୁଁ ନିଜକୁ ଯେଉଁ ଅବସ୍ଥାରେ ଦେଖିବାକୁ ପାଇଲି ତାହା ଏକ ସ୍ମୃତି ପରି — ସେହି ସ୍ମୃତି ଯାହା ଚିରନ୍ତନ ଭାବରେ ଉପସ୍ଥିତ

ରହିଛି; ସେହି ସ୍ମୃତି ହେଉଛି ପରମପ୍ରେମର ଏପରି ଏକ ଚେତନା ଯାହା ସ୍ୱୟଂ ଭଗବାନହିଁ ପୃଥିବୀ ଉପରେ, ପୃଥିବୀ ମଧ୍ୟରେ — ପୃଥିବୀ ମଧ୍ୟରେ ପ୍ରକଟିତ କରାଇଛନ୍ତି ଯାହାଫଳରେ ଏହି ପୃଥିବୀକୁ ସେ ପୁଣି ତାଙ୍କ ନିଜ ଭିତରକୁ ଫେରାଇ ନେଇ ପାରିବେ । କାରଣ ଯଥାର୍ଥରେ ଏହା ତାଙ୍କରିହିଁ ଏକ ଅବତରଣ, ଏପରି କିଛିର ଭିତରକୁ ଯାହା ଭଗବାନଙ୍କ ଉପସ୍ଥିତିକୁ ପୂରା ଅସ୍ୱୀକାର କରେ, ଭଗବତ୍ ପ୍ରକୃତିର ମୂଳ ମର୍ମର ମଧ୍ୟ ଯାହା ବିରୋଧୀ, ତେଣୁ ଏହାକୁ କୁହାଯାଇପାରେ ଯେ ନିଜ ଭଗବତ୍ ଅବସ୍ଥାକୁ ପରିତ୍ୟାଗ କରି ପୃଥିବୀର ଅଜ୍ଞାନତାକୁ ଗ୍ରହଣ କରିବା ଯାହାଫଳରେ ପୃଥିବୀକୁ ପୁଣିଥରେ ଭଗବତ୍ ଦିବ୍ୟ-ଅବସ୍ଥାକୁ ଫେରାଇ ଆଣି ହେବ । ଏବଂ ଯେପର୍ଯ୍ୟନ୍ତ ଏହି ପରମପ୍ରେମ ଏହି ପୃଥିବୀରେହିଁ ସର୍ବଶକ୍ତିମାନ୍ ଭାବରେ ସଚେତ ହୋଇ ନ ଉଠିଛି, ସେପର୍ଯ୍ୟନ୍ତ ସେହି ଫେରାଇ ଆଣିବାର କାମଟି କେବେ ବି ଚୂଡ଼ାନ୍ତ ଭାବରେ ସମ୍ପନ୍ନ ହୋଇପାରିବ ନାହିଁ ।

ଏହି ଅନୁଭୂତିଟି ଆସିଥିଲା ସେହି ମହାନ୍ ଭଗବତ୍ ସମ୍ଭୂତିର ସୂକ୍ଷ୍ମ ଦର୍ଶନ ପରେ, ଏବଂ ମୁଁ ନିଜକୁ ପଚାରିଲି, ''ଯେହେତୁ ଏହି ଜଗତ୍ ହେଉଛି କ୍ରମ ପ୍ରଗତିଶୀଳ ଏବଂ ଯେହେତୁ ଏହା ଅଧିକରୁ ଅଧିକ ଦିବ୍ୟ ହୋଇଉଠୁଛି, ତା'ହେଲେ ଅଦିବ୍ୟ ବସ୍ତୁଗୁଡ଼ିକ ସମ୍ପର୍କରେ, ଏବଂ ଆଗାମୀ ଦିବ୍ୟ ବସ୍ତୁଗୁଡ଼ିକ ସଙ୍ଗେ ତୁଳନାତ୍ମକ ଭାବେ ବର୍ତ୍ତମାନର ବସ୍ତୁଗୁଡ଼ିକର ଅଦିବ୍ୟ ଅବସ୍ଥା ସମ୍ପର୍କରେ କ'ଣ ସର୍ବଦା ସେହି ବେଦନାଦାୟକ ଅନୁଭୂତିଗୁଡ଼ିକ ରହି ଚାଲିବ ? ଏବଂ ସବୁ ସମୟରେ କ'ଣ ସେହି ଶକ୍ତିଗୁଡ଼ିକ ରହିବ ନାହିଁ ଯାହାକୁ ଆମେ ବିରୋଧିଶକ୍ତି ବୋଲି କହୁଛୁ ଓ ଯେଉଁଗୁଡ଼ିକ ବିକାଶର ଏହି ଗତିବୃତ୍ତିକୁ ସୁସଙ୍ଗତି ଓ ସୁସମଞ୍ଜସ ଭାବରେ ଅନୁସରଣ କରିପାରୁ ନାହାନ୍ତି ?'' ସେତେବେଳେ ଏକ ଉତ୍ତର ମିଳିଲା, ସେହି ସୂକ୍ଷ୍ମଦର୍ଶନ ବା ଅନ୍ତର୍ଦୃଷ୍ଟି ମଧ୍ୟରୁ : ନା, ସେହି ସମ୍ଭାବନା ନିକଟତର ହୋଇ ଆସୁଛି, ସେହି ପୂର୍ଣ୍ଣ ଦିବ୍ୟପ୍ରେମର ସାରମର୍ମ ଅଭିବ୍ୟକ୍ତ ହେବାର ସମୟ ପାଖେଇ ଆସୁଛି ଯାହାକି ଏହି ଅଚେତନତା, ଏହି ଅଜ୍ଞାନତା ଓ ଏଥିରୁ ଉପୁଜୁଥିବା ଅସଦିଚ୍ଛାକୁ ଏପରି ଏକ ଅଗ୍ରଗତିରେ ରୂପାନ୍ତରିତ କରି ନେଇପାରେ ଯାହା ଆଲୋକମୟ, ଆନନ୍ଦମୟ, ପୂର୍ଣ୍ଣତା ପାଇଁ ତଥା ନିଜ ଭିତରେ ସବୁକିଛିକୁ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟଗ୍ର ।

ଏହା ଅତି ସ୍ୱଷ୍ଟ ଓ ସୁନିର୍ଦ୍ଦିଷ୍ଟ ଥିଲା ।

ଏବଂ ଏହା ଥିଲା ସେହି ଅବସ୍ଥା, ଯେଉଁଥିରେ ଜଣେ ସବୁକିଛି ସହ ଏପରି ପୂର୍ଣ୍ଣ ଭାବରେ ଏକାତ୍ମ ହୋଇଯାଏ ଯେ ଯାହାକିଛି ଭଗବତ୍ ବିରୋଧୀ, ସେ ନିଜେହିଁ ତାହା ହୋଇ ଉଠେ ଯେପରିକି ସେହି ଭଗବତ୍ ବିରୋଧୀ ବସ୍ତୁଗୁଡ଼ିକୁ ସେ ଭଗବାନଙ୍କ ପାଖରେ ନିବେଦନ ଓ ଅର୍ପଣ କରି ଦେଇ ପାରିବ ଏବଂ ସେଗୁଡ଼ିକୁ ଅର୍ପଣ କରିଦେଇ ସେଗୁଡ଼ିକୁ ରୂପାନ୍ତରିତ କରି ଦେଇପାରିବ ।

ମୂଳତଃ ମଣିଷମାନଙ୍କ ଭିତରେ ଶୁଦ୍ଧି ପାଇଁ, ଶୁଭ ପାଇଁ ଏହି ଇଚ୍ଛା,— ଯାହାକି ସାଧାରଣ ମାନସିକତା ଭିତରେ ନିଜକୁ ପ୍ରକାଶ କରେ ସଦ୍‌ଗୁଣ ସମ୍ପନ୍ନ ଭଲ ମଣିଷଟିଏ ହେବାର ଇଚ୍ଛାରେ — ଏହାହିଁ ହୋଇଥାଏ ଯଥାର୍ଥ ଆତ୍ମଦାନ ଦିଗରେ ସବୁଠୁ ବଡ଼ ଏକ ବାଧା ।

ଏହାହିଁ ହେଉଛି ମିଥ୍ୟାଚାରର ମୂଳ ଉତ୍ସ, ଏବଂ ଅଧିକନ୍ତୁ ସମସ୍ତ ପ୍ରବଞ୍ଚନା ଓ ଛଳନାର ଉତ୍ସ — ଏହା ହେଉଛି ବାଧାବିଘ୍ନର ବୋଝଗୁଡ଼ିକୁ ବହନ କରିବାରେ ତୁମର ଭାଗଟିକୁ ନିଜ ଉପରକୁ ନେବା ପାଇଁ ଅସ୍ୱୀକାର । ଏବଂ ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଅତି ସହଜ ଓ ସିଧାସଳଖ ଭାବରେ ସେହି କଥାଟିକୁ ଦର୍ଶାଇଛନ୍ତି ।

ଜଣେ ସଦ୍‌ଗୁଣସମ୍ପନ୍ନ ଭଲ ମଣିଷ ବୋଲି ନିଜକୁ ଦେଖାଇବା ପାଇଁ ଚେଷ୍ଟା କର ନାହିଁ । ଦେଖ, ଯାହାକିଛି ଭଗବତ୍ ବିରୋଧୀ ସେଗୁଡ଼ିକ ସଙ୍ଗେ ତୁମେ ନିଜକୁ କେତେଟା ଯୁକ୍ତ କରିପାରୁଛ । ବୋଝର ତୁମ ଭାଗଟିକୁ ନିଜ ଉପରକୁ ନିଅ, ତୁମେ ନିଜେ କେତେଟା ଅଶୁଦ୍ଧ ଓ ମିଥ୍ୟାଚାରସମ୍ପନ୍ନ ତାହା ଗ୍ରହଣ କର ଏବଂ ସେହି ଭାବରେହିଁ ତୁମେ ସେହି କଳାଛାୟାଟିକୁ ନେଇ ଭଗବାନଙ୍କ ପାଖରେ ଅର୍ପଣ କରିଦେଇ ପାରିବ । ଏବଂ ଯେତିକିଟା ପରିମାଣରେ ତୁମେ ଏହାକୁ ଗ୍ରହଣ କରି ଭଗବାନଙ୍କ ପାଖରେ ଅର୍ପଣ କରିବାକୁ ସମର୍ଥ ହେବ, ସେହି ଅନୁଯାୟୀହିଁ ବସ୍ତୁଗୁଡ଼ିକ ବଦଳି ଯିବ ।

ନିଜକୁ କେବଳ ଶୁଦ୍ଧ ବା ପବିତ୍ର ଲୋକମାନଙ୍କ ଭିତରେ ରଖିବାକୁ ଚେଷ୍ଟା କର ନାହିଁ । ଯେଉଁମାନେ ଅନ୍ଧକାରରେ ରହିଛନ୍ତି ସେମାନଙ୍କ ସଙ୍ଗେ ରହିବାକୁ ସ୍ୱୀକାର କରି, ସେସମସ୍ତଙ୍କୁ ଏକ ସମଗ୍ର ପ୍ରେମ ନେଇ ଭଗବାନଙ୍କୁ ଅର୍ପଣ କରିଦିଅ ।

୨୧ ଜାନୁଆରି ୧୯୬୨

# ଆମୋଦ ଓ ଆନନ୍ଦ

## ଶ୍ରୀମା

ଶିଷ୍ୟ : ମା', ଯେତେବେଳେ ଜଣେ ଅବସାଦର ଏକ ଅବସ୍ଥାରେ ରହିଥିବାର ଅନୁଭବ କରେ, ତାହା ବେଶ୍ ଦୀର୍ଘ ସମୟ ଧରି ରହେ, କିନ୍ତୁ ଯେତେବେଳେ ଜଣେ ଏକ ବିଶେଷ ଧରଣର ଆନନ୍ଦ ଅନୁଭବ କରେ, ତାହା ବେଶୀ ସମୟ ରହେ ନାହିଁ ।

ଶ୍ରୀମା : ହଁ, ତାହା ସତ ।

ଶିଷ୍ୟ : ତା'ହେଲେ ସେହି ଆନନ୍ଦକୁ ଅଧିକ କାଳ ଧରି ରଖିବା ପାଇଁ କ'ଣ କରାଯିବା ଉଚିତ ?

ଶ୍ରୀମା : କିନ୍ତୁ ସତ୍ତାର ସେହି ସମାନ ଅଂଶରେ ଆମେ ଅବସାଦ ଓ ଆନନ୍ଦ ଅନୁଭବ କରୁନା ।

ତୁମେ ଯଦି ଆମୋଦ କଥା କହୁଥାଅ ତା'ହେଲେ ପ୍ରାଣିକ ସୁଖ ବା ଆମୋଦ ଖୁବ୍ କ୍ଷଣସ୍ଥାୟୀ, ଏବଂ ମୁଁ ଭାବୁଛି ଜୀବନରେ – ବର୍ତ୍ତମାନ ଜୀବନର ଅବସ୍ଥା ଯାହା, ତହିଁରେ – ସୁଖ ଅପେକ୍ଷା ଦୁଃଖ ପାଇଁ ଆନୁଷଙ୍ଗିକ କାରଣ ଓ ଅବସର ଅଧିକ । ସୁଖ ଅତ୍ୟନ୍ତ କ୍ଷଣସ୍ଥାୟୀ, କାରଣ ଯଦି ଆମୋଦ ବା ସୁଖର ସ୍ପନ୍ଦନକୁ ଟିକେ ଅଧିକ କାଳ ପାଇଁ ଦୀର୍ଘ କରାଯାଏ, ତା'ହେଲେ ତାହା ଅପ୍ରୀତିକର ବା ଏପରିକି ବିରକ୍ତିକର ହୋଇଉଠିବ – ଠିକ୍ ସେହି ସମାନ ସ୍ପନ୍ଦନ ହେଲେ ମଧ୍ୟ ।

ସୁଖ ବା ଆମୋଦ ସ୍ୱୟଂ କ୍ଷଣସ୍ଥାୟୀ । କିନ୍ତୁ ତୁମେ ଯଦି ଆନନ୍ଦ ବିଷୟ କହୁଥାଅ ତା'ହେଲେ ତାହା ପୂରା ଅନ୍ୟ ଏକ ଜିନିଷ; ଏହା ହେଉଛି ହୃଦୟରେ ଏକ ଧରଣର ଉଷ୍ଣତା ଓ ଆଲୋକ । ଦେଖ – ଜଣେ ମନରେ ମଧ୍ୟ ଆନନ୍ଦ ଅନୁଭବ କରିପାରେ, କିନ୍ତୁ ଅନୁଭୂତ ହୁଏ କେଉଁଠି ଏକ ଉଷ୍ମତା ଓ ମଧୁର ଆଲୋକର ସ୍ଫୁରଣ । ତାହା ଏପରି ଏକ ଗୁଣ ଯାହାକି ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବରେ ବିକଶିତ ହୋଇ ନାହିଁ ଏବଂ ଏହି ଗୁଣର ଅଧିକାରୀ ହେବା ପାଇଁ ଯେଉଁ ମନସ୍ତାତ୍ତ୍ୱିକ ଅବସ୍ଥାର ପ୍ରୟୋଜନ, ତାହା କ୍ୱଚିତ୍ ଦେଖାଯାଏ । ତେଣୁ ଏହା କ୍ଷଣସ୍ଥାୟୀ ହୁଏ । ତା' ନ ହେଲେ ସତ୍ତାର ସତ୍ୟରେ, ସତ୍ତାର ବାସ୍ତବତାରେ, ତୁମର ଯଥାର୍ଥ ଆତ୍ମାରେ, ତୁମର ଅନ୍ତରାତ୍ମାରେ, ତୁମର ଚୈତ୍ୟସତ୍ତାରେ ଆନନ୍ଦ ନିରନ୍ତର ଭାବରେ ରହିଥାଏ ।

ସୁଖ ବା ଆମୋଦ ସଙ୍ଗରେ ଏହାର କିଛି ସମ୍ପର୍କ ନାହିଁ ବା ଯାଏ ଆସେ ନାହିଁ : ଏହା ହେଉଛି ଏକ ପ୍ରକାର ଆନ୍ତର ଆନନ୍ଦ ।

କିନ୍ତୁ ଜଣେ ଯଦି ନିଜ ଚୈତ୍ୟ-ସତ୍ତା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ନ ହୁଏ ତା'ହେଲେ ସେ କ୍ୱଚିତ୍ ଏହି ଆନନ୍ଦକୁ ଅନୁଭବ କରିବାର ଅବସ୍ଥାରେ ଥାଏ । ସେଇଥି ପାଇଁ ଏହା ଯେତେବେଳେ ଆସେ ସେତେବେଳେ ଏହା ଅତ୍ୟନ୍ତ ଅଳ୍ପକ୍ଷଣ ସ୍ଥାୟୀ ହୋଇଥାଏ, କାରଣ ଏହାକୁ ଅନୁଭବ ଓ ପ୍ରତ୍ୟକ୍ଷ କରିବାର ଆନ୍ତର ଅବସ୍ଥା ଅନେକ ସମୟରେ ନ ଥାଏ । ଅନ୍ୟ ପକ୍ଷରେ ଜଣେ ପ୍ରାୟ ସର୍ବଦା ଏକ ଅତି ସାଧାରଣ ପ୍ରାଣିକ ଅବସ୍ଥାରେ ଥାଏ ଯେଉଁଠି ସାମାନ୍ୟ ଅପ୍ରୀତିକର ଜିନିଷ ମଧ୍ୟ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଅବସାଦ ଆଣିଦିଏ – ତୁମେ ଯଦି ଦୁର୍ବଳ ଲୋକଟିଏ ହୋଇଥାଅ ତା'ହେଲେ ଅବସାଦ ଏବଂ ଯଦି ଶକ୍ତିଶାଳୀ ହୋଇଥାଅ ତା'ହେଲେ ବିଦ୍ରୋହର ଭାବ ଆସେ । ପ୍ରତ୍ୟେକଟି କାମନା ଯାହା ଚରିତାର୍ଥ ନ ହୁଏ, ପ୍ରତ୍ୟେକଟି ପ୍ରେରଣା ଯାହା ବାଧା ପ୍ରତିବନ୍ଧକର ସମ୍ମୁଖୀନ ହୁଏ, ବାହାର ଜିନିଷ ସହ ପ୍ରତ୍ୟେକଟି ଅପ୍ରୀତିକର ସଂଯୋଗ ଖୁବ୍ ସହଜରେ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଅବସାଦ ବା ବିଦ୍ରୋହ ଆଣିଦିଏ, କାରଣ ତାହାହିଁ ହେଉଛି ବର୍ତ୍ତମାନର ଜୀବନ ପାଇଁ ଏକ ସ୍ୱାଭାବିକ ଅବସ୍ଥା । କିନ୍ତୁ ଆନନ୍ଦ ହେଉଛି ଏକ ଅସାଧାରଣ ଅବସ୍ଥା ।

ତେଣୁ ସୁଖ ବା ଆମୋଦ, ଯେଉଁ ଆମୋଦଟା ହେଉଛି କେବଳ ଏକ ସୁଖକର ଇନ୍ଦ୍ରିୟାନୁଭୂତି – ଯଦି ଏହା ଦୀର୍ଘସ୍ଥାୟୀ ହୁଏ, ତା'ହେଲେ ଏହା ଯେ କେବଳ ନିଜର ଦାଢ଼ ହରାଇ ବସିବ, ସେତିକି ନୁହେଁ ଏହା ମଧ୍ୟ ଶେଷରେ ଅପ୍ରୀତିକର ହୋଇଉଠିବ, ଏହାକୁ ବେଶୀ କାଳଧରି ସହିବା ସମ୍ଭବ ହେବ ନାହିଁ । ତେଣୁ ସ୍ୱାଭାବିକ ଭାବରେ ଏହା ଆସେ ଏବଂ ଚାଲିଯାଏ । ଅର୍ଥାତ୍ ସେହି ସମାନ ଜିନିଷ ଯାହା ତୁମକୁ ଆମୋଦ ଦେଇଥିଲା – ଠିକ୍ ସେହି ସମାନ ସ୍ପନ୍ଦନ – କିଛି ସମୟ ପରେ ତାହା ତୁମକୁ ଆଉ ସେହି ଆମୋଦ ଦେଇ ପାରିବ ନାହିଁ । ଏବଂ ଯଦି ଏହାକୁ ଚଳାଇ ରଖ ତା'ହେଲେ ଏହା ତୁମ ପାଇଁ ଅପ୍ରୀତିକର ହୋଇଉଠେ । ତେଣୁ ତୁମେ ଦୀର୍ଘକାଳ ଧରି, ସେହି ଆମୋଦ କରି ପାରିବ ନାହିଁ ।

ଏକମାତ୍ର ଯାହା ଦୀର୍ଘସ୍ଥାୟୀ ହୋଇପାରେ ତାହା ହେଉଛି ଆନନ୍ଦ; ଯଦି ଜଣେ ସତ୍ତାର ସେହି ସତ୍ୟ ସହିତ ସଂଯୋଗ ରଖିପାରେ ତା'ହେଲେ ସେହିଠାରେହିଁ ଆନନ୍ଦ ସ୍ଥାୟୀ ଭାବରେ ରହିଛି । ❖

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**୨୩ ତାରିଖ ଜାନୁଆରୀ ୧୯୩୯**

ଶିଷ୍ୟ : ମୋର ବନ୍ଧୁ 'କ', ଆପଣଙ୍କୁ ପଚାରିବାକୁ ସଂକୋଚ କରୁଛି ଯେ ଗତକାଲି ଆପଣ ଯେଉଁ ଗୁଣର କ୍ରିୟା ବିଷୟରେ କହିଥିଲେ, ସେଥିରେ କିଛି ବିରୋଧ ଥିଲା ।

ଅନ୍ୟ ଜଣେ ଶିଷ୍ୟ : ଗତକାଲି ଆପଣ ଯେପରି କହିଥିଲେ – ହିଟ୍‌ଲର୍ ଭଳି ମନୁଷ୍ୟ ଯାହା କିଛି କରୁଛି, ତାହା ପ୍ରକୃତିର ଗୁଣର କ୍ରିୟା ଅନୁସାରେ କରୁଛି । ଅନ୍ୟଭାବେ କହିଲେ, ଏହା ବୁଝାଇବ ଯେ ସେ ସେଇ କାମ କରୁଛି, ଯାହା ବିଶ୍ୱାତ୍ମା ତା' ଦ୍ୱାରା କରାଉଛି, ତା' ସତ୍ତ୍ୱେ ବି ସେ ନିଜର କ୍ରିୟାସବୁ ପାଇଁ ଉତ୍ତରଦାୟୀ । ଏ ଦୁଇଟି ଯାକ କଥା ପରସ୍ପରର ବିରୋଧୀ ଭଳି ଲାଗୁ ନାହିଁ କି ?

ଶ୍ରୀଅରବିନ୍ଦ : ଏବେ ତୁମେ ଯଦି କୌଣସି ସତ୍ୟକୁ ପ୍ରକଟ କରିବାକୁ ଯାଅ ତେବେ ଏହିପରିହିଁ ହୋଇଥାଏ ଯେ ବିରୋଧୀ ଶବ୍ଦ ପ୍ରୟୋଗ କରିହିଁ ତୁମକୁ କଥାଟିକୁ ବ୍ୟକ୍ତ କରିବାକୁ ହେବ । (ହାସ୍ୟରୋଳ) ସତ୍ୟ ସବୁବେଳେ ସୁସଂଗତ ହୁଏ ନାହିଁ । ମାତ୍ର ତୁମେ ଯେଉଁ ବିରୋଧର କଥାଟି କହୁଛ, ତା'ର ଉଦ୍ଦେଶ୍ୟ ନୁହେଁ ଯେ କର୍ତ୍ତାର କିଛି ଉତ୍ତରଦାୟିତ୍ୱ ନାହିଁ; କୌଣସି ନୈତିକତା ନାହିଁ; ତା'ର କିଛି ଭୁଲ୍ ନାହିଁ କି ଠିକ୍ ନାହିଁ । ବ୍ୟକ୍ତି, ଯିଏ-କ୍ରିୟାରେ ସଂଶ୍ଳିଷ୍ଟ, ସେ ଏଥିପାଇଁ ଉତ୍ତରଦାୟୀ ଯେ ସେ ପ୍ରକୃତିର ଗୁଣକୁ ଓ ତା'ର ସ୍ୱଭାବକୁ ସ୍ୱୀକାର କରି କର୍ମରେ ପ୍ରୟୋଗ କରୁଛି ।

ଶିଷ୍ୟ : କିନ୍ତୁ, ବିଶ୍ୱାତ୍ମା (Cosmic spirit) ତା' ଦ୍ୱାରା ଏଇ ଗୁଣକୁ ସ୍ୱୀକାର କରାଇ ନେଉ ନାହିଁ କି ?

ଶ୍ରୀଅରବିନ୍ଦ : ନା, ବିଶ୍ୱାତ୍ମା କେବେ ସିଧା କାମ କରେ ନାହିଁ । ସେ ପ୍ରକୃତିକୁ ମାଧ୍ୟମ କରି ବ୍ୟକ୍ତି ଦ୍ୱାରା କାମ କରାଇ ନିଏ । ତାହା ବ୍ୟକ୍ତିତ୍ୱ ଦ୍ୱାରା କାମ କରେ ଏବଂ ବ୍ୟକ୍ତିତ୍ୱ ବ୍ୟକ୍ତି ନୁହେଁ । ବ୍ୟକ୍ତିତ୍ୱ ଏପରି ଏକ ଜିନିଷ, ଯାହା ମନ, ପ୍ରାଣ ଓ ଶରୀର ପ୍ରକୃତି ସହ ମିଳନର ପରିଣାମ; ବିଶ୍ୱାତ୍ମା ତା' ଦ୍ୱାରା କାମଟି ସହଜରେ କରାଇନିଏ । ସେଇ କାରଣରୁ ବ୍ୟକ୍ତିତ୍ୱ ଉପରେ ଉତ୍ତରଦାୟିତ୍ୱ ଥାଏ । ମୁଁ ଯେମିତି କହିଲି : ବିଶ୍ୱାତ୍ମା ପ୍ରକୃତି ଦ୍ୱାରା କ୍ରିୟାସବୁ କରାଇ ନିଏ, ସିଧା କାମ କରେ ନାହିଁ ।

ଶିଷ୍ୟ : କିନ୍ତୁ, ବିଶ୍ୱାତ୍ମା ବ୍ୟକ୍ତିକୁ ମାଧ୍ୟମ କରି ତା'ର ପ୍ରୟୋଜନ ସିଦ୍ଧ କରେ, ଏହି ବ୍ୟକ୍ତି ଦ୍ୱାରାହିଁ ତା'ର ଉଦ୍ଦେଶ୍ୟ ପୂରଣ ହୁଏ ।

ଶ୍ରୀଅରବିନ୍ଦ : କିନ୍ତୁ, ତା' ବୋଲି ବ୍ୟକ୍ତିର ଦାୟିତ୍ୱ ନାହିଁ, ଏକଥା କୁହାଯିବ ନାହିଁ । ବିଶ୍ୱରେ ଶୁଭ ଓ ଅଶୁଭ ଉଭୟ ରହିଛି ଅର୍ଥାତ୍ ଶୁଭ ଓ ଅଶୁଭ – ଦୁହିଙ୍କର ନିବାସ ବିଶ୍ୱ ଭିତରେ, ସୁତରାଂ ବିଶ୍ୱାତ୍ମା ଭିତରେ ବି ।

ଶିଷ୍ୟ : ତା'ହେଲେ ତ ବିଶ୍ୱାତ୍ମା ଅଶୁଭ ପାଇଁ ମଧ୍ୟ ଉତ୍ତରଦାୟୀ ।

ଶ୍ରୀଅରବିନ୍ଦ : ଗୋଟିଏ ଦୃଷ୍ଟିରୁ ବିଶ୍ୱାତ୍ମା ଶୁଭ ଓ ଅଶୁଭ, ଉଭୟ ପାଇଁ ଉତ୍ତରଦାୟୀ । ତୁମେ ଏକଥା କହିପାରିବ ନାହିଁ ଯେ ତାହା ଗୋଟିଏ ଜିନିଷ ସକାଶେ ଉତ୍ତରଦାୟୀ, ଅନ୍ୟଟି ସକାଶେ ନୁହେଁ । ବିଶ୍ୱାତ୍ମା ବିବର୍ତ୍ତନର ବିକାଶ ସକାଶେ ଶୁଭ ଓ ଅଶୁଭ, ଆଲୋକ ତଥା ଅନ୍ଧକାର – ଏମାନଙ୍କ ମଧ୍ୟରେ ସଂଘର୍ଷ ଆଣି ବିବର୍ତ୍ତନରେ ଆପଣା ପ୍ରୟୋଜନ ସିଦ୍ଧ କରାଇ ନିଏ ।

ଶିଷ୍ୟ : ଉଦାହରଣସ୍ୱରୂପ, ଦୁର୍ଯୋଧନ ଭାବୁଥିଲା, କୁରୁକ୍ଷେତ୍ର ଯୁଦ୍ଧରେ ସେ ନ୍ୟାୟର ପକ୍ଷରେ ରହିଛି । ତାକୁ ଜଣା ନଥିଲା ଯେ ସେ ତା'ର କୁଳଜନଙ୍କୁ ବିନାଶ ଦିଗରେ ନେଇ ଯାଉଛି ।

ଶ୍ରୀଅରବିନ୍ଦ : ପରନ୍ତୁ, ବିଶ୍ୱାତ୍ମା ବିବର୍ତ୍ତନଗତ ବିକାଶରେ ନଥା'ନ୍ତି, ମାତ୍ର ବ୍ୟକ୍ତିସତ୍ତା ବିବର୍ତ୍ତନଗତ ବିକାଶ ମଧ୍ୟରେ ରହିଛି । ବ୍ୟକ୍ତି ନିଜ ପ୍ରକୃତି ଦ୍ୱାରା ବିକଶିତ ହୁଏ, ପ୍ରଗତି ବି କରେ – ନିଜର ବିବର୍ତ୍ତନରେ ଆଗକୁ ଯାଏ ପ୍ରକୃତିର ସହାୟତା ନେଇ ।

ଶିଷ୍ୟ : କ'ଣ ବ୍ୟକ୍ତି ପ୍ରକୃତିର ଗୁଣତ୍ରୟକୁ ସ୍ୱୀକାର କରିପାରେ, ନକରିପାରେ ମଧ୍ୟ ?

ଶ୍ରୀଅରବିନ୍ଦ : ନିଶ୍ଚିତଭାବେ ଏହା ସେ କରିପାରେ । ବ୍ୟକ୍ତି-ବିଶେଷ ପ୍ରକୃତିର ଅଧୀନତା ମାନିପାରେ, ନମାନିପାରେ ବି । କାହିଁକି ନା, ଅର୍ଜୁନ ତାଙ୍କର ପ୍ରକୃତିର ଗୁଣସମୂହର ନିର୍ଦ୍ଦେଶରେ କାମ କରିବାକୁ ମନା କରି ଦେଇଥିଲେ । ଯୁଦ୍ଧ ସକାଶେ ତାଙ୍କୁ ପ୍ରସ୍ତୁତ କରିବାକୁ ତ ଗୀତାର ଅଠରଟି ଅଧ୍ୟାୟ ଆବଶ୍ୟକ ହେଲା ।

ଶିଷ୍ୟ : ଯଦ୍ୟପି ମହାଭାରତ ସମର ଆରମ୍ଭ ହେବା ଆଗରୁହିଁ ବିଶ୍ୱାତ୍ମା ସବୁ ଯୋଦ୍ଧାଙ୍କୁ ମାରି ଦେଇଥିଲେ, ତଥାପି ଅର୍ଜୁନଙ୍କୁ ଯୁଦ୍ଧରେ ନିମିତ୍ତ ହେବାକୁ କୁହାଗଲା ।

ଶ୍ରୀଅରବିନ୍ଦ : ଯଥାର୍ଥରେ ମୁକ୍ତି ସେତିକିବେଳେ ଆସିବ, ଯେତେବେଳେ ପୁରୁଷ ସତ୍ତା ଜାଗି ଉଠିବ ଏବଂ ଆପଣାକୁ ପ୍ରକୃତିଠାରୁ ପୃଥକ୍ ମନେକରିବ; ବୁଝିବ ଯେ ତା' ଦ୍ୱାରା ସେ ବଦ୍ଧ ନୁହେଁ, ବରଂ ମୁକ୍ତ ଓ ପ୍ରକୃତିର କର୍ତ୍ତା ବା ସ୍ୱାମୀ ବୋଲି ପ୍ରତ୍ୟୟ ଆସିବ ।

ଶିଷ୍ୟ : ସାଧାରଣତଃ ପୁରୁଷ ବଦ୍ଧ ହୋଇଥାଏ ।

ଶ୍ରୀଅରବିନ୍ଦ : ତାହାହିଁ ତ ! ପୁରୁଷ ପ୍ରକୃତିର କାର୍ଯ୍ୟକୁ ସ୍ୱୀକୃତି ଦିଏ, ତେବେ ଇଚ୍ଛା କଲେ ସେ ନିଜର ସ୍ୱୀକୃତି ଫେରେଇ ନେଇପାରେ ନିଜକୁ ଅଲଗା କରିନେଇ ଠିଆ ହୋଇପାରେ, ଏମିତିକି ବିବର୍ତ୍ତନର ବିକାଶରେ ନପଶି ମୁକ୍ତ ହୋଇପାରେ, ଉଦାହରଣ ହେଉଛି ଅହଂ ଓ ପ୍ରକୃତିର ବ୍ୟକ୍ତିତ୍ୱରୁ ମୁକ୍ତ ହୋଇ ସେ ସ୍ୱତନ୍ତ୍ର ହୋଇପାରେ ।

ଶିଷ୍ୟ : ଯେତେବେଳେ ପୁରୁଷ ମୁକ୍ତିଲାଭ କରେ, ବ୍ୟକ୍ତିସତ୍ତା ନିମନ୍ତେ ଏହାବି ସମ୍ଭବ ଯେ ସେ ବିଶ୍ୱାତ୍ମାର ପରପାରରେ ଥିବା ପରାତ୍ପରଙ୍କ (Transcendent) ସାମନାସାମନି ହୁଏ ଏବଂ ପରାତ୍ପର ପ୍ରଭୁଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରିପାରେ; ଏଭଳି ଘଟିଥାଏ କି ?

ଶ୍ରୀଅରବିନ୍ଦ : ହଁ, ତାହାହିଁ ଘଟେ, ଅର୍ଥାତ୍ ବ୍ୟକ୍ତିସତ୍ତା ଅଜ୍ଞାନମୟ ପ୍ରକୃତିର ଆଉ ଯନ୍ତ୍ର-ବିଶେଷ ନହୋଇ ଭଗବାନଙ୍କର ଯନ୍ତ୍ର ହୋଇଯାଏ ।

ଶିଷ୍ୟ : Cosmic Spirit ବା ବିଶ୍ୱାତ୍ମା କହିଲେ କ'ଣ ଆମେ ନୈର୍ବ୍ୟକ୍ତିକ ଚେତନାକୁ ବୁଝିବୁ ?

ଶ୍ରୀଅରବିନ୍ଦ : ନା, ବିଶ୍ୱାତ୍ମା କହିଲେ ଆମର ସୀମିତ ଦୃଷ୍ଟିର ସଂକୀର୍ଣ୍ଣ ବ୍ୟକ୍ତିତ୍ୱବିଶିଷ୍ଟ ସତ୍ତା ନୁହେଁ; ତାହା ସ୍ଥାବର ଓ ଜଙ୍ଗମ ଦୁଇଟି ଯାକକୁ ନିଏ – ନିର୍ଗୁଣ ଓ ସଗୁଣ – ଉଭୟ ଏଥିରେ ସମାବିଷ୍ଟ – ଏଥିରେ ନିର୍ଗୁଣହିଁ ସଗୁଣକୁ ନିଜଠାରେ ଆଶ୍ରୟ ଦେଇଥାଏ ଅର୍ଥାତ୍ ସଗୁଣ ନିର୍ଗୁଣକୁ ଭିତ୍ତି କରେ ।

ଶିଷ୍ୟ : ଆପଣ କହିଥିଲେ ଚୈତ୍ୟସତ୍ତା ବି ଏକ ବ୍ୟକ୍ତିତ୍ୱ ।

ଶ୍ରୀଅରବିନ୍ଦ : ହଁ, ଚୈତ୍ୟସତ୍ତା ଚୈତ୍ୟପୁରୁଷ ମଧ୍ୟ ହୋଇଥାଏ ।

ଶିଷ୍ୟ : ଚୈତ୍ୟସତ୍ତା କ'ଣ ଜନ୍ମରୁ ଜନ୍ମାନ୍ତରକୁ ବିକଶିତ ହୋଇ ଯାତ୍ରା କରେ ?

ଶ୍ରୀଅରବିନ୍ଦ : ଚୈତ୍ୟସତ୍ତା ନିଜେ କେବେ ବୃଦ୍ଧିଲାଭ କରେ ନାହିଁ, ଏହା ବରଂ ବ୍ୟକ୍ତିର ସ୍ୱଭାବରେ ଚୈତ୍ୟତତ୍ତ୍ୱକୁ ବଢ଼ାଇଥାଏ ଓ ବ୍ୟକ୍ତିସତ୍ତାର ବିକାଶରେ ମାର୍ଗ ଦେଖାଏ । ଏଇ ବ୍ୟକ୍ତିତ୍ୱ ପ୍ରକୃତି ଅଧୀନରେ ରହିଥିବାଯାଏଁ ବଦ୍ଧ ହୋଇଥାଏ । ପ୍ରକୃତିର କବଳରୁ ମୁକ୍ତିହିଁ ମୁକ୍ତ ଅବସ୍ଥା ।

ଶିଷ୍ୟ : କୁହାଯାଏ ଯେ ଚୈତ୍ୟସତ୍ତା ଭଗବାନଙ୍କର ସ୍ଫୁଲିଙ୍ଗ ।

ଶ୍ରୀଅରବିନ୍ଦ : ହଁ ।

ଶିଷ୍ୟ : ଏକଥା କୁହାଯାଇଛି ଯେ ଚୈତ୍ୟସତ୍ତାର କାର୍ଯ୍ୟ ହେଉଛି ବୈଦିକ ଅଗ୍ନିଙ୍କର କାର୍ଯ୍ୟ – ଯେଉଁ ଅଗ୍ନି ଦେବତା, ଆଧ୍ୟାତ୍ମିକ ଯାତ୍ରା ପଥରେ ପୁରୋଧା ।

ଶ୍ରୀଅରବିନ୍ଦ : ହଁ, ସେହି ଅଗ୍ନି ହେଉଛନ୍ତି ଚୈତ୍ୟ ଦେବତା, ଅନ୍ୟାନ୍ୟ ଯାହା ତାଙ୍କର ଭୂମିକା, ତତ୍‌ସହିତ ଊର୍ଦ୍ଧ୍ୱଦିଗରେ ଅଭିଯାତ୍ରାରେ ସେ ଅଗ୍ରଣୀ – ପୁରୋହିତ ।

ଶିଷ୍ୟ : ଚୈତ୍ୟସତ୍ତା ଏଜନ୍ମରେ ବ୍ୟକ୍ତିତ୍ୱର ଗଠନକୁ ଅନ୍ୟ ଜୀବନକୁ କିପରି ବହନ କରି ନେଇଯାଏ ?

ଶ୍ରୀଅରବିନ୍ଦ : ବ୍ୟକ୍ତିସତ୍ତାର ମୃତ୍ୟୁ ପରେ, ତାହା ଆପଣାର ଉପାଦାନ ତତ୍ତ୍ୱଗୁଡ଼ିକୁ ଏକାଠି କରେ, ଏବଂ ସେଗୁଡ଼ିକୁ ଅନ୍ୟ ଜନ୍ମ ଆଡ଼କୁ ନେଇଯାଏ । କିନ୍ତୁ ସେଇ ବ୍ୟକ୍ତିତ୍ୱର ପୁନରାୟ ଜନ୍ମ ହୁଏ ନାହିଁ । ଲୋକେ ଅତି ସହଜରେ ଏଇ ଜିନିଷଟିକୁ ଭୁଲ୍ ବୁଝନ୍ତି – ଠିକ୍ ଯେବେ ସେଇ କଥାଟି ମନର ଭାଷାରେ ପ୍ରଯୁକ୍ତ ହୁଏ । ପୁରାତନ ଜନ୍ମକୁ କେବଳ ଏକ ନିଅଁ (ଭିତ୍ତି, base) ଭଳି ନିଆଯାଏ ଓ ନୂତନ ବ୍ୟକ୍ତିତ୍ୱକୁ ସମ୍ମୁଖକୁ ପଠାଇ ଦିଆଯାଏ । ଯଦି ସେଇ ଏକହିଁ ବ୍ୟକ୍ତିତ୍ୱର ପୁନର୍ଜନ୍ମ ହୁଅନ୍ତା, ସେଇ ନୂଆ ବ୍ୟକ୍ତିତ୍ୱ ନୂତନ ଜନ୍ମରେ ପୂର୍ବଜନ୍ମର ଏକଦମ୍ ଏକା ବ୍ୟକ୍ତିତ୍ୱ ଭଳି କ୍ରିୟାମାନ କରନ୍ତା; ତା'ହେଲେ ତା'ର ନୂଆଜନ୍ମ ନେବା ଅର୍ଥହୀନ ହୁଅନ୍ତା ।

ଶିଷ୍ୟ : ବିଶ୍ୱାତ୍ମା କ'ଣ ସେଇ ଭଳି, ଯାହାର ଅନୁଭୂତି ଆପଣ ଯାହାକୁ 'ଅଧିମାନସ' କହୁଛନ୍ତି, ତା' ସହିତ ବହୁଭାବରେ ଏକାଭଳି ମନେ ହେଉଛି ? ଏହା ଠିକ୍ କି ?

ଶ୍ରୀଅରବିନ୍ଦ : ହଁ, ମାତ୍ର ତୁମକୁ ବିଶ୍ୱ-ଚେତନାର ଅନୁଭୂତି ତୁମ ଚେତନାର କୌଣସି ବି ଏକ ସ୍ତରରୁ ମିଳିପାରେ । ସାଧାରଣତଃ ଏହା ଉଚ୍ଚତର ମନର ସ୍ତରରେ ହୋଇଥାଏ – ଯେଉଁଠି ତୁମେ ନିଷ୍କ୍ରିୟ ଓ ସକ୍ରିୟ, ଏଇ ଉଭୟ ପକ୍ଷକୁ ସମ୍ପୂର୍ଣ୍ଣ ଅଲଗା ଅଲଗା ଅନୁଭବ କର । ସାଧନାରେ ତୁମେ

ଯେତେବେଳେ ଉପରକୁ ଯିବାକୁ ଲାଗ, ସେସମୟରେ ଦେଖିବାକୁ ପାଅ ଯେ ଅଧିମାନସ ସ୍ତର ବି ଅନ୍ୟାନ୍ୟ ସ୍ତରକୁ ଅତିକ୍ରମ କରିଯାଇଛି ଏବଂ ସେଠାରେ ନିଷ୍କ୍ରିୟ ଓ ସକ୍ରିୟ ଏକାଠି ହୋଇଯା'ନ୍ତି ଏବଂ ଏକହିଁ ଚେତନାରେ ପର୍ଯ୍ୟବସିତ ହୁଅନ୍ତି । [ତା'ପରେ ଶ୍ରୀଅରବିନ୍ଦ 'କ' ଆଡ଼କୁ ଚାହିଁ କହିଲେ :] ଏବେ ଦେଖ, ଯେତେବେଳଯାଏଁ ହିଟ୍‌ଲର୍ ଅନୁଭବ ନକରେ ଯେ ସିଏ ନିଜେ ହିଟ୍‌ଲର୍ ନୁହେଁ, ସେତେବେଳ ପର୍ଯ୍ୟନ୍ତ ସେ ଉତ୍ତରଦାୟୀ ।

ଶିଷ୍ୟ : ସେ କ'ଣ ନିଜେ ଏପରି ଅନୁଭବ କରୁଛି ଯେ ସେ ଉତ୍ତରଦାୟୀ ?

ଶ୍ରୀଅରବିନ୍ଦ : ହଁ, ତା'ର ଅନୁଭବ ଯେ ସିଏ କେବଳ ନିଜ ପାଇଁ କରୁ ନାହିଁ, ସମଗ୍ର ଜର୍ମାନୀ ଦେଶ ପାଇଁ କରୁଛି ଅର୍ଥାତ୍ ସେ ନିଜ ସକାଶେ ଉତ୍ତରଦାୟୀ ନୁହେଁ ବରଂ ସମୁଦାୟ ଜର୍ମାନୀ ଦେଶ ସକାଶେ ଉତ୍ତରଦାୟୀ ।

ପ୍ରଥମେ ପ୍ରଥମେ ହିଟ୍‌ଲର୍ ଏମିତି ନଥିଲା । ତାକୁ ସମସ୍ତେ ଏକ ମଜାଳିଆ ମୁଣ୍ଡ-ପାଗଳା ବୋଲି ମନେ କରୁଥିଲେ ଏବଂ କେହି ବି ତା'ପ୍ରତି ବିଶେଷ ଧ୍ୟାନ ଦେଉ ନଥିଲେ । ପରନ୍ତୁ ନିକଟ ଅତୀତର ଏକ ଫଟୋରୁ ଦେଖାଯାଉଛି ଯେମିତି ସେ ଗୋଟିଏ ଅପରାଧୀ ବା ଆସାମୀ, ସେ ଚିତ୍ରରୁ ମନେ ହେଉଥିଲା ଯେପରି ସିଏ ଅନ୍ଧକାର ମଧ୍ୟକୁ ତଥା ତଳକୁ ତଳକୁ ଦ୍ରୁତଗତିରେ ଖସି ଯାଉଛି । ପ୍ରାଣିକ ଭୂତାବେଶ (Vital Possession)ହିଁ ତାକୁ ତା'ର ଗୁରୁତ୍ୱ ଓ ମହାନତାର ଅନୁଭବ କରାଉଛି । ଉକ୍ତ ଆବେଶ ବ୍ୟତୀତ ସେ ମୋଟାମୋଟି ଏକ ଅର୍ଦ୍ଧ-ପରିଣତ ମଜାଦାର ଲୋକଟିଏ ହୋଇପାରିଥା'ନ୍ତା । ତା' ଉପରେ ଶକ୍ତ ଆବେଶର ପ୍ରଭାବ କାର୍ଯ୍ୟକାରୀ ହେବା ସମ୍ଭବ ହୋଇଛି, ଯେହେତୁ ତା'ଠାରେ ଚୈତ୍ୟସତ୍ତା ଅବିକଶିତ; ତା' ପାଖରେ ଏପରି କିଛି ସଦ୍-ବସ୍ତୁ ନାହିଁ ଯାହା ସେଇ ରୂଢ଼ ପ୍ରାଣିକ-ଶକ୍ତିକୁ ପ୍ରତିରୋଧ କରିପାରିଥା'ନ୍ତା ।

ମୁସୋଲିନୀ ପାଖରେ ଚୈତ୍ୟସତ୍ତା ଅପେକ୍ଷାକୃତ ଅଧିକ ବିକଶିତ ଏବଂ ତା'ର ପ୍ରାଣିକ ଶକ୍ତି ଅତ୍ୟଧିକ ବଳବାନ୍ । କିନ୍ତୁ ତା'ର ଶେଷ ଫଟୋରେ ସେ ଦୁର୍ବଳ ଦେଖାଯାଉଛି କିଂବା ଶରୀର ସୁସ୍ଥ ନଥିବା ଭଳି କିଂବା ବୟସାଧିକ୍ୟ ହେତୁ କିଂବା ତା' ନିକଟରେ ଥିବା ସାମର୍ଥ୍ୟର ଦୁରୁପଯୋଗ କରିଥିବା ହେତୁ ତା'ର ଦୁର୍ବଳତା ପରିସ୍ଫୁଟ ହେଉଥିଲା ।

ଶିଷ୍ୟ : ହିଟ୍‌ଲର୍ ନିଜକୁ ସମୁଦାୟ ଆର୍ଯ୍ୟଙ୍କର ପ୍ରତିନିଧିରୂପେ ମାନୁଛି, ଏହାର ଅର୍ଥ ସେମାନଙ୍କର (ଭଲମନ୍ଦ)ସବୁ ପାଇଁ ଦାୟୀ ମନେକରୁଛି ।

ଶ୍ରୀଅରବିନ୍ଦ : ହଁ-ହଁ, କେବଳ ଜର୍ମାନ୍ ଜାତିହିଁ ତ ଆର୍ଯ୍ୟ ! ସେମାନେ ଆର୍ଯ୍ୟ ଜାତି ପାଇଁ ଆପଣାକୁ ଦାୟୀ ମନେ କରୁଛନ୍ତି, ତେଣୁ ପରିଣାମ ବି ଭୋଗୁଛନ୍ତି ବାଧ୍ୟ ହୋଇ ।

ଶିଷ୍ୟ : ଆଚ୍ଛା, ବ୍ୟକ୍ତି ଯଦି ନିଜକୁ ଦାୟୀ ମନେ ନକରି ବି କାମ କରିଯାଏ, ତା'ହେଲେ କ'ଣ ସେ ସ୍ୱତନ୍ତ୍ର ହୋଇପାରିବ ?

ଶ୍ରୀଅରବିନ୍ଦ : ଭାବୁଛ, ତୁମେ ଏତେ ସହଜରେ ଦାୟିତ୍ୱବୋଧରୁ ନିଜକୁ ମୁକୁଳାଇ ନେଇପାରିବ – ଯେତେ ବି କୁହ କି 'ମୁଁ ଦାୟୀ ନୁହେଁ' ।

ଯଦି ତୁମେ ଦାୟିତ୍ୱବୋଧରୁ ପୃଥକ୍ ହୋଇଯିବାକୁ ଚାହୁଁଥାଅ, ସବା ପ୍ରଥମେ ତୁମକୁ ସ୍ୱତନ୍ତ୍ର ହେବାକୁ ପଡ଼ିବ । ସେଇ ସ୍ୱତନ୍ତ୍ରତା ପାଇବା ଲାଗି ତିନି ପ୍ରକାର ବା କେତେ ପ୍ରକାର ଉପାୟ ରହିଛି । ପ୍ରଥମବିଧ ଉପାୟ ହେଉଛି : ପୁରୁଷର ପ୍ରକୃତିଠାରୁ ଅଲଗା ହେବା ଏବଂ ଅନୁଭବ କରିବା କି ସିଏ ମୁକ୍ତ, ପରତନ୍ତ୍ର ନୁହେଁ ।

ଦ୍ୱିତୀୟବିଧ ଉପାୟ ହେଉଛି : ପୁରୁଷସତ୍ତାର ଉପଲବ୍ଧି, ଅର୍ଥାତ୍ ବୈଶ୍ୱ-ଗତିବିଧିର ବି ସାକ୍ଷୀ ନହେବା, ସେଥିରେ ସଂଶ୍ଳିଷ୍ଟ ନହୋଇ ନିଜକୁ ସଂହତ ଓ ଆତ୍ମ-ସ୍ୱରୂପ ବୋଲି ଉପଲବ୍ଧି କରିବା, ଅର୍ଥାତ୍ ପରାତ୍ପର ପରମାତ୍ମାଙ୍କ ସହ ତାଦାତ୍ମ୍ୟ ଅନୁଭବ କରିବା । ଏପରି ବହୁବିଧ ଅବସ୍ଥା ରହିଛି । ତୃତୀୟରେ ଆତ୍ମା ସହିତ ଅବା ନିର୍ବିଶେଷ ପରମାତ୍ମାଙ୍କ ସହ ଏକୀଭୂତ ହେବା ଦ୍ୱାରା ମୁକ୍ତ ହୋଇପାର । ବୌଦ୍ଧଧର୍ମର ପଦ୍ଧତି ଅବଲମ୍ବନ କରି ଶୂନ୍ୟ ସହ ଏକାକାର ହୋଇ ମଧ୍ୟ ଏହି ସ୍ୱାଧୀନତା ପାଇପାର ।

(କ୍ରମଶଃ)

ଅନୁବାଦ : କୃଷ୍ଣା ଦେବୀ ❖

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରସଙ୍ଗ କ୍ରମେ

ମିଃ : ଗୋପାଳକୃଷ୍ଣ ଗୋଖଲେ ହେଉଛନ୍ତି ଜଣେ ଗଣିତଜ୍ଞ ଆଉ ଏଇ ଗଣିତଜ୍ଞମାନେ ହେଲେ ଏକ ଆଶ୍ଚର୍ଯ୍ୟଜନକ ଜାତି । ସେମାନେ ନିଜ ଖୁସିରେ ଯେକୌଣସି ଜିନିଷକୁ ପ୍ରମାଣ କରି ଥୋଇଦେବେ । ଯଦି ମିଃ : ଗୋଖଲେଙ୍କର ରାଜନୈତିକ ବିରୋଧୀମାନେ ସଂଖ୍ୟାରେ ଅଧିକ ହୋଇଥା'ନ୍ତି, ତା'ହେଲେ ସେ ଗୁଣାତ୍ମକ ମାନ ପରୀକ୍ଷଣ(qualitative test)ର ନୀତିକୁ ପ୍ରୟୋଗ କରନ୍ତି ଓ ତାଙ୍କ ମୁଣ୍ଡ ହଲେଇବାକୁ ଲାଗନ୍ତି ନାସ୍ତିବାଚକ ଭଙ୍ଗୀରେ – ''କିଛି ଭଲ ନୁହେଁ'' । ଯଦି ସେମାନଙ୍କର ସଂଖ୍ୟା ସେମିତି ଅଧିକ ହୋଇ ନଥିବ ତା'ହେଲେ ସେ ସଂଖ୍ୟାତ୍ମକ ମାନ ପରୀକ୍ଷଣ(quantitative test)ର ନୀତିକୁ ପ୍ରୟୋଗ କରିବେ ଓ ନାକକୁ ଟେକି କହିବେ – ''ହେଃ, ଏତେ ଊଣା'' । ଯେକୌଣସି ପ୍ରକାରେ ଯାହା ପରୀକ୍ଷଣ କରି ଦେଖେଇବା ଆବଶ୍ୟକ ଥିଲା ତାହା ଦେଖେଇ ଦିଆହୋଇଛି, Q.E.D.

*

'ଇଂଲିଶ୍‌ମ୍ୟାନ୍' ଜାଣିବାକୁ ଚାହିଁଛି ଯେ ବର୍ଜନକାରୀମାନଙ୍କ (Boycotters) ଭିତରେ କ'ଣ ନରେନ୍ଦ୍ରନାଥ ସେନ୍ ଅଛନ୍ତି ? ନହେଲେ ସେ କାହିଁକି ରାଖୀ ବିଜ୍ଞପ୍ତିରେ (Rakhi Circular) ତାଙ୍କ ନାମ ରଖିଥା'ନ୍ତେ ଯେଉଁ ବିଜ୍ଞପ୍ତିରେ ଜନସାଧାରଣଙ୍କୁ କୁହାଯାଇଛି ରାଖୀ ଦିବସରେ ସେମାନଙ୍କର ବର୍ଜନ ଆନ୍ଦୋଳନ ପାଇଁ ଆଉ ଥରେ ଶପଥ ନେବାକୁ ? ବାବୁ ନରେନ୍ଦ୍ରନାଥ ପରିସ୍ଥିତି ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ପାଇଁ ତାଙ୍କ *Subliminal Consciousness* ଲେଖାର ଏକ ନକଲ 'ହ୍ୟାରେ ଷ୍ଟ୍ରିଟ୍' ଭାଇଙ୍କ ନିକଟକୁ ପଠାଇବେକି ? ସେଇଟା କିଂବା *Isis unveiled* ଲେଖାଟିରୁହିଁ ସବୁକଥା ବୁଝାପଡ଼ିବ ।

*

ଶାସକ ଆଉ ଶାସିତ ମଧ୍ୟରେ ଦୀର୍ଘକାଳ ଧରି ଲାଗି-ରହିଥିବା ଉତ୍ତେଜନା ଯୋଗୁଁ 'ବେଙ୍ଗଲୀ' ମର୍ମନ୍ତୁଦ ବ୍ୟଥା ଭିତରଦେଇ ଗତି କରୁଛି । ପ୍ରେମରୁ ଜାତ ଝଗଡ଼ା ବେଶୀ ସମୟ ତିଷ୍ଠି ରହେ ନାହିଁ, ଏକଥା ଆମେ ଜାଣିଛୁ । କିନ୍ତୁ ଏସବୁ କେମିତି ତୁଟିବ ? ପରମ୍ପରାକ୍ରମେ ଚଳି ଆସିଥିବା ଦୂତୀ (Dooti)କୁ ଡାକି ଆଣିବାକୁ ପଡ଼ିବ ଆଉ ମର୍ଲେ ଓ ମିଣ୍ଟୋ ନିଶ୍ଚୟ ଦୂତୀ ବୃନ୍ଦା (ରାଧାଙ୍କ ସଖୀ)ର ଅଭିନୟ କରିବେ ଏବଂ ବିଷଣ୍ଣବଦନା 'ବେଙ୍ଗଲୀ' ତଥା ସେମାନଙ୍କର ବର୍ଜିତ ପ୍ରଭୁମାନଙ୍କ ଭିତରେ ପୁନର୍ମିଳନର ସେତୁ ପ୍ରତିଷ୍ଠା କରିବେ । ''ବାହୁଡ଼ାଇ ଆଣ ସେମାନଙ୍କୁ ସେଇ ଯୁଗଯୁଗର ପ୍ରୀତି ପାଇଁ ଅଥବା ଆମେ ଆଉ ବଞ୍ଚିପାରିବା ନାହିଁ – ପରିଷଦର ନିଭୃତ ପ୍ରକୋଷ୍ଠ ବାହାରେ ରହି''– ବିରହ ବିଧୁରା ପତିବିଗତ ପ୍ରାଣା 'ବେଙ୍ଗଲୀ' ବାହୁନା ପକେଇଛି । ରାଖୀଦିନ ଆଗତପ୍ରାୟ ଆଉ ପ୍ରେମର ଡୋରି ପୃଥିବୀସାରା ସମସ୍ତଙ୍କୁ ବଣ୍ଟାଯିବ କେବଳ ତାକୁହିଁ ବାଦ୍‌ଦେଇ ଯାହାର ସାନ୍ନିଧ୍ୟରେ ବିଶ୍ୱ ମଧୁମୟ ହୋଇଉଠେ । ଓଃ, ଏହାର କି ତିକ୍ତଭାବ ସତେ !

*

''ଗତବର୍ଷର ବିକ୍ଷୋଭ ପ୍ରଦର୍ଶନସବୁ ଅତିକ୍ରାନ୍ତ ହୋଇଯାଇଛି, କୌଣସି ରକମର ମାତ୍ରାଧିକ ଘଟଣା ଘଟିନି କି ଆଇନର ଉଲ୍ଲଂଘନ ହୋଇନି । ସେଇ ଉନ୍ମାଦନାହିଁ ଆମ ମଧ୍ୟରେ ଏବେ ପ୍ରାଣସଞ୍ଚାର କରେ । ସେଇବର୍ଷ ଇତିହାସର ପୃଷ୍ଠାରେ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଲିପିବଦ୍ଧ ହୋଇଯାଇଛି ସାମ୍ବିଧାନିକବାଦ (Constitutionalism)ର ବିଜୟ କୀର୍ତ୍ତି ।'' ଆସନ୍ତା ରାଖୀ ଉତ୍ସବ ପାଇଁ ନିବେଦନ କରି 'ବେଙ୍ଗଲୀ' ତା' ସୁଦୀର୍ଘ ବକ୍ତବ୍ୟକୁ ଶେଷ କରିଛି । ''ସାମ୍ବିଧାନିକ ବାଦର ବିଜୟ !'' କିନ୍ତୁ କାହାର ଏ ସମ୍ବିଧାନ; ବେଙ୍ଗଲୀର ନା ବ୍ରିଟିଶ୍‌ର ?

*

### ଏମ୍ପାୟାର୍‌ର ଅଶୁଭ ସଙ୍କେତ

ମାତା ବସୁନ୍ଧରାର ଅଶୁଭସୂଚକ କମ୍ପନ ପରେ ପରେହିଁ ହଲ୍‌ଦୀ ନଈରେ ''ଏକ ବିରାଟ କାୟ ବୋଲ୍ (Boal) ମାଛ'' ଧରାଯାଇଛି ବୋଲି 'ଏମ୍ପାୟାର୍' କହିଛି । ''ଲମ୍ବ ଏହାର ଛଅଫୁଟ ଆଉ ଏହା ଅସ୍ୱାଭାବିକଭାବେ ଫୁଲିଯାଇଛି ।'' ତା'ର କେଉଁ ଅଂଶଟା ଫୁଲିଯାଇଛି ସମ୍ପାଦକ ସେକଥା କହୁ ନାହାନ୍ତି – ପାଦ, ଲାଞ୍ଜ କିଂବା ଏଇ ପୂରା ମାଛଟି ? ଯେତେବେଳେ ଏଇଟାକୁ ଚିରି ଦିଆଗଲା, ତା' ଭିତରେ ମଲା ବିଲୁଆଟିଏ ଥିବାର ଦେଖାଗଲା ! ଯେତେବେଳେ ଦୁଆରଗୁଡ଼ିକରେ ଛକି ପଡ଼ିଗଲାଣି, ଗଛମାନଙ୍କରେ ଦାଗ ଦିଆହେଲାଣି ଆଉ ଲୋଭୀ

ବୋଲ୍ ମାଛ ଭିତରେ ବିଲୁଆଗୁଡ଼ାକୁ ଦେଖିବାକୁ ମିଳିଲାଣି ଓ ଦେଶର ଚତୁର୍ଦ୍ଦିଗରେ ବନ୍ଦେ ମାତରମ୍‌ର ନିର୍ମମ ଡାକ ଶୁଭିଲାଣି, ସିଦ୍ଧାନ୍ତ ନିଃସନ୍ଦେହରେ ଆଉ ବେଶୀ ଦୂର ହୋଇପାରିବ ନାହିଁ ।

*

ଅନେକ ଜିନିଷର ରକ୍ଷାକାରୀ ସାମର୍ଥ୍ୟ ରହିଛି ବୋଲି ଜଗତ୍ ଜାଣେ । କିନ୍ତୁ ତା' ବୋଲି ଗୋଟିଏ ଚମତ୍କାର ଉପମା ଯେ ଏକ ସମ୍ମିଳନୀକୁ ରକ୍ଷା କରିପାରିବ ଏକଥା ଆମକୁ ଆଗରୁ ଜଣା ନଥିଲା । କିନ୍ତୁ ଏବେ ନିକଟରେ ଅମ୍ବାଲାଠାରେ ଏକଥା ପ୍ରକୃତରେ ଘଟିଛି ବୋଲି ମନେ ହେଉଛି । ଯେତେବେଳେ ବିଧାନ ପରିଷଦର ପ୍ରସ୍ତାବକୁ ଆଲୋଚନା ପାଇଁ ଆଗତ କରାଗଲା, ହଠାତ୍ ସେତେବେଳେ ଦେଖାଗଲା କିଛି ନଗଣ୍ୟ ପରିସ୍ଥିତିରୁ ଅଶାନ୍ତି ଆରମ୍ଭ ହୋଇ ବଢ଼ିଚାଲିଲା । ସମସ୍ତେ ଏକମତ ହେଲେ ଯେ ''ପଞ୍ଜାବ ପରିଷଦ ବର୍ତ୍ତମାନ ପରିସ୍ଥିତିରେ ଯେମିତି ଗଠନ କରାଯାଇଛି ସେଥିରେ ସେମିତି କିଛି ଆବଶ୍ୟକୀୟ ଉଦ୍ଦେଶ୍ୟ ସାଧିତ ହୋଇପାରୁନି । ଅଖାଡୁଆ ଯୁକ୍ତି ସକାଶେ ତା'ର ମାର୍କାମରା ପକ୍ଷପାତିତ୍ୱକୁ ନେଇ ନୂଆ ଦଳ ଆହୁରି ଯୋଡ଼ିବାକୁ ଚାହିଁଲା, ''ଆଉ ଏହାକୁ ମଧ୍ୟ ରଦ୍ଦ କରି ଦିଆଯାଇପାରେ'' । ଏହାର ଯୁକ୍ତି ଭୟଙ୍କରଭାବେ ଶକ୍ତିଶାଳୀ ଥିଲା ଆଉ ସଂଶୋଧନକୁ ସମ୍ମିଳନୀ ଉପରେ ଚାପି ଦିଆଗଲା ଓ ତା' ଉପରେ ବିତର୍କ ମଧ୍ୟ ହେଲା । କିନ୍ତୁ ପରିସ୍ଥିତିଟିକୁ ଏଡ଼େଇ ଦିଆଗଲା ଅମ୍ବାଲାର ଖ୍ୟାତନାମା କବି ତଥା ରାଜନୀତିଜ୍ଞ ଲାଲା ମୁରଲୀଧରଙ୍କ ବିଚକ୍ଷଣ ରାଷ୍ଟ୍ରନୀତି ସମ୍ବଳିତ ଉପମା ଦ୍ୱାରା । ''ମଣିଷମାନେ ସତରେ କ'ଣ ଏମିତି ଏକ ଗଛକୁ କାଟି ପକାନ୍ତି କାରଣ ତା'ର ଫଳ ଆଦୌ ପାଚି ନାହିଁ, କିଂବା ପିତା ଲାଗେ କିଂବା କୀଟଦ୍ୱଷ୍ଟ ହୋଇଯାଏ ବୋଲି ? ଯେଉଁ ଘରେ ପାଣି ଗଳେ, ତାକୁ କ'ଣ ମାଟିରେ ମିଶେଇ ଦିଆଯାଏ ?'' ଏହାପରେ ସଂଶୋଧନଟିକୁ ନାସ୍ତିବାଚକ ସଂକେତ ମିଳିଲା ଓ ମହାସମାଧାନକୁ ବଳପୂର୍ବକ ଆଗେଇ ନିଆଗଲା । କାକୁଡ଼ି ଭିତରୁ ସୂର୍ଯ୍ୟ କିରଣ ସୃଷ୍ଟି କରିବା ଆଉ ତିକ୍ତ ବାଦାମ ଭିତରୁ ସୁମିଷ୍ଟ ମଧୁକୁ ଚିପୁଡ଼ି ବାହାର କରିପାରିବାର କଳାକୁ ତ ଲାଲା ମୁରଲୀଧର ସ୍ୱଷ୍ଟଭାବେ ଆବିଷ୍କାର କରିଛନ୍ତି !

*

ଅମ୍ବାଲାଠାରେ ଅନୁଷ୍ଠିତ ଗତ ପ୍ରାଦେଶିକ ବୈଠକରେ 'ନରମପନ୍ଥୀମାନେ' ଦେଶ ଭିତରେ କରି ଚାଲିଥିବା ବିରାଟ କାର୍ଯ୍ୟର ଏକ ଅତିରିକ୍ତ ପ୍ରମାଣ ଦେଖିବାକୁ ମିଳିଲା । ସରକାରଙ୍କୁ ଏଇଟା କରିବାକୁ ଏବଂ ସେଇଟା ରଦ୍ଦ କରିବାକୁ କହି ଏହା ଅନେକଗୁଡ଼ିଏ ପ୍ରସ୍ତାବ ପାସ୍ କରାଇ ନେଇଥିଲା । କିନ୍ତୁ ଯେତେବେଳେ ଜିଲ୍ଲାସ୍ତରୀୟ ସଂଘଗୁଡ଼ିକୁ ପ୍ରତିଷ୍ଠା କରିବା ଓ ସାହାଯ୍ୟ କରିବା ସକାଶେ ସମିତି କିଂବା ସଂଘମାନ ସ୍ଥାପିତ ହେବା ଉଚିତ ବୋଲି ପ୍ରସ୍ତାବ ଦିଆଗଲା, ସେତେବେଳେ ସମ୍ମିଳନୀ ଏହାକୁ ବିଚାରକୁ ନନେଇ ସେମିତି ଛାଡ଼ିଦେଲା, ଆଉ ଆମକୁ କୁହାଗଲା ଯେ ତାହା ସେମିତି ସ୍ୱର୍ଶ ନ ହୋଇ ରହିଛି ।

*

ବଙ୍ଗଳାରେ ବର୍ତ୍ତମାନର ଜଟିଳ ସମସ୍ୟାକୁ 'ଘରୋଇ କଳି ଆଉ ବ୍ୟକ୍ତିଗତ ବିଦ୍ୱେଷ' ବୋଲି ମିଃ : ଗୋଖଲେ ବ୍ୟାଖ୍ୟା କରିଛନ୍ତି । ବର୍କ (Burke) ଯେତେବେଳେ କହିଲେ ଯେ ବୁଲା ବିକାଳିଙ୍କ ଭଳି (Pedlar) ବୁଦ୍ଧି ଥିବା ଅନେକ ବଡ଼ ବଡ଼ ରାଷ୍ଟ୍ରନୀତିଜ୍ଞଙ୍କୁ ସେ ଜାଣିଛନ୍ତି, ସେ ଯଥାର୍ଥ କହିଥିଲେ । ତଥାପି ବର୍କଙ୍କୁ ଜଣା ନଥିଲା ଯେ ଆମେସବୁ ଆଧୁନିକ ଭାରତର ବୋଲି ।

*

ମିଃ : ଗୋଖଲେ କ'ଣ ଚରମପନ୍ଥୀଙ୍କ ଭିତରୁ ଜଣେ ? ସେ ବଙ୍ଗାଳୀମାନଙ୍କୁ ''ରାଷ୍ଟ୍ରନୀତିଜ୍ଞଙ୍କ ପରି ଆଉ ଯୁକ୍ତିଯୁକ୍ତ ଢଙ୍ଗରେ'' ଆନ୍ଦୋଳନ କରିବା ପାଇଁ ଉପଦେଶ ଦିଅନ୍ତି ଆଉ ଏ ଉକ୍ତିଟିର ବିଶଦ ବ୍ୟାଖ୍ୟା କରି ସେ କହନ୍ତି –

ଦକ୍ଷିଣ ଆଫ୍ରିକାର ଓଲନ୍ଦାଜ ଔପନିବେଶିକମାନେ ମାନବୋଚିତ ଭାବେ ଲଢ଼େଇ କରି ଆପଣାକୁ ଶାସନ କରିବା ସ୍ଥିତିଟି ହାସଲ କରିଛନ୍ତି । ଆୟର୍ଲାଣ୍ଡର ଅଧିବାସୀମାନେ ବର୍ଷକ ଭିତରେ କିଂବା ସେଇ ପାଖାପାଖି ସମୟ ଭିତରେ ସ୍ୱାୟତ୍ତ ଶାସନକୁ ଅକ୍ତିଆର କରିବେ । ଆମ ଦୃଷ୍ଟି ସମ୍ମୁଖରେ ସେମାନଙ୍କ ଦୃଷ୍ଟାନ୍ତଗୁଡ଼ିକୁ ଆମେ ସର୍ବଦା ରଖିବା ଉଚିତ । ସେ ଆହୁରି କହୁଛନ୍ତି ଯଦି ଆମେ ସେମାନଙ୍କ ଧାରାଗୁଡ଼ିକୁ ଅନୁକରଣ କରୁ – ଆଉ ସମ୍ଭବତଃ ଗୋଟିଏ ଲକ୍ଷ୍ୟ ନେଇ କାର୍ଯ୍ୟଟିକୁ ସମ୍ପନ୍ନ କରୁ, ତେବେ ପ୍ରତ୍ୟେକଟି ବିଷୟ ସହଜ ସୁଗମ ହୋଇଯିବ – କିନ୍ତୁ ଆମର ନୀତି ତ ସକଳ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟକୁ ନିଷେଧ କରେ ।

[ବନ୍ଦେ ମାତରଂ, ଅକ୍‌ଟୋବର ୧୦, ୧୯୦୬]

**ପ୍ରସଙ୍ଗ କ୍ରମେ**

ଏମର୍‌ସନ୍ ଆଉ ଆଦିମ ପାପ (Original Sin) ଏ ଦୁଇଟି ଅଦ୍ୟାବଧି ଏକାଠି ରହି ପାରି ନାହାନ୍ତି । କିନ୍ତୁ ଅଧକ୍ଷ

ହେରମ୍ବଚନ୍ଦ୍ର ମଇତ୍ର ଏଇ ଅସମ୍ଭବଟିକୁ ହାସଲ କରି ନେଇଛନ୍ତି । ବୁଧବାର ଦିନ ବମ୍ବେରେ ଏକ ଜନ ସମାଗମରେ ସେ ଗାମ୍ଭୀର୍ଯ୍ୟଭରା ଭଙ୍ଗୀରେ ଘୋଷଣା କରିଥିଲେ ଯେ ''ଏପରିକି ପିଲାମାନେ ନିଜେ ପାପରୁ ମୁକ୍ତ ନୁହନ୍ତି । ଆଉ ତା'ପରେ ରବିବାର ଦିନ 'ଏମରସନ୍'ଙ୍କ ଉପରେ ଭାଷଣ ଦେଇ କହିଲେ : ବିଚରା ଐକ୍ୟର ସାଧକ ପ୍ରବର !

*

କଲିକତାରେ 'ନୀରବତାର ମିନାର'ଟିଏ (Tower of Silence) –ପାର୍ସୀମାନଙ୍କ ପାଇଁ ପ୍ରତିଷ୍ଠିତ ହେବାକୁ ଯାଉଛି । ଯାହାହେଉ, ଏହା ଆମ ଦେଶପ୍ରେମୀମାନଙ୍କ ପାଇଁ ଅଧିକ ଆବଶ୍ୟକ ବୋଲି ପତ୍ରିକାର ମତ ଭଳି ଜଣାପଡୁଛି । ସେମାନେ ସ୍ପଷ୍ଟତଃ ସେଇ ଭୟଙ୍କର ସ୍ଥାନରେ ଲେଖାଲେଖି ପାଇଁ ଅନୁମତି ଦେଇଥା'ନ୍ତି ।

*

'ପାଓନିଅର୍'ର ନବାଗତଙ୍କ ପାଇଁ ଉଦ୍ଦିଷ୍ଟ ସ୍ତମ୍ଭଗୁଡ଼ିକରେ ଜଣେ ପ୍ରବୀଣ ବ୍ୟକ୍ତି ଏଦେଶର ଜନସାଧାରଣଙ୍କ ଭିତରେ ଆଚରଣର ସ୍ଖଳନ ହୋଇଛି ବୋଲି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ମାତ୍ର ଚାଳିଶ ବର୍ଷ ପୂର୍ବେ ଏମିତି ଏକ ସମୟ ଥିଲା ଜଣେ ୟୁରୋପୀୟକୁ ଖଣ୍ଡେ ଦୂରରୁ ଦେଖିଲେ ଭାରତୀୟ ବାଳକଗଣ ଚିତ୍କାର କରି ଉଠୁଥିଲେ, ''ଗୋରା ଆସୁଛି, ଗୋରା ଆସୁଛି'', ତା'ପରେ ଖସି ପଳାଉଥିଲେ । ସେଇ ଶ୍ରେଣୀର ବାଳକମାନେ ବର୍ତ୍ତମାନ ''ଜଣେ ୟୁରୋପୀୟକୁ ଦେଖି ନଦେଖିଲା ପରି ଦୁଇ ଅଧର ମଝିରେ ସିଗାରେଟକୁ ଚାପିଧରି ଯେତେବେଳେ ଚାଲି ଯାଉଛନ୍ତି ପୁଣି ଶାନ୍ତ ଭାବରେ ତା' ମୁହଁକୁ ନିର୍ନିମେଷ ନୟନରେ ଚାହିଁ ରହୁଛନ୍ତି'' ଆଉ ''ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ବାମ ହାତ ଟେକି ସଲାମ କରୁଛନ୍ତି'' – ସେଇ ଜଗତ୍ ଅବା ବ୍ରିଟିଶ୍ ସାମ୍ରାଜ୍ୟ ଯାହାର ଅର୍ଥ ସମାନ, ତା'ର ଅନ୍ତିମ ସମୟ ନିଶ୍ଚୟ ପାଖେଇ ଆସୁଛି ।

*

ବଙ୍ଗଳାର ରାଜନୀତିଜ୍ଞମାନେ ଯୁକ୍ତିସଂଗତ ପ୍ରଖର ବୁଦ୍ଧି ଆଉ ବିଚକ୍ଷଣତା ଯୋଗୁଁ ସେଇ ଜାତିର ପୁରାତନ ଯଶଃକୁ ଅକ୍ଷୁଣ୍ଣ ରଖିବା ପାଇଁ ସଂକଳ୍ପବଦ୍ଧ ଥିଲା ଭଳି ମନେହୁଏ । ବରିସାଲ୍ ବୈଠକରେ ସ୍ଥିର ହୋଇଥିଲା ସରକାରଙ୍କ ନିକଟକୁ କୌଣସି ପ୍ରାର୍ଥନା କିଂବା ଆବେଦନ ନପଠାଇବା ପାଇଁ; ଯେତେବେଳେ ବୈଠକକୁ ବଳପୂର୍ବକ ଛିନ୍ନଛତ୍ର କରିଦିଆଗଲା, ନେତାମାନେ ବଡ଼ଲାଟଙ୍କ ପାଖକୁ ଏଇ କାରଣରୁ ଏକ ଟେଲିଗ୍ରାମ ପଠାଇଲେ ଏଇ ଆକାରରେ ଯେ ଟେଲିଗ୍ରାମଟା ନିଶ୍ଚିତରୂପେ ଏକ ଆବେଦନ ନୁହେଁ । ସେମାନେ ଶପଥ ନେଇଛନ୍ତି କୌଣସି ପ୍ରକାର ପ୍ରାର୍ଥନା କିଂବା ସମ୍ବୋଧନ ଧରି ବିଭାଜିତ ପ୍ରଦେଶର ଉପରାଜ୍ୟପାଳଙ୍କ ନିକଟକୁ ଯିବେ ନାହିଁ । କିନ୍ତୁ ଯେମିତି ହେଲେ ସେମାନଙ୍କ ''ମାନ୍ୟବରଙ୍କର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଧ୍ୟାନକୁ ଆକର୍ଷଣ କରିବେ ନାନା ପ୍ରସଙ୍ଗ ପ୍ରତି, ତାହା ସର୍ବସାଧାରଣଙ୍କୁ ନେଇ ହେଉ କିଂବା କୌଣସି ବ୍ୟକ୍ତି-ବିଶେଷଙ୍କୁ ନେଇ ହେଉ, ସେମାନଙ୍କ ସନ୍ତାନମାନଙ୍କ ପ୍ରତି ଜଣେ ଉପଜିଲ୍ଲାପାଳଙ୍କର ଉପହାର ସମ୍ପର୍କରେ ହେଉ । ନିଃସନ୍ଦେହରେ କାର୍ଯ୍ୟ-ପାଳିକାର ସେବା (Executive Service) ଭିତରେ ଏକ ଆରାମଦାୟକ ସ୍ଥାନଟିଏ ପାଇବା ଅର୍ଥ ବିଧାନ ପରିଷଦର ସଭ୍ୟ ପଦ ଲାଭ କରିବା ନୁହେଁ ।

*

ନିକଟରେ ଲଣ୍ଡନରେ ତ୍ୟାବ୍‌ଜୀ (Tyabji)ଙ୍କର ସ୍ମୃତି ସଭାରେ ମିଃ : ମନ୍ମଥ ଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ପ୍ରଦତ୍ତ ''ରାଜନୈତିକ ଭାଷଣ'' ଶୁଣି ଉଭୟ ଇଂଲଣ୍ଡ ଓ ଏଇ ଦେଶ ଭିତରେ ଥିବା ''ଭାରତର ପ୍ରକୃତ ବନ୍ଧୁମାନଙ୍କ'' ମଧ୍ୟରେ ଅନେକ ପରିମାଣରେ ବିରକ୍ତିଭାବ ପ୍ରକାଶ ପାଇଛି । ଏହାପରେ ଆମକୁ କୁହାଯିବ ଯେ କାଣ୍ଟରବରୀ(Canterbury)ସ୍ଥ ମହାମାନ୍ୟ ବିଶପ୍‌ଙ୍କ ସମ୍ମାନାର୍ଥେ ଏକ ସ୍ମୃତିରକ୍ଷା ଅନୁଷ୍ଠାନରେ ଧର୍ମ ଉପରେ ପ୍ରବଚନ ଦେବା ଅଥବା ବ୍ରିଟିଶ୍ ସଂଘ (British Association)ର ସଭାପତିଙ୍କ ସ୍ମୃତିସଭାରେ ବିଜ୍ଞାନ ଉପରେ ଭାଷଣ ଦେବା ଘୋର ପାପ ବୋଲି ବିବେଚିତ ହେବ । ଆମେ ଭାବୁଛୁ ନିକଟରେ ଲଣ୍ଡନଠାରେ ଅନୁଷ୍ଠିତ ତ୍ୟାବ୍‌ଜୀ ବୋଷଙ୍କ ସଭାରେ ବାବୁ ରମେଶ ଚନ୍ଦ୍ର ଦତ୍ତ ତେଣୁ ଇସଲାମ ଧର୍ମର ମହିମା ସମ୍ପର୍କରେ ଆଉ ସାର୍ ହେନେରି କଟନ୍ ବ୍ରାହ୍ମଧର୍ମ-ତତ୍ତ୍ୱର ମୁକ୍ତିଦାୟିନୀ କୃପା ଉପରେ ନିଶ୍ଚୟ ପ୍ରବଚନ ଦେଇଥିବେ । ସେମାନଙ୍କ ଭାଷଣଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ପାଇବା ପାଇଁ ବ୍ୟଗ୍ରତାର ସହିତ ଆମେମାନେ ପ୍ରତୀକ୍ଷା କରି ରହିଛୁ ।

[ବନ୍ଦେ ମାତରଂ, ଅକ୍ଟୋବର ୧୧, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ସତ୍ୟରେ ଲାଗି ରହିବା

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଦିବ୍ୟଜୀବନ ସତ୍ୟର ଜୀବନ, ଯେଉଁ ଜୀବନ ସତ୍ୟ ଉପରେ ପ୍ରତିଷ୍ଠିତ, ତାହା ସତ୍ୟହିଁ – ସ୍ୱଭାବରେ ଓ ସ୍ୱରୂପରେ; ସେ ସତ୍ୟ ବିଶୁଦ୍ଧ, ଅମିଶ୍ର, ଅବ୍ୟଭିଚାରୀ । କିନ୍ତୁ ପ୍ରଶ୍ନ ଉଠିପାରେ – ବସ୍ତୁତଃ ଆମ ଜୀବନ ଅଜ୍ଞାନ, ଅର୍ଦ୍ଧଜ୍ଞାନ ତଥା ଅର୍ଦ୍ଧ-ଚେତନା ମଧ୍ୟରେ ବ୍ୟବସ୍ଥିତ, କହିବାକୁ ଗଲେ : ଗୋଟିଏ ପ୍ରାୟ ସଂପୂର୍ଣ୍ଣ ମିଥ୍ୟାମୟ ଜଗତରେ । ତା'ହେଲେ, ଆମକୁ ତ ମିଥ୍ୟା ସହିତ ସାଲିସ କରି, ଅବ୍ୟର୍ଥ ଭାବେ ମିଥ୍ୟାକୁ ସ୍ୱୀକାର କରି ଚାଲିବାକୁ ହେବ, ଅନ୍ତତଃ ସାମୟିକଭାବେ – ଯା' ଫଳରେ ଆମେ ଏ ଜଗତରେ ସଫଳକାମ ହୋଇପାରୁ । ଆମେ ଏକ ଆବେଷ୍ଟନ ମଧ୍ୟରେ ରହିଛୁ, ଗୋଟିଏ ଚଳିତ ଅବସ୍ଥା-ବ୍ୟବସ୍ଥାର ଭିତରେ ବାସ କରୁଛୁ, ଆମର ଜୀବନଯାପନ ସେଇ ପରିଧି ଭିତରେ ଆବଦ୍ଧ । ଆମେ ଯଦି ସେଇସବୁର ସାକ୍ଷାତ୍ ସମ୍ମୁଖୀନ ହୋଇ ତା'ର ବିରୁଦ୍ଧାଚରଣ କରୁ, ସେ ବିରୋଧ କ'ଣ ତିଷ୍ଠିବ ? କାର୍ଯ୍ୟତଃ ସମ୍ଭବ ହେବ କି ? ବ୍ୟକ୍ତିଗତଭାବେ ଆମେ କ୍ଷୁଦ୍ର, କ୍ଷୁଦ୍ରାଦପି କ୍ଷୁଦ୍ର କଣିକା ମାତ୍ର; ସମଗ୍ରର ବିଶାଳ ଗୁରୁଭାର ଆମକୁ ଚୂର୍ଣ୍ଣ କରିଦେବ, ଆମ ପ୍ରତ୍ୟେକଙ୍କର ଅସ୍ତିତ୍ୱ ବୋଲି କିଛି ରହିବ ନାହିଁ । ଅଥଚ ଆମେ ଚାହୁଁ ସତ୍ୟ, ସତ୍ୟ ଆମର ଲକ୍ଷ୍ୟ – ଏକଥା ଠିକ୍; କିନ୍ତୁ ସେଦିଗରେ ଆମକୁ ଅଗ୍ରସର ହେବାକୁ ପଡ଼ିବ ସନ୍ତର୍ପଣରେ, ସାବଧାନରେ, ବୁଦ୍ଧିମାନ୍ ଭଳି । ମିଥ୍ୟା ଯଦି ଚତୁର ହୋଇଥାଏ, ତେବେ ଆମକୁ ଚତୁରତର, ସୁଚତୁର ହେବାକୁ ପଡ଼ିବ । ଜଗତରେ, ଜୀବନରେ ସାଫଲ୍ୟ ଅର୍ଜନ କରିବା ଯଦି ଆମର ଲକ୍ଷ୍ୟ ହୁଏ, ତା'ହେଲେ ବଳର ଯେପରି ପ୍ରୟୋଜନ, ଛଳ-କୌଶଳର ବି ସେପରି କାମ ରହିଛି । ତୁମକୁ ଶତ୍ରୁର କିଛି କଥା ମାନିନେବାକୁ ହେବ, ସେ ମଧ୍ୟ ତୁମର କିଛି କଥା ରଖିବ । ଏଇ ଲୋକରେ ସତ୍ୟ ମିଥ୍ୟାର ଏଇ ବ୍ୟାମିଶ୍ର କ୍ଷେତ୍ରରେ ସଫଳତା ଆସିପାରେ କେବଳ ଆଦାନ-ପ୍ରଦାନର ଭିତର ଦେଇ । ଏକାନ୍ତ ସତ୍ୟବାଦିତ୍ୱ ଓ ସାଧୁତ୍ୱ ବାସ୍ତବିକ କ୍ଷେତ୍ରରେ କାମକରିପାରେ ନାହିଁ । ସେଇକାରଣରୁ ପ୍ରାଚୀନ ଜ୍ଞାନିଗଣ ସେମାନଙ୍କ ସତ୍ୟକୁ ଅନାବିଳ ଅକ୍ଷୁଣ୍ଣ ରଖିବା ସକାଶେ ବାସ୍ତବଜଗତକୁ ପରିତ୍ୟାଗ କରୁଥିଲେ, ଆଶ୍ରୟ ନେଉଥିଲେ ଅରଣ୍ୟରେ, ପର୍ବତ ଗୁହାରେ – ନିଭୃତ ଆଶ୍ରୟରେ ।

ସାବଧାନ ! ଜାଣିଛ ତ ଏଇ ଯାହା ଉପରେ କୁହାଗଲା – ତାହା ଥିଲା ଶତ୍ରୁର କଣ୍ଠସ୍ୱର ଯାହା ତୁମକୁ ଭୁଲାଇ ନେବାକୁ ଚାହେଁ, ତୁମ ମନକୁ ମୋହାଚ୍ଛନ୍ନ କରିବାକୁ ଚାହେଁ । ତୁମର ପଥ ସମ୍ମୁଖଦିଗରେ ପ୍ରଲମ୍ବିତ । ଲମ୍ବିଯାଇଛି ରଜ୍ଜୁ ଶୀର୍ଣ୍ଣ ରେଖା – ଯାହା ପ୍ରସାରିତ ନୁହେଁ, ମସୃଣ ନୁହେଁ, ଫୁଲଶଯ୍ୟାରେ ଶୋଭିତ କୋମଳ ନୁହେଁ, ସତ୍ୟକୁ ଆବିଷ୍କାର କରିବାକୁ ହେଲେ ସତ୍ୟର ଜୀବନ-ଯାପନ କରିବାକୁ ହେଲେ ସର୍ବପ୍ରଥମେ ସତ୍ୟକୁ ତା'ର ପୂର୍ଣ୍ଣ ବିଶୁଦ୍ଧ ସତ୍ତାରେ ଧରିବାକୁ ହେବ । ଜୀବନର ପ୍ରତିପଦରେ ସେଥିରେହିଁ ଲାଗି ରହିବାକୁ ହେବ । ଆରମ୍ଭ ଯେପରି ପରିଣାମ ବି ସେପରି ହେବା ଉଚିତ । ଆମର ନିଷ୍ଠା, ଆମର ଶ୍ରଦ୍ଧା ହେବ ଅବିମିଶ୍ର, ଆମର ଆନ୍ତରିକତା ହେବ ନିଷ୍କଳଙ୍କ । ସତ୍ୟହିଁ ନେଇଯାଇପାରେ ସତ୍ୟର ସନ୍ନିକଟକୁ । ମିଥ୍ୟାସହ କୌଣସି ସନ୍ଧି ବା ଆପସଦାରୀ ଥିଲେ, ତାହା ନେଇଯିବ ଆହୁରି ମିଥ୍ୟା ଦିଗରେ; ତତୋ ଭୂୟ ଇବ ଅନ୍ଧଂ ତମଃ ।

ତୁମର ଛଳ ଓ ତୁମର ଚାତୁରୀ ତୁମର କାମ୍ୟର ସଫଳତା ନେଇଆସିପାରେ କିଂବା ଆଣି ନପାରେ ମଧ୍ୟ । ପରନ୍ତୁ ତୁମ ଅନ୍ତରାତ୍ମା ଉପରେ ତାହା କାଳିମାର ପ୍ରଲେପ ମାଖି ଦେବ, ସେଥିରେ ସନ୍ଦେହ ନାହିଁ । ଆଉ, ତୁମକୁ ପଛଆଡ଼କୁ ପାଦେ ନିଶ୍ଚୟ ଠେଲି ନେଇଯିବ, ପକାଇଦେବ ଅଚେତନା ଓ ଅଜ୍ଞାନ ମଧ୍ୟରେ । ଏବଂ ତୁମେ ଯଦି ଠିକ୍ ସେଇପରି ଭାବେ ସଫଳତା ପାଇବା ଲୋଭରେ ଆଗେଇ ଚାଲିବ, ହୁଏତ ତୁମକୁ ଶ୍ରେଷ୍ଠ ସାଫଲ୍ୟର ଚୂଡ଼ାକୁ ଉଠାଇଦେବ, କିନ୍ତୁ ତୁମ ଅନ୍ତରାତ୍ମାକୁ ତୁମେ ଆଉ ଖୋଜିପାଇବ ନାହିଁ । ସମ୍ଭବତଃ ସେଇ ଅନ୍ତରାତ୍ମା ଅନ୍ଧକାରର କେଉଁ କୋଣରେ ଗୋଡ଼ଖସି ପଡ଼ିଯାଇଛି, ଖାଲି ତା'ର ଦୀର୍ଘଶ୍ୱାସ ସୁଦୂରରୁ ଅସ୍ପଷ୍ଟ ଶୁଣାଯାଉଛି ମାତ୍ର । ଏପରି ଘଟିଥିବା ସମ୍ଭବ ।

ମା' କହିନାହାନ୍ତି କି – ବିନ୍ଦୁଏ ମାତ୍ର ଅସତ୍ୟକୁ ଯଦି ମୁଣ୍ଡଟେକିବାକୁ ଦିଅ – ତୁମ କଥାବାର୍ତ୍ତାରେ ହେଉ ଅବା କାମରେ ହେଉ, ତେବେ ତୁମେ ପରମ ସତ୍ୟକୁ ପ୍ରକାଶ କରିବ କିପରି ? ଶ୍ରୀଅରବିନ୍ଦଙ୍କ କଥା ଏ ପ୍ରସଙ୍ଗରେ ମନେ ରଖିବ : ''କଳ୍ପନା ବି କରିବ ନାହିଁ ଯେ ସତ୍ୟ ଓ ମିଥ୍ୟା, ଆଲୋକ ଓ

ଅନ୍ଧକାର, ସମର୍ପଣ ଓ ସ୍ୱାର୍ଥପରତା ଏକତ୍ର, ଏକସଙ୍ଗେ ବସବାସ କରିବାର ଅନୁମତି ପାଇବେ ଭଗବାନଙ୍କୁ ନିବେଦିତ ଏକହିଁ ଆବାସ ମଧ୍ୟରେ । ରୂପାନ୍ତର ହେବ ଅଖଣ୍ଡ, ସେଇହେତୁରୁ ଯାହା କିଛି ତା'ର ପ୍ରତିରୋଧୀ, ସେସବୁର ପ୍ରତ୍ୟାଖ୍ୟାନ ବି ହେବ ଅଖଣ୍ଡ ।'' ତୁମେ କେବେ ବି ମିଥ୍ୟାର ଉପସ୍ଥିତିକୁ ବାଟକଟାଇ ଯାଇପାରିବ ନାହିଁ, ଅନୁନୟ ବିନୟରେ ତା'ର ମନ ଭୁଲାଇ ପାରିବ ନାହିଁ । ମନ୍ତ୍ରପାଠକରି ତାକୁ ମୋହିତ କରିପାରିବ ନାହିଁ । ତୁମକୁ ମିଥ୍ୟାର ମୁହାଁମୁହିଁ ଠିଆ ହେବାକୁ ପଡ଼ିବ, ନିର୍ନିମେଷ ଦୃଷ୍ଟିରେ ତାକୁ ଚାହିଁବାକୁ ହେବ, ଏହା ତୁମେ କରିବ ନିରନ୍ତର ସତ୍ୟର ଅମ୍ଳାନ ଶିଖାଟିକୁ ଜଳାଇ ରଖି ।

ଯଦି ତୁମେ କୁହ ତୁମେ ଏକ କ୍ଷୁଦ୍ରଜୀବ ମାତ୍ର; କ୍ଷୁଦ୍ରତର ତୁମର ଆଲୋକ; ତୁମର ଚେତନାରେ ନାହିଁ ମହାବୀରଙ୍କ ଆୟତନ; ତୁମର ଆଲୋକ ବୁଡ଼ିଯିବ, ଲିଭିଯିବ, ହଜିଯିବ ଚତୁର୍ଦିଗର ବିରାଟ ସର୍ବଗ୍ରାସୀ ଅନ୍ଧକାର ଭିତରେ; ତଥାପି ଯେତେ କ୍ଷୁଦ୍ର ତୁମେ ହୁଅ, ଯେତେ ଅଳ୍ପ ହେଉ ତୁମର ସାମର୍ଥ୍ୟ ତୁମ ପକ୍ଷରେ ଯେତେଦୂର ସମ୍ଭବ, ଯଥାସାଧ୍ୟ ତାହାହିଁ କରିଯିବ । ସେଇ କ୍ଷୁଦ୍ର, କ୍ଷୀଣ ଆଲୋକ ଶିଖାଟିକୁ ମଳିନ ହେବାକୁ ଦିଅ ନାହିଁ – କୌଣସି ବିରୋଧୀ ଶକ୍ତିର, କୌଣସି ଅନୁଚିତ ବୃତ୍ତିର ସ୍ପର୍ଶରେ ଆପାତ କ୍ଷୁଦ୍ର ସେଇ ଶିଖାଟିକୁ ଅବିକମ୍ପ, ବିମଳ ଜ୍ୟୋତିଃସ୍ୱରୂପ ଟେକି ରଖିବ, ନିଶ୍ଚିହ୍ନ ହେବାକୁ ଦେବ ନାହିଁ । କାରଣ ତୁମ ଅନ୍ତରରେ ଯାହା ରହିଛି, ତାହା ଚିରଦିନ ସ୍ୱୟଂ ଭଗବାନଙ୍କର । ଏଇ ଦେହ, ଏଇ ଅସ୍ଥି-ମାଂସ ଚିରଦିନ ଯଦି ରହିନପାରେ ମଧ୍ୟ, ତଥାପି ସେଇ ପୁଣ୍ୟ-ଜ୍ୟୋତିଃ ରହିଯିବ । ବାହାରର ଆଧାରକୁ ହୁଏତ ନତିସ୍ୱୀକାର କରିବାକୁ ପଡ଼ିବ । ଆପଣାକୁ ମିଶାଇ ଦେବାକୁ ପଡ଼ିବ ବାହାର-ଆବେଷ୍ଟନ ମଧ୍ୟରେ – କାହିଁକିନା, ତାହା ଏବେଯାଏଁ ତିଆରି ହୋଇ ନାହିଁ – ଅନ୍ତରର ଚେତନା ତିଆରି ହୋଇ ନାହିଁ, ସେଥିପାଇଁ ନୁହେଁ । ଫଳତଃ ଶେଷଯାତ୍ରା ସମୟରେ ଏଇ ଶରୀର ମୁକ୍ତ କରି ଦେଇଯାଏ ଅନ୍ତରର ଉକ୍ତ ଜ୍ୟୋତିଃଶିଖାକୁ ପାର୍ଥିବ ଆକାଶର କ୍ରମବର୍ଦ୍ଧମାନ ଆଲୋକ ମଧ୍ୟରେ । ଖ୍ରୀଷ୍ଟୀୟ ଆତ୍ମବଳିର ଏହାହିଁ ମୂଳତତ୍ତ୍ୱ । ସହିଦର ରକ୍ତ ଦେଇ ଗିର୍ଜାଘର ଗଢ଼ାହୋଇଛି । ଏକ ସମୟ ଥିଲା, ଯେତେବେଳେ ମନୁଷ୍ୟ ଯଥେଷ୍ଟ ଉର୍ଦ୍ଧ୍ୱକୁ ଉଠିଯାଇପାରି ନାହିଁ ତା'ର ଚେତନାର ଯାତ୍ରାରେ, ସେତେବେଳେ ଭକ୍ତର ଆତ୍ମାହୁତି ଦରକାର ଥିଲା – ଏହାହିଁ ଆତ୍ମାହୁତିର ସତ୍ୟ । ସେକାଳରେ ପୃଥିବୀ ବାୟୁମଣ୍ଡଳ ଆହୁରି ଘନ-ଅସ୍ୱଚ୍ଛତାରେ ଭରା ଥିଲା, ଆହୁରି ତମସାଚ୍ଛନ୍ନ ଥିଲା ବର୍ତ୍ତମାନ ଠାରୁ ବି । ସେ ଯୁଗରେ କେବଳ ଅତୁଟ, ଅବିଚଳ ଜୀବନ୍ତ ବିଶ୍ୱାସର ଆବଶ୍ୟକତା ଓ ଅମଳିନ ଜ୍ୟୋତିଃ, ନିର୍ବାତ-ନିଷ୍କମ୍ପ ବହ୍ନିଶିଖା ଓ ଅନ୍ତରର ଏପରି ଚେତନା ଦରକାର ଥିଲା ଯାହା ସୀମାୟିତ ହେଲେ ବି ଅପରିସୀମ ବାଧାର ବିରୋଧରେ ଠିଆ ହେବାର ସାହସ ରଖୁଥିଲା । ଏହା ଥିଲା ଗୋଟାଏ ପଥ, ଆତ୍ମବଳିର ପଥ – ଶତ୍ରୁ ସହ ଯୁଦ୍ଧରେ ଯାହା ଦରକାର । ସେଥିପାଇଁ କୁହାଯାଏ ଭାଗବତ ନର ବା ଅବତାର ପୁରୁଷଙ୍କୁ ଆତ୍ମାହୁତି ଦେବାକୁ ପଡ଼ିଥିଲା ସେଯୁଗରେ ।

ଆଜିକାର ପରିସ୍ଥିତିରେ ଆମେ ଆଉ ଗୋଟିଏ ଯୁଗକୁ ଆସିଯାଇଛୁ, ଭିନ୍ନ ଅବସ୍ଥା ମଧ୍ୟକୁ । ଅନ୍ତତଃ ଆମର ଲକ୍ଷ୍ୟ ପୃଥକ୍ । ଉନ୍ନତ ଶିର, ଋଜୁ ମେରୁଦଣ୍ଡ ତଥା ଶକ୍ତ କଳେବର ନେଇ ଆମେ ଦଣ୍ଡାୟମାନ ସମସ୍ତ ପ୍ରଲୋଭନ ବିରୋଧରେ, ସବୁପ୍ରକାର କଳାକୌଶଳକୁ ଅବଜ୍ଞା କରି, ପୁଣି ଅଟଳ ବିଶ୍ୱାସ ତଥା ନିଶ୍ଚିତ ପ୍ରତ୍ୟୟ ନେଇ ଯେ ଆମର ଅବଶ୍ୟ ବିଜୟ ହେବ । ଆମେ କେବେ ବି ପରାହତ ହେବୁ ନାହିଁ, ଆମର ବିରୋଧିଶକ୍ତିମାନଙ୍କୁ ପଛକୁ ହଟାଇ ହଟାଇ ଛାଡ଼ିଆସିବୁ ପଶ୍ଚାତରେ – ଯେତେଦିନ ଯାଏ ସେମାନେ ବିଲୁପ୍ତ ନ ହୋଇଛନ୍ତି, ଏହା ଆମକୁ କରିଯିବାକୁ ହେବ । ଏ ଯୁଗ ଆମ ପାଇଁ ବିଜୟ ଆଣିବ ।

ଏପରି ଘଟୁଛି ଦୁଇଟି ଜିନିଷକୁ ନେଇ, ତାହାର କାରଣ ହେଉଛି ପୃଥିବୀର ଇତିହାସରେ ବିପୁଳ ବୈପ୍ଳବିକ ଘଟଣା ଘଟିଯାଇଛି, ସେ ଘଟଣା-ଦୁଇଟି ଅଦୃଶ୍ୟ ଅବଶ୍ୟ, ତେବେ, ପ୍ରକୃତିର ବିବର୍ତ୍ତନଧାରାରେ ପୃଥିବୀରେ ମାନବଜାତିର ନିୟତିକୁ ସେ ଦୁଇଟି ପରିବର୍ତ୍ତିତ କରିଦେଇଛି । ସେଥିମଧ୍ୟରୁ ପ୍ରଥମଟି : ମାନୁଷୀ-ଚେତନା, ତାହା ମୂଳ ପ୍ରକୃତିରେ ଓ ସ୍ୱଭାବରେ ତଥା ସ୍ୱଧର୍ମରେ ଉଠିଯାଇଛି ଚେତନାର ଏକ ନୂତନ ପର୍ଯ୍ୟାୟକୁ – ବାହ୍ୟତଃ ସର୍ବସାଧାରଣ ଭାବରେ ନୁହେଁ କିଂବା ସର୍ବତ୍ର ବ୍ୟକ୍ତିଗତଭାବରେ ବି ନୁହେଁ, ତା' ସତ୍ତ୍ୱେ ବି ଆନ୍ତର-ଚେତନାରେ ମନୁଷ୍ୟ ସେଇଟିକୁ ସ୍ୱୀକୃତି ଦେଇଛି, ଉଚ୍ଚତର-ବୃହତ୍ତର ସ୍ଥିତିର ଏକ ସ୍ପର୍ଶ ସେ ଲାଭ କରିଛି । ମାନବପ୍ରକୃତି ପରିହାର କରିଛି କିଛି ପରିମାଣରେ ତା'ର ପୁରାତନ ଯୁଗସୁଲଭ ରୂଢ଼ତା, ସଂସ୍କାରାଚ୍ଛନ୍ନତା, ପରସ୍ପର ମଧ୍ୟରେ ବିଚ୍ଛିନ୍ନତାର ଭାବ; ଅନ୍ତତଃ ପ୍ରୟାସରତ ଏସବୁଠାରୁ ଦୂରେଇ ଯିବାକୁ । ମାନୁଷ ସ୍ୱଭାବ ହୋଇଛି ମାର୍ଜିତ, ଶାଣିତ, ତୀକ୍ଷ୍ଣ, ସେ ଲାଭ କରିଛି

ଏତେ ପ୍ରସାରତା ଯେ ବିଶ୍ୱ-ରଶ୍ମିର ନିଭୃତ ଆଲୋକ, ଉତ୍ତର ଜ୍ୟୋତିଃର ଆଭାସ ତା'ର ଦୃଷ୍ଟି ମଧ୍ୟରେ ପ୍ରବେଶ କରୁଛି। ଯଦ୍ୟପି ସେ ଅନୁସରଣ କରିପାରୁ ନାହିଁ ଯେ ପୃଥିବୀ ଉପରେ ଜୀବନଧାରାର ଏକ ଜ୍ଞାନମୟ, ଜ୍ୟୋତିର୍ମୟ, ମଙ୍ଗଳମୟ ସମ୍ଭାବନା ଆସି ପହଞ୍ଚି ସାରିଛି, ତଥାପି ସେ ବୁଝିନେଇଛି, ସ୍ୱୀକାର କରି ନେଇଛି ଯେ ଏହା ଘଟିବା ଅବଶ୍ୟମ୍ଭାବୀ। କେବେ କେମିତି ଏଇ ଊର୍ଦ୍ଧ୍ୱସ୍ଥ ମଙ୍ଗଳମୟ ଲୋକର ସ୍ପର୍ଶ ସେ ପାଇଯାଏ ଓ ଅକସ୍ମାତ୍ ଅଭିଭୂତ ହୋଇପଡ଼େ। ଏଇ ଯେଉଁ ଅନୁଭୂତି, ଲୋକେ କହନ୍ତି ଏହା ପ୍ରକୃତିର ଅବଦାନ, କୋଟି-କୋଟି ବର୍ଷ ଧରି ସୃଷ୍ଟିର ଊର୍ଦ୍ଧ୍ୱାଶା ଆଲୋକ ଦିଗରେ ଯେଉଁଭଳି ଉଠିଚାଲିଛି, ଏଇଟି ତାହାରହିଁ ପ୍ରଥମ ପରିଚୟ।

ଦ୍ୱିତୀୟ ଘଟଣାଟି ହେଉଛି ଆହୁରି ଦୃଶ୍ୟାତୀତ, ଆହୁରି ଅଗୋଚର, ଅଥଚ ତାହାର ଶକ୍ତି ଅପରିମେୟ, ଏପରିକି ପ୍ରଳୟଙ୍କର ବି। ସେଇଟି ହେଉଛି ଏକ ଊର୍ଦ୍ଧ୍ୱତମ ମହାଶକ୍ତିର ଅବତରଣ — ସେଇମହାଶକ୍ତିର ପ୍ରକାଶ ଏବଂ ସାକ୍ଷାତ୍ କ୍ରିୟା। ଯେଉଁମାନେ ଏ ବସ୍ତୁ ଦେଖିଛନ୍ତି, ହୃଦୟଙ୍ଗମ କରିଛନ୍ତି, ସେମାନଙ୍କର ପ୍ରଶ୍ନ ବୋଇଲେ କିଛି ନାହିଁ। ବହୁ ଅତୀତ ଯୁଗରେ ବୈଦିକ ଋଷି କହିଯାଇଛନ୍ତି : ''ଯିଏ ଚକ୍ଷୁହୀନ, ଅନ୍ଧ, ତା'ର ଜ୍ଞାନ ନାହିଁ; ଯିଏ ଚକ୍ଷୁଷ୍ମାନ୍ ସେଇ କେବଳ ଜ୍ଞାନଲାଭ କରିପାରେ, ସିଏ ଜାଣିପାରେ।''

ଆଜି ବିଶେଷଭାବରେ, ଅଧୁନା ଏଇ ଶୁଦ୍ଧ-ଚେତନାର ସ୍ୱଳ୍ପମାତ୍ରହିଁ ତୁମକୁ ବିଜୟର ନିକଟକୁ ନେଇ ଯାଇପାରିବ, ତୁମକୁ ମହତୀ ବିନଷ୍ଟିରୁ ରକ୍ଷା କରିପାରିବ। କେବଳ ସେତିକି ମାତ୍ର ନୁହେଁ ଚତୁଃପାର୍ଶ୍ୱରେ, ସାରା ଆକାଶ ଭର୍ତ୍ତି ବିପୁଳ ତମିସ୍ରାର ଭିତରେ ଅନ୍ତର-ଆକାଶର ଏକ କୋଣରେ ଏକ ସ୍ଥାନ ଆଜି ଜ୍ୟୋତିର୍ମୟ, ଦ୍ୱିଗୁଣ ଜ୍ୟୋତିର୍ମୟ, ଦ୍ୱିଗୁଣ ଶକ୍ତିମୟ ଏବଂ ସେଇ କୋଣଟି ଆହୁରି ବିଭାସିତ, ଦ୍ୱିଗୁଣତର ଜ୍ୟୋତିଃ-ଭାସ୍ୱର ହୋଇ ଚାଲିଛି।

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ମୂଳ ବଙ୍ଗଳା
'କାଲେର ଆହ୍ୱାନ୍' ପୁସ୍ତକରୁ ଗୃହୀତ ଓ ଅନୂଦିତ।)

ଅନୁବାଦ : କୃଷ୍ଣାଦେବୀ ❖

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ଆନ୍ତର ଦିବ୍ୟସତ୍ୟ ସଙ୍ଗେ ଏକତ୍ୱ ଉପଲବ୍ଧି କରେ ?*

**ଶ୍ରୀମା :** ଏହା ଦିବ୍ୟସତ୍ୟର ଚାରିପଟେ ନିଜକୁ ସଂଗଠନ କରେ ଏବଂ ତାହା ସହିତ ସଂଯୋଗ ସ୍ଥାପନ କରି ତହିଁରେ ପ୍ରବେଶ କରେ। ଚୈତ୍ୟସତ୍ତା ଚାଳିତ ହୁଏ ଦିବ୍ୟସତ୍ୟ ଦ୍ୱାରା। ଦିବ୍ୟସତ୍ୟ ଚିରନ୍ତନ ଭାବରେ ସ୍ୱୟଂପ୍ରତିଷ୍ଠ ଏବଂ କାଳ ଓ ସ୍ଥାନର କୌଣସି କିଛି ଉପରେ ଏହା ନିର୍ଭରଶୀଳ ନୁହେଁ। କିନ୍ତୁ ଚୈତ୍ୟସତ୍ତା ବୃଦ୍ଧିପାଏ, ଆକାର ଗ୍ରହଣ କରେ, ବିକାଶ ଲାଭ କରେ, ଅଧିକରୁ ଅଧିକ ନିଜକୁ ବ୍ୟକ୍ତିଭାବାପନ୍ନ କରି ଗଢ଼ି ତୋଳେ। ଏହି ଭାବରେ ତାହା ସେହି ଦିବ୍ୟସତ୍ୟକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ପାଇଁ ଅଧିକରୁ ଅଧିକ ସକ୍ଷମ ହୁଏ, ସେହି ଶାଶ୍ୱତ ଦିବ୍ୟସତ୍ୟକୁ ଯାହା ଏକ, ଅଦ୍ୱୟ ଓ ଚିରସ୍ଥାୟୀ। ଚୈତ୍ୟସତ୍ତା ହେଉଛି ଏକ କ୍ରମବିକାଶଶୀଳ ସତ୍ତା, ଯାହାର ଅର୍ଥ ହେଲା ଚୈତ୍ୟସତ୍ତା ଓ ଦିବ୍ୟସତ୍ୟ ମଧ୍ୟରେ ସମ୍ବନ୍ଧ ଯାହା ଏକ କ୍ରମବିକାଶଶୀଳ ସମ୍ବନ୍ଧ। ସେହି ଏକ ସମୟରେ ଆନ୍ତର ଦିବ୍ୟସତ୍ୟ ସଂପର୍କରେ ସଚେତନ ହୋଇ କେହି ନିଜ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇପାରିବ ନାହିଁ। ଯେଉଁମାନଙ୍କର ଏହି ଅନୁଭୂତି ହୋଇଛି — ଏକ ମାନସିକ ଅନୁଭୂତି ନୁହେଁ, ଚୈତ୍ୟସତ୍ତା ସହ ସଂଯୋଗ ସ୍ଥାପନର ଏକ ପୂର୍ଣ୍ଣାଙ୍ଗ ଅନୁଭୂତି ହୋଇଛି, ତାହା ସଂପର୍କରେ ନିଜେ ଗଠନ କରିଥିବା ଏକ ଧାରଣା ସହ ସଂଯୋଗ ସ୍ଥାପନ ନୁହେଁ, କିନ୍ତୁ ଏକ ଯଥାର୍ଥ ସୁନିର୍ଦ୍ଦିଷ୍ଟ ସଂଯୋଗ ହୋଇଛି, ସେମାନେ ସମସ୍ତେ ସେହି ଗୋଟିଏ କଥା କହିଛନ୍ତି ଯେ ଯେଉଁ ମୁହୂର୍ତ୍ତରେ ଏହି ସଂଯୋଗ ସ୍ଥାପନ ହୁଏ, ସେହି ମୁହୂର୍ତ୍ତରୁ ଜଣେ ନିଜର ଅନ୍ତରସ୍ଥ ଶାଶ୍ୱତ ଦିବ୍ୟସତ୍ୟ ସଂପର୍କରେ ପୂର୍ଣ୍ଣ ଭାବରେ ସଚେତ ହୁଏ ଏବଂ ଦେଖିପାରେ ଯେ ଏହାହିଁ ହେଉଛି ଜୀବନର ଉଦ୍ଦେଶ୍ୟ ଓ ସଂସାରର ଦିଗ୍‌ନିର୍ଦ୍ଦେଶକ।

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଦ୍ୱାବିଂଶ ଅଧ୍ୟାୟ

# 'ଦସ୍ୟୁ'ମାନଙ୍କ ଉପରେ ବିଜୟ

## (୧)

**ଶ୍ରୀଅରବିନ୍ଦ**

ଆର୍ଯ୍ୟଦେବତା ଓ ଆର୍ଯ୍ୟଋଷି ଏ ଉଭୟଙ୍କ ବିରୋଧରେ 'ଦସ୍ୟୁ'ମାନେ ଦଣ୍ଡାୟମାନ । ବସ୍ତୁଗୁଡ଼ିକର ପରମସତ୍ୟ ମଧ୍ୟରେ ବିଦ୍ୟମାନା 'ଅଦିତି'ଙ୍କଠାରୁ ଦେବଗଣଙ୍କର ଜନ୍ମ ତଥା ନିମ୍ନସ୍ଥ ଅନ୍ଧକାର ମଧ୍ୟରେ ବିଦ୍ୟମାନା 'ଦିତି'ଙ୍କଠାରୁ ଦସ୍ୟୁ ବା ଦାନବଗଣଙ୍କର ଜନ୍ମ; ଏ ଦୁହେଁ ଯଥାକ୍ରମେ 'ଆଲୋକ'ର ଓ 'ରାତ୍ରି'ର ଅଧିପତିଗଣ ଏବଂ ସେମାନେ ପୃଥିବୀ, ସ୍ୱର୍ଗ-ଅନ୍ତର୍ବର୍ତ୍ତୀ (ମଧ୍ୟ) ଲୋକ ଏଇ ତ୍ରିବିଧ ଜଗତରେ ତଥା ଦେହ, ମନ ଓ ଏ ଉଭୟର ସଂଯୋଜକ ପ୍ରାଣବାୟୁର ଜଗତରେ ପରସ୍ପରର ମୁହାଁମୁହିଁ ହୋଇ ଦଣ୍ଡାୟମାନ । ଋ. ୧୦।୧୦୮ ସୂକ୍ତ ଅନୁଯାୟୀ ସରମା ପରମଲୋକରୁ, **ପରାକାତ୍**, ଅବତରଣ କରନ୍ତି; ତାଙ୍କୁ 'ରସା'ର ଜଳରାଶି ଅତିକ୍ରମ କରିବାକୁ ହୁଏ, ସେ ରାତ୍ରିର ସାକ୍ଷାତ୍ ଦର୍ଶନ ପାଆନ୍ତି ଓ କାଳେ ସେ ତାକୁ (ରାତ୍ରିକୁ) ପାର ହୋଇଯିବେ ଏହି ଭୟରେ ରାତ୍ରି ତାଙ୍କୁ ନିଜ ମଧ୍ୟରେ ସ୍ଥାନ ଦିଏ – **ଅତିଷ୍କଦୋ ଭିୟସା**; ସେ ଦସ୍ୟୁଗଣଙ୍କ ଆବାସରେ, **ଦସ୍ୟୋଃ ଓକୋ ନ... ସଦନମ୍**, ଉପଗତା ହୁଅନ୍ତି, ଏହାକୁ ସେମାନେ ବସ୍ତୁମାନଙ୍କ ସୀମାର ପରପାରରେ ଅବସ୍ଥିତ ମିଥ୍ୟାଲୋକ ବୋଲି ସ୍ୱୟଂ ବର୍ଣ୍ଣନା କରିଛନ୍ତି, **ରେକୁ ପଦମ୍ ଅଲକମ୍** (୧୦।୧୦୮।୭) । ପରମଲୋକ ମଧ୍ୟ ବସ୍ତୁସୀମା-ଅତିକ୍ରମ ଦ୍ୱାରା ଅଥବା ଊର୍ଦ୍ଧ୍ୱାରୋହଣ ଦ୍ୱାରା ଏହାକୁ ଲଙ୍ଘିଯାଏ; ଏହା ହେଉଛି **ରେକୁ ପଦମ୍**, କିନ୍ତୁ ଏହା **ଅଲକମ୍** ନୁହେଁ, **ସତ୍ୟମ୍**, ଅର୍ଥାତ୍ ମିଥ୍ୟାର ଲୋକ ନୁହେଁ, ବରଂ 'ସତ୍ୟ'ର ଲୋକ । ଏହି ଅଲକ-ଲୋକଟି ଜ୍ଞାନରହିତ ଅନ୍ଧକାର – **ତମଃ ଅବୟୁନଂ ତତନ୍ୱତ୍**; ଯେତେବେଳେ 'ଇନ୍ଦ୍ର'ଙ୍କ ବିଶାଳତା ଦ୍ୟୌ ପୃଥିବୀ ଓ ଅନ୍ତରୀକ୍ଷକୁ ଅତିକ୍ରମ କରେ (**ରିରିଚେ**) ସେତେବେଳେ ସେ ଆର୍ଯ୍ୟଗଣଙ୍କ ନିମନ୍ତେ ଜ୍ଞାନ ଓ ସତ୍ୟର ଏକ ବିପରୀତ ଲୋକ, **ବୟୁନବତ୍**, ସୃଷ୍ଟି କରନ୍ତି, ଏହା ଏହି ତ୍ରିଲୋକକୁ ଅତିକ୍ରମ କରୁଥିବା ହେତୁ ଏହାକୁ **ରେକୁ ପଦମ୍** କୁହାଯାଏ । ବସ୍ତୁଗୁଡ଼ିକର ଆକୃତି ବିଶିଷ୍ଟ ଜୀବନ ମଧ୍ୟରେ ଅବସ୍ଥିତ ଏହି ଅନ୍ଧକାରକୁ, 'ରାତ୍ରୀ'ର ଏହି ନିମ୍ନ ଜଗତ୍ ଏବଂ ଅଚେତନାକୁ ସେହି ପର୍ବତର ରୂପକ ଦ୍ୱାରା ପ୍ରତୀକାତ୍ମକ କରାଯାଇଛି ଯାହା ଧରିତ୍ରୀଗର୍ଭରୁ ଉଠି ସ୍ୱର୍ଗପୃଷ୍ଠ ଯାଏ ମୁଣ୍ଡ ଟେକିଛି । ଏହାକୁ ଗିରି-ଅଧୋଭାଗସ୍ଥ ଗୁପ୍ତ ଗୁହା ବା ଅନ୍ଧକାରର ଗୁମ୍ଫା ଭାବେ ରୂପାୟିତ କରାଯାଇଛି ।

ଗୁମ୍ଫା ହେଉଛି ପଣିଗଣଙ୍କର ଏକମାତ୍ର ଆବାସ, କିନ୍ତୁ ସେମାନଙ୍କ କର୍ମକ୍ଷେତ୍ର ହେଲା ପୃଥିବୀ, ସ୍ୱର୍ଗ ଓ ମଧ୍ୟଲୋକ । ସେମାନେ ନିଶ୍ଚେତନାର ସନ୍ତାନ କିନ୍ତୁ ସେମାନଙ୍କ କର୍ମରେ ସେମାନେ ଠିକ୍ ନିଶ୍ଚେତନ ନୁହନ୍ତି; ସେମାନଙ୍କର ଅଛି ଆପାତପ୍ରତୀୟମାନ ଜ୍ଞାନର ନାନା ରୂପ (**ମାୟାଃ**), କିନ୍ତୁ ସେଗୁଡ଼ିକ ଅଜ୍ଞାନର ରୂପମାନ, ସେମାନଙ୍କର ସତ୍ୟ ଡୁବି ହୋଇ ରହିଛି ନିଶ୍ଚେତନାର ଅନ୍ଧକାର ମଧ୍ୟରେ ଏବଂ ସେମାନଙ୍କ ଉପରିଭାଗ ବା ସମ୍ମୁଖ ଭାଗ ସତ୍ୟ ନୁହେଁ, ବରଂ ମିଥ୍ୟା । କାରଣ, ଆମେ ଏହି ଜଗତକୁ ଯେପରି ଦେଖୁଛୁ ଏହା ଅନ୍ଧକାରରେ ଗୂଢ଼ ହୋଇ ରହିଥିବା ଅନ୍ଧକାର ମଧ୍ୟରୁ ବ୍ୟକ୍ତ (**ତମଃ ଆସୀତ୍ ତମସା ଗୂଢ଼ମ୍**), ଏହା ସମସ୍ତ ବସ୍ତୁକୁ ଆବୃତ କରିଥିବା ଗଭୀର ତଥା ଅତଳ ବନ୍ୟା, ନିଶ୍ଚେତନ ମହାସାଗର, ଅସତ୍, **ଅପ୍ରକେତଂ ସଲିଲମ୍** (୧୦।୧୨୯।୩);[୧] ସେହି ଅସତ୍ ମଧ୍ୟରେ ଋଷିଗଣ ନିଜ ହୃଦୟସ୍ଥ କାମନା ତଥା ମନୋଗତ ଧୀ ଦ୍ୱାରା ତାଙ୍କୁ ଆବିଷ୍କାର କଲେ ଯିଏକି ଯଥାର୍ଥ ସତ୍‌କୁ ରୂପ ଦେଇଛନ୍ତି ।[୨] ବସ୍ତୁରାଜିଗତ ସତ୍ୟର ଏହି ଅନସ୍ତିତ୍ୱ, ଅସତ୍, ହେଉଛି ସେମାନଙ୍କ ପ୍ରଥମ ବିଭାବ ଯାହା ନିଶ୍ଚେତନା-ସମୁଦ୍ର

---

[୧] **ତମ ଆସୀତ୍ତମସା ଗୂଳ୍‌ହମଗ୍ରେଽପ୍ରକେତଂ ସଲିଲଂ ସର୍ବମା ଇଦମ୍ ।
ତୁଚ୍ଛ୍ୟେନାଭ୍ୱପିହିତଂ ଯଦାସୀତ୍ତପସସ୍ତନ୍ମହିନାଜାୟତୈକମ୍ ॥**

[୨] **ସତୋ ବନ୍ଧୁମସତି ନିରବିନ୍ଦନ୍ ହୃଦି ପ୍ରତୀଷ୍ୟା କବୟୋ ମନୀଷା ॥** (ଋ. ୧୦।୧୨୯।୪)

ଗର୍ଭରୁ ଉଦ୍ଭୂତ; ଏବଂ ଏହାର ମହାନ୍ଧକାର ହେଉଛି ବୈଦିକ 'ରାତ୍ରୀ', – **ରାତ୍ରିଂ ଜଗତୋ ନିବେଶନୀମ୍** (୧।୩୫।୧), ଯାହା ନିଜ ଅନ୍ଧକାରମୟ ବକ୍ଷ ମଧ୍ୟରେ ଜଗତକୁ ତଥା ଏହାର ସମସ୍ତ ଅପ୍ରକାଶିତ ସମ୍ଭାବନାକୁ ଚାପି ଧରିଛି । ଆମର ଏହି ତ୍ରିବିଧ ଜଗତ୍ ଉପରେ ରାତ୍ରିର ରାଜ୍ୟ ବିସ୍ତୃତ ହୋଇ ରହିଛି ଏବଂ ଏହାରି ମଧ୍ୟରୁ ସ୍ୱର୍ଗରେ ଅର୍ଥାତ୍ ମାନସିକ ସତ୍ତାରେ ଉତ୍ପନ୍ନା 'ଉଷା' ଅନ୍ଧକାର ମଧ୍ୟରେ ଆଚ୍ଛନ୍ନ ତଥା ରାହୁଗ୍ରସ୍ତ (eclipsed) ସୂର୍ଯ୍ୟଙ୍କୁ ଅନ୍ଧକାର ମଧ୍ୟରୁ ଉଦ୍ଧାର କରନ୍ତି ଓ ଅସତ୍ ଅର୍ଥାତ୍ 'ରାତ୍ରି' ମଧ୍ୟରେ ପରମ **ଦିବସର** ଦର୍ଶନ ସୃଷ୍ଟି କରନ୍ତି, **ଅସତି ପ୍ରକେତୁଃ** (୧।୧୨୪।୧୧) । ସୁତରାଂ ଏହି ତିନି ରାଜ୍ୟରେ ଏହାର ଅବିରତ ଉତ୍ଥାନ ପତନ ମଧ୍ୟରେ ଆଲୋକର ଅଧିପତିଗଣ ଓ ଅଜ୍ଞାନର ଅଧିପତିଗଣଙ୍କ ମଧ୍ୟରେ ସଂଗ୍ରାମ ଚାଲିଥାଏ ।

'ପଣି' ଶବ୍ଦର ଅର୍ଥ ବ୍ୟବସାୟୀ, ବଣିକ, ଏହା ପଣ୍-ଧାତୁରୁ (ଆଉ ମଧ୍ୟ 'ପନ୍'[୩]ରୁ, ଯଥା : ତାମିଲ 'ପନ୍', ଗ୍ରୀକ୍ ponos - ଶ୍ରମ) ଆସିଛି ଏବଂ ହୁଏତ ମନେ କରିପାରୁ ଯେ ପଣିମାନେ ହେଲେ ସେହି ଶକ୍ତି ଯେଉଁମାନେ କି ଜୀବନର ସେହିସବୁ ଅତି ସାଧାରଣ ଅନାଲୋକିତ ଇନ୍ଦ୍ରିୟକର୍ମ ଉପରେ କର୍ତ୍ତୃତ୍ୱ ଜାହିର କରନ୍ତି, ଯେଉଁମାନଙ୍କ ସଦ୍ୟ ମୂଳଟି ରହିଥାଏ ଅନ୍ଧକାରମୟ ଅବଚେତନ ଶାରୀର ସତ୍ତା ମଧ୍ୟରେ, ଦିବ୍ୟ ମାନସରେ ନୁହେଁ । ଏହି କର୍ମର ସ୍ଥାନରେ ମାନସିକ ଅସ୍ତିତ୍ୱର ମଧ୍ୟ ଦେଇ ଊର୍ଦ୍ଧ୍ୱରୁ ଆସୁଥିବା ମନ-ପ୍ରାଣର ଦୀପ୍ତ କର୍ମଧାରା ପ୍ରତିଷ୍ଠା କରିବା ହେଉଛି ମନୁଷ୍ୟର ସମଗ୍ର ଅଧ୍ୟବସାୟର ଉଦ୍ଦେଶ୍ୟ । ଏଣୁ ଯିଏ ଏହି ଭାବରେ ଆସ୍ପୃହା କରେ, ଶ୍ରମ କରେ, ଯୁଦ୍ଧ କରେ, ଯାତ୍ରା କରେ, ସତ୍ତା ରୂପକ ସାନୁ ଆରୋହଣ କରେ, ସିଏହିଁ 'ଆର୍ଯ୍ୟ' (ଆର୍ଯ୍ୟ, ଅର୍ଯ୍ୟ, ଅରି – ଏସବୁର ବିଭିନ୍ନ ଅର୍ଥ ହୋଇପାରେ ଯଥା : ଶ୍ରମ କରିବା, ଯୁଦ୍ଧ କରିବା, ଆରୋହଣ ବା ଉତ୍ତରଣ କରିବା, ଯାତ୍ରା କରିବା, ଯଜ୍ଞ ପ୍ରସ୍ତୁତ କରିବା ଇତ୍ୟାଦି) କାରଣ, ଆର୍ଯ୍ୟମାନଙ୍କ କର୍ମ ହେଉଛି ଯଜ୍ଞ, ଯାହାର ଅର୍ଥ ଏକାଧାରରେ ଏକ ସଂଗ୍ରାମ, ଉତ୍ତରଣ ଓ ଯାତ୍ରା, ଅନ୍ଧକାର-ଶକ୍ତିମାନଙ୍କ ବିରୋଧରେ ଏକ ସଂଗ୍ରାମ, ପୃଥିବୀ ଓ ସ୍ୱର୍ଗକୁ ଅତିକ୍ରମ କରି ପର୍ବତର ଶିଖର ସବୁର ଉପରେ ସ୍ଥିତ ଅର୍ଥାତ୍ 'ସ୍ୱର୍' ମଧ୍ୟକୁ ଏକ ଉତ୍ତରଣ, ନଦୀ ଓ ମହାସାଗରର ଅପର ପାର୍ଶ୍ୱରେ ସ୍ଥିତ ବସ୍ତୁମାନଙ୍କ ସୀମାତୀତ ଆନନ୍ତ୍ୟ ମଧ୍ୟକୁ ଏକ ଅଭିଯାତ୍ରା । ଆର୍ଯ୍ୟବର୍ଗର ରହିଛି କର୍ମସଙ୍କଳ୍ପ, ସେ କର୍ମସାଧକ (କାରୁ, କିରି ଇତ୍ୟାଦି), ତାଙ୍କ କର୍ମରେ ଯେଉଁ ଦେବଗଣ ନିଜ ଶକ୍ତି ବିନିଯୋଗ କରନ୍ତି ସେମାନେ **ସୁକ୍ରତୁ** ଅର୍ଥାତ୍ ଯଜ୍ଞ ନିମନ୍ତେ ଯେଉଁମାନେ ଶକ୍ତିରେ ପରିପୂର୍ଣ୍ଣ; ଦସ୍ୟୁ ବା ପଣି ହେଉଛି ଏ ଉଭୟର ବିପରୀତ, **ଅକ୍ରତୁ** । ଆର୍ଯ୍ୟବର୍ଗ ହେଉଛନ୍ତି ଯଜ୍ଞ ସାଧକ – **ଯଜମାନଃ, ଯଜ୍ୟୁଃ** । ଯେଉଁ ଦେବଗଣ ସେମାନଙ୍କ ଯଜ୍ଞ ଗ୍ରହଣ କରନ୍ତି, ଧାରଣ କରନ୍ତି, ସେମାନଙ୍କୁ ପ୍ରେରଣା ଦିଅନ୍ତି ସେମାନେ **ଯଜତ** ବା **ଯଜତ୍ର** – ଯଜ୍ଞର ଶକ୍ତିଗଣ; ଦସ୍ୟୁ ହେଉଛି ଏ ଉଭୟର ବିପରୀତ, ସେ **ଅୟଜ୍ୟୁ** । ଆର୍ଯ୍ୟବର୍ଗ ଯଜ୍ଞ ମଧ୍ୟରେ ଆବିଷ୍କାର କରନ୍ତି ଦିବ୍ୟବାକ୍, **ଗୀଃ, ମନ୍ତ୍ର, ବ୍ରହ୍ମ, ଉକ୍ଥ** ପ୍ରଭୃତି । ସେ ହୁଅନ୍ତି ବ୍ରହ୍ମା ବା ମନ୍ତ୍ରଗାୟକ; ଦେବଗଣ ମନ୍ତ୍ରବଚନରେ ଆନନ୍ଦ ଲାଭ କରନ୍ତି ଓ ସେଇ 'ଗୀ'କୁ ବହନ କରନ୍ତି – **ଗୀର୍ବାହସଃ, ଗୀର୍ବଣସଃ**, ଅନ୍ୟ ପକ୍ଷରେ ଦସ୍ୟୁଗଣ ହେଲେ ମନ୍ତ୍ରବାକ୍‌ର ବିଦ୍ୱେଷୀ ଓ ବିନାଶକ – **ବ୍ରହ୍ମଦ୍ୱିଷଃ**, ସେମାନେ ମନ୍ତ୍ରବାକ୍‌କୁ ବିକୃତ କରି ଦିଅନ୍ତି – **ମୃଧ୍ରବଚସଃ** । ଦିବ୍ୟଶ୍ୱାସ ଗ୍ରହଣ ପାଇଁ ସେମାନଙ୍କର ଶକ୍ତି ନ ଥାଏ ଏବଂ ଦିବ୍ୟବାକ୍ ଉଚ୍ଚାରଣ କରିବାକୁ ମୁଖ ବି ନ ଥାଏ, ସେମାନେ **ଅନାସଃ**, ନ ଥାଏ ସେମାନଙ୍କର ମନ୍ତ୍ରବାକ୍ ଓ ଏହାର ଅନ୍ତର୍ନିହିତ ସତ୍ୟକୁ ଭାବିବା କି ମନୋଗତ କରିବାର ଶକ୍ତି – ସେମାନେ **ଅମନ୍ୟମାନାଃ**, କିନ୍ତୁ ଆର୍ଯ୍ୟବର୍ଗ ମନ୍ତ୍ରବାକ୍ ମନନ କରନ୍ତି, **ମନ୍ୟମାନାଃ**, ଧୀ, ଧୀତି ଓ ଆର୍ଷଜ୍ଞାନର ଧାରକ, ସେମାନେ – **ଧୀରଃ, ମନୀଷୀ, କବି**; ଦେବଗଣ ମଧ୍ୟ ଦିବ୍ୟମାନସର ପରମ ଧ୍ୟାୟୀ – **ପ୍ରଥମୋ ମନୋତା ଧିୟଃ, କବୟଃ** । ଆର୍ଯ୍ୟମାନେ ଦେବକାମୀ – **ଦେବୟୁଃ, ଉଶିଜଃ**; ସେମାନେ ବାକ୍ ଧୀ ଓ ଯଜ୍ଞ ଦ୍ୱାରା ନିଜ ମଧ୍ୟରେ ନିଜ ସତ୍ତାର ଦେବତାମାନଙ୍କ ବୃଦ୍ଧିସାଧନ କରିବାକୁ

---

[୩] ସାୟଣ 'ପନ୍'ର ଅର୍ଥ କରିଛନ୍ତି 'ପ୍ରଶଂସା', କିନ୍ତୁ ଅନ୍ୟ ଏକ ସ୍ଥାନରେ ସେ 'ବ୍ୟବହାର' ଅର୍ଥ ମଧ୍ୟ ସ୍ୱୀକାର କରିଛନ୍ତି । ମୁଁ ଭାବୁଛି ଅଧିକାଂଶ ସୂକ୍ତରେ ଏହାର ଅର୍ଥ କର୍ମ । କର୍ମବାଚକ 'ପଣ୍'ରୁ କର୍ମେନ୍ଦ୍ରିୟମାନଙ୍କର ପୂର୍ବବର୍ତ୍ତୀ ନାମଗୁଡ଼ିକ ଆସିଛି – ପାଣି-ହାତ, ପାଦ ବା ଖୁରା; ଲାଟିନ୍ : ପେନିସ୍ ଓ ପାୟୁ ମଧ୍ୟ ।

କାମନା କରନ୍ତି; ଦସ୍ୟୁମାନେ ହେଉଛନ୍ତି ଦେବନିନ୍ଦୁକ – **ଦେବଦ୍ୱିଷଃ**, ଦେବତ୍ୱର ବିଘ୍ନକାରୀ – **ଦେବନିଦଃ**, ସେମାନେ ନିଜର କୌଣସି ବୃଦ୍ଧି ଚାହାନ୍ତି ନାହିଁ, **ଅବୃଧଃ** । ଆର୍ଯ୍ୟମାନଙ୍କଠାରେ ଦେବଗଣ ପ୍ରଚୁର ସମ୍ପଦ ଅଜାଡ଼ି ଦିଅନ୍ତି, ଆର୍ଯ୍ୟଗଣ ନିଜ ସମ୍ପଦ ଦେବଗଣଙ୍କୁ ଅର୍ପଣ କରନ୍ତି; କିନ୍ତୁ ଦସ୍ୟୁ ନିଜ ଧନକୁ ଆର୍ଯ୍ୟମାନଙ୍କଠାରୁ ଆଗୁଳାଇ ରଖେ ଯେତେବେଳଯାଏ ସେ ଧନ ତା'ଠାରୁ ଜୋର କରି ଛଡ଼ାଇ ନ ନିଆଯାଇଛି । ଏବଂ ଦେବଗଣ ମନୁଷ୍ୟ ମଧ୍ୟରେ ଯେଉଁ ଅମୃତ ସୋମରସର ଆନନ୍ଦ ପ୍ରଦାନ ପାଇଁ କାମନା କରନ୍ତି; ତାହାକୁ ସେଇ ଦେବଗଣଙ୍କ ନିମନ୍ତେ ସେ ନିଷ୍କାସନ କରେ ନାହିଁ; ଯଦିବା ସେ **ରେବାନ୍**, ଅର୍ଥାତ୍ ତା'ର ଗୁହା ଯଦିଓ ଗୋ, ଅଶ୍ୱ ଓ ଧନସମ୍ପଦରେ ପୂର୍ଣ୍ଣ ହୋଇଥାଏ – **ଗୋଭିଃ ଅଶ୍ୱେଭିଃ ବସୁଭିଃ ନ୍ୟୃଷ୍ଟମ୍** (ଋ. ୧୦।୧୦୮।୭) – ତଥାପି ସେ **ଅରାଧସ** ଅର୍ଥାତ୍ ଧନହୀନ, କାରଣ, ତା'ର ଧନ ମାନବ ଲାଗି ଅବା ତା' ନିଜ ଲାଗି ବି କୌଣସି ସମୃଦ୍ଧି ବା ଆନନ୍ଦ ଆଣି ଦିଏ ନାହିଁ – 'ପଣି' ତା' ନିଜ ସତ୍ତାରେହିଁ କୃପଣ । ଆର୍ଯ୍ୟଗଣ ଓ ଦସ୍ୟୁଗଣଙ୍କ ମଧ୍ୟରେ ପ୍ରଚଳିତ ଯୁଦ୍ଧରେ ସେ ସର୍ବଦା ଲୁଣ୍ଠନ ଓ ଧ୍ୱଂସ କରିବାକୁ ଚାହେଁ, ଆର୍ଯ୍ୟମାନଙ୍କ ଜ୍ୟୋତିର୍ମୟ ଗୋମାନଙ୍କୁ ଅପହରଣ କରି ନେଇ ଗୁହାର ଅନ୍ଧକାର ମଧ୍ୟରେ ପୁନରାୟ ଲୁକ୍କାୟିତ କରିବାକୁ ସେ ସର୍ବଦା ଚାହୁଁଥାଏ । ''ଏଇ ଭକ୍ଷକ **ପଣି**କୁ ବଧ କର, କାରଣ ସେ ବୃକ (ବୃକଃ – ବିଦାରକ)'' (ଋ. ୬।୫୧।୧୪)[୪] ।

ଏକଥା ସ୍ପଷ୍ଟ ଯେ, ଯେଉଁମାନେ ଆର୍ଯ୍ୟର ଗୋଷ୍ଠୀଧର୍ମ ପ୍ରତି ଓ ଦେବଗଣଙ୍କ ପ୍ରତି ଘୃଣା ବା ବିଦ୍ୱେଷ ଭାବ ପୋଷଣ କରନ୍ତି ସେହି ମାନବଶତ୍ରୁମାନଙ୍କ ସମ୍ବନ୍ଧରେ ଏହି ବର୍ଣ୍ଣନା ପ୍ରୟୋଗ କରିବା ଅତ୍ୟନ୍ତ ସହଜ, କିନ୍ତୁ ଆମେ ଦେଖିବା, ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଅସମ୍ଭବ, କାରଣ ଋ. ୧।୩୩ ସୂକ୍ତରେ ଏହିସବୁ ପାର୍ଥକ୍ୟ ବିଷୟରେ ସ୍ପଷ୍ଟ ଭାବେ କୁହାଯାଇଛି ଏବଂ ଦସ୍ୟୁମାନଙ୍କ ସହିତ ଇନ୍ଦ୍ର ଓ ତାଙ୍କ ମାନବମିତ୍ରମାନଙ୍କ ଯୁଦ୍ଧ ଅତି ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି, ସେଥିରେ ଏହି ସମସ୍ତ ଦସ୍ୟୁ ପଣି ବା ବୃତ୍ର କୌଣସିମତେ ବି ମନୁଷ୍ୟ ଯୋଦ୍ଧା ଉପଜାତି ବା ତସ୍କର ହେବା ସମ୍ଭବ ନୁହେଁ । ହିରଣ୍ୟସ୍ତୂପ ଅଙ୍ଗିରସଙ୍କ ଏହି ସୂକ୍ତର ପ୍ରଥମ ଦଶଟି ଋକ୍‌ରେ ଗୋମାନଙ୍କ ନିମନ୍ତେ ସଂଗ୍ରାମର କଥା ସ୍ପଷ୍ଟ ଏବଂ ସେହି ଅନୁସାରେ 'ପଣି'ଙ୍କ କଥା ବି ଉଲ୍ଲିଖିତ ।

**ଏତାୟାମୋପ ଗବ୍ୟନ୍ତ ଇନ୍ଦ୍ରମସ୍ମାକଂ**
**ସୁ ପ୍ରମତିଂ ବାବୃଧାତି ।**
**ଅନାମୃଣଃ କୁବିଦାଦସ୍ୟ ରାୟୋ ଗବାଂ**
**କେତଂ ପରମାବର୍ଜତେ ନଃ ।।୧।।**

''ଆସ, ଗୋମାନଙ୍କୁ ଅନ୍ୱେଷଣ ପୂର୍ବକ ଆମେ ଇନ୍ଦ୍ରଙ୍କ ନିକଟକୁ ଯିବା; କାରଣ ସେ ଆମ ମଧ୍ୟରେ ଧୀ ବୃଦ୍ଧି କରନ୍ତି; ସେ ଅପରାହତ ଏବଂ ତାଙ୍କର ସମ୍ପଦରାଜିରେ ସେ ପୂର୍ଣ୍ଣ, ଆମ ପାଇଁ ସେ ଜ୍ୟୋତିଃ-ଗୋମାନଙ୍କ ପରମ ଜ୍ଞାନ-ଦୃଷ୍ଟିକୁ ଉନ୍ମୋଚନ କରନ୍ତି (ଅନ୍ଧକାରଠାରୁ ପୃଥକ୍ କରନ୍ତି)'' –

**ଗବାଂ କେତଂ ପରମ୍ ଆବର୍ଜତେ ନଃ ।**

**ଉପେଦହଂ ଧନଦାମପ୍ରତୀତଂ ଜୁଷ୍ଟାଂ ନ**
**ଶ୍ୟେନୋ ବସତିଂ ପତାମି ।**
**ଇନ୍ଦ୍ରଂ ନମସ୍ୟନ୍ନୁପମେଭିରର୍କୈର୍ୟଃ ସ୍ତୋତୃଭ୍ୟୋ**
**ହବ୍ୟୋ ଅସ୍ତି ଯାମନ୍ ।।୨।।**

''ପକ୍ଷୀ ଯେପରି ନିଜ ପ୍ରିୟ ନୀଡ଼ ଅଭିମୁଖେ ଉଡ଼ି ଯାଏ ମୁଁ ସେହିପରି ଅଦମ୍ୟ ଧନଦଙ୍କ ନିକଟକୁ ଯିବି, ସମସ୍ତ ପରମ ଜ୍ୟୋତିର୍ବାକ୍ ସହିତ ମୁଁ ଇନ୍ଦ୍ରଙ୍କୁ ନମସ୍କାର କରୁଛି, ଏ ସେହି ଇନ୍ଦ୍ର ଯାହାଙ୍କୁ ତାଙ୍କ ସ୍ତୁତିଗାତାମାନେ ନିଶ୍ଚିତ ଭାବେ ନିଜ ଯାତ୍ରାରେ ଆବାହନ କରନ୍ତି ।''

**ନି ସର୍ବସେନ ଇଷୁଧୀଁରସକ୍ତ ସମର୍ୟୋ**
**ଗା ଅଜତି ୟସ୍ୟ ବଷ୍ଟି ।**
**ଚୋଷ୍କୂୟମାଣ ଇନ୍ଦ୍ର ଭୂରି ବାମଂ ମା**
**ପଣିର୍ଭୂରସ୍ମଦଧି ପ୍ରବୃଦ୍ଧଃ ।।୩।।**

''ସେ ନିଜର ସମଗ୍ର ସୈନ୍ୟବାହିନୀ ନେଇ ଆସନ୍ତି, ସେ ନିଜ ତୂଣୀରଗୁଡ଼ିକୁ ଖୁବ୍ ଦୃଢ଼ ଭାବରେ ବାନ୍ଧିଥା'ନ୍ତି; ସେ ଯୋଦ୍ଧା ('ଆର୍ଯ୍ୟ'), ସେ ଯାହାକୁ ଚାହାନ୍ତି ତା' ନିକଟକୁ ଗୋମାନଙ୍କୁ ଆଣନ୍ତି, (ଆମ ବାକ୍ ଦ୍ୱାରା) ବୃଦ୍ଧିପ୍ରାପ୍ତ ହେ ଇନ୍ଦ୍ର, ତୁମେ ନିଜର ପ୍ରଚୁର ଆନନ୍ଦକୁ ନିଜ ପାଇଁ ଧରି ରଖ ନାହିଁ, ଆମ ପାଖରେ ତୁମେ ପଣି ହୋଇଯାଅ ନାହିଁ'' – **ଚୋଷ୍କୂୟମାଣଃ ଇନ୍ଦ୍ର ଭୂରି ବାମଂ ମା ପଣିଃ ଭୂଃ ଅସ୍ମଦ୍ ଅଧି ପ୍ରବୃଦ୍ଧଃ ।**

ଏହି ଶେଷୋକ୍ତ ଅଂଶଟି ପ୍ରଣିଧାନଯୋଗ୍ୟ ଏବଂ

---

[୪] **ଜହି ନ୍ୟତ୍ରିଣଂ ପଣିଂ ବୃକୋ ହି ଷଃ ।।**

ପ୍ରଚଳିତ ବ୍ୟାଖ୍ୟାରେ ''ଆମ ପ୍ରତି କୃପଣ ହୁଅନା'' ବୋଲି ଯେଉଁ ଅର୍ଥ କରାଯାଏ ଏଥିରେ ଏହାର ପ୍ରକୃତ ଗୁରୁତ୍ୱ ରହେ ନାହିଁ । କିନ୍ତୁ ପଣିମାନେ ଯେ ସମ୍ପଦକୁ ଆବୋରି ନିଜ ପାଇଁ ଧରି ରଖନ୍ତି ଏବଂ ଦେବ ବା ମନୁଷ୍ୟ କାହାକୁ ହେଲେ ତାହା ଦିଅନ୍ତି ନାହିଁ, ଏହି ଅର୍ଥ ତା' ଦ୍ୱାରା ଉପେକ୍ଷିତ ହୁଏ । ଏହାର ସ୍ପଷ୍ଟ ଅର୍ଥ ଏହିପରି – ''ତୁମ ଆନନ୍ଦର ପ୍ରଚୁର ସମ୍ପଦ ଲାଭକରି ତୁମେ ସେହି 'ପଣି' ହୁଅନା ଯିଏ ତା'ର ସମସ୍ତ ସମ୍ପଦ ନିଜ ପାଇଁ ରଖେ ତଥା ମନୁଷ୍ୟଠାରୁ ବି ତାହା ଅବରୁଦ୍ଧ କରି ରଖିଥାଏ; ପଣିଗଣ ଯେପରି ନିଜ ଅବଚେତନ ଗୁପ୍ତ ଗୁହା ମଧ୍ୟରେ (ଧନ) ରଖି ଦିଅନ୍ତି ତୁମେ ସେହିପରି ତୁମ ଅତିଚେତନ ମଧ୍ୟରେ ଆନନ୍ଦକୁ ଆମଠାରୁ ପ୍ରଚ୍ଛନ୍ନ କରି ରଖନା ।''

ତା'ପରେ ସୂକ୍ତଟିରେ ପୃଥିବୀ ଓ ସ୍ୱର୍ର ଅଧିକାର ନିମନ୍ତେ ପଣି ବା ଦସ୍ୟୁ ସହ ଇନ୍ଦ୍ରଙ୍କ ସଂଗ୍ରାମ ବିଷୟରେ କୁହାଯାଇଛି ।

**ଅଧୀହିଁ ଦସ୍ୟୁଂ ଧନିନଂ ଘନେନ**
**ଏକଶ୍ଚରନ୍ନୁପଶାକେଭିରିନ୍ଦ୍ର ।**
**ଧନୋରଧି ବିଷୁଣକ୍ ତେ ବ୍ୟାୟନ୍ନୟଜ୍ୱାନଃ**
**ସନକାଃ ପ୍ରେତିମୀୟୁଃ ॥୪॥**

''ଆହୁରି ମଧ୍ୟ ହେ ଇନ୍ଦ୍ର, ତୁମ କାର୍ଯ୍ୟସାଧକ ସକଳ ଶକ୍ତିରେ ଯୁକ୍ତ ହୋଇ ଏକାକୀ ବିଚରଣ ପୂର୍ବକ ଅସ୍ତ୍ରପ୍ରହାର ଦ୍ୱାରା ଧନଶାଳୀ ଦସ୍ୟୁକୁ ତୁମେ ବଧ କର; ତୁମ ଧନୁରେ ଆହତ ସେମାନେ (ଶରରୂପୀ ଶକ୍ତିମାନେ) ସବୁ ଦିଗକୁ ପ୍ରଧାବିତ ହେଲେ ଏବଂ ଯେଉଁମାନେ ଧନ ସଞ୍ଚୟ କରନ୍ତି ଅଥଚ ଯଜ୍ଞ କରନ୍ତି ନାହିଁ ସେମାନେ ମୃତ୍ୟୁ କବଳରେ ପଡ଼ିଲେ ।''

**ପରା ଚିଚ୍ଛୀର୍ଷା ବବୃଜୁସ୍ତ ଇନ୍ଦ୍ରାଽୟଜ୍ୱାନୋ**
**ୟଜ୍ୱଭିଃ ସ୍ପର୍ଧମାନାଃ ।**
**ପ୍ର ୟଦ୍ ଦିବୋ ହରିବଃ ସ୍ଥାତରୁଗ୍ର ନିରବ୍ରତାଁ**
**ଅଧମୋ ରୋଦସ୍ୟୋଃ ॥୫॥**

''ହେ ଉଜ୍ଜ୍ୱଳ ଅଶ୍ୱାଧିପତି, ସ୍ୱର୍ଗରେ ଦୃଢ଼ପଦରେ ଦଣ୍ଡାୟମାନ (ହେ ଇନ୍ଦ୍ର), ଯେଉଁମାନେ ତୁମ କର୍ମଧାରାର ବିଧାନ ପାଳନ କରନ୍ତି ନାହିଁ (ଅବ୍ରତାନ୍), ଯଜ୍ଞ କରନ୍ତି ନାହିଁ ଅଥଚ ଯାଜ୍ଞିକମାନଙ୍କୁ ସ୍ପର୍ଦ୍ଧା କରନ୍ତି ସେମାନଙ୍କୁ ଯେତେବେଳେ ତୁମେ ସ୍ୱର୍ଗ ଓ ପୃଥିବୀରୁ ବିଚ୍ୟୁତ କଲ ସେତେବେଳେ ସେମାନଙ୍କ ମସ୍ତକ ସେମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଛିଟିକି ପଡ଼ିଲା ।''

**ଅୟୁୟୁତ୍ସନ୍ନନବଦ୍ୟସ୍ୟ ସେନାମୟାତୟନ୍ତ**
**କ୍ଷିତୟୋ ନବଗ୍ୱାଃ ।**
**ବୃଷାୟୁଧୋ ନ ବଧ୍ରୟୋ ନିରଷ୍ଟାଃ**
**ପ୍ରବଦ୍ଭିରିନ୍ଦ୍ରାଚ୍ଚିତୟନ୍ତ ଆୟନ୍ ॥୬॥**

''ସେମାନେ ଅନବଦ୍ୟଙ୍କ ସେନାବାହିନୀ ବିରୋଧରେ ଯୁଦ୍ଧ କଲେ; ନବଗ୍ୱମାନେ ନିଜ ଯାତ୍ରାପଥରେ ତାଙ୍କୁ ପ୍ରବୃତ୍ତ କରାଇଲେ; ବୃଷ ସହିତ ଯୁଦ୍ଧରତ ବଳଦ ପରି ସେମାନେ ଏଣେତେଣେ ବିକ୍ଷିପ୍ତ ହେଲେ, ଇନ୍ଦ୍ର କିଏ ବୋଲି ଜାଣିପାରି ସେମାନେ ତାଙ୍କ ପାଖରୁ ପର୍ବତର ନିମ୍ନାଞ୍ଚଳକୁ ପଳାୟନ କଲେ ।

**ତ୍ୱମେତାନ୍ ରୁଦତୋ ଯକ୍ଷତଶ୍ଚାୟୋଧୟୋ**
**ରଜସ ଇନ୍ଦ୍ର ପାରେ ।**
**ଅବାଦହୋ ଦିବ ଆ ଦସ୍ୟୁମୁଚ୍ଚା ପ୍ର ସୁନ୍ୱତଃ**
**ସ୍ତୁବତଃ ଶଂସମାବଃ ॥୭॥**

''ହେ ଇନ୍ଦ୍ର, ଅନ୍ତରୀକ୍ଷର ପର ପାରିରେ (**ରଜସଃ ପାରେ**, ଅର୍ଥାତ୍ ସ୍ୱର୍ଗର ସୀମାରେ) ଯେଉଁମାନେ ହସୁଥିଲେ ଓ କାନ୍ଦୁଥିଲେ ସେମାନଙ୍କ ସହିତ ତୁମେ ଯୁଦ୍ଧ କଲ; ଉର୍ଦ୍ଧ୍ୱ ସ୍ୱର୍ଗରେ ରହି ଦସ୍ୟୁକୁ ଦହନ କଲ, ଯେଉଁମାନେ ତୁମ ସ୍ତୁତିଗାୟକ, ତୁମ ଉଦ୍ଦେଶ୍ୟରେ ସୋମ-ସମର୍ପଣକାରୀ, ସେମାନଙ୍କ ଅଭିବ୍ୟକ୍ତିକୁ ତୁମେ ପୋଷଣ କଲ ।''

**ଚକ୍ରାଣାସଃ ପରୀଣହଂ ପୃଥିବ୍ୟାଃ ହିରଣ୍ୟେନ**
**ମଣିନା ଶୁମ୍ଭମାନାଃ ।**
**ନ ହିନ୍ୱାନାସସ୍ତିତିରୁସ୍ତ ଇନ୍ଦ୍ରଂ ପରି ସ୍ପଶୋ**
**ଅଦଧାତ୍ ସୂର୍ୟେଣ ॥୮॥**

''ପୃଥିବୀର ଚତୁଷ୍ପାର୍ଶ୍ୱରେ ପରିକ୍ରମଣ କରି ସେମାନେ ହିରଣ୍ମୟ ରତ୍ନର (ଏହା ସୂର୍ଯ୍ୟଙ୍କର ଏକ ପ୍ରତୀକ) ଆଲୋକରେ ଉଜ୍ଜ୍ୱଳ ହୋଇଉଠିଲେ; ସେମାନେ ଅତି ଦ୍ରୁତବେଗରେ ଧାବମାନ ହେଲେ ମଧ୍ୟ ଇନ୍ଦ୍ରଙ୍କୁ ଅତିକ୍ରମ କରି ପାରିଲେ ନାହିଁ କାରଣ ସେ ସୂର୍ଯ୍ୟଙ୍କ ଦ୍ୱାରା ଚତୁର୍ଦ୍ଦିଗରେ ଗୁପ୍ତଚର ନିଯୁକ୍ତ କରିଥିଲେ ।''

**ପରି ୟଦିନ୍ଦ୍ର ରୋଦସୀ ଉଭେ ଅବୁଭୋଜୀର୍ମହିନା ବିଶ୍ୱତଃ ସୀମ୍ ।**
**ଅମନ୍ୟମାନାଁଅଭି ମନ୍ୟମନୈର୍ନିର୍ବ୍ରହ୍ମଭିରଧମୋ ଦସ୍ୟୁମିନ୍ଦ୍ର ॥୯॥**

''ହେ ଇନ୍ଦ୍ର, ନିଜ ମହତ୍ତ୍ୱ ଦ୍ୱାରା ତୁମେ ଯେତେବେଳେ ପୃଥିବୀ ଓ ସ୍ୱର୍ଗକୁ ଅଧିକାର କଲ ସେତେବେଳେ ମନ୍ତ୍ରବାଚକମାନଙ୍କ ଦ୍ୱାରା (ବ୍ରହ୍ମଭିଃ), (ସତ୍ୟ) ଚିନ୍ତନ

ଅପାରଗମାନଙ୍କୁ ଚିନ୍ତାଶୀଳମାନଙ୍କ ଦ୍ୱାରା ଆକ୍ରମଣ କରି, ଦସ୍ୟୁମାନଙ୍କୁ ବାହାରକୁ ନିକ୍ଷେପ କଲ'' – **ଅମନ୍ୟମାନାନ୍ ଅଭି ମନ୍ୟମାନୈଃ ।**

**ନ ୟେ ଦିବଃ ପୃଥିବ୍ୟା ଅନ୍ତମାପୁର୍ନ**
**ମାୟାଭିର୍ଧନଦାଂ ପର୍ୟଭୂବନ୍ ।**
**ୟୁଜଂ ବଜ୍ରଂ ବୃଷଭଶ୍ଚକ୍ର ଇନ୍ଦ୍ରୋ ନିର୍ଜ୍ୟୋତିଷା**
**ତମସୋ ଗା ଅଦୁକ୍ଷତ୍ ॥୧୦॥**

''ସେମାନେ ସ୍ୱର୍ଗ ଓ ପୃଥିବୀର ପ୍ରାନ୍ତରେ ଉପନୀତ ହେଲେ ନାହିଁ; [ନିଜ ମାୟା ଦ୍ୱାରା ସେମାନେ ଧନଦ (ଇନ୍ଦ୍ର)ଙ୍କୁ ଜୟ କରି ପାରି ନ ଥିଲେ] ବୃଷା 'ଇନ୍ଦ୍ର' ବଜ୍ରକୁ ସହାୟକ କରି ଜ୍ୟୋତିଃ ଦ୍ୱାରା ଅନ୍ଧକାର ମଧ୍ୟରୁ ରଶ୍ମିରୂପକ ଗୋମାନଙ୍କୁ ଦୋହନ କଲେ ।''

ଉକ୍ତ ଯୁଦ୍ଧ ପୃଥିବୀରେ ହୁଏନା, ଅନ୍ତରୀକ୍ଷର ପର ପାରରେ ହୁଏ; ବଜ୍ରର ବହ୍ନି ଦ୍ୱାରା 'ଦସ୍ୟୁ'ମାନଙ୍କୁ ସ୍ୱର୍ଗରୁ ବିତାଡ଼ିତ କରାଯାଏ, ସେମାନେ ପୃଥିବୀର ଚତୁର୍ଦ୍ଦିଗରେ ପରିକ୍ରମଣ କରନ୍ତି ଏବଂ ସ୍ୱର୍ଗ ଓ ପୃଥିବୀଠାରୁ ଦୂରକୁ ନିକ୍ଷିପ୍ତ ହୁଅନ୍ତି, ଯାହା ଫଳରେ ସେମାନେ ସ୍ୱର୍ଗରେ ବା ପୃଥିବୀରେ କେଉଁଠି ହେଲେ ସ୍ଥାନ ପାଇ ପାରନ୍ତି ନାହିଁ, କାରଣ ବର୍ତ୍ତମାନ ଏସବୁ ଇନ୍ଦ୍ରଙ୍କ ମହିମାରେ ପୂର୍ଣ୍ଣ ହୋଇ ଯାଇଛି, ଆଉ ମଧ୍ୟ ସେମାନେ ତାଙ୍କ ବିଦ୍ୟୁତ୍‌ଠାରୁ ନିଜକୁ ଲୁଚାଇ ରଖିବାକୁ ଅକ୍ଷମ ହୁଅନ୍ତି, କାରଣ 'ସୂର୍ଯ୍ୟ' ନିଜର ସମସ୍ତ ରଶ୍ମି ଦ୍ୱାରା ତାଙ୍କୁ ଯେଉଁସବୁ ଗୁପ୍ତଚର ଦିଅନ୍ତି ସେମାନଙ୍କୁ ସେ ସବୁଠାରେ ନିଯୁକ୍ତ କରନ୍ତି ଏବଂ ଏହିସବୁ ରଶ୍ମିର ଉଜ୍ଜ୍ୱଳତାରେ 'ପଣି'ମାନେ ଦୃଶ୍ୟମାନ ହୁଅନ୍ତି । ଏହା ଆର୍ଯ୍ୟ ଓ ଦ୍ରାବିଡ଼ ଉପଜାତି ମଧ୍ୟରେ କୌଣସି ପାର୍ଥିବ ସଂଗ୍ରାମର ବର୍ଣ୍ଣନା ହୋଇ ନ ପାରେ; ବିଦ୍ୟୁତ୍ ମଧ୍ୟ କୌଣସି ଭୌତିକ ବିଦ୍ୟୁତ୍ ହେବା ସମ୍ଭବ ନୁହେଁ, କାରଣ ରାତ୍ରିର ଶକ୍ତିମାନଙ୍କ ଧ୍ୱଂସ ସହିତ କିଂବା ଅନ୍ଧକାର ମଧ୍ୟରୁ ଉଷାଙ୍କ ଗୋମାନଙ୍କର ଦୋହନ ସହିତ ତା'ର କୌଣସି ସମ୍ପର୍କ ନାହିଁ । ତେବେ ଏକଥା ସ୍ପଷ୍ଟ ଯେ ଏହିସବୁ ଅଯାଜ୍ଞିକ, ଯେଉଁମାନେ ମନ୍ତ୍ରବାକ୍‌କୁ ଘୃଣା କରନ୍ତି ଓ ଏପରିକି ତାହାର ଚିନ୍ତା କରିବାକୁ ମଧ୍ୟ ଅକ୍ଷମ, ସେମାନେ ଆର୍ଯ୍ୟ ସମ୍ପ୍ରଦାୟର ମାନବଶତ୍ରୁ ନୁହନ୍ତି । ସେମାନେ ହେଲେ ସେହି ସମସ୍ତ ଶକ୍ତି, ଯେଉଁମାନେ କି ମାନବ ମଧ୍ୟରେ ସ୍ୱର୍ଗ ଓ ପୃଥିବୀକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି, ସେମାନେ ଦୈତ୍ୟ ଅଥବା ଦ୍ରାବିଡ଼ ଜାତି ନୁହନ୍ତି ।

(*ଅଧ୍ୟାୟର ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ ଦ୍ରଷ୍ଟବ୍ୟ*)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଏକବିଂଶ ଅଧ୍ୟାୟ ''*The Conquest over the Dasyus*''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ]

ତୁମର ବାଧାବିଘ୍ନସବୁରୁ ବାହାରି ଆସିବାର ଏକମାତ୍ର ବାଟ ହେଉଛି ଚୈତ୍ୟସତ୍ତାକୁ ଆବିଷ୍କାର କରିବା ଏବଂ ପୂରାପୂରି ଏହାର ଚେତନାରେ ବାସ କରିବା ।

ପୃଥିବୀପୃଷ୍ଠରେ ଜୀବନର ବର୍ତ୍ତମାନ ଅବସ୍ଥା ନାନା ଦୁଃଖଦୁର୍ଦ୍ଦଶାରେ ପୂରି ରହିଛି, ଏବଂ ସେହି କାରଣରୁ ଯେକୌଣସି ସଂବେଦନଶୀଳ ହୃଦୟ ଦୁଃଖାଭିଭୂତ ହୋଇପଡ଼େ । ଭଗବତ୍ ଚେତନା ସହିତ ସଂଯୋଗ ସ୍ଥାପନ କରିବା ଏବଂ ସେହି ଚେତନାର କରୁଣା, ତାହାର ସାମର୍ଥ୍ୟ ଓ ତାହାର ଆଲୋକରେ ବାସ କରିବା ହେଉଛି ଏହିସବୁ ବାଧାବିଘ୍ନ ଓ ଦୁଃଖଦୁର୍ଦ୍ଦଶାର କବଳରୁ ମୁକ୍ତ ହେବାର ଏକମାତ୍ର ଫଳପ୍ରଦ ପନ୍ଥା । ଏବଂ ଚୈତ୍ୟଚେତନା ସଂଗେ ଯୁକ୍ତ ହେବା ଦ୍ୱାରା ଆମେ ଏହି ଅବସ୍ଥା ଲାଭ କରିପାରିବୁ ।

ଏହି ଲକ୍ଷ୍ୟ ସାଧନ ପାଇଁ ମୋର ସହାୟତା ଏବଂ ଆଶୀର୍ବାଦ ତୁମ ସଂଗରେ ରହିଛି ।

– ଶ୍ରୀମା

# ସେଦିନର ପ୍ରତିଶ୍ରୁତି : ଆଜିର ପରିତ୍ୟକ୍ତ ପରିସର


## ଶ୍ରୀ ମନୋଜ ଦାସ


୪ ସେପ୍‌ଟେମ୍ବର ୨୦୦୪ । ସ୍ଥାନ : ପଶ୍ଚିମ ବଙ୍ଗର ହୁଗୁଳି ଜିଲ୍ଲାର ଚୁଁଚଡ଼ା ବା ଇଂରାଜୀରେ ଚିନ୍‌ଚୁରା (Chinchura) ସହର । ଭାରତରେ ବ୍ରିଟିଶ ଔପନିବେଶିକ ଯୁଗ ପୂର୍ବରୁ ଏହା ଥିଲା ହଲାଣ୍ଡବାସୀ ବା ଡଚ୍‌ମାନଙ୍କର ଏକ ବାଣିଜ୍ୟ ଘାଟି ତଥା ଶାସନକେନ୍ଦ୍ର ।

୧୯୦୯ ମସିହାର ୪ ତାରିଖ ସେପ୍‌ଟେମ୍ବର ଦିନ ଏ ସହରର ଏକ କୋଠାରେ ପଦାର୍ପଣ କରିଥିଲେ ଶ୍ରୀଅରବିନ୍ଦ । ନିଖିଳ ବଙ୍ଗ ପ୍ରାଦେଶିକ କଂଗ୍ରେସ ସମ୍ମିଳନୀ ହୁଗୁଳିଠାରେ ଅନୁଷ୍ଠିତ ହେଉଥିଲା – ଶ୍ରୀଅରବିନ୍ଦଙ୍କ ଆଗମନର ତାହାହିଁ ହେତୁ । ଏକଦା ଡଚ୍‌ମାନଙ୍କଠାରୁ ଭାରତୀୟମାନଙ୍କ ହାତକୁ ଆସିଯାଇଥିବା ଯେଉଁ କୋଠାରେ ଶ୍ରୀଅରବିନ୍ଦ ରାତ୍ରିଯାପନ କରିଥିଲେ, ସେପର୍ଯ୍ୟନ୍ତ ତାକୁ ଡଚ୍ ଭିଲ୍ଲା ଭାବରେ ଅଭିହିତ କରାଯାଉଥିଲା । ଏହାର ଅଧିକାରୀ ଥିଲେ ଜଣେ ଜମିଦାର – ବଂଶ ନାମ ମଣ୍ଡଳ । (ଏ ପରିବାରର ଏକ ଶାଖା ଅଦ୍ୟାବଧି ବାଲେଶ୍ୱରରେ ଅବସ୍ଥିତ ।) ସମସାମୟିକ ବିଭିନ୍ନ ସ୍ମୃତିକଥାରୁ ଜଣାଯାଏ, ରେଳ ଷ୍ଟେସନରେ ଶ୍ରୀଅରବିନ୍ଦଙ୍କୁ ବିଶିଷ୍ଟ ବ୍ୟକ୍ତିବର୍ଗଙ୍କଦ୍ୱାରା ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ ଅନ୍ତେ ଏକ ବିରାଟ ଶୋଭାଯାତ୍ରାରେ ଡଚ୍ ଭିଲ୍ଲାକୁ ଅଣାଯାଇଥିଲା । ଆଖପାଖର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରମାନେ ଆସି ତାଙ୍କୁ ଦର୍ଶନ କରି ଚାଲିଯାଉଥିଲେ ।

ଆଜି ଡଚ୍-ଭିଲ୍ଲା ଅବଲୁପ୍ତ । ତେବେ ସେହି ସ୍ଥାନଟିର ଏକାଂଶ କ୍ରୟ କରି ଅଧ୍ୟାପକ ବିଶ୍ୱନାଥ ରାୟଙ୍କ ନେତୃତ୍ୱରେ ସେଠାରେ ଏକ ଶ୍ରୀଅରବିନ୍ଦ ଅଧ୍ୟୟନ କେନ୍ଦ୍ର ସ୍ଥାପନ କରିଛନ୍ତି ସ୍ଥାନୀୟ ଉଦ୍‌ଯୋଗୀ ସୁଧୀବୃନ୍ଦ । ତହିଁ ଶ୍ରୀଅରବିନ୍ଦଙ୍କ ଅବସ୍ଥାନର ୯୫ ବର୍ଷ ପୂର୍ତ୍ତି ଦିନ ସନ୍ଧ୍ୟାରେ, ''ଶ୍ରୀଅରବିନ୍ଦ ଚରଣତୀର୍ଥ'' ଭାବରେ ଉତ୍ସର୍ଗିତ ଏ ପ୍ରତିଷ୍ଠାନଟିକୁ ଉଦ୍‌ଘାଟନ କରିବାର ସୌଭାଗ୍ୟ ଏହି ଲେଖକକୁ ଦେଇଥିଲେ ବନ୍ଧୁମାନେ । ବିଦଗ୍ଧ ସମାବେଶକୁ ମନ୍ତ୍ରମୁଗ୍ଧ କରିଥିଲା ପ୍ରଖ୍ୟାତ ପଣ୍ଡିତ ତଥା ଗାୟକ ମହାମହୋପାଧ୍ୟାୟ ଗୋବିନ୍ଦ ଗୋପାଳ ମୁଖୋପାଧ୍ୟାୟ ଏବଂ ଶାନ୍ତିନିକେତନରେ ସଙ୍ଗୀତ ଅଧ୍ୟାପିକା ତାଙ୍କ ସୁକନ୍ୟାଙ୍କ ସଙ୍ଗୀତ; ସଙ୍ଗେ ସଙ୍ଗେ ବିଶ୍ୱନାଥ ରାୟଙ୍କ ଅନୁପ୍ରେରିତ ଭାଷଣ ।

ପରବର୍ତ୍ତୀ ଦିନଟିରେ ଏ ଲେଖକକୁ ମିଳିଥିଲା ଯେଉଁ ମହନୀୟ ତୀର୍ଥ ଦର୍ଶନର ସୁଯୋଗ ତାହା ଏକଦା ଫରାସୀ ଉପନିବେଶ ଥିବା ଚନ୍ଦନନଗର (ପ୍ରକୃତ ନାମ ଚାଁଦେର ନଗର), ଯହିଁ ପଣ୍ଡିଚେରୀ ଚାଲି ଆସିବା ପୂର୍ବରୁ ପ୍ରାୟ ପାଞ୍ଚ ସପ୍ତାହ କାଳ ଆତ୍ମଗୋପନ କରି ରହିଥିଲେ ଶ୍ରୀଅରବିନ୍ଦ । ସେଠାକାର ପ୍ରମୁଖ ପ୍ରତିଷ୍ଠାନ ''ଚନ୍ଦନନଗର ବାରାସତ କଲ୍‌ଚରାଲ୍ ଆସୋସିଏସନ୍''ର ଏକ ସଭାରେ ଭାଷଣ ଦେବାର ତଥା ସେ ପ୍ରତିଷ୍ଠାନ-ପ୍ରବର୍ତ୍ତିତ ଏକ ସମ୍ମାନ ଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା ।

ଏହା ଭୂମିକା ମାତ୍ର । ବର୍ତ୍ତମାନ ଚନ୍ଦନନଗର ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦଙ୍କ ଆଗମନ ଏବଂ ସେଠାରେ ତାଙ୍କ ଅବସ୍ଥାନର କେତୋଟି ଝଲକ ଦେଖାଯାଉ :

ଶ୍ରୀଅରବିନ୍ଦ ଆଲିପୁର ଷଡ଼ଯନ୍ତ୍ର ମାମଲାରୁ ମୁକୁଳିଯିବା ଫଳରେ ବଡ଼ ବିବ୍ରତ ବୋଧ କରୁଥିଲେ ଖାଲି ବଙ୍ଗଳାର ଗଭର୍ଣ୍ଣର ଫ୍ରେଜର୍ ନୁହନ୍ତି, ଭାରତର ଗଭର୍ଣ୍ଣର ଜେନ୍‌ରାଲ୍ ଲର୍ଡ଼ ମିଣ୍ଟୋ ମଧ୍ୟ । ମିଣ୍ଟୋ ସାହେବଙ୍କ ବଡ଼ ଇଚ୍ଛା, ଶ୍ରୀଅରବିନ୍ଦଙ୍କୁ କୌଣସି ଆଳରେ ଦେଶାନ୍ତର ଦଣ୍ଡ ଦେବେ । ଭଦ୍ରଲୋକଙ୍କ ଇଚ୍ଛା ପୂରଣରେ ପ୍ରତିବନ୍ଧକ ଥିଲେ ଇଂଲଣ୍ଡରେ ଭାରତ ବିଭାଗ ମନ୍ତ୍ରୀ ଲର୍ଡ଼ ମୋର୍ଲେ ।

ସେ ଯାହାହେଉ, ଅଧୈର୍ଯ୍ୟ ଭାରତ ସରକାର ଆଉ ମୋର୍ଲେଙ୍କ ସବୁଜ କେତନକୁ ଅପେକ୍ଷା ନ କରି, ''କର୍ମଯୋଗିନ୍''ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ଏକ ନିବନ୍ଧ ରାଜଦ୍ରୋହମୂଳକ, ଏହି ଅଭିଯୋଗରେ ଗିରଫ ପରୁଆନା ବାହାର କଲେ । ପୁଲିସ ପହଞ୍ଚିବା ବେଳକୁ କିନ୍ତୁ ଘର ଶୂନ୍ୟ । ସବୁବେଳେ ଗୁପ୍ତଚରମାନଙ୍କ ସତର୍କ ଦୃଷ୍ଟି ସତ୍ତ୍ୱେ 'ଆସାମୀ' କେତେବେଳେ, କେମିତି, କୁଆଡ଼େ ଚାଲିଗଲେ,– ତାହା କର୍ତ୍ତୃପକ୍ଷଙ୍କ ପାଇଁ ଥିଲା ରହସ୍ୟମୟ ।

କିନ୍ତୁ ଶ୍ରୀଅରବିନ୍ଦ ବାସ୍ତବିକ କାହାରି ଦୃଷ୍ଟି ଏଡ଼ାଇ ବାହାରିଯିବା ଦିଗରେ କୌଣସି ବିଶେଷ ପଦକ୍ଷେପ ନେଇ ନଥିଲେ । ତାଙ୍କ ନିଷ୍କ୍ରମଣ ସମ୍ପର୍କରେ ନାନାଦି କାହାଣୀ (ସେଥିରୁ କେତେକ ବେଶ୍ ଚାଞ୍ଚଲ୍ୟକର ମଧ୍ୟ) କଳ୍ପିତ ହୋଇଛି । କିନ୍ତୁ ବାସ୍ତବତା ସେସବୁଠୁଁ ଦୂରରେ । ଭଗିନୀ ନିବେଦିତା ତାଙ୍କୁ ଏକାଧିକଥର ଅଜ୍ଞାତବାସକୁ ଅପସରିଯିବା ନିମନ୍ତେ ପରାମର୍ଶ ଦେଇଥିଲେ । କିନ୍ତୁ ଶ୍ରୀଅରବିନ୍ଦ ସେତେବେଳକୁ (କାରାବାସ ସମୟରୁ) କୌଣସି ପ୍ରକାର ହିସାବନିକାଶ ବା କର୍ତ୍ତବ୍ୟ ଅକର୍ତ୍ତବ୍ୟର ମାନସିକ ବିଚାର ଦ୍ୱାରା ପରିଚାଳିତ ହେଉ ନଥିଲେ । ଯେକୌଣସି ପଦକ୍ଷେପ, ଏପରିକି ଉଚ୍ଚାରଣୀ ପାଇଁ ସେ ଦିବ୍ୟପ୍ରେରଣାକୁ ଅପେକ୍ଷା କରୁଥିଲେ । ଚନ୍ଦନନଗର ଚାଲିଯିବା ନିମନ୍ତେ ନିର୍ଦ୍ଦିଷ୍ଟ ''ଆଦେଶ'' ପାଇବା ପରେ ଯାଇ ସେ ସେଦିଗରେ ପଦକ୍ଷେପ ନେଲେ ଏବଂ ତାହା ନେଲେ ତତ୍‌କ୍ଷଣାତ୍ । ତାଙ୍କ ଅନୁଗତ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ବର୍ଣ୍ଣନାର କିୟଦଂଶ :

''ରାତି ପ୍ରାୟ ସେତେବେଳେ ଆଠଟା । କଲିକତାର ଶ୍ୟାମବଜାର ଅଞ୍ଚଳରେ ୪ ନମ୍ବର ଶ୍ୟାମାପୁକୁର ଲେନ୍‌ର ଦ୍ୱିତଳର ଗୋଟିଏ କକ୍ଷରେ ଜଣେ ପରିଣତ ବୟସ୍କ ଯୁବକଙ୍କୁ ବେଷ୍ଟନ କରି କେତେଜଣ ତରୁଣ ବସିଥିଲେ ।... ଏହି ପରିଣତ ବୟସ୍କ ଯୁବକଙ୍କ ନାମ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ । ଅନ୍ୟ ଯେଉଁମାନେ ଥିଲେ ସେମାନେ ହେଲେ ଶ୍ରୀ ବୀରେନ୍ଦ୍ରନାଥ ଘୋଷ, ଶ୍ରୀ ସୌରୀନ୍ଦ୍ରନାଥ ବସୁ, ଶ୍ରୀ ବିଜୟ କୁମାର ନାଗ, ଶ୍ରୀ ହେମ ସେନ, ଶ୍ରୀ ନଳିନୀକାନ୍ତ ଗୁପ୍ତ ଏବଂ ଏହି ଲେଖକ ।... ରାମବାବୁ ଘରେ ପ୍ରବେଶକରି ଟିକିଏ ଉତ୍କଣ୍ଠିତ କଣ୍ଠରେ ଶ୍ରୀଅରବିନ୍ଦଙ୍କୁ ଜଣାଇଲେ ଯେ ତାଙ୍କ ନାମରେ ପୁଣି ୱାରେଣ୍ଟ ବାହାରିଛି ।... ଆମେ ସମସ୍ତେ ଉତ୍କଣ୍ଠିତ ମନରେ ଅପେକ୍ଷା କଲୁ । ଶ୍ରୀଅରବିନ୍ଦ କେଇ ମୁହୂର୍ତ୍ତ ପାଇଁ ଯେମିତି କିଛି ଭାବିଲେ – ମାତ୍ର କେଇ ମୁହୂର୍ତ୍ତ ।

''ତା'ପରେ ସେ କହିଲେ : ମୁଁ ଚନ୍ଦନନଗର ଯିବି । ରାମବାବୁ ପ୍ରଶ୍ନକଲେ, ଏହି କ୍ଷଣି ? ଶ୍ରୀଅରବିନ୍ଦ ଉତ୍ତର ଦେଲେ, ''ଏହି କ୍ଷଣି, ଏଇ ମୁହୂର୍ତ୍ତରେ ।''

ସେ 'ଆଦେଶ' ପାଇସାରିଥିଲେ । ନଦୀ କୂଳକୁ ଆସିବା ବେଳକୁ ଜ୍ୟୋସ୍ନା ପୁଲକିତ ରଜନୀରେ ଉତ୍‌ଫୁଲ୍ଲ ନଦୀ ବକ୍ଷରେ ନୌକାଟିଏ ଯେପରି ତାଙ୍କୁ ଅପେକ୍ଷା କରିଛି । ଅନୁଗତ କେତେଜଣଙ୍କ ସହ ଆରମ୍ଭ ହେଲା ତାଙ୍କ ଜଳଯାତ୍ରା ।

ପ୍ରତ୍ୟୁଷରେ ନୌକା ଯାଇ ଚନ୍ଦନନଗର ପ୍ରାନ୍ତରେ ଲଙ୍ଗର ପକାଇଲା ।

ଅଜ୍ଞାତବାସୀ ଶ୍ରୀଅରବିନ୍ଦଙ୍କୁ ସେଦିନ ପ୍ରଥମେ ଆତିଥ୍ୟ ଦେବାର ସୌଭାଗ୍ୟ ଅର୍ଜନ କରିଥିଲେ ଯେଉଁ ଭାଗ୍ୟବାନ୍, ସେହି ମୋତିଲାଲ ରାୟଙ୍କ (ଅଧୁନା ଅମିଳକ) ସ୍ମୃତିକଥାରୁ କେତୋଟି ଝଲକ ଆହରଣ କରାଯାଉ :

''ଦିନକର ପ୍ରାତଃକାଳରେ – ମାଘମାସ ଶେଷ ବେଳକୁ ଜଳଯୋଗ କରି କର୍ମସ୍ଥାନ ଉଦ୍ଦେଶ୍ୟରେ ବାହାରିଛି, ମୋର ଜଣେ ବନ୍ଧୁ ବ୍ୟସ୍ତଭାବରେ ଗୋପନରେ କହିଲେ – 'ଶୁଣିଛ – ଗୋଟାଏ କାଣ୍ଡ ହୋଇଗଲାଣି ।' ମୁଁ ସବିସ୍ମୟ ତାଙ୍କ ମୁହଁକୁ ଅନାଇଲି । ସେତେବେଳେ 'କାଣ୍ଡ' ବୋଇଲେ କୌଣସି ଭୟଙ୍କର ବୈପ୍ଳବିକ ବ୍ୟାପାର ଭିନ୍ନ ଆଉ କୌଣସି କଥାକୁ ବୁଝାଉ ନଥିଲା ।... ବନ୍ଧୁ କହିଲେ, 'ଅରବିନ୍ଦବାବୁ ଚନ୍ଦନନଗର ଆସିଥିଲେ, ହୁଏତ ଏତେବେଳକୁ ଚାଲିଗଲେଣି – କଥାଟା ବଡ଼ ଖରାପ ହେଲା ।'... ବନ୍ଧୁ ଏହାପରେ ଏକ ନିଃଶ୍ୱାସରେ ଯାହା କହିଲେ, ସେଥିରୁ ବୁଝିଲି ଶ୍ରୀଅରବିନ୍ଦ କଲିକତାରୁ ଆତ୍ମଗୋପନ କରି ଆସିଥିଲେ – ଯାହାଙ୍କ ଆଶ୍ରୟ ଲୋଡ଼ିଥିଲେ, ସେ ଭଦ୍ରଲୋକଙ୍କ ପକ୍ଷରେ ଆଶ୍ରୟ ଦେବା ସମ୍ଭବପର ହୋଇ ନାହିଁ । ହୁଏତ ସେ ବାହୁଡ଼ି ଯାଇଥିବେ ।

''ଶୁଣିଲି, ଭୋର୍ ଚାରିଟାରେ ସେ ଉକ୍ତ ସ୍ଥାନକୁ ସମ୍ବାଦ ପ୍ରେରଣ କରିଥିଲେ । ବର୍ତ୍ତମାନ ପ୍ରାୟ ସାଢ଼େ ଛଅଟା ବାଜିଲାଣି ।... ଅରବିନ୍ଦଙ୍କ ତ୍ୟାଗ ଓ ତପସ୍ୟା କଥା ସର୍ବଜନବିଦିତ ଥିଲା । ଆଲିପୁର ଜେଲରୁ ଆସିବା ପରେ ସେ ଯେଉଁସବୁ ବକ୍ତୃତା ଦେଇଥିଲେ, ତାହା ରାଷ୍ଟ୍ରନୈତିକ କ୍ଷେତ୍ରରେ ଅଭିନବ । ଭାରତର ପ୍ରାଣ କଥା ଯେପରି ତାଙ୍କରି କଣ୍ଠ ଦେଇ ଝଙ୍କୃତ ହେଉଥିଲା । ମକଦ୍ଦମା ବେଳେ ଉପସ୍ଥାପିତ ମୃଣାଳିନୀ ଦେବୀଙ୍କୁ ଲିଖିତ ତାଙ୍କ ପତ୍ରସବୁରୁ ଝରୁଥିଲା ହୃଦୟକୁ ଅଭିସିଞ୍ଚିତ କଲାଭଳି ଦେଶପ୍ରେମର ଅମୃତଧାରା । ଦେଶକୁ ସେମିତି ଭଲପାଇବା ଆଉ କାହା ପକ୍ଷରେ ସମ୍ଭବପର ନୁହେଁ । ଦେଶର ମୁକ୍ତି ଯେ ଏହି ମହାପୁରୁଷଙ୍କ ତପସ୍ୟାବଳରେହିଁ ଆସିବ, ସେ ଧାରଣା ବଦ୍ଧମୂଳ ହୋଇଥିଲା ।...

''ମୁଁ ବିଦ୍ୟୁତ୍ ବେଗରେ ଯାଇ ଗଙ୍ଗାକୂଳରେ ଉପସ୍ଥିତ ହେଲି । ବସନ୍ତର ପ୍ରଥମ ପଦ ସଞ୍ଚାର ଫଳରେ ଶୀତର କୁହେଳି କଟିବାକୁ ଆରମ୍ଭ କରିଛି । କ୍ଷୀଣଧାରା ତରଙ୍ଗିଣୀ ପ୍ରଭାତ ସମୀରରେ ନୃତ୍ୟରତ । ପୂର୍ବ ଗଗନରେ ମେଘମାଳା ବିଦୀର୍ଣ୍ଣ

କରି ସୂର୍ଯ୍ୟ ପ୍ରକାଶ ହୋଇ ନାହିଁ ।... ଖଣ୍ଡିଏ କଲିକତାର ପାନ୍‌ସି ତରଙ୍ଗ ହିଲ୍ଲୋଳରେ ନାଚୁଥିଲା । ନୌକାର ଉପାନ୍ତରେ ଜଣେ ଯୁବକ ବସିଥିଲେ । ମୁଁ ସଂଶୟପୂର୍ଣ୍ଣ ଦୃଷ୍ଟିରେ ସେ ନୌକାକୁ ଲକ୍ଷ୍ୟ କରନ୍ତେ... ଦେଖିଲି ସେ ଯୁବକଙ୍କ ଦୃଷ୍ଟି ମୋ ଉପରେ ପଡ଼ିଛି । ଭରସା କରି ପଚାରିଲି, ଆପଣମାନେ କ'ଣ କଲିକତାରୁ ଆସିଲେ ? ଯୁବକ କହିଲେ, 'ହଁ ! କାହିଁକି ?'

''ଏଥର ସାହସ ସଞ୍ଚୟ କରି ପ୍ରଶ୍ନ କଲି, 'ଏ ନୌକାରେ କ'ଣ ଅରବିନ୍ଦବାବୁ ଅଛନ୍ତି ?' ଯୁବକ ମୋତେ ପାଖକୁ ଡାକି କହିଲେ, 'ନୌକା ଭିତରକୁ ଆସନ୍ତୁ ।' ମୁଁ ଗୋଟାଏ ଲମ୍ଫରେ ନୌକା ଭିତରକୁ ଉଠିଗଲି । ଯୁବକ ମୋତେ ଭିତରକୁ ନେଇଗଲେ । ଦେଖିଲି, ଜଣେ ତରୁଣଙ୍କ କୋଳରେ ମୁଣ୍ଡ ରଖି ଚୁଁଚୁଡ଼ା ପ୍ରାଦେଶିକ ସଭାରେ ଯେ ମୂର୍ତ୍ତି ଦେଖିଥିଲି, ସେହି ତପୋମୂର୍ତ୍ତି ଅରବିନ୍ଦ ଶାୟିତ ।

''ଶ୍ରୀଅରବିନ୍ଦଙ୍କ ସାଥୀ ଦୁଇଜଣ ବିଦାୟ ନେଲେ... ମୋର ସମସ୍ତ ଭବିଷ୍ୟତ୍ ଏହି ଘଟଣାରେ ସଂପୂର୍ଣ୍ଣ ଅଭିନବ ରୂପ ନେଲା ।... ସେ ମୋ ମୁହଁକୁ ଅନାଇଲେ । ତାଙ୍କ ଆୟତ ଲୋଚନର ପ୍ରଶାନ୍ତ ଦୃଷ୍ଟି ମୋର ଶରୀର, ମନ ସ୍ନିଗ୍ଧ କରିଦେଲା । ସେଦିନ ସଂସାର-ଯାତ୍ରାର ଜଟିଳ ରହସ୍ୟ ଭିତରେ ମୁଁ ଗତିହୀନ ହୋଇପଡ଼ିଥିଲି । ଶ୍ରୀଅରବିନ୍ଦଙ୍କ ଆଗମନରେ ଅକସ୍ମାତ୍ ଯେପରି ଦକ୍ଷିଣ ଦ୍ୱାର ଖୋଲି ଝଲକାଝଲକା ବସନ୍ତ ପବନ ମୋର ଭିତର ବାହାର ପୁଲକିତ କଲା । ପ୍ରକୃତି ବକ୍ଷରେ ବି ସେଦିନ ପ୍ରତ୍ୟକ୍ଷ ବସନ୍ତର ପ୍ରଥମ ପଦସଞ୍ଚାର ଲକ୍ଷିତ ହୋଇଥିଲା । ମୋ' ହୃଦୟ କୁଞ୍ଜର ଶୁଷ୍କ ସହକାର ଶାଖା ମୁକୁଳିତ ହୋଇଉଠିଲା । ସହସ୍ର ପିକକଣ୍ଠର ଝଙ୍କାର ମୋତେ ଯେପରି ଉନ୍ମାଦ କରିଦେଲା ।''

ଶ୍ରୀଅରବିନ୍ଦଙ୍କୁ ମୋତିଲାଲ ରାୟଙ୍କର ଏକ ରୁଦ୍ଧ ପ୍ରାୟ କୋଠରିରେ, ନାନାଦି ଭଙ୍ଗା ଆସବାବପତ୍ର ଭିତରେ କିଛିଦିନ ଅତିବାହିତ କରିବାକୁ ପଡ଼ିଥିଲା । ରାତିର ଶେଷ ପ୍ରହରରେ ବାହାରକୁ ଆସି ସ୍ନାନାଦି କର୍ମ ଶେଷ କରି ସେ ଲୁଚିଯାଉଥିଲେ । ବଜାରରୁ ଯତ୍‌କିଞ୍ଚିତ୍ ଖାଦ୍ୟ ଆଣି ମୋତିଲାଲ ତାଙ୍କୁ ପରଷି ଦେଉଥିଲେ । ନିର୍ବିକାର ଶ୍ରୀଅରବିନ୍ଦ – ସେ ଆବର୍ଜନାପୂର୍ଣ୍ଣ ପରିବେଶ ବା ମାମୁଲି ଖାଦ୍ୟ – ତାଙ୍କ ଅନିର୍ବଚନୀୟ ସମତାରେ କୌଣସି ବ୍ୟତିକ୍ରମ ଆଣିପାରୁନଥିଲା ।

ମୋତିଲାଲ ତାଙ୍କ ସ୍ତ୍ରୀଙ୍କୁ ମଧ ତାଙ୍କ ସଦ୍ୟଲବ୍ଧ ଐଶ୍ୱର୍ଯ୍ୟ ସଂପର୍କରେ କିଛି କହି ନଥିଲେ । ଦିନେ ଭଦ୍ରମହିଳା ଖଣ୍ଡିଏ ଗାମୁଛା ପିନ୍ଧି ସେ କୁନି କୋଠରି ଭିତରେ ପଶିଯାଇ ବୋଧହୁଏ ମୂର୍ଚ୍ଛା ଯାଇଥା'ନ୍ତେ । ତାଙ୍କ ଭାଷାରେ : ''ମୁଁ ଚେଆରଗୁଡ଼ିକ ଘୁଞ୍ଚାଇ ଘରେ ଆବର୍ଜନା ଜମିଛି କି ନା ଦେଖୁଛି, ହଠାତ୍ ଦେଖେ ଏକ ମନୁଷ୍ୟମୂର୍ତ୍ତି – ମୋ ଆଡ଼େ ଏକ ଦୃଷ୍ଟିରେ ଚାହିଁଛନ୍ତି । ପ୍ରଥମେ ମନେହେଲା ଆଖିର ଭୁଲ୍ – ସେଠି ମଣିଷଟିଏ ଆସିବ କାହୁଁ ? କିନ୍ତୁ ହାୟ ମା ! ସତ୍ୟ, ଜଣେ ଜୀବନ୍ତ ମଣିଷ ।''

ଚନ୍ଦନନଗର ବାସବେଳେ ଗୋପନୀୟତା ଦୃଷ୍ଟିରୁ ଶ୍ରୀଅରବିନ୍ଦଙ୍କୁ ଦୁଇ, ତିନି ଥର ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଅବଶେଷରେ ସେ ଚାଲିଗଲେ ପଣ୍ଡିଚେରୀ ଦ୍ୱିତୀୟ ଥର 'ଆଦେଶ' ଅନୁସରଣ କରି ।

ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଅବସ୍ଥାନର ପ୍ରଥମ ଦଶ ବର୍ଷ ଭିତରେ ମୋତିଲାଲ ରାୟ ଏକାଧିକଥର ଯାଇ ତାଙ୍କୁ ସାକ୍ଷାତ୍ କରିଛନ୍ତି । ଅଶେଷ କୃପା ଢାଳିଦେଇଛନ୍ତି ଶ୍ରୀଅରବିନ୍ଦ । ମୋତିଲାଲ ଚନ୍ଦନନଗରରେ 'ପ୍ରବର୍ତ୍ତକ ସଂଘ' ନାମରେ ଏକ ସଂଗଠନ ଗଢ଼ି ବଙ୍ଗଳା ଓ ଇଂରାଜୀରେ ଦୁଇଟି ସମ୍ବାଦପତ୍ର ପ୍ରକାଶ କରୁଥିଲେ । ତାଙ୍କର ସେସବୁ କର୍ମ ପଛରେ ଥିଲା ଶ୍ରୀଅରବିନ୍ଦଙ୍କ ଅକୁଣ୍ଠ ସମର୍ଥନ ।

୧୯୨୧ ମସିହାରେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ କ୍ରମେ ମୋତିଲାଲ ଆସି ପଣ୍ଡିଚେରୀରେ, ଶ୍ରୀଅରବିନ୍ଦଙ୍କ ଦ୍ୱାରା ସ୍ଥିରୀକୃତ ଏକ ବସାରେ ରହିଲେ । ଶ୍ରୀଅରବିନ୍ଦଙ୍କ ପାଖକୁ ତାଙ୍କର ଯାତାୟାତ ଥିଲା ଅବାରିତ । ବିପୁଳ ଆଧ୍ୟାତ୍ମିକ ଅଭିଜ୍ଞତାରେ ନବଜନ୍ମ ଲାଭ କରୁଥିଲେ ମୋତିଲାଲ । ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଆସୁଥାଏ । ଯଥାର୍ଥ ଭାବରେ ତାହା ପାଳନ କରିବାର ବ୍ୟବସ୍ଥା କରିବା ଦାୟିତ୍ୱ ନେଇଥାନ୍ତି ମୋତିଲାଲ । କିନ୍ତୁ ଚନ୍ଦନନଗରରୁ ତାଙ୍କ ମୁଖ୍ୟ ସହକାରୀ ଅରୁଣବାବୁଙ୍କ ତାରବାର୍ତ୍ତା ଆସିଲା : ଶୀଘ୍ର ଚାଲିଆସ । ମୋତିଲାଲ ଶ୍ରୀଅରବିନ୍ଦଙ୍କୁ ଦେଖାଇଲେ ସେ ତାରବାର୍ତ୍ତା । ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ – ମୋତିଲାଲଙ୍କ ନିଜ ଭାଷାରେ : ''ଲେଖିଦିଅ ଏକ ବଡ଼ 'ନା' !''

କିନ୍ତୁ ସହକାରୀଙ୍କ ଦ୍ୱିତୀୟ ଟେଲିଗ୍ରାମ – ଶୀଘ୍ର ଆସ ନହେଲେ eternal separation ! (ଏହି ଅଦ୍ଭୁତ ସହକାରୀ ଅରୁଣବାବୁଙ୍କୁ ଏ ଲେଖକ ଭେଟିଥିଲା – ପ୍ରାୟ ତିରିଶ ବର୍ଷ ତଳେ, ଅଳ୍ପକ୍ଷଣ ପାଇଁ ପ୍ରଥମ ଥର ଚନ୍ଦନନଗର ଯିବା ଅବସରରେ ।)

ଶ୍ରୀଅରବିନ୍ଦ ତାଙ୍କୁ ସେଠାରେ ସସ୍ତ୍ରୀକ ରହିବାକୁ କହିବା ପରେ ମୋତିଲାଲଙ୍କ ମନରେ କୌଣସି ଦ୍ୱନ୍ଦ୍ୱ ଆସିବା ଥିଲା

ଅସ୍ୱାଭାବିକ । କିନ୍ତୁ ସେ ଦ୍ୱନ୍ଦ୍ୱଗ୍ରସ୍ତ ହେଲେ ତୀବ୍ରଭାବରେ । ପଚାରିଲେ ସ୍ତ୍ରୀଙ୍କ ମତ । ସ୍ତ୍ରୀ କହିଲେ– ଫେରିଚାଲ ଚନ୍ଦନନଗର ।

ମୋତିଲାଲ ନିଷ୍କପଟ ଭାବରେ ସେ ସଂଳାପ ଲିପିବଦ୍ଧ କରିଛନ୍ତି । ଉଦ୍ଧୃତ କରୁଛି :

''ମୁଁ ବିସ୍ମୟ ବିହ୍ୱଳ ଚିତ୍ତରେ ତାଙ୍କୁ କହିଲି, ''କିନ୍ତୁ ଶ୍ରୀଅରବିନ୍ଦ ଯେ ଚାହାନ୍ତି ଏଇଠାରେ ମୋର ସାଧନା ଓ ସିଦ୍ଧି । ପୁଣି ୧୫ ଅଗଷ୍ଟ ଭାର ଯେ ମୋ ଉପରେ !'' ସେ (ତାଙ୍କ ସ୍ତ୍ରୀ) କହିଲେ, ''ଶ୍ରୀଅରବିନ୍ଦ ଦୟାକରି ତୁମକୁ ଅଟକାଇବା ପାଇଁ ଏ ବ୍ୟବସ୍ଥା କରିଛନ୍ତି । ଏ ଭାର ବହନ କରିବେ ମୀରା, ତୁମେ ନୁହଁ ।''

ମୀରା ବୋଇଲେ ଶ୍ରୀମା । ସେ ୧୯୨୦ ମସିହାରେ ସବୁଦିନ ସକାଶେ ପଣ୍ଡିଚେରୀ ଚାଲି ଆସିଥା'ନ୍ତି । ତାଙ୍କର ମହିମମୟ ଦ୍ୟୁତିରେ ଶ୍ରୀଅରବିନ୍ଦଙ୍କୁ ବେଷ୍ଟନ କରି ରହିଥିବା ଅନୁଗତମାନେ ଶ୍ରୀଅରବିନ୍ଦଙ୍କ ସ୍ୱରୂପ ଚିହ୍ନିବାର ସୌଭାଗ୍ୟ ଅର୍ଜନ କରୁଥା'ନ୍ତି ।

ମୋତିଲାଲ ରାୟ ଭାବପ୍ରବଣ ବ୍ୟକ୍ତି । ଦ୍ୱନ୍ଦ୍ୱ ଯୋଗୁଁ ସାରା ରାତି କାନ୍ଦିଲେ । କିନ୍ତୁ ନିଜ ସହକାରୀଙ୍କଠୁଁ seperationକୁ ଶ୍ରୀଅରବିନ୍ଦଙ୍କଠୁଁ Separationଅପେକ୍ଷା ଅଧିକ ମୂଲ୍ୟ ଦେଲେ । ସେ ଚାଲିଗଲେ ଚନ୍ଦନନଗର ।

କିଛିଦିନ ପାଇଁ ପ୍ରବର୍ତ୍ତକ ସଂଘ ବେଶ୍ କର୍ମମୁଖର ହେଲା । ମୋତିଲାଲ ନିଜକୁ ଗୁରୁ ଆସନରେ ପ୍ରତିଷ୍ଠିତ କଲେ । ହେଲେ 'ସଂଘଗୁରୁ' । ତାଙ୍କ ପତ୍ନୀ ହେଲେ 'ସଂଘମାତା' ।

ଆଜି ପ୍ରବର୍ତ୍ତକ ସଂଘର ବିଶାଳ ପରିସର ନିର୍ଜନ । ତିନିତିନୋଟି ଶିବଲିଙ୍ଗ ଅବହେଳିତ, ଅପୂଜିତ । ତେବେ 'ସଂଘଗୁରୁ' ଏବଂ 'ସଂଘମାତା'ଙ୍କ ପ୍ରତିମୂର୍ତ୍ତିରେ କେହି ସବୁଦିନ କେତୋଟି ଫୁଲ ଦେଇଯାଏ ।

ବିଷଣ୍ଣ ଶେଷ ଅପରାହ୍ଣରେ ସେ ପରିତ୍ୟକ୍ତ ପରିସର ବୁଲି ଦେଖୁଥିଲି । ସ୍ୱୟଂ ଶ୍ରୀଅରବିନ୍ଦ ତାଙ୍କ ପାଖରେ ରହିଯିବାକୁ ସ୍ପଷ୍ଟତମ ନିର୍ଦ୍ଦେଶ (ବିରଳ, ଅକଳ୍ପନୀୟ !) ଦେବା ପରେ ବି ଚନ୍ଦନନଗର ଚାଲି ଆସି ମୋତିଲାଲ ଗୁରୁ ବୋଲାଇଲେ ସତ, କିନ୍ତୁ ମନେହୁଏ ଅଶାନ୍ତ ରହିଥିଲେ ଆଜୀବନ । ସଂଘର କୋଠା ଫଳକରେ ପଢ଼ିଲି, ଶ୍ରୀଅରବିନ୍ଦଙ୍କୁହିଁ ସର୍ବୋତ୍ତମ ଗୁରୁର ଆସନ ଦିଆଯାଇଛି ।

ମୋତିଲାଲଙ୍କ ଘର ତଥା ପ୍ରବର୍ତ୍ତକ ସଂଘର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ପ୍ରବୀଣା ଜଣକ ମୋତେ ଘର ଭିତରର ଅନ୍ୟ ଏକ ଫଳକ ଦେଖାଇଲେ । ସେଠାକୁ ମୋତିଲାଲ ରାୟଙ୍କ ଜୀବଦ୍ଦଶାରେ ଯେତେ ବିଖ୍ୟାତ ଲୋକ ଆସିଛନ୍ତି, ସେମାନଙ୍କ ନାମ ସେଥିରେ ଲିପିବଦ୍ଧ । ମହାତ୍ମା ଗାନ୍ଧି ଓ ରବୀନ୍ଦ୍ରନାଥ ସେ ତାଲିକାର ଅନ୍ତର୍ଭୁକ୍ତ । ଶ୍ରୀଅରବିନ୍ଦଙ୍କୁ ଆଶ୍ରୟ ଦାନ କରିଥିବା କକ୍ଷ ସେମାନେ ଦେଖନ୍ତି, ଶ୍ରଦ୍ଧା ନିବେଦନ କରନ୍ତି ।

କିନ୍ତୁ ପ୍ରବୀଣା ଜଣକ ସେ ଫଳକରେ ଅନୁଲ୍ଲେଖ ଥିବା ଏପରି ଏକ ନାମ କହିଲେ, ଯାହା ଶୁଣି ମୁଁ ଚମକି ନାହିଁ, କିନ୍ତୁ ଆମୋଦିତ ହେଲି । ମୋତିଲାଲଙ୍କ ପରେ ଅରୁଣବାବୁ ସଂଘର ମୁଖ୍ୟ ଥିବାବେଳେ ଆସିଥିଲେ ଛଦ୍ମବେଶରେ ନେତାଜି ସୁଭାଷ ଚନ୍ଦ୍ର ! ସେ ସନ୍ନ୍ୟାସୀ ବନି ଶୋଲାମାରିରେ ରହୁଥିଲେ ।

''ନେତାଜି ସେମିତି ଆତ୍ମଗୋପନ କରିବାର ଆବଶ୍ୟକତା କ'ଣ ଥିଲା ?''

''ସେକଥା ଜାଣେନା । କିନ୍ତୁ ସେ ଯେ ନେତାଜି, ସେଥିରେ ମୋର ସନ୍ଦେହ ନାହିଁ । ମୁଁ ତାଙ୍କୁ ଖିଆପିଆ କରାଇଛି । ଘନିଷ୍ଠ ସାନ୍ନିଧ୍ୟରୁ ଦେଖିଛି ।'' ପ୍ରବୀଣା କଣ୍ଠ ନିମ୍ନକରି ଘୋଷଣା କଲେ ।

ତାଙ୍କ ମୋହଭଙ୍ଗ କରିବା ଦିଗରେ କିଛି କହିବାର ଉତ୍ସାହ ଏ ଲେଖକର ନଥିଲା । ❖

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା**, – ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

– ଶ୍ରୀଅରବିନ୍ଦ

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

**(*ପୂର୍ବ ପ୍ରକାଶିତ ଉତ୍ତାରୁ...*)**

ଏହିପରି ଭାବରେ ଶ୍ରୀମା ନିଜ ଶରୀରର କେତେକ ଜୀବକୋଷଙ୍କ ଉପରେ ରହିଥିବା ଚାରିଟିଯାକ ଆବରଣକୁ ଉଠାଇ ଦେବାରେ ସଫଳ ହେଲେ । ସବୁଠାରୁ କଷ୍ଟକର ହେଉଛି ଭୌତିକମାନସର ପ୍ରଭାବରୁ ବିଶୁଦ୍ଧ ଜୀବକୋଷଟିକୁ ମୁକୁଳାଇ ଦେବା । ଗୋଟିଏ ବିଶୁଦ୍ଧ ଜୀବକୋଷ ଯାହାକି ପରମ-ଚେତନାଙ୍କର ସ୍ଥୂଳ ବୀଜ ସ୍ୱରୂପ, ତାହାକୁ ଆକାର ଏବଂ ବ୍ୟକ୍ତିତ୍ୱ ଦେବା ନିମିତ୍ତ ବିଭିନ୍ନ ମାନସିକ ସ୍ତର ସବୁ ଗଠିତ ହୋଇଥିଲା । ମଣିଷ ମନର ଶକ୍ତି ଦ୍ୱାରା ପରିଚାଳିତ ହେବା ପାଇଁ ଏସବୁର ଆବଶ୍ୟକତା ରହିଥିଲା । ହଜାର ହଜାର ବର୍ଷ ଧରି ମନୁଷ୍ୟ ମନଃଶକ୍ତିର ଏକମାତ୍ର ଯନ୍ତ୍ରଭାବରେ ପୃଥିବୀପୃଷ୍ଠରେ ରାଜତ୍ୱ କରୁଛି । ମା' ଓ ଶ୍ରୀଅରବିନ୍ଦଙ୍କର ଉପଲବ୍ଧି ଅନୁସାରେ ବର୍ତ୍ତମାନ 'ମନ'ର ରାଜତ୍ୱ ଶେଷପ୍ରାୟ । ବର୍ତ୍ତମାନ ଆଉ ଗୋଟିଏ ଜୀବସତ୍ତା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବ । ଏହି ଜୀବସତ୍ତାର ଜୀବକୋଷ ବର୍ତ୍ତମାନ ମଣିଷର ଜୀବକୋଷଠାରୁ ଭିନ୍ନ ହେବ ନିଶ୍ଚୟ । ଗୋଟିଏ ବିଶୁଦ୍ଧ ଜୀବକୋଷ ଆମ ଆତ୍ମାର ବିନ୍ଦୁଭୂତ ସ୍ଥୂଳତା । କିନ୍ତୁ ମନର ବିଭିନ୍ନ ସ୍ତରରୁ ମୁକ୍ତ ନହେଲେ ଏହି ଜୀବକୋଷ ପୁନର୍ବାର ଅନ୍ୟ ଗୋଟିଏ ଜଡ଼ବସ୍ତୁରେ ରୂପାନ୍ତରିତ ହୋଇପାରିବ ନାହିଁ କିଂବା ନୂତନ ଜୀବସତ୍ତାର ଶରୀର ଗଠନ କରିପାରିବ ନାହିଁ ।

କିନ୍ତୁ ବର୍ତ୍ତମାନ ଆମେ ଆମ ମନର ସ୍ତର ଭିତରେ ବନ୍ଦୀ ହୋଇ ଯେଉଁ ଜଗତକୁ ପ୍ରତ୍ୟକ୍ଷ କରୁଛୁ ତାହା ଏକ ମିଥ୍ୟା ବାସ୍ତବତା – ଅର୍ଥାତ୍ ଏହା ପରମଚେତନାଙ୍କର ସ୍ୱରୂପକୁ ଯଥାର୍ଥ ଭାବରେ ବ୍ୟକ୍ତ କରୁ ନାହିଁ । ତେଣୁ ପ୍ରଥମେ ଆମେ ଆମର ଶରୀର କ୍ଷେତ୍ରରେ ରୂପାନ୍ତର ନିମିତ୍ତ ଜୀବକୋଷଟିରେ ସଂଲଗ୍ନ ସ୍ତରଗୁଡ଼ିକୁ ଉଠାଇ ଦେଇ ତାକୁ ବିଶୁଦ୍ଧ କରିବାକୁ ହେବ । ଅସୁବିଧା କଥା ହେଉଛି ଯେ ବର୍ଷ ବର୍ଷ ଧରି ରହିଥିବା ଏହି ଅଭ୍ୟାସକୁ ପରିବର୍ତ୍ତିତ କରିବାରେ ଯଦିବା ଆମେ ସଫଳ ହେଉ ତେବେ କେଉଁ ନିୟମ ଓ ଶକ୍ତି ଦ୍ୱାରା ଗୋଟିଏ ଜୀବକୋଷକୁ ବଞ୍ଚାଇ ରଖିବା ? ମା' ଯେତେବେଳେ ଭୌତିକମାନସର ପ୍ରଭାବରୁ ନିଜ ଜୀବକୋଷଗୁଡ଼ିକୁ ମୁକ୍ତ କଲେ, ସେତେବେଳେ ସେ ଚେତନା ହରାଉଥିଲେ, ବାରଂବାର ମୂର୍ଚ୍ଛା ହୋଇ ଯାଉଥିଲେ । କାରଣ ଏହାର ପରିଣାମରେ ଜୀବକୋଷକୁ ଧରି ରଖିବାର ଶକ୍ତି ଓ ନିୟମ ବିଚ୍ଛୁରିତ ହୋଇଯାଉଥିଲା । ମୃତ୍ୟୁ ସମୟରେ ଏହାହିଁ ହୋଇଥାଏ ।

"Death is the decentralisation of the Consciousness contained in the body's cells. The cells composing the body are held in form by centralisation of the consciousness in them, as long as that power of concentration is there. The body cannot die. It is only when the power of concentration disappears that the cells scatter. And then the body dies. The very first step towards immortality is therefore to replace the mechanical centralisation by a willed centralisation." (*Mind of the cells,* Page. 149)

''ମୃତ୍ୟୁ ହେଉଛି, ଶରୀରର ଜୀବକୋଷମାନଙ୍କ ଭିତରେ ନିହିତ ଥିବା ଚେତନାର ବିକେନ୍ଦ୍ରୀକରଣ । ଶରୀରକୁ ଗଠନ କରିଥିବା ଜୀବକୋଷମାନଙ୍କ ଭିତରେ ରହିଥିବା ଚେତନାର କେନ୍ଦ୍ରୀକରଣ ଦ୍ୱାରା ଆକୃତି ଧାରଣ କରିଥା'ନ୍ତି, ଯେତେବେଳ ପର୍ଯ୍ୟନ୍ତ ଏହି କେନ୍ଦ୍ରୀକରଣର ଶକ୍ତି ରହିଥାଏ, ସେତେବେଳଯାଏଁ ଏହି ଶରୀର ମରିପାରେ ନାହିଁ । ଯେତେବେଳେ ଏହି କେନ୍ଦ୍ରୀକରଣର ଶକ୍ତି ଚାଲିଯାଏ, ସେତେବେଳେ ଜୀବକୋଷସବୁ ବିଚ୍ଛୁରିତ ହୋଇଯାଏ ଏବଂ ଶରୀର ମୃତ୍ୟୁବରଣ କରେ । ଏଣୁ ଅମରତ୍ୱ ଆଡ଼କୁ ପ୍ରଥମ ପଦକ୍ଷେପ ହେଉଛି, ଏହି ଯାନ୍ତ୍ରିକ କେନ୍ଦ୍ରୀକରଣକୁ ବଦଳାଇ, ଏକ ଇଚ୍ଛାକୃତ କେନ୍ଦ୍ରୀକରଣକୁ ସ୍ଥାପିତ କରିବା ।''

ତେବେ ଜୀବକୋଷଟି ଭିତରେ କି ପ୍ରକାର ସଂକଳ୍ପ ଶକ୍ତିକୁ ପ୍ରତିଷ୍ଠିତ କରିବାକୁ ହେବ ? ପୂର୍ବରୁ ଆମେ ଆଲୋଚନା କରିଛେ ଯେ ଶରୀରର ଜୀବକୋଷସବୁ ଅଭ୍ୟାସ ଓ ତାହାର ପୁନରାବୃତ୍ତି ଦ୍ୱାରା ନିଜକୁ ସଂଗଠିତ କରି ରଖିଥା'ନ୍ତି ଓ ଏହା ବିଶେଷଭାବରେ ଭୌତିକ ମାନସ ଦ୍ୱାରାହିଁ ସମ୍ପାଦିତ

ହୋଇଥାଏ । ଭୌତିକ ମାନସକୁ ବାହାର କରିଦେବା ପରର ମଧ୍ୟବର୍ତ୍ତିକାଳୀନ ଅବସ୍ଥା ଖୁବ୍ କଷ୍ଟକର ହୋଇଥାଏ । ଜୀବକୋଷ ସବୁ ଆତଙ୍କିତ ହୋଇଉଠନ୍ତି – ନିଜର ପରିଚୟ, ନିଜର ବଞ୍ଚିବାର ନିୟମକୁ ହରାଇ ପକାନ୍ତି ଓ ତା' ବଦଳରେ କିଛି ପାଆନ୍ତି ନାହିଁ ।

ଏଭଳି ବିପଜ୍ଜନକ ଅବସ୍ଥାକୁ ପାଖଆଖରେ ଥିବା ଅନ୍ୟ ବ୍ୟକ୍ତିମାନେ ବୁଝିପାରନ୍ତି ନାହିଁ ଏବଂ ଏହାକୁ ରୋଗ ବୋଲି ମନେ କରିପାରନ୍ତି । ଏହି ଅବସ୍ଥାରୁ ମୁକ୍ତି ପାଇ ଆହୁରି ଅଗ୍ରଗତି କରିବା ପାଇଁ ମା' ଉପାୟ ଖୋଜିବାରେ ଲାଗିଲେ । ଶେଷରେ ସେ ଗୋଟିଏ ସରଳ ଉପାୟ ଖୋଜି ପାଇଲେ, ଯାହାକି ଆମର ପୁରାତନ ଶାସ୍ତ୍ରୀୟ ଯୋଗ ପଦ୍ଧତିରେ ମଧ୍ୟ ରହିଛି, କିନ୍ତୁ ତାହାର ବ୍ୟବହାର ଜୀବକୋଷର ସ୍ତର ପର୍ଯ୍ୟନ୍ତ ଯାଇ ନଥିଲା । ଏହି ଉପାୟଟି ହେଉଛି ମନ୍ତ୍ର ଜପ କରିବା । ମନ୍ତ୍ର ହେଉଛି କେତୋଟି ଶକ୍ତିଶାଳୀ ଧ୍ୱନିର ସ୍ପନ୍ଦନ । ବିଶ୍ୱଜଗତରେ ଯେତେସବୁ ଶକ୍ତି ବା ଗୁଣାବଳୀ ରହିଛି, ତାହାର ନିଜସ୍ୱ ଧ୍ୱନି ସ୍ପନ୍ଦନ ରହିଛି । ନିଆଁ, ପାଣି, କ୍ରୋଧ, ଈର୍ଷା, ସୌନ୍ଦର୍ଯ୍ୟ, ପ୍ରେମ ଓ ହତାଶାର ମଧ୍ୟ ଧ୍ୱନି ରହିଛି । ଆମେ କ୍ରୋଧର ସ୍ପନ୍ଦନକୁ ଉଠାଇଦେଇ ପ୍ରେମର ସ୍ପନ୍ଦନକୁ ପ୍ରତିଷ୍ଠିତ କରିପାରିବା । ଗୋଟିଏ ମନ୍ତ୍ରରେ ଏପରି ଧ୍ୱନି ଓ ସ୍ପନ୍ଦନ ରହିଥାଏ ଯେ ତାହା ଚେତନା ଉପରେ ଶକ୍ତିଶାଳୀ ଭାବରେ କ୍ରିୟା କରିପାରେ ।

ମା' ନିଜର ଗୋଟିଏ ମନ୍ତ୍ର ଖୋଜି ପାଇଲେ, ଯାହାକି ତାଙ୍କର ଜୀବକୋଷଗୁଡ଼ିକରେ ରହିଥିବା ଯାନ୍ତ୍ରିକ ପ୍ରକ୍ରିୟାକୁ ଦୂର କରି ଏକପ୍ରକାର ସଂକଳ୍ପକୁ କେନ୍ଦ୍ରୀଭୂତ କରିବ ।

ମା' କହିଛନ୍ତି – ''I have seen that the mantra has an organizing effect on the subconscient, the inconscient, on matter and the cells of the body.''

(*Mind of the cells,* Page-152)

ଅର୍ଥାତ୍ ''ମୁଁ ଦେଖିଛି ଯେ ଅବଚେତନାରେ, ନିଶ୍ଚେତନାରେ, ଜଡ଼ପଦାର୍ଥରେ ଓ ଶରୀରର ଜୀବକୋଷ ଉପରେ ମନ୍ତ୍ରର ଏକ ସଂଗଠନକାରୀ ଶକ୍ତି ରହିଛି ।''

ତେଣୁ ମା' ନିଜ ମନ୍ତ୍ରଶକ୍ତି ଦ୍ୱାରା ଜୀବକୋଷର ନିୟତି ପରିବର୍ତ୍ତନ କରିବାକୁ ଆରମ୍ଭ କଲେ । ମା'ଙ୍କର ସେହି ମନ୍ତ୍ରଟି ହେଉଛି, 'ଓଁ ନମୋ ଭଗବତେ' ।

ଏହି ମନ୍ତ୍ରଟିକୁ ମା' ସେହିମାନଙ୍କୁ ଦାନ କରିଯାଇଛନ୍ତି, ଯେଉଁମାନେ ମିଥ୍ୟା ବାସ୍ତବତାରୁ ମୁକ୍ତ ହୋଇ ଜୀବକୋଷଗୁଡ଼ିକୁ ରୂପାନ୍ତରିତ କରିବାକୁ ଆସ୍ପୃହା କରନ୍ତି ।

ତେବେ ମନ୍ତ୍ର ଦ୍ୱାରା ସଙ୍ଗେ ସଙ୍ଗେ କିଛି ବି ସାଧିତ ହେବ ନାହିଁ । ଏହା ଏକ ଧୀର ପ୍ରକ୍ରିୟା । ପ୍ରଥମେ ଏହି ମନ୍ତ୍ରଟିକୁ ଯାନ୍ତ୍ରିକ ଭାବରେ ଜପିବାକୁ ହେବ । ଦିନ ଦିନ ଧରି, ମାସ ମାସ ଧରି ଏହି ମନ୍ତ୍ରଟିକୁ ଭିତରେ ଭିତରେ ପୁନରାବୃତ୍ତି କରିବାକୁ ହେବ । ତା'ପରେ ଏହି ମନ୍ତ୍ରଟି ଅବଚେତନା ଉପରେ କ୍ରିୟା କରିବ ଓ ଶେଷରେ ଶରୀର ଭିତରକୁ ଓହ୍ଲାଇ ଆସିବ । ଜୀବକୋଷଗୁଡ଼ିକର ଭିତ୍ତିଭୂମି ବଦଳିବାକୁ ଆରମ୍ଭ କଲାବେଳେ ଅବସ୍ଥା ଆହୁରି କଷ୍ଟକର ହୋଇଉଠିବ । ମନ୍ତ୍ରର କ୍ରିୟା ପ୍ରଥମେ ଅଳ୍ପ କେତୋଟି ଜୀବକୋଷକୁ ପ୍ରଭାବିତ କରିବ । ସେତେବେଳେ ବିଶ୍ୱାସ ରଖିବାକୁ ହେବ ଏବଂ ନିଜକୁ ସମ୍ପୂର୍ଣ୍ଣ ଭାବେ ତ୍ୟାଗ କରିଦେବାକୁ ହେବ । ବିଚଳିତ ନହୋଇ ସେହି ଆତଙ୍କକୁ, ଯନ୍ତ୍ରଣାକୁ ସାମନା କରିବାକୁ ହେବ । ଯେତେବେଳେ କେତୋଟି ଜୀବକୋଷ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ମନ୍ତ୍ରଟିକୁ ପୁନରାବୃତ୍ତି କରିବାରେ ସଫଳ ହେବେ ସେତେବେଳେ ସେମାନେ ପୁରାତନ ନିୟମ ଓ ପୁରାତନ ଅଭ୍ୟାସକୁ ବିସ୍ମୃତ ହୋଇଯିବେ । ଏହି ମନ୍ତ୍ରଟିର ଧ୍ୱନି ଜୀବକୋଷମାନଙ୍କ ଭିତରେ ଏକ ରୂପାନ୍ତରକାରୀ ଶକ୍ତିକୁ ଅବସ୍ଥାପିତ କରିବ । କିନ୍ତୁ ଏହି ଅବସ୍ଥା ସେତେବେଳ ପର୍ଯ୍ୟନ୍ତ ସ୍ଥାୟୀ ହେବ ନାହିଁ, ଯେତେବେଳଯାଏଁ ଅନେକ ଜୀବକୋଷ ସଚେତନ ହୋଇନାହାନ୍ତି, ପୁରାତନ ମରଣଶୀଳ ଅଭ୍ୟାସରୁ ମୁକ୍ତ ହୋଇ ନାହାନ୍ତି ।

ମା' ଶେଷପର୍ଯ୍ୟନ୍ତ ଏହି ମନ୍ତ୍ରଟିକୁ ଜପ କରିଥିଲେ । ତାଙ୍କର ଅନେକଗୁଡ଼ିଏ ଜୀବକୋଷ ସଚେତନ ଭାବରେ ଦିବ୍ୟ ବିଧାନକୁ ଗ୍ରହଣ କରିଥିଲେ । କିନ୍ତୁ ଏହା ଏକ ସାମୂହିକ ଯୋଗ । ଜଣେ ବ୍ୟକ୍ତି ହଠାତ୍ ନିଜର ଶରୀରକୁ ରୂପାନ୍ତରିତ କରିଦେଇ ପୃଥିବୀରେ ଠିଆ ହୋଇପାରିବ ନାହିଁ । ଏଥିପାଇଁ ଗୋଟିଏ ଗୋଷ୍ଠୀର ଆବଶ୍ୟକତା ରହିଛି । ମା' ଓ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଣୋଦିତ ''ପୂର୍ଣ୍ଣଯୋଗ''ର ଶେଷ ପର୍ଯ୍ୟାୟ ଏହି ''ଶରୀର ରୂପାନ୍ତର'' ଖୁବ୍ କଠିନ ଓ ଏକ ଦୁଃସାହସିକ ଅଭିଯାତ୍ରା ।

ମା'ଙ୍କ ଶରୀରରେ ଏହି ମନ୍ତ୍ରଶକ୍ତି କିପରି ଭାବରେ କ୍ରିୟା କରୁଥିଲା ସେକଥା ପୁଣି ଆଲୋଚନା କରିବା ।

(କ୍ରମଶଃ)

# ଆଧାରଶୁଦ୍ଧି ଓ ଅବଚେତନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମସ୍ତ ଯୋଗସାଧନାରେ, ସମସ୍ତ ଆଧ୍ୟାତ୍ମିକ ପରମ୍ପରାରେ ଆଧାରଶୁଦ୍ଧି ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ପୂର୍ଣ୍ଣଯୋଗରେ ଯେଉଁଠି ସମଗ୍ର ସତ୍ତା ଓ ଚେତନାକୁ ପୂର୍ଣ୍ଣରୂପେ ଶୁଦ୍ଧ କରି, ସମଗ୍ର ପ୍ରକୃତିକୁ ଦିବ୍ୟ ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବାର ଲକ୍ଷ୍ୟ ଗ୍ରହଣ କରାଯାଇଛି, ତହିଁରେ ଆଧାରଶୁଦ୍ଧିର କ୍ଷେତ୍ର ଅତି ବ୍ୟାପକ ଓ ବିସ୍ତୃତ; ଚୈତ୍ୟ ଓ ଆଧ୍ୟାତ୍ମିକ ଚେତନାଠାରୁ ଆରମ୍ଭ କରି ମନ, ପ୍ରାଣ, ଶରୀର, ଅବଚେତନ, ନିଶ୍ଚେତନ ଆଦି ଚେତନାର ସବୁସ୍ତରହିଁ ଆମ ସାଧନାପରିସରର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ପାରମ୍ପରିକ ଯୋଗ ପରି କେବଳ ମନ ଓ ପ୍ରାଣ କ୍ଷେତ୍ରରେ ଅହଂ ଓ କାମନା ବାସନାର ବିଲୋପ ସାଧନ କରି, ଆତ୍ମା, ବ୍ରହ୍ମ ବା ଭାଗବତ ଉପସ୍ଥିତିର ଉପଲବ୍ଧି କରି ତାହା ସହ ଏକାତ୍ମତା ଉପଲବ୍ଧି କରିଲେ ବା ବିଶ୍ୱ ଅଭିବ୍ୟକ୍ତିରୁ ବାହାରି ଯାଇ ନିର୍ବାଣରେ ଲୀନ ହୋଇଗଲେ ଚଳିବ ନାହିଁ । ସମଗ୍ର ସତ୍ତା ଓ ପ୍ରକୃତିକୁ ଦିବ୍ୟରୂପାନ୍ତର ପାଇଁ ଆମକୁ ପ୍ରସ୍ତୁତ କରିବାକୁ ହେବ । ତେଣୁ ଆମ ଚେତନାର ପ୍ରତିଟି ଅନ୍ଦି କନ୍ଦି ଖୋଜି କେଉଁଠି କିଛି ଅତିସାମାନ୍ୟ ଓ ନଗଣ୍ୟ ଅଶୁଦ୍ଧି ଥିଲେ ମଧ୍ୟ ତାହାକୁ ଶୁଦ୍ଧିର ଆଲୋକ ଆଗରେ ରଖିବାକୁ ହେବ । କେଉଁଠି କିଛିକୁ ଛାଡ଼ିଯିବାର ତିଳେ ମାତ୍ର ଅବକାଶ ନାହିଁ ।

କାରଣ ସ୍ୱୟଂ ଦିବ୍ୟଜନନୀଙ୍କ ମହାସରସ୍ୱତୀ ଶକ୍ତି ଆମ ଯୋଗରେ ବିସ୍ତୃତ ତଥା ଟିକିନିଖି ଉଭୟ କ୍ଷେତ୍ରରେ କ୍ରିୟାଶୀଳା । ଶ୍ରୀଅରବିନ୍ଦ ମହାସରସ୍ୱତୀଙ୍କ ସଂପର୍କରେ କହିଛନ୍ତି ''ଯେଉଁ ସଂକଳ୍ପ ତାଙ୍କ କର୍ମ ମଧ୍ୟରେ ସକ୍ରିୟ, ତାହା ସତର୍କ, ଅତନ୍ଦ୍ର, ଅକ୍ଲାନ୍ତ । ଉପରୁ ଆନତ ହୋଇ ସେ ଆମମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାଦପି କ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରାହୋଇଛି ଓ କେତେ କରିବାକୁ ବାକି ଅଛି, ତାହା ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି । ତାଙ୍କ ଦୃଷ୍ଟି ପାଖରେ କ୍ଷୁଦ୍ର ବା ଆପାତନଗଣ୍ୟ କିଛିହିଁ ନାହିଁ, ଯେତେହିଁ ଛଦ୍ମବେଶରେ, ସୂକ୍ଷ୍ମ ଭାବରେ ଅନ୍ତର୍ଲୀନ ହୋଇ ରହୁନା କାହିଁକି କିଛିବି ତାଙ୍କ ଦୃଷ୍ଟି ପାଖରେ ଲୁଚି ରହିପାରେ ନାହିଁ ।''

ତେଣୁ ଆମ ସାଧନାରେ ଲକ୍ଷ୍ୟ ହେଉଛି ଆମ ଆଧାରଟିକୁ ଏପରି ଶୁଦ୍ଧ କରି ଗଢ଼ି ତୋଳିବା ଯେଉଁଥିରେ ମା'ଙ୍କ ଶକ୍ତି ଅବାଧରେ କ୍ରିୟା କରିପାରିବ । ମା'ଙ୍କ ଶକ୍ତିର କ୍ରିୟା ପ୍ରତି ଆମ ଆଧାରଟି ନିତ୍ୟ ନିରନ୍ତର ଉନ୍ମୀଳିତ, ନମନୀୟ, ସ୍ୱଚ୍ଛ ଓ ଗ୍ରହଣଶୀଳ ରହିଲେହିଁ ସେହି ଶକ୍ତି ଆମ ଭିତରେ ସର୍ବାଙ୍ଗୀଣ ଆଧାର ଶୁଦ୍ଧିକୁ ସଂପନ୍ନ କରିଦେବ । ଶ୍ରୀମା କହିଛନ୍ତି ଭାଗବତ ଉପସ୍ଥିତିହିଁ ଆଧାରରେ ଯଥାର୍ଥ ଶୁଦ୍ଧି ଆଣିଦିଏ । ଆମର ପୂର୍ବକଳ୍ପିତ ସଂସ୍କାର ଓ ଧାରଣା ଅନୁସାରେ କାହାର ଆଚରଣ ଓ ମନୋଭାବ ଆମକୁ ସମୀଚୀନ ବା ଅସମୀଚୀନ ଲାଗିପାରେ କିନ୍ତୁ ତହିଁରେ ଭଗବତ୍ ପ୍ରେରଣା ଓ ଉପସ୍ଥିତିହିଁ ଯଥାର୍ଥ ଶୁଦ୍ଧିର ମାପକାଠି । ପାରମ୍ପରିକ ଯୋଗରେ ଅବଧୂତ ଓ ପରମହଂସମାନଙ୍କର ବ୍ୟବହାରରେ ବାଳବତ୍, ଉନ୍ମାଦବତ୍, ଜଡ଼ବତ୍ ଏପରିକି ପିଶାଚବତ୍ ନାନା ଆଚରଣ ଦେଖାଗଲେ ମଧ୍ୟ ସେମାନଙ୍କ ଆନ୍ତର-ଚେତନାରେ ସେମାନେ ପରମ ସତ୍ୟ ସହ ନିତ୍ୟଯୁକ୍ତ ହୋଇଥିବାରୁ ସେମାନଙ୍କ ଆଧାରକୁ ସର୍ବଦା ଏକ ଶୁଦ୍ଧ ଆଧାର ବୋଲି ଗ୍ରହଣ କରାଯାଇଥାଏ । ଆମ ଯୋଗରେ ମଧ୍ୟ ଆଧାର-ଶୁଦ୍ଧି କ୍ଷେତ୍ରରେ ଆନ୍ତର-ଚେତନାକୁ ପ୍ରଥମ ଓ ପ୍ରଧାନ ଗୁରୁତ୍ୱ ଦେବାକୁ ହେବ ।

ଗୀତାରେ ସମସ୍ତ କ୍ଷେତ୍ରରେ, ସମସ୍ତ ବିଷୟରେ ଏକ ସମତାଭାବ ରକ୍ଷା କରିବାକୁହିଁ ଆଧାରଶୁଦ୍ଧିର ପ୍ରଧାନ କଥା ବୋଲି କୁହାଯାଇଛି । ଶ୍ରୀମା ମଧ୍ୟ କହିଛନ୍ତି ସମତା ଓ ଚେତନାର ବିଶାଳ ପ୍ରସାରହିଁ ଅତିମାନସ ଶକ୍ତି ପ୍ରତି ଗ୍ରହଣଶୀଳତାର ପ୍ରଧାନ ଅବଲମ୍ବନ । ଆମକୁ ମଧ୍ୟ ସମତାର ସେହି ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । କିନ୍ତୁ ତାହା ସର୍ବାଙ୍ଗୀଣ ସମତା ହେବା ଆବଶ୍ୟକ । ସମତା ଦୁଇଧରଣର ହୋଇପାରେ, ସକ୍ରିୟ ସମତା ଓ ନିଷ୍କ୍ରିୟ ସମତା । ଜଣେ ଏକ ନିଷ୍କ୍ରିୟ ସମତାର ଭାବ ରଖି ଭଲ ମନ୍ଦ, ଭୁଲ୍ ଠିକ୍, ନ୍ୟାୟ ଅନ୍ୟାୟ ଓ ସତ୍ୟମିଥ୍ୟା ଆଦିର ତାରତମ୍ୟ ପ୍ରତି ଆଖିବୁଜି ଦେଇ ଉଭୟ ସଂପର୍କରେ ସମାନ

ଭାବେ ଉଦାସୀନ ରହିପାରେ । କିନ୍ତୁ ତାହା ହେବ ଉଦାସୀ, ବୈରାଗୀର ଆଚରଣ, ପୂର୍ଣ୍ଣ ଯୋଗର ସାଧକର ଆଚରଣ ନୁହେଁ । ଆମକୁ ପୋଷଣ କରିବାକୁ ହେବ ସକ୍ରିୟ ସମତାର ଭାବ । ବାଧାବିଘ୍ନ ଆଗରେ, ଅନ୍ୟାୟ, ମିଥ୍ୟାଚାର ଆଗରେ ବା ବିରୋଧୀ ଅପଶକ୍ତିର ଆକ୍ରମଣର ସମ୍ମୁଖୀନ ହେଲାବେଳେ ଆମେ ତହିଁରେ ବିଚଳିତ ନ ହୋଇ ନିଜର ସମତା ଭାବ ବଜାୟ ରଖିବୁ ନିଶ୍ଚୟ, କିନ୍ତୁ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ସକ୍ରିୟ ଭାବରେ ସଚେଷ୍ଟ ହେବୁ ସେହି ଭୁଲ୍, ଅନ୍ୟାୟ ବା ମିଥ୍ୟାଚାରକୁ ଦୂର କରିବାକୁ । ନିଷ୍କ୍ରିୟ ସମତାଭାବ ରଖି ବାଧାବିଘ୍ନଗୁଡ଼ିକୁ ସହ୍ୟ କରିଯିବା ନୁହେଁ, ସକ୍ରିୟ ସମତାର ଭାବ ରଖି ସେଗୁଡ଼ିକ ବିରୋଧରେ ସଂଗ୍ରାମ କରିବାହିଁ ହେଉଛି ସକ୍ରିୟ ସମତାର ଭାବ ।

ପୂର୍ଣ୍ଣଯୋଗରେ ଅନ୍ୟାନ୍ୟ ସମସ୍ତ ପାରମ୍ପରିକ ସାଧନାରେ ପ୍ରଚଳିତ ଆଧାରଶୁଦ୍ଧିର ସମସ୍ତ ଅଙ୍ଗକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ଚେତନାର ସମସ୍ତ ସ୍ତରରେ ଦିବ୍ୟ ଭାଗବତୀ ଶକ୍ତିର ଆବାହନ ଓ ଉପସ୍ଥିତିହିଁ ପ୍ରଧାନ କଥା । ସେହି ଉପସ୍ଥିତି ପାଖରେ ଆମର ସମସ୍ତ ସଂକଳ୍ପ, କର୍ମ, ପ୍ରବୃତ୍ତି ଓ ପ୍ରେରଣା ଆଦିକୁ ସମର୍ପଣ କରିଦେବାହିଁ ପ୍ରଧାନ କଥା । ଆମ ନିଜର କୌଣସି ଶକ୍ତି ନୁହେଁ ଶ୍ରୀମା'ଙ୍କ ଶକ୍ତିହିଁ ଆମକୁ ଆଧାରଶୁଦ୍ଧିର ସମସ୍ତ ପୂର୍ଣ୍ଣତା ଓ ସିଦ୍ଧି ଦିଗରେ ଆଗେଇ ନେବ ।

ତେବେ ଦେଖାଯାଏ ଯେ ମା'ଙ୍କ ଶକ୍ତିର କ୍ରିୟା ପାଇଁ ଆମେ ପୂର୍ଣ୍ଣ ସମ୍ମତି ଦେଇଛୁ, ତାହା କ୍ରିୟାଶୀଳା ହୋଇ ରହିଛି, କିନ୍ତୁ ଯେଉଁ ଦୋଷତ୍ରୁଟି ଓ ବାଧାବିଘ୍ନ ଉପରେ ଆମେ ବିଜୟ ହାସଲ କରିଛୁ ବୋଲି ମନେ କରିଥାଉ, ତାହା ପୁଣି ଦେଖାଦିଏ କେଉଁଠୁ ଉଠିଆସି ଆମର ସମସ୍ତ ଶ୍ରମ ଓ ସାଧନାକୁ ପଣ୍ଡ କରି ଦେବାର ଭୟ ଦେଖାଏ । କେବଳ ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ନୁହେଁ, ପୃଥିବୀରେ ମାନବସମାଜର ଅଗ୍ରଗତି କ୍ଷେତ୍ରରେ ମଧ୍ୟ ଦେଖାଯାଏ ଏକଦା ଜୟ କରାଯାଇଛି ବୋଲି ମନେ ହେଉଥିବା ଯୁଦ୍ଧ, ହିଂସା, ଶୋଷଣ, ଦମନ ଆଦି ନାନା ମିଥ୍ୟାଚାର ଓ ଅନ୍ଧକାରର ଶକ୍ତି ପୁଣି ମୁଣ୍ଡ ଟେକୁଛନ୍ତି, ନିଜର ବୀଭତ୍ସ ଲୀଳାରେ ସମସ୍ତ ମାନବ ସଭ୍ୟତାକୁ ଧ୍ୱଂସପଥରେ ଆଗେଇ ନେବାକୁ ଉଦ୍ୟତ ହେଉଛନ୍ତି । ସର୍ବୋପରି କାହିଁକି ଜରା, ବ୍ୟାଧି, ମୃତ୍ୟୁ ପରି ଅଦିବ୍ୟ ଶକ୍ତିର ଖେଳା ପ୍ରକୃତିର ଏକ ଅଲଙ୍ଘନୀୟ ନିୟମ ହୋଇ ରହିଛି ? କୌଣସି ବ୍ୟକ୍ତି, ସେ ଯେତେ ସିଦ୍ଧ ମହାପୁରୁଷ ଓ ମହାନ୍ ଆତ୍ମା ହୁଅନ୍ତୁ ନା କାହିଁକି ଆଧାରଶୁଦ୍ଧିର କ୍ଷେତ୍ରରେ ଯେତେ ଯାହା ଅସାଧାରଣ କୃତିତ୍ୱ ଲାଭ କରନ୍ତୁ ନା କାହିଁକି ଶେଷରେ କାହିଁକି ତାଙ୍କର ଶରୀର ଜରା, ବ୍ୟାଧି ଓ ମୃତ୍ୟୁର କବଳରୁ ମୁକ୍ତ ହୋଇପାରୁ ନାହିଁ ?

ଏହି ଅଦିବ୍ୟ ଶକ୍ତିଗୁଡ଼ିକ ଏପରି କେଉଁ ଅଭେଦ୍ୟ ଦୁର୍ଗରେ ନିଜକୁ ସୁରକ୍ଷିତ କରି ରଖିଛନ୍ତି ଯେ ଯାହା ଉପରେ ଆଜି ପର୍ଯ୍ୟନ୍ତ ଶରୀର କ୍ଷେତ୍ରରେ କୌଣସି ଚୂଡ଼ାନ୍ତ ବିଜୟ ହାସଲ କରାଯାଇ ପାରିଲା ନାହିଁ ? ଅବଚେତନାହିଁ ହେଉଛି ସବୁଠାରୁ ଅଭେଦ୍ୟ ଓ ଶକ୍ତିଶାଳୀ ଦୁର୍ଗ, ଯାହାଭିତରେ ଅଦିବ୍ୟ ଶକ୍ତିର ସେନାନୀ ନିଜର ଶିବିର ଓ ଛାଉଣୀ ପକାଇ ସେହିଠାରୁ ଆକ୍ରମଣ କରନ୍ତି ଆଧାରରେ କ୍ରିୟାଶୀଳା ଦିବ୍ୟ ଭାଗବତୀ ଶକ୍ତି ଓ ତା'ର ସତ୍ୟ ଓ ଆଲୋକ ଉପରେ । ତେଣୁ ଅବଚେତନାର ସେହି ଅନ୍ଧକାରମୟ ଦୁର୍ଗ ଦଖଲ କରି, ସେଠାରେ ଭାଗବତୀ ଶକ୍ତି, ସତ୍ୟ ଓ ଆଲୋକର କର୍ତ୍ତୃତ୍ୱ ଓ ଆଧିପତ୍ୟ ପ୍ରତିଷ୍ଠା କରିପାରିଲେ ଯାଇ ଆମ ଆଧାର ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହେବ ଦିବ୍ୟରୂପାନ୍ତର ପାଇଁ ।

ପିଲାଦିନେ ଶୁଣିଥିବା ସେହି କାହାଣୀ ସମସ୍ତଙ୍କର ମନେଥିବ ଯେ ଏକ ଭୟଙ୍କର ରାକ୍ଷସ, ସମସ୍ତ ରାଜ୍ୟବାସୀଙ୍କୁ ଭକ୍ଷଣ କରି ସୁନ୍ଦରୀ ରାଜକୁମାରୀଙ୍କୁ ବନ୍ଦୀ କରି ରଖିଥିଲା । ରାଜକୁମାରୀଙ୍କୁ ଉଦ୍ଧାର କରିବାକୁ ଯାଇ ବହୁ ରାଜକୁମାର ସେହି ରାକ୍ଷସ ଦ୍ୱାରା ପରାଜିତ ଓ ନିହତ ହେଲେ । ଶେଷରେ ଜଣେ ବୁଦ୍ଧିମାନ୍ ରାଜକୁମାର ସେହି ରାକ୍ଷସ ସହ ସିଧାସଳଖ ଯୁଦ୍ଧ ନ କରି ପ୍ରଥମେ ତା'ର ମୃତ୍ୟୁଭେଦ ଜାଣିବାକୁ ଚାହିଁଲେ । ନାନା କୌଶଳରେ ରାଜକୁମାରୀଙ୍କ ସହ ସଂପର୍କ ସ୍ଥାପନ କରି ତାଙ୍କଠାରୁ ଜାଣିଲେ ସେହି ରାକ୍ଷସର ମୃତ୍ୟୁଭେଦ ଯାହା ସେହି ରାକ୍ଷସ ଗର୍ବର ସହ ତାଙ୍କୁ କହିଥିଲା ଯେ କିପରି ସାତତାଳ ପଙ୍କ ତଳେ ଏକ ଗୁପ୍ତ କୋଠରି ରହିଛି ଓ ତା' ଭିତରେ ରହିଛି ଏକ ବାକ୍ସ ଓ ସେହି ବାକ୍ସ ଭିତରେ ରହିଛି ଏକ ଫରୁଆ, ଏବଂ ସେହି ଫରୁଆ ଭିତରେ ରହିଛି ଏକ ଭଅଁର । ସେହି ଭଅଁରଟିକୁ କେହି ମାରିଲେହିଁ ତା'ର ମୃତ୍ୟୁ ହେବ, ଯାହାକି ଅସମ୍ଭବ । ଚତୁର ଓ ବିକ୍ରମବନ୍ତ ରାଜକୁମାର ସେହି ମୃତ୍ୟୁଭେଦ ପାଇ, ସେହି ସାତତାଳ ପଙ୍କ ଭେଦକରି, କୋଠରି ଭିତରର ବାକ୍ସ ଓ ତା' ଭିତରର ଫରୁଆ ଖୋଲି ତହିଁରେ ଥିବା ଭଅଁରଟିକୁ ମାରିଦେବାରୁ ରାକ୍ଷସଟା ମଧ୍ୟ ମରିଗଲା ଓ ରାଜକୁମାର ଓ ରାଜକୁମାରୀ ବିବାହ କରି ସୁଖରେ କାଳାତିପାତ କଲେ ।

ଏହି ଗଳ୍ପଟିକୁ ଏକ ପ୍ରତୀକାତ୍ମକ ଗଳ୍ପ ବୋଲି ଗ୍ରହଣ କରାଯାଇପାରେ । ଆଜି ପୃଥିବୀ ଉପରେ ଆମେ ହିଂସା, ଦ୍ୱେଷ, ମିଥ୍ୟାଚାର, ଅନ୍ୟାୟ, ଶୋଷଣ, ଅତ୍ୟାଚାର ଆଦିଠାରୁ ଆରମ୍ଭ କରି ଜରା, ବ୍ୟାଧି, ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଜୀବନ ବିରୋଧୀ ଅନ୍ଧକାରମୟ ଅପଶକ୍ତି ଓ ରାକ୍ଷସମାନଙ୍କ ବିକଟ ଲୀଳା ଦେଖୁଛୁ ଓ ଲାଗୁଛି ଯେପରି ଏଗୁଡ଼ିକର ଶେଷ ନାହିଁ, ଅବଚେତନାରେହିଁ ରହିଛି ସେମାନଙ୍କ ଜୀବନ-ଭଅଁର । ସେଇ ଅବଚେତନାର ବ୍ୟୂହ ଭେଦ କରି ଯଦି ସେହି ଭଅଁରଟିକୁ ମାରିଦିଆଯିବ ତେବେ ଏହି ରାକ୍ଷସମାନଙ୍କ ପରମାୟୁ ଶେଷ ହୋଇଯିବ ।

କିନ୍ତୁ ଅବଚେତନାର ସେହି ରାଜ୍ୟରେ ପ୍ରବେଶ କରି ସେଠାରେ ଦିବ୍ୟ ଆଲୋକର ରାଜ୍ୟ ପ୍ରତିଷ୍ଠା କରିବାର ଅଭିଯାନ ଅତ୍ୟନ୍ତ ଦୁରୂହ । ଯେତେ ଯାହା ଦୁରୂହ ହେଲେ ମଧ୍ୟ ପୂର୍ଣ୍ଣଯୋଗର ରୂପାନ୍ତର ଲକ୍ଷ୍ୟକୁ ସିଦ୍ଧ କରିବାକୁ ହେଲେ ଏହି ଅଭିଯାନ ଅପରିହାର୍ଯ୍ୟ । ଏହି ଅବଚେତନାର କ୍ଷେତ୍ରଟି କ'ଣ ଓ ଦିବ୍ୟଶକ୍ତିର ତାହା ଉପରେ କିପରି ବିଜୟ ହାସଲ କରାଯାଇପାରିବ ଶ୍ରୀଅରବିନ୍ଦ ଓ ଶ୍ରୀମା ହେଉଛନ୍ତି ସେହି ଅଭିଯାନର ଅଗ୍ରଣୀ ପଥପ୍ରଦର୍ଶକ । ନିଜ ସାଧନା ଓ ପ୍ରତ୍ୟକ୍ଷ ଅନୁଭୂତି ଭିତର ଦେଇ ଉଭୟେ ଅବଚେତନାର ସେହି ରାଜ୍ୟକୁ ଜାଣିଛନ୍ତି, ବ୍ୟୂହଭେଦ କରି ତହିଁରେ ପ୍ରବେଶ କରିଛନ୍ତି ଓ ତହିଁରେ ଥିବା ସମସ୍ତ ଅଜ୍ଞାନ, ଅନ୍ଧକାର ଓ ଭଗବତ୍ ବିରୋଧୀ ଅପଶକ୍ତି ବିରୋଧରେ ଦିବ୍ୟସଂଗ୍ରାମରେ ଅବିରାମ ଲିପ୍ତ ରହି ଆମ ପାଇଁ ଅବଚେତନା ଉପରେ ବିଜୟ ଲାଭର ପଥ ସୁଗମ କରିଯାଇଛନ୍ତି । ଆମକୁ ଶେଷ ବିଜୟ ପର୍ଯ୍ୟନ୍ତ ସେହି ସଂଗ୍ରାମ ଚଳାଇ ରଖିବାକୁ ହେବ ।

ଶ୍ରୀଅରବିନ୍ଦଙ୍କ କଥାରେ, ''ଅବଚେତନ ହେଉଛି ପ୍ରଧାନ କାରଣ ଯେଉଁଥିପାଇଁ ସବୁ କିଛିର ବାରଂବାର ପୁନରାବୃତ୍ତି ହେଉଥାଏ ଏବଂ କେବଳ ବାହ୍ୟରୂପ ଛଡ଼ା କୌଣସି କିଛିର ପ୍ରକୃତ ପରିବର୍ତ୍ତନ ହେଉ ନ ଥାଏ । ଏହାହିଁ ହେଉଛି କାରଣ ଯେଉଁଥିପାଇଁ କୁହାଯାଇଥାଏ ଯେ ପ୍ରକୃତିର ପରିବର୍ତ୍ତନ ଅସମ୍ଭବ । ଯେଉଁ ଦୋଷଗୁଡ଼ିକୁ ପୂରା ଦୂର କରିଦେଇ ସାରିଥିବାର ଆଶା କରାଯାଇଥାଏ, ସେଗୁଡ଼ିକ ପୁଣି ଫେରି ଆସନ୍ତି । ସବୁକିଛିର ବୀଜ ସେହି ଅବଚେତନାରେହିଁ ରହିଥାଏ ଏବଂ ମନ, ପ୍ରାଣ ଓ ଦେହର ସମସ୍ତ ସଂସ୍କାର ସେହିଠାରେହିଁ ରହିଛି– ଏବଂ ମୃତ୍ୟୁ ଓ ବ୍ୟାଧିର ଏହାହିଁ ପ୍ରଧାନ ଅବଲମ୍ବନ ଏବଂ ଏହାହିଁ ଅଭେଦ୍ୟ ଭଳି ଲାଗୁଥିବା ଅଜ୍ଞାନର ଶେଷ ଦୁର୍ଗ । ଯାହା କିଛିକୁ ପୂରା ଦୂର କରି ନ ଦେଇ ଚାପି ଦମନ କରିଦିଆ-ଯାଇଥାଏ, ତାହା ବୁଡିଯାଇ ସେହିଠାରେହିଁ ବୀଜ ଆକାରରେ ରହିଥାଏ ଏବଂ ଯେ କୌଣସି ମୁହୂର୍ତ୍ତରେ ଅଙ୍କୁରୋଦ୍‌ଗମ ପୂର୍ବକ ତାହା ଉପରକୁ ଉଠି ଆସିବାକୁ ପ୍ରସ୍ତୁତ ହୋଇ ରହିଥାଏ ।''

ଶ୍ରୀମା ଅବଚେତନ ସଂପର୍କରେ ନିଜ ଅନୁଭୂତିର ବର୍ଣ୍ଣନା ଦେଇ କହିଛନ୍ତି, ''ପୂରା ଅବଚେତନରେ ମୁଁ ପ୍ରବେଶ କରିଛି, ସେହି ଅବଚେତନ ଭୟାନକ ଭାବରେ ନାନା ଦୋଷ ଦୁର୍ବଳତା ଓ ମୂଢ଼ତାରେ ଭରା, ଏବଂ ବହୁକିଛିର ଓ ସବୁକିଛିର ଆଧିପତ୍ୟ ସେଠାରେ ରହିଛି । ଓଃ ରାତ୍ରି ପରେ ରାତ୍ରି; ରାତ୍ରି ପରେ ରାତ୍ରି ମୋ ଆଗରେ ଏହା ନିଜକୁ ଖୋଲିଦେଇଛି ତା'ର ନିଜର ସ୍ୱରୂପ ଦେଖାଇବା ପାଇଁ । ଗତ ରାତ୍ରିରେ ଏହା ଥିଲା ବର୍ଣ୍ଣନାତୀତ । ଏବଂ ଏହା ଏହିପରି ଲାଗି ରହିଛି । ମନେ ହେଉଛି ଯେପରି ଏହାର ସୀମା ନାହିଁ । ତେଣୁ ସ୍ୱାଭାବିକ ଭାବରେ ଶରୀର ଉପରେ ଏହାର ପ୍ରଭାବ ପଡୁଛି, ଆହା ବିଚାରା ଶରୀର ! ଏହାହିଁ ହେଉଛି ତା'ର ଅବଚେତନ, ବ୍ୟକ୍ତିଗତ, ପୁଣି ବ୍ୟକ୍ତିଗତ ନୁହେଁ, ଏହା ବ୍ୟକ୍ତିଗତ ହୋଇଉଠେ ଯେତେବେଳେ ଏହା ଶରୀର ଭିତରେ ପ୍ରବେଶ କରେ ।... ସେହି ଅବଚେତନ ପ୍ରକୃତରେ ଭୟାନକ ଜିନିଷଗୁଡ଼ିକରେ ଭରପୂର, ମନେହୁଏ ଯେପରିକି ଅତଳ ଓ ଅସୀମ । ମନେହୁଏ ଯେପରି ଏହା ଆହୁରି ନୂଆନୂଆ ସମଷ୍ଟି ନେଇ ଦେଖାଦେବ ଓ ପୂର୍ବ ପରି ଭୟାନକ ହୋଇ ରହିବ । କିନ୍ତୁ ତା'ଠିକ୍ ନୁହେଁ । ଏଗୁଡ଼ିକ ପରିବର୍ତ୍ତିତ ହୁଅନ୍ତି, ଏଗୁଡ଼ିକ ଭିତରେ ପରିବର୍ତ୍ତନ ଆସେ । କିନ୍ତୁ କାମଟି କେଡ଼େ କଷ୍ଟସାଧ୍ୟ !

ଶ୍ରୀମା' ମଧ୍ୟ କହିଛନ୍ତି ''...ମୁଁ ଯେଉଁ ଦିବ୍ୟଶକ୍ତି କଥା କହୁଛି ତାହା ଯେପରି ଏକ ବିଦ୍ୟୁତ୍‌ଚାଳିତ ଡ୍ରିଲ୍ ପରି ଅବଚେତନ ଆଡ଼କୁ ଆହୁରି ଗଭୀରରୁ ଗଭୀରତର ଭିତରକୁ ଭେଦ କରିଚାଲିଛି । ସେଠାରେ ଅବିଶ୍ୱାସ୍ୟ ଜିନିଷସବୁ ରହିଛି, ସଂପୂର୍ଣ୍ଣ ଅବିଶ୍ୱାସ୍ୟ, ଏବଂ ସେହି ଦିବ୍ୟଶକ୍ତି ଏହାକୁ ଅନିବାର୍ଯ୍ୟ ଭାବରେ ଭେଦ କରି ଚାଲିଛି । ମଣିଷର ଅବଚେତନ ଚିତ୍କାର କରୁଛି, 'ଓଃ ବର୍ତ୍ତମାନ ନୁହେଁ, ବର୍ତ୍ତମାନ ନୁହେଁ, ଏତେଶୀଘ୍ର ନୁହେଁ ।' ...କିନ୍ତୁ ରୂପାନ୍ତରିତ କରିବାକୁ ହେଲେ ତୁମକୁ ତଳକୁ ଓହ୍ଲାଇବାକୁ ହେବ ଏବଂ ତାହାହିଁ ଭୀଷଣ ସାଙ୍ଘାତିକ ଜିନିଷ ।... ନ ହେଲେ ଜିନିଷଗୁଡ଼ିକର ରୂପାନ୍ତର ହେବ ନାହିଁ, ତାହା ସେହିପରି ଅରୂପାନ୍ତରିତ ହୋଇ ରହିଯିବ ।''

ଶ୍ରୀଅରବିନ୍ଦ ତାଙ୍କର ଏକ ପତ୍ରରେ ଲେଖିଥିଲେ, ''ଶ୍ରୀମା'ଙ୍କ କ୍ଷେତ୍ରରେ ଓ ମୋ କ୍ଷେତ୍ରରେ ଆମକୁ ସମସ୍ତ ପ୍ରକାର ପଥ, ସମସ୍ତ ପ୍ରକାର ପଦ୍ଧତିର ପରୀକ୍ଷା କରିବାକୁ ହୋଇଛି, ପର୍ବତ ପ୍ରମାଣ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି, ଆଶ୍ରମ ବା ବାହାରର ଆଉ ଅନ୍ୟାନ୍ୟମାନଙ୍କ ଅପେକ୍ଷା ଅନେକ ଅଧିକ ଭାରୀ ବୋଝ ବହନ କରିବାକୁ ପଡ଼ିଛି, ଅନେକ ଅଧିକ କଷ୍ଟକର ଅବସ୍ଥା ଭିତର ଦେଇ ଯିବାକୁ ପଡ଼ିଛି, ଅସଂଖ୍ୟ ସଂଗ୍ରାମର ସମ୍ମୁଖୀନ ହେବାକୁ ହୋଇଛି, ବହୁ କ୍ଷତ ଓ ଆଘାତ ସହିବାକୁ ପଡ଼ିଛି, ଦୁର୍ଭେଦ୍ୟ କର୍ଦମାକ୍ତ ପନ୍ଥା, ମରୁଭୂମି ଓ ଅରଣ୍ୟ ଭିତର ଦେଇ ପଥ ଖୋଲିବାକୁ ହୋଇଛି, ଅଗଣିତ ବିରୋଧ ଶକ୍ତିକୁ ଜୟ କରିବାକୁ ହୋଇଛି,– ଏଭଳି ଏକ କାମକୁ ଆମ ପୂର୍ବରୁ ଆଉ କାହାକୁ କରିବାକୁ ପଡ଼ି ନାହିଁ ବୋଲି ମୁଁ ନିଶ୍ଚିତ । ଏହି ଧରଣର କାମରେ ମୋତେ ପୂରା ଭାଗ ନେବାକୁ ହୋଇଛି ଓ ମା'ଙ୍କୁ ଆହୁରି ଦଶଗୁଣ ଅଧିକ ପୂରା ଭାଗ ନେବାକୁ ହୋଇଛି ।''

ଶ୍ରୀଅରବିନ୍ଦ ଆହୁରି କହିଛନ୍ତି ଯେ ''କିନ୍ତୁ ଏପରି କୌଣସି ଆବଶ୍ୟକତା ନାହିଁ ବା ଏହାକୁ ଗ୍ରହଣ ବା ସହ୍ୟ କରିବା ଉଚିତ ନୁହେଁ ଯେ ଅନ୍ୟସାଧକମାନଙ୍କ କ୍ଷେତ୍ରରେ ଏଗୁଡ଼ିକର ପୁନରାବୃତ୍ତି ହେବ ! ଯେହେତୁ ଆମର ଏ ସଂପର୍କରେ ପୂର୍ଣ୍ଣ ଅନୁଭୂତି ରହିଛି, ତେଣୁ ଆମେ ଅନ୍ୟମାନଙ୍କୁ ଅଧିକ ସିଧା ଓ ଅଧିକ ସହଜତର ଏକ ପଥ ଦେଖାଇ ଦେଇପାରିବୁ ଯଦି ସେମାନେ ତାହା ଗ୍ରହଣ କରିବାକୁ ସମ୍ମତ ହୁଅନ୍ତି ।''

ଲେଖିବା ବାହୁଲ୍ୟ ଯେ ଏହି ପଥ ହେଉଛି ସମର୍ପଣର ପଥ, ଭଗବାନଙ୍କ ଉପରେ, ମା'ଙ୍କର ଚାଳନା ଉପରେ ଦୃଢ଼ ବିଶ୍ୱାସ, ଅଟଳ ଆସ୍ଥା ଓ ପୂର୍ଣ୍ଣ ଭରସା ରଖିବାର ପଥ । ✥

## ପୂର୍ଣ୍ଣଯୋଗ

ଭୌତିକ ଜଗତକୁ ତାହାର ଭାଗ୍ୟ ଅନୁସାରେ ଅପରିବର୍ତ୍ତନୀୟଭାବେ ପଡ଼ିରହିବାକୁ ଛାଡ଼ିଦେଇ ଏଠାରୁ ପଳାୟନ କରିବା ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ । କିଂବା କୌଣସି ଚରମ ପରିବର୍ତ୍ତନର ଆଶା ନ ରଖି ପାର୍ଥିବ ଜୀବନ ଯେପରି ଅଛି ସେପରିଭାବେ ଗ୍ରହଣ କରିନେବା, ଏହି ଜଗତକୁ ଭାଗବତ ସଂକଳ୍ପର ଅନ୍ତିମ ଅଭିବ୍ୟକ୍ତିରୂପେ ଗ୍ରହଣ କରିନେବା ମଧ୍ୟ ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ସାଧାରଣ ମାନସ ଚେତନାରୁ ଆରମ୍ଭ କରି ଅତିମାନସ ଚେତନା ଓ ଦିବ୍ୟଚେତନା ପର୍ଯ୍ୟନ୍ତ ଚେତନାର ସମସ୍ତ ସ୍ତର ମଧ୍ୟ ଦେଇ ଊର୍ଦ୍ଧ୍ୱାରୋହଣ କରିବା, ଏବଂ ଯେତେବେଳେ ଏହି ଆରୋହଣ ଶେଷ ହୁଏ, ସେତେବେଳେ ଭୌତିକ ଜଗତକୁ ଫେରିଆସି ଏହା ମଧ୍ୟକୁ ଉପଲବ୍ଧ ଅତିମାନସ ଶକ୍ତି ଓ ଚେତନାକୁ ଅନୁପ୍ରବିଷ୍ଟ କରାଇବା, ଯାହା ଫଳରେ ଏହି ପୃଥିବୀ କ୍ରମଶଃ ଏକ ଅତିମାନସ ଏବଂ ଦିବ୍ୟଜଗତରେ ପରିଣତ ହୋଇପାରେ ।

ପୂର୍ଣ୍ଣଯୋଗ ବିଶେଷତଃ ସେହିମାନଙ୍କ ନିକଟରେ ଆସି ଉପସ୍ଥିତ ହୁଏ, ଯେଉଁମାନେ ମନୁଷ୍ୟ ଯାହା ଉପଲବ୍ଧି କରିପାରେ ତାହା ନିଜ ମଧ୍ୟରେ ଉପଲବ୍ଧି କରି ମଧ୍ୟ ସନ୍ତୁଷ୍ଟ ନୁହନ୍ତି, କାରଣ ଏହି ସାଧାରଣ ଜୀବନରେ ଯାହାସବୁ ପ୍ରାପ୍ତ ହୋଇ ନ ପାରିବ ସେହିସବୁକୁ ସେମାନେ ଚାହାନ୍ତି । ଯେଉଁମାନେ ଅଜ୍ଞାତ ବସ୍ତୁକୁ ଜାଣିବା ସକାଶେ ଉତ୍କଣ୍ଠିତ, ପୂର୍ଣ୍ଣତା ନିମିତ୍ତ ଆସ୍ପୃହାଶୀଳ, ଯେଉଁମାନେ ନିଜ ସମ୍ବନ୍ଧେ ଦୁଃସହ ପ୍ରଶ୍ନସକଳ ଜିଜ୍ଞାସା କରନ୍ତି ଏବଂ ସେସବୁର ଯଥାର୍ଥ ଉତ୍ତରସବୁ ପାଇ ନାହାନ୍ତି, ସେଇମାନେହିଁ ପୂର୍ଣ୍ଣଯୋଗ ନିମିତ୍ତ ପ୍ରସ୍ତୁତ ହୋଇଥିବା ଯଥାର୍ଥ ବ୍ୟକ୍ତି ।

(ବୁଲେଟିନ୍, ନଭେମ୍ବର, ୧୯୫୪) — ଶ୍ରୀମା

ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୩୧)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୬)

## ଶ୍ରୀପତି ଦାସ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

''ତୁମର ଅକ୍ଳାନ୍ତ ଓ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଦିନେ ହଠାତ୍ ଭିତରର ଏକ ଦ୍ୱାର ଖୋଲିଯିବ ଏବଂ ତୁମେ ନିଜକୁ ଦେଖିବ ଜ୍ୟୋତିଃର ଏକ ଅପରୂପ ଉଦ୍ଭାସ ଭିତରେ ଯାହାକି ଆଣିଦେବ ତୁମକୁ ଅମରତ୍ୱର ନିଶ୍ଚୟତା । ତୁମେ ସ୍ପଷ୍ଟଭାବରେ ଉପଲବ୍ଧି କରିବ ଯେ ଅନାଦି ଅନନ୍ତ କାଳରୁ ତୁମେ ରହିଆସିଛ ଏବଂ ଅନନ୍ତ କାଳଯାଏ ମଧ୍ୟ ରହିଥିବ, କେବଳ ବାହ୍ୟ ଆକାରର ବିନାଶ ଘଟେ ଏବଂ ଯାହା ତୁମର ଯଥାର୍ଥ ସ୍ୱରୂପ ତାହା ତୁଳନାରେ ବାହ୍ୟ ଆକାର କେବଳ ଏକ ପରିଚ୍ଛଦ ତୁଲ୍ୟ, ଜୀର୍ଣ୍ଣ ହୋଇଗଲେ ଯାହାକୁ ଫିଙ୍ଗି ଦିଆଯାଏ । ସେତେବେଳେ ତୁମେ ସମସ୍ତ ପ୍ରକାର ଶୃଙ୍ଖଳ ଓ ବନ୍ଧନରୁ ମୁକ୍ତ ହୋଇ ସିଧା ଭାବରେ ଛିଡ଼ାହେବ । ପ୍ରକୃତି ତୁମ ଉପରେ ପରିସ୍ଥିତିର ଯେଉଁ ଗୁରୁଭାର ଲଦି ଦେଇଥିଲା ଓ ଯାହାକୁ ବହନକରି ଦୁଃଖ-ଭୋଗ କରିବାକୁ ତୁମେ ବାଧ୍ୟ ହୋଇଥିଲ, ଯଦି ତୁମେ ସେହି ବୋଝର ଗୁରୁଭାର ତଳେ ନିଷ୍ପେଷିତ ହୋଇଯିବାକୁ ନଚାହିଁବ, ସେହି ବୋଝର ଭାରରେ ଚାପି ହୋଇ ବହୁ କଷ୍ଟରେ ଅଗ୍ରଗତି କରିବା ପରିବର୍ତ୍ତେ ଯଦି ତୁମେ ଚାହିଁବ ନିଜ ଭାଗ୍ୟ ସମ୍ବନ୍ଧରେ ସଚେତନ ହୋଇ ନିଜ ଜୀବନର ପ୍ରଭୁରୂପେ ସିଧା ଓ ଦୃଢ଼ଭାବରେ ଚାଲିବାକୁ, ତେବେ ବର୍ତ୍ତମାନ ତାହା ସମ୍ଭବପର ହେବ ।

''ତଥାପି ସ୍ଥୂଳ ଦେହର ଦାସତ୍ୱରୁ ଏହି ମୁକ୍ତି, ବ୍ୟକ୍ତିଗତ ସମସ୍ତ ଆସକ୍ତିରୁ ଏହି ମୁକ୍ତିକୁ ଚୂଡ଼ାନ୍ତ ସିଦ୍ଧି ବା ପୂର୍ଣ୍ଣତା ବୋଲି କୁହାଯାଇ ପାରିବ ନାହିଁ । ଶିଖରରେ ପହଞ୍ଚିବା ପୂର୍ବରୁ ଆହୁରି ଅନେକ ପାହାଚ ଅତିକ୍ରମ କରିବାକୁ ହେବ । ଏବଂ ଏହି ସମସ୍ତ ପାହାଚ ପରେ ମଧ୍ୟ ଆହୁରି ପାହାଚସବୁ ରହିଛି ଯାହାକି ଭବିଷ୍ୟତର ଦ୍ୱାର ଉନ୍ମୁକ୍ତ କରିଦେବ । ଏହି ପରବର୍ତ୍ତୀ ପାହାଚଗୁଡ଼ିକୁ ମୁଁ ଆଧ୍ୟାତ୍ମିକ ଶିକ୍ଷାର ବିଷୟବସ୍ତୁ ବୋଲି କହୁଛି ।

''କିନ୍ତୁ ଏହି ନୂତନ ସ୍ତରରେ ପ୍ରବେଶ କରି ପ୍ରଶ୍ନଟିର ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବରୁ ଏକ ବ୍ୟାଖ୍ୟାର ପ୍ରୟୋଜନ ରହିଛି । ଯେଉଁ ଚୈତ୍ୟଶିକ୍ଷା ସମ୍ପର୍କରେ ଆମେ ଏପର୍ଯ୍ୟନ୍ତ ଆଲୋଚନା କରିଛୁ ଓ ଯେଉଁ ଆଧ୍ୟାତ୍ମିକ ଶିକ୍ଷା ସମ୍ପର୍କରେ ବର୍ତ୍ତମାନ ଆଲୋଚନା କରିବାକୁ ଯାଉଛୁ, ଏ ଦୁଇଟି ଶିକ୍ଷାକୁ ପୃଥକ୍ କରାହେବାର ପ୍ରୟୋଜନ କେଉଁଠି ? ଏହା ଆବଶ୍ୟକ କାରଣ ''ଯୋଗ-ସାଧନା''ର ସାଧାରଣ ନାମ ଭିତରେ ଏହି ଦୁଇଟିକୁ ବରାବର ମିଶାଇ ଦିଆଯାଇଥାଏ, ଯଦିଓ ଦୁଇଟିର ଲକ୍ଷ୍ୟ ସମ୍ପୂର୍ଣ୍ଣରୂପେ ଭିନ୍ନ ଓ ସ୍ୱତନ୍ତ୍ର । କାରଣ ଗୋଟିକର ଲକ୍ଷ୍ୟ ହେଲା ଏହି ପୃଥିବୀପୃଷ୍ଠରେ ଏକ ଉଚ୍ଚତର ସିଦ୍ଧି ଏବଂ ଅନ୍ୟଟିର ଲକ୍ଷ୍ୟ ହେଲା ସମସ୍ତ ପ୍ରକାର ପାର୍ଥିବ ଅଭିବ୍ୟକ୍ତିରୁ, ଏପରିକି ସମଗ୍ର ବିଶ୍ୱ ଭିତରୁ ବାହାରି ଯାଇ ଅବ୍ୟକ୍ତ ଭିତରକୁ ଫେରିଯିବା ।

''ସୁତରାଂ ଏପରି କୁହାଯାଇପାରେ ଯେ ଚୈତ୍ୟଜୀବନ ହେଉଛି ଏକ ଅମୃତତ୍ୱର ଜୀବନ; ଅନ୍ତହୀନ କାଳ, ସୀମାହୀନ ଦେଶ, ନିତ୍ୟ ପ୍ରଗତିଶୀଳ ପରିବର୍ତ୍ତନ ଓ ନାମ ରୂପର ଜଗତରେ ଏକ ନିରବଚ୍ଛିନ୍ନ ଗତି ଓ ପ୍ରବାହ । କିନ୍ତୁ ଅନ୍ୟ ପକ୍ଷରେ ଆଧ୍ୟାତ୍ମିକ ଚେତନା ହେଉଛି କେବଳ ଅନନ୍ତ ଓ ଶାଶ୍ୱତ ସହ ଏକ ହୋଇଯିବା, ସ୍ଥାନ ଓ କାଳକୁ ଅତିକ୍ରମ କରି ସମସ୍ତ ସୃଷ୍ଟିର ବାହାରେ ନିଜକୁ ନିକ୍ଷିପ୍ତ କରିବା । ତୁମ ନିଜର ଚୈତ୍ୟପୁରୁଷ ସମ୍ପର୍କରେ ପୂର୍ଣ୍ଣଭାବରେ ସଚେତନ ହେବାକୁ ହେଲେ ଏବଂ ଏକ ଚୈତ୍ୟ ଜୀବନଯାପନ କରିବାକୁ ହେଲେ ତୁମ ଭିତରୁ ସମସ୍ତ ସ୍ୱାର୍ଥପରାୟଣତାକୁ ଲୋପ କରିବାକୁ ହେବ, କିନ୍ତୁ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ହେଲେ ତୁମକୁ ସମ୍ପୂର୍ଣ୍ଣ ଶୂନ୍ୟ-ସ୍ୱାର୍ଥ ଅର୍ଥାତ୍ ଅହଂଶୂନ୍ୟ ହେବାକୁ ହେବ ।

''ଏହି ଆଧ୍ୟାତ୍ମିକ ଶିକ୍ଷାର କ୍ଷେତ୍ରରେ ମଧ୍ୟ ତୁମେ ଯେଉଁ ଲକ୍ଷ୍ୟ ଗ୍ରହଣ କରିବ, ମନର ଭାଷାରେ ତାହା ଭିନ୍ନ ନାମ ଗ୍ରହଣ କରିପାରେ; ତୁମେ ଯେଉଁ ପରିସ୍ଥିତିରେ ରହିଛ, ଯେଉଁ ମାର୍ଗ ଗ୍ରହଣ କରିଛ, ପ୍ରବୃତ୍ତି ଓ ମତିଗତିର ଯେଉଁ ଧାରା, ସେହି ଅନୁଯାୟୀ ତାହା ନିରୂପିତ ହୁଏ । ତୁମର ଯଦି ଏକ ଧର୍ମଗତ ପ୍ରବୃତ୍ତି ରହିଥାଏ, ତେବେ ତୁମେ ଏହି ଲକ୍ଷ୍ୟର ନାମ ଦେବ ଈଶ୍ୱର ଏବଂ ତୁମର ଆଧ୍ୟାତ୍ମିକ ପ୍ରୟାସକୁ ସର୍ବରୂପ ଓ

ସର୍ବଭୂତରେ ଅଧିଷ୍ଠିତ ଈଶ୍ୱରଙ୍କ ସଙ୍ଗେ ଏକ ହୋଇଯିବା ଦିଗରେ ପରିଚାଳିତ ନକରି ତୁମେ ଚାହିଁବ ବିଶ୍ୱାତୀତ ଓ ସର୍ବାତୀତ ଈଶ୍ୱରଙ୍କ ସଙ୍ଗେ ଏକତ୍ୱପ୍ରାପ୍ତ ହେବାକୁ । ଅନ୍ୟମାନେ ଏହି ଲକ୍ଷ୍ୟର ନାମ ଦିଅନ୍ତି ନିର୍ବିଶେଷ ପରମ ବୋଲି, କେହି କେହି କହନ୍ତି ପରମ ଆଦିଉତ୍ସ ବୋଲି ଏବଂ କେତେକେ କହନ୍ତି ନିର୍ବାଣ, ପୁଣି କେତେକେ ସମସ୍ତ ଜଗତକୁ ଏକ ଅସତ୍ ମାୟା ଓ ଭ୍ରାନ୍ତି ବୋଲି କହି କେବଳ ଏହାକୁହିଁ କହନ୍ତି ଏକମାତ୍ର ବାସ୍ତବତା (ସତ୍), ଯେଉଁମାନେ ସମସ୍ତ ସୃଷ୍ଟିକୁ ମିଥ୍ୟା ବୋଲି ମନେ କରନ୍ତି, ସେମାନଙ୍କ ପାଇଁ ଏହାହିଁ ଏକମାତ୍ର ସତ୍ୟ । ଏହିସବୁ ବିଭିନ୍ନ ସଂଜ୍ଞା ଭିତରୁ ପ୍ରତ୍ୟେକଟିର କିଛି ନା କିଛି ସତ୍ୟ ରହିଛି, କିନ୍ତୁ କୌଣସିଟି ପୂର୍ଣ୍ଣାଙ୍ଗ ନୁହେଁ, ପ୍ରକୃତ ସତ୍ୟର କେବଳ ଗୋଟିଏ ଦିଗକୁହିଁ ଏମାନେ ପ୍ରକାଶ କରନ୍ତି । ଏକ୍ଷେତ୍ରରେ ମଧ୍ୟ ମାନସିକ ସଂଜ୍ଞା ନିରୂପଣର ବିଶେଷ କିଛି ମୂଲ୍ୟ ନାହିଁ, ତୁମେ ଥରେ ଯେବେ ମଧ୍ୟବର୍ତ୍ତୀ ପାହାଚଗୁଡ଼ିକ ଅତିକ୍ରମ କରିଯାଇଛ ତେବେ ସର୍ବଦା ସେହି ଏକହିଁ ଅନୁଭୂତି ହୁଏ । ତେବେ କୌଣସି କ୍ଷେତ୍ରରେ ସବୁଠାରୁ ଦ୍ରୁତ ପଦ୍ଧତି ଓ ସବୁଠାରୁ ଫଳପ୍ରଦ ଆରମ୍ଭ ହେଲା ପୂର୍ଣ୍ଣ ଆତ୍ମ-ସମର୍ପଣ । ତାହା ବ୍ୟତୀତ ଲକ୍ଷ୍ୟ ସମ୍ପର୍କରେ ତୁମର ଚିନ୍ତା ଓ ଧାରଣା ସର୍ବାପେକ୍ଷା ଯେତେ ଊର୍ଦ୍ଧ୍ୱକୁ ଯାଇପାରେ – କେତେକଙ୍କ ପାଇଁ ଏହା ହେଉଛନ୍ତି ଈଶ୍ୱର, ଅନ୍ୟ କେତେକଙ୍କ ପାଇଁ ଏହା ହେଉଛି ଏକ ପୂର୍ଣ୍ଣତା – ସେହି ଲକ୍ଷ୍ୟ ନିକଟରେ ସମଗ୍ର ଆତ୍ମ-ସମର୍ପଣ ପରି ପରିପୂର୍ଣ୍ଣ ଆନନ୍ଦ ଆଉ କିଛି ନାହିଁ । ଏହି ସମର୍ପଣ ଯଦି ଅଧ୍ୟବସାୟ ଓ ଉତ୍ସାହର ସହ କରାଯାଏ ତେବେ ଏକ ମୁହୂର୍ତ୍ତ ଆସେ ଯେତେବେଳେ କି ତୁମେ ସମସ୍ତ ପ୍ରକାର ମନର ଧାରଣାକୁ ଅତିକ୍ରମ କରିଯାଅ ଏବଂ ଏପରି ଅନୁଭୂତିରେ ପହଞ୍ଚ ଯାହା ସମସ୍ତ ବର୍ଣ୍ଣନାର ଅତୀତ, କିନ୍ତୁ ସତ୍ତା ଉପରେ ତାହାର ପ୍ରଭାବ ସର୍ବଦା ପ୍ରାୟ ଏକ ପ୍ରକାରର ହୋଇଥାଏ । ତୁମର ସମର୍ପଣ ଯେତିକି ଯେତିକି ପୂର୍ଣ୍ଣ ଓ ସର୍ବାଙ୍ଗୀଣ ହେବ, ତୁମେ ଯାହାଙ୍କ ନିକଟରେ ଆତ୍ମ-ନିବେଦନ କରିଛ ତାଙ୍କ ସହ ସମ୍ପୂର୍ଣ୍ଣଭାବେ ମିଳି ଏକ ହୋଇଯିବାକୁ ତୀବ୍ର ଆସ୍ପୃହା ଆସିବ । ଧୀରେ ଧୀରେ ଏହି ଆସ୍ପୃହା ସମସ୍ତ ପାର୍ଥକ୍ୟ ଓ ସମସ୍ତ ପ୍ରତିରୋଧକୁ ଅତିକ୍ରମ କରିଯିବ, ବିଶେଷକରି ଯଦି ଏହା ସହିତ ଏକ ସ୍ୱତଃସ୍ଫୂର୍ତ୍ତ ଓ ତୀବ୍ର ପ୍ରେମ ରହିଥାଏ, ତେବେ ଏକତ୍ୱ ଦିଗରେ ତାହାର ଜୟଯାତ୍ରାକୁ କେହି ରୋଧ କରିପାରିବେ ନାହିଁ ।

''ଏହି ଏକତ୍ୱ ଏବଂ ଚୈତ୍ୟପୁରୁଷଙ୍କ ସଙ୍ଗେ ଏକତ୍ୱ ଭିତରେ ଏକ ମୌଳିକ ପ୍ରଭେଦ ରହିଛି । ଚୈତ୍ୟପୁରୁଷଙ୍କ ଏକତ୍ୱପ୍ରାପ୍ତିକୁ ଅଧିକରୁ ଅଧିକ ସ୍ଥାୟୀ କରାଯାଇପାରେ ଏବଂ କେତେକ କ୍ଷେତ୍ରରେ ଏହା ମଧ୍ୟ ଚିରସ୍ଥାୟୀ ହୋଇଯାଏ ଏବଂ ଏହାକୁ ଉପଲବ୍ଧି କରିଥିବା ବ୍ୟକ୍ତିର ବାହ୍ୟ କ୍ରିୟାକଳାପ ଯାହା ହେଉ ନା କାହିଁକି, ଏହି ଉପଲବ୍ଧି ତାକୁ କେବେ ବି ଛାଡ଼ି ଚାଲିଯାଏ ନାହିଁ । ଅନ୍ୟ କଥାରେ କହିବାକୁ ଗଲେ କେବଳ ଧ୍ୟାନ ଓ ଏକାଗ୍ରତାବେଳେ ଯେ ଏହି ଏକତ୍ୱର ଉପଲବ୍ଧି ହେବ, ତାହା ନୁହେଁ; ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତରେ, ନିଦ୍ରା ତଥା ଜାଗରଣ ସବୁସମୟରେ ଏହା ଅନୁଭୂତ ହେବ ।

''କିନ୍ତୁ ଅନ୍ୟ ପକ୍ଷରେ, ସମସ୍ତ ପ୍ରକାର ରୂପରୁ ମୁକ୍ତି ଓ ରୂପାତୀତ ସଙ୍ଗେ ଏକ ହୋଇଯିବାର ଉପଲବ୍ଧି ପୂରାପୂରି ସ୍ଥାୟୀ ହୋଇ ରହେ ନାହିଁ, କାରଣ ଏହା ସ୍ଥାୟୀ ହୋଇ ରହିବାର ସ୍ୱାଭାବିକ ପରିଣାମ ହେବ ଜଡ଼-ଆଧାର ଅର୍ଥାତ୍ ଶରୀରର ବିଲୟ । କେତେକ ସାଧନା-ମାର୍ଗର ମତ ଅନୁସାରେ ପୂର୍ଣ୍ଣ ଏକତ୍ୱର କୋଡ଼ିଏ ଦିନ ମଧ୍ୟରେ ଦେହର ଏହି ବିଲୟ ଅନିବାର୍ଯ୍ୟ । ତଥାପି ନିଶ୍ଚିତ ଭାବରେ ଯେ ଏପରି ଘଟିବ, ଏହା ଠିକ୍ ନୁହେଁ । ଏହି ଉପଲବ୍ଧି କ୍ଷଣସ୍ଥାୟୀ ହେଲେ ମଧ୍ୟ ଚେତନା ଉପରେ ଏହାର ଯେଉଁ କ୍ରିୟା ସଂଘଟିତ ହୁଏ, ତାହା କେବେ ବି ଲୋପପାଏ ନାହିଁ ଏବଂ ସତ୍ତାର ଆଭ୍ୟନ୍ତରୀଣ ତଥା ବାହ୍ୟ ସମସ୍ତ ସ୍ତରରେ ଏହାର ପ୍ରଭାବ ପଡ଼େ । ଅଧିକନ୍ତୁ, ଥରେ ଏହି ଏକତ୍ୱ ପ୍ରତିଷ୍ଠିତ ହେଲେ ଇଚ୍ଛାନୁସାରେ ପୁଣି ସେହି ଉପଲବ୍ଧି ମିଳିପାରେ । ଅବଶ୍ୟ ସେଥିପାଇଁ ପୂର୍ବର ସେହି ଅବସ୍ଥାରେ କିପରି ନିଜକୁ ରଖାଯାଇପାରେ ତାହା ଜାଣିବାକୁ ହେବ ।

''ଅରୂପ ମଧ୍ୟରେ ଏହି ବିଲୟକୁ ପରମ ମୁକ୍ତିଭାବରେ ସେହିମାନେ ଗ୍ରହଣ କରନ୍ତି ଯେଉଁମାନଙ୍କର ସୃଷ୍ଟି ପ୍ରତି କୌଣସି ଆକର୍ଷଣ ନଥାଏ ଓ ଯେଉଁମାନେ ଏଠାରୁ ପଳାୟନ କରିବାକୁ ଚାହାନ୍ତି । ବର୍ତ୍ତମାନର ଅବସ୍ଥାରେ ପୃଥିବୀ ଯେ ସେମାନଙ୍କୁ କୌଣସି ସନ୍ତୋଷ ଦେଇପାରେ ନାହିଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ ଯେଉଁ ମୁକ୍ତି ଫଳରେ ପୃଥିବୀର କୌଣସି ପରିବର୍ତ୍ତନ ହେବ ନାହିଁ ବା ଯେଉଁମାନେ ଦୁଃଖଯନ୍ତ୍ରଣା ଭୋଗ କରୁଛନ୍ତି ସେମାନଙ୍କ ଜୀବନର ଅବସ୍ଥାରେ କୌଣସି ପରିବର୍ତ୍ତନ ହେବ ନାହିଁ, ଏପରି ମୁକ୍ତି ସେହି ବ୍ୟକ୍ତିମାନଙ୍କୁ କେବେ ବି ସନ୍ତୋଷ ଦେଇପାରିବ ନାହିଁ ଯେଉଁମାନେ କେବଳ ନିଜ ପାଇଁ ଏକ ଆନନ୍ଦମୟ ଜୀବନ ଚାହାନ୍ତି ନାହିଁ, ଯେଉଁମାନେ ଏପରି ଏକ ପୃଥିବୀର ସ୍ୱପ୍ନ ଦେଖନ୍ତି ଯାହାକି ଏହାର ଆପାତ

ବିଶୃଙ୍ଖଳା ଓ ଦୁର୍ଦ୍ଦଶାର ଅନ୍ତରାଳରେ ଲୁଚି ରହିଥିବା ଐଶ୍ୱର୍ଯ୍ୟ ଓ ମହିମାକୁ ପ୍ରକାଶ କରିବ । ସେମାନେ ଚାହାନ୍ତି ଯେ ସେମାନଙ୍କ ଆନ୍ତର ଆବିଷ୍କାର ଫଳରେ ସେମାନେ ଯେଉଁସବୁ ବିସ୍ମୟକର ସମ୍ପଦ ପାଇଛନ୍ତି, ସେଥିରୁ ଅନ୍ୟମାନେ ମଧ୍ୟ ଲାଭବାନ୍ ହୁଅନ୍ତୁ । ଏଥି୍ ନିମନ୍ତେ ଉପାୟ ମଧ୍ୟ ସେମାନଙ୍କୁ ଅବଗତ, କାରଣ ବର୍ତ୍ତମାନ ସେମାନେ ଶିଖର ଦେଶରେ ପହଞ୍ଚିଛନ୍ତି ।

''ରୂପମୟ ଜଗତର ସୀମାର ପରପାରରୁ ଆବାହନ କରାଯାଇପାରେ ଏକ ନୂତନ ଶକ୍ତିକୁ, ଚେତନାର ଏକ ନୂତନ ସାମର୍ଥ୍ୟକୁ ଯାହାକି ଆଜିପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇ ନାହିଁ ଏବଂ ଯାହାର ଆବିର୍ଭାବ ଘଟଣାର ସମସ୍ତ ଧାରାକୁ ବଦଳାଇ ଦେଇପାରେ ଏବଂ ଏକ ନୂତନ ପୃଥିବୀକୁ ଜନ୍ମ ଦେଇପାରେ । କାରଣ ଦୁଃଖ, ଯନ୍ତ୍ରଣା, ଅଜ୍ଞାନତା ଓ ମୃତ୍ୟୁ ଆଦି ସମସ୍ୟାର ଯଥାର୍ଥ ସମାଧାନ କେବେହେଲେ ପୃଥିବୀର ଦୁଃଖ-ଯନ୍ତ୍ରଣା ଭିତରୁ ଆତ୍ମବିଲୟ ଦ୍ୱାରା ଅବ୍ୟକ୍ତ ଭିତରକୁ ବ୍ୟକ୍ତିଗତ ପଳାୟନ ନୁହେଁ, କିଂବା ସ୍ରଷ୍ଟାଙ୍କ ନିକଟକୁ ସମଗ୍ର ସୃଷ୍ଟିର ଏକ ଚୂଡ଼ାନ୍ତ ଓ ପୂର୍ଣ୍ଣାଙ୍ଗ ପ୍ରତ୍ୟାବର୍ତ୍ତନ ଦ୍ୱାରା ବିଶ୍ୱର ଦୁଃଖଶୋକରୁ ଏକ ସାମୂହିକ ପଳାୟନ ଯଥାର୍ଥ ସମାଧାନ ନୁହେଁ । ସୃଷ୍ଟିର ବିଲୋପ ଦ୍ୱାରା ତା'ର ସଂଶୋଧନ କରାଯାଇ ନପାରେ, ଆବଶ୍ୟକ ହେଉଛି ଏକ ରୂପାନ୍ତର, ଜଡ଼ର ଏକ ପୂର୍ଣ୍ଣ ରୂପାନ୍ତର । ତାହା ସାଧିତ ହେବ ପୂର୍ଣ୍ଣତା ଦିଗରେ ପ୍ରକୃତିର ଊର୍ଦ୍ଧ୍ୱାରୋହଣ ଓ ପ୍ରଗତିର ଯୁକ୍ତିଯୁକ୍ତଧାରାରୁ ଅବ୍ୟାହତ ରଖିବା ଦ୍ୱାରା ଏବଂ ନୂତନ ଧରଣର ଜୀବର ସୃଷ୍ଟି ଦ୍ୱାରା, ମନୁଷ୍ୟ ତୁଳନାରେ ଯାହାର ଉତ୍କର୍ଷତା ପଶୁ ତୁଳନାରେ ମନୁଷ୍ୟର ଉତ୍କର୍ଷତା ସଙ୍ଗେ ତୁଳନୀୟ ହୋଇପାରେ । ଏହାହିଁ ପୃଥିବୀପୃଷ୍ଠରେ ଏକ ନୂତନ ଶକ୍ତି, ଏକ ନୂତନ ଚେତନା, ଏକ ନୂତନ ସାମର୍ଥ୍ୟ ସୃଷ୍ଟି କରିବ । ସେତେବେଳେ ମଧ୍ୟ ଏକ ନୂତନ ଶିକ୍ଷାର ଆରମ୍ଭ ହେବ ଯାହାକୁ ଅତିମାନସ ଶିକ୍ଷାବୋଲି କୁହାଯାଇପାରେ । ଏହାର ସର୍ବଶକ୍ତିମୟୀ ପ୍ରଭାବ କେବଳ ବ୍ୟକ୍ତିସତ୍ତାର ଚେତନା ଉପରେ ନୁହେଁ, ସେମାନେ ଯେଉଁ ଉପାଦାନରେ ଗଠିତ ଏବଂ ଯେଉଁ ପରିବେଶରେ ସେମାନେ ବାସ କରନ୍ତି, ତା' ଉପରେ ମଧ୍ୟ ଏହା କାର୍ଯ୍ୟ କରିବ ।

''ଏପର୍ଯ୍ୟନ୍ତ ଆମେ ଯେଉଁ ଶିକ୍ଷା ବିଷୟରେ ଆଲୋଚନା କରିଛୁ ତାହା ନିମ୍ନରୁ ଊର୍ଦ୍ଧ୍ୱ ଆଡ଼କୁ ସତ୍ତାର ବିଭିନ୍ନ ଅଂଶର ଏକ ଊର୍ଦ୍ଧ୍ୱଗତି ଭିତର ଦେଇ ଚାଲେ । କିନ୍ତୁ ଅତିମାନସ ଶିକ୍ଷା ଠିକ୍ ଏହାର ବିପରୀତ ଭାବରେ ଊର୍ଦ୍ଧ୍ୱରୁ ନିମ୍ନ ଆଡ଼କୁ ଗତିକରେ, ଏହାର ପ୍ରଭାବ ସତ୍ତାର ଗୋଟିଏ ସ୍ତରରୁ ଅନ୍ୟ ଏକ ସ୍ତରକୁ ବିସ୍ତାରଲାଭ କରି ଶେଷରେ ପହଞ୍ଚେ ଶରୀରରେ । ଏହି ସର୍ବଶେଷ ରୂପାନ୍ତର ଦୃଷ୍ଟିଗୋଚର ହେବାଭଳି ଅବସ୍ଥାରେ ପହଞ୍ଚିବା ପୂର୍ବରୁ ସତ୍ତାର ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଂଶର ଆବଶ୍ୟକ ରୂପାନ୍ତର ପ୍ରୟୋଜନ । ତେଣୁ ଶାରୀରିକ ରୂପ ଦେଖି୍ ଅତିମାନସ ଉପସ୍ଥିତିକୁ ବିଚାର କରିବା ଆଦୌ ସଙ୍ଗତ ନୁହେଁ । ଶରୀରର ରୂପାନ୍ତର ଘଟିବ ସର୍ବଶେଷରେ, ସ୍ଥୂଳ ଶରୀରରେ ତାହାର କୌଣସି ଲକ୍ଷଣ ପ୍ରକାଶ ପାଇବାର ବହୁ ପୂର୍ବରୁ ଅତିମାନସ ଶକ୍ତି କୌଣସି ସତ୍ତା ଭିତରେ କାର୍ଯ୍ୟ କରିପାରେ ।

''ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଅତିମାନସ ଶିକ୍ଷାର ଫଳାଫଳ କେବଳ ମାନବିକ ପ୍ରକୃତିର ଏକ କ୍ରମବିକାଶଶୀଳ ପରିଣତି ଭିତରେ ଓ ତାହାର ଅନ୍ତର୍ନିହିତ ଶକ୍ତିଗୁଡ଼ିକର ବିକାଶ ଓ ଅଭିବୃଦ୍ଧି ଭିତରେ ସୀମାବଦ୍ଧ ହେବ ନାହିଁ । ଏହା ସମସ୍ତ ପ୍ରକୃତିକୁ ରୂପାନ୍ତରିତ କରିବ, ସମଗ୍ର ସତ୍ତାର ଆମୂଳ ରୂପାନ୍ତର ସଂଘଟିତ କରିବ ଏବଂ ଏକ ନୂତନ ଊର୍ଦ୍ଧ୍ୱାରୋହଣ ଦ୍ୱାରା ଏହା ମାନବତ୍ୱକୁ ଅତିକ୍ରମ କରିଯାଇ ଅତିମାନବତ୍ୱ ଦିଗରେ ଅଗ୍ରସର ହେବ ଯାହାର ଶେଷ ପରିଣାମ ହେଉଛି ପୃଥିବୀପୃଷ୍ଠରେ ଏକ ଦିବ୍ୟ ଅତିମାନସ ଜାତିର ଆବିର୍ଭାବ ।''

ପରିଶେଷରେ ଶ୍ରୀଅରବିନ୍ଦଙ୍କର ଏକ ହୃଦୟସ୍ପର୍ଶୀ ବାଣୀ ସ୍ମରଣ କରି ଏହି ପ୍ରବନ୍ଧର ଲକ୍ଷ୍ୟକୁ ହୃଦୟଙ୍ଗମ କରାଯାଇପାରେ :

"Man cannot by his own effort make himself more than man; the mental being cannot by his own unaided force change himself into a supramental spirit. A descent of the Divine Nature can alone divinise the human receptacle."

(*The Hour of God*, SABCL-17, p-71) – Sri Aurobindo

ଅର୍ଥାତ୍, ''ମନୁଷ୍ୟ ତାହାର ନିଜସ୍ୱ ପ୍ରଚେଷ୍ଟା ଦ୍ୱାରା ନିଜକୁ ମନୁଷ୍ୟଠାରୁ ଅଧିକ କିଛି କରିପାରିବ ନାହିଁ; ମାନସସତ୍ତା କୌଣସି ସାହାଯ୍ୟ ନନେଇ ନିଜର ଶକ୍ତି ଦ୍ୱାରା ନିଜକୁ ଏକ ଅତିମାନସ ସତ୍ୟରେ ପରିଣତ କରିପାରିବ ନାହିଁ । କେବଳ ଦିବ୍ୟପ୍ରକୃତିର ଅବତରଣହିଁ ମାନୁଷୀ ଆଧାରକୁ ଦିବ୍ୟାୟିତ କରିପାରିବ ।''

– ଶ୍ରୀଅରବିନ୍ଦ

(କ୍ରମଶଃ)

# ଅନୁପମ ସକାଳର ଅନ୍ୱେଷା

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଧରିତ୍ରୀକୁ ଶ୍ୱାସରୁଦ୍ଧ କରି ନିରନ୍ଧ୍ର ନିଶାନ୍ଧକାର ଯେତେବେଳେ ଘନେଇ ଆସେ, ଆଗାମୀ ସୂର୍ଯ୍ୟୋଦୟର ସମ୍ଭାବନା କିଛିକ୍ଷଣ ଆବୃତ ହୋଇ ରହେ ସତ, ମାତ୍ର କଦାଚ ନିର୍ବାପିତ ହୋଇଯାଏ ନାହିଁ – ଅନୁପମ ସକାଳର ସ୍ୱର୍ଣ୍ଣାଭ ଆଗମନୀକୁ ରାତ୍ରି ବିଡ଼ମ୍ୱିତ କରିପାରେ ନାହିଁ । ଋଷି ଶ୍ରୀଅରବିନ୍ଦ ସେହି ''marvellous dawn,''(ଅନୁପମ ସକାଳ)ର ପ୍ରତିଶ୍ରୁତି ଦେଇଛନ୍ତି । ତାଙ୍କ ଦିବ୍ୟଦୃଷ୍ଟି ଆଗାମୀର ଶିଶୁଙ୍କୁ ଅନୁପମ ସକାଳର ସୂର୍ଯ୍ୟନୟନ ଶିଶୁରୂପରେ ଅଭିହିତ କରିଛି, ''The sun-eyed children of a marvellous dawn,''(p.- 343) । ମାତ୍ର ବିଡ଼ମ୍ୱନା ଯେ ଆମ ପରି ଅଜ୍ଞାନ କବଳିତ କେତେ ମଣିଷ ଏ ପ୍ରତିଶ୍ରୁତ ସକାଳର ବାସ୍ତବତାକୁ ପ୍ରତୀକ୍ଷା କରିଛନ୍ତି – ''କାହିଁ ସେହି ଅନୁପମ ସକାଳ ?''

ଦିବ୍ୟଜନନୀ ଶ୍ରୀମା ୨୯ ମାର୍ଚ୍ଚ ୧୯୧୪ ମସିହାରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ଦର୍ଶନ କଲାପରେ ତତ୍ ପରଦିନ ନିଜର ଉପଲବ୍ଧି ଅଭିବ୍ୟକ୍ତ କରି କହିଛନ୍ତି, ''ଧୀରେ ଧୀରେ ଦିଗ୍‌ବଳୟ ପରିଷ୍କାର ହୋଇଯାଉଛି । ପ୍ରତି ମୁହୂର୍ତ୍ତରେ ଆମେମାନେ ଚାଲିଛୁ ନିଶ୍ଚୟତାରୁ ଅଧିକ ନିଶ୍ଚୟତା ଆଡ଼କୁ । ଶତଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ବୁଡ଼ି ରହି ଥାଆନ୍ତି, ତେବେ ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି, ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ତୁମର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।''

(ଧ୍ୟାନ ଓ ପ୍ରାର୍ଥନା, ୭୦-୭୧ ପୃଷ୍ଠା)

ଶ୍ରୀଅରବିନ୍ଦ ପ୍ରଚଣ୍ଡ ଆଶା ଓ ଆଲୋକର ବାଙ୍ମୟ ରୂପ । ସେ ଅଛନ୍ତି, ତେଣୁ ଚିନ୍ତାର ଅବକାଶ ନାହିଁ । ସେ ଏକ ବିଶ୍ୱମୟ ଚେତନା । ଆମର ଏ ପାର୍ଥିବ ଜୀବନ ରୂପାନ୍ତରିତ ହେବ ଦିବ୍ୟଜୀବନରେ, ମିଥ୍ୟା ଓ ତମସାବୃତ ଏହି ମର୍ତ୍ତ୍ୟ ମାଟିରେ ରୂପାୟିତ ହେବ ସତ୍ୟ, ଜ୍ୟୋତିଃ ଓ ଅମର ଆନନ୍ଦ । ତାଙ୍କର ପ୍ରତିଟି ରଚନାର ଛତ୍ରେ ଛତ୍ରେ ପୃଥିବୀର ଦିବ୍ୟନିୟତିର ଚିତ୍ର ପରିସ୍ଫୁଟ । ଗଭୀର ଅଖଣ୍ଡ ପ୍ରତ୍ୟୟ ସହ ''ସାବିତ୍ରୀ'' ମହାକାବ୍ୟରେ ଗୁରୁଗମ୍ଭୀର ଭାଷାରେ ନିଘୋଷିତ ତାଙ୍କର ମନ୍ତ୍ରପୂତ ବାଣୀ ।

"Since God has made earth,
earth must make in her God;
What hides within her breast
she must reveal."

(*Savitri*, p. 693)

ଏହି ପ୍ରତିଶ୍ରୁତିର ପୌନଃପୁନିକ ଉଚ୍ଚାରଣ ଅନୁରଣିତ ହୋଇଛି ତାଙ୍କ ମହାକାବ୍ୟରେ । ପାର୍ଥିବ ମନ, ଜ୍ଞାନାଲୋକରେ ଉଦ୍‌ଭାସିତ ହେବ । ପାର୍ଥିବ ଜୀବନ ତରୁ ସଦୃଶ ସ୍ୱର୍ଗ ଦିଗରେ ଊର୍ଦ୍ଧ୍ୱାୟିତ ହେବ ଓ ପୃଥିବୀହିଁ ଈଶ୍ୱରଙ୍କର ବିଜୟସ୍ଥଳୀ ହୋଇ ଉଠିବ ।

"The mind of earth shall be a home of light,
The life of earth a tree growing towards heaven,
The body of earth a tabernacle of God."

(*Savitri*, p. 699)

ଏତେ ବଡ଼ ପ୍ରତିଶ୍ରୁତି ସତ୍ତ୍ୱେ ଅବିଶ୍ୱାସ, ଅନାସ୍ଥା, ଅଧୈର୍ଯ୍ୟ ଏବଂ ଅତ୍ୟାଚାରର ଝଡ଼ରେ ଟଳମଳ ହେଉଛି ଜୀବନର ପୋତ, ଥଳକୂଳ ଯେପରି ତା'ର ହଜି ଯାଇଛି । ମଣିଷର ମନୀଷା ପ୍ରଶ୍ନ କରି ଚାଲିଛି କାହିଁ ସେହି ପ୍ରତିଶ୍ରୁତ ଅନୁପମ ସକାଳ ? ଚତୁର୍ଦ୍ଦିଗରେ ନୈରାଶ୍ୟ ଓ ନିର୍ଯ୍ୟାତନାର କାରୁଣ୍ୟ – ସାଧୁତାର ନିର୍ବାସନ ତଥା ଦୁର୍ନୀତି, ଭ୍ରଷ୍ଟାଚାର, ହିଂସା ଓ ଆତଙ୍କବାଦର ନିର୍ମମ ତାଣ୍ଡବ । ପୃଥିବୀବ୍ୟାପୀ ବିକ୍ଷୋଭ, ବିଦ୍ରୋହ, ବିଶୃଙ୍ଖଳା ଓ ମୌଳବାଦର ଚିତ୍କାର । ପ୍ରଶ୍ନ ପରେ ପ୍ରଶ୍ନ କରୁଛି ସତ୍ୟନିଷ୍ଠ ନିଃସଙ୍ଗ ପଥିକ : ''କାହିଁ ସେହି ପ୍ରତିଶ୍ରୁତ ଭାଗବତ ଜୀବନ ? କେବେ ଅବତରଣ କରିବ ସେ ସ୍ୱର୍ଣ୍ଣାଭ ଊଷା ?'' ବାସ୍ତବତାକୁ ଦେଖି ହତଭମ୍ୱ ହୋଇ ପଡୁଛି ଜିଜ୍ଞାସୁ ସମାଜ । ଏହିପରି ଅସୁମାରି ପ୍ରଶ୍ନ ପାଇଁ ଶ୍ରୀଅରବିନ୍ଦଙ୍କର ଉତ୍ତରର ମର୍ମାନୁବାଦ ଏହିପରି : ଯାହା ଘଟୁଛି

ତଦ୍ୱାରା ମୁଁ ଆଦୌ ହତୋତ୍ସାହ ହୋଇ ପଡ଼ି ନାହିଁ, କାରଣ ମୁଁ ଜାଣେ ଶତବାର ଏପରି ଅନୁଭୂତି ହୋଇଛି ଯେ – ଯିଏ ଭଗବାନଙ୍କର ଯନ୍ତ୍ର ତା' ପାଇଁ ଗାଢ଼ତମ ଅନ୍ଧକାର ପରେ ପରେ ବିଜୟର ଆଲୋକ ଅନିବାର୍ଯ୍ୟ । ଯେଉଁ ମହତ୍ତର ବିଷୟ ଆସିବ ତାହା ପରଦାର ଅନ୍ତରାଳରେ ପ୍ରସ୍ତୁତ ହେଉଛି ଏବଂ ବୃଦ୍ଧି ପାଉଛି ଏବଂ ଜଗତର ସବୁକିଛି ନିକୃଷ୍ଟତମ ବସ୍ତୁ ସର୍ବତ୍ର ପ୍ରାଧାନ୍ୟ ଲାଭ କରିଛି । ଆଲୋକର ମୁହୂର୍ତ୍ତ ଆସିବା ପର୍ଯ୍ୟନ୍ତ ଏକମାତ୍ର କର୍ତ୍ତବ୍ୟ ହେଲା ନିଜ ସ୍ଥିତିରେ ଦୃଢ଼ ଓ ଅଟଳ ରହିବା ।

(*Letters on Yoga, pp. 1611 - 1612*ରୁ ସଂଗୃହୀତ)

ଦିବ୍ୟ ଦ୍ରଷ୍ଟା ସେ । ଅନ୍ଧକାରର ଅବଗୁଣ୍ଠନ ତଳେ ପ୍ରସ୍ତୁତିରତ ଆଲୋକର ଜୟଯାତ୍ରାକୁ ସେ ପ୍ରତ୍ୟକ୍ଷ କରିଛନ୍ତି, ଜାଣିଛନ୍ତି, ମର୍ମେ ମର୍ମେ ଅନୁଭବ କରିଛନ୍ତି । ତାଙ୍କର ତ୍ରିକାଳ ଦୃଷ୍ଟିରେ ପ୍ରତିଭାତ ହୋଇଯାଇଛି ପୃଥିବୀର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ । ଏହି ପୃଥିବୀର ସୃଷ୍ଟି ଏକ ଆକସ୍ମିକ ଘଟଣା ମାତ୍ର ନୁହେଁ, ଏକ ଚୈତନ୍ୟମୟ, ପରମସତ୍ତାର ଆତ୍ମ ରୂପାୟନ, ଏକ ଦିବ୍ୟସଂକଳ୍ପ ଓ ପରିଯୋଜନାର ନିର୍ବାଚିତ ପ୍ରୟୋଗଶାଳା । ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି : ଆକସ୍ମିକ ଘଟଣାର ବିଶୃଙ୍ଖଳିତ ଇଟାପଥରରେ ଏ ପୃଥିବୀ ନିର୍ମିତ ହୋଇ ନାହିଁ, ଏକ ଅନ୍ଧ ଦେବତା ନିୟତିର ସ୍ଥପତି ନୁହେଁ; ଏକ ସଚେତନ ଶକ୍ତି ଜୀବନର ନକ୍ସା ତିଆରି କରିଛି, ସେଠାରେ ପ୍ରତ୍ୟେକ ରେଖା ଓ ବକ୍ରରେଖା ଅର୍ଥପୂର୍ଣ୍ଣ ।

''This world was not built with
random bricks of Chance,
A blind god is not destiny's architect;
A conscious power has drawn
the plan of life,
There is a meaning in each curve and line.''

(*Savitri* p. 459-460)

ଶ୍ରୀଅରବିନ୍ଦ ତାଙ୍କର ବିଶ୍ୱ-ବିଶ୍ରୁତ ''ଦିବ୍ୟଜୀବନ'' ଗ୍ରନ୍ଥରେ ''ବିବର୍ତ୍ତନ ଓ ନିବର୍ତ୍ତନ'' ନାମରେ ଆଖ୍ୟାତ ଦୁଇଟି ନିଗୂଢ଼ ତତ୍ତ୍ୱର ଅବତାରଣା କରିଛନ୍ତି । ଉପନିଷଦୀୟ ଗଭୀର ପ୍ରଜ୍ଞା ଆଧାରିତ ଏବଂ ଆଧୁନିକ ବିଜ୍ଞାନସମ୍ମତ ସେହି ଯୁଗଳ ତତ୍ତ୍ୱ ଅନୁଯାୟୀ ଆଦିମୂଳ ପରାଚେତନା ଆପଣାର ଆନନ୍ଦ ଲାଗି ପ୍ରକଟ କରିଛନ୍ତି ଅନନ୍ତ ବୈଚିତ୍ର୍ୟମୟ ସୃଷ୍ଟି ଲୀଳା । ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କରିଠାରୁ ଉତ୍ସାରିତ ହୋଇଛି । ମାତ୍ର କୁମ୍ଭକାର ଯେପରି ମୃଣ୍ମୟ ପାତ୍ର ଗଢ଼େ, ଏହି ପ୍ରକାଶମାନ ଜଗତକୁ ସେ ସେପରି ଗଢ଼ି ନାହାନ୍ତି, ଆପଣା ସୃଷ୍ଟିରୁ ଅଲଗା ହୋଇ କେଉଁ ସୁଦୂର ଅମରାବତୀରେ ଅବସ୍ଥାନ କରୁ ନାହାନ୍ତି; ଜଡ଼ଠାରୁ ଆରମ୍ଭ କରି ଚିନ୍ମୟ ସବୁହିଁ ସେ । ଏ ସୃଷ୍ଟିରେ ତାଙ୍କ ଭିନ୍ନ ଅନ୍ୟ କିଛିର ଅସ୍ତିତ୍ୱହିଁ ନାହିଁ ।

ମହାକାବ୍ୟ ସାବିତ୍ରୀର ମନ୍ତ୍ରମୟ ପଙ୍କ୍ତିମାନଙ୍କରେ ଉଚ୍ଚାରିତ ହୋଇଛି ପାର୍ଥିବ ନିୟତିର ପ୍ରାଞ୍ଜଳ ଚିତ୍ର । ଅତି-ମାନବହିଁ ଜୀବନର ପ୍ରଭୁ ହେବେ । ଦିବ୍ୟ-ସଙ୍ଗତିହିଁ ପୃଥିବୀର ନୀତି ହେବ, ସୌନ୍ଦର୍ଯ୍ୟ ଓ ଆନନ୍ଦ ପାର୍ଥିବ-ଜୀବନମାର୍ଗକୁ ପୁନର୍ଗଠନ କରିବ, ଏମିତିକି ଶରୀର ମଧ୍ୟ ଭଗବାନଙ୍କୁ ସ୍ମରଣ କରିବ, ସମଗ୍ର ପୃଥିବୀ ଆତ୍ମାର ଅଭିବ୍ୟକ୍ତ ଗୃହ ହେବ ।

"The superman shall reign as king of life, ...
A divine harmony shall be earth's law,
Beauty and joy remould her way to live :
Even the body shall remember God, ...
All earth shall be the Spirit's
manifest home,''

(*Savitri* p. 706-707)

ଏହି ସତ୍ୟର ଉଦ୍‌ଘାଟନ ତଥା ଉଦ୍‌ଘୋଷଣା ପାଇଁ ଶ୍ରୀଅରବିନ୍ଦ ଆସିଥିଲେ । ପୃଥିବୀ ଯେଉଁ ଅନୁପମ ଐଶ୍ୱର୍ଯ୍ୟ ଅଭିମୁଖରେ ଅଗ୍ରସର ହେଉଛି ତା'ର ଏକ ସୁନିଶ୍ଚିତ ଦିବ୍ୟ ପ୍ରତିଶ୍ରୁତି ଦେବା ପାଇଁ ସେ ଆବିର୍ଭୂତ ହୋଇଥିଲେ । ଆପଣାର ତପସ୍ୟା ବଳରେ ଏକ ଅନିବାର୍ଯ୍ୟ ଆଲୋକମୟ ଭବିଷ୍ୟତର ଦ୍ୱାର ସେ ଉନ୍ମୁକ୍ତ କରି ଦେଇଛନ୍ତି ମାନବଜାତିର ଉତ୍ତରଣ ତଥା ରୂପାନ୍ତରଣ ସକାଶେ । ସାଧାରଣ ମଣିଷ ପାଇଁ ଏହା ହୁଏତ ଏକ ଅବିଶ୍ୱାସର ବ୍ୟାପାର । କିନ୍ତୁ ଆଗାମୀ ସମୟ ଯେ ଏହି ବାଣୀର ସତ୍ୟତା ପ୍ରମାଣିତ କରିବ ଏ ବିଷୟରେ ସେ ନିଃସନ୍ଦିଗ୍ଧ ଥିଲେ । ସେଥିପାଇଁ ସେ ମହାକାବ୍ୟ ସାବିତ୍ରୀରେ ଲେଖିଛନ୍ତି :

''A few shall see what none yet understands;
God shall grow up while
the wise men talk and sleep;
For man shall not know the coming till its hour
And belief shall be not till the work is done.''

(*Savitri* p 55)

ଏହାହିଁ ତ ସେ ଅନୁପମ ସକାଳର ପ୍ରତିଶ୍ରୁତି । ମାତ୍ର ମଣିଷ ଅଜ୍ଞାନାଚ୍ଛନ୍ନ, ସେଥିପାଇଁ :

''ବୁଝିବନି ଏ ମଣିଷ ଦେବତାର ଆଗମନୀ,
ଜାଣିବନି ସିଏ ଭାଗବତ କାର୍ଯ୍ୟ ନସରିବା ଯାଏଁ,
ଆଳସ୍ୟ ବା ଆଳାପରେ ପଡ଼ିଥିବ ଶୋଇ
ବିଶ୍ୱାସ କରିବନି ସିଏ ମୁହୂର୍ତ୍ତ ନଆସିବା ଯାଏଁ ।''
ଯେପର୍ଯ୍ୟନ୍ତ ତା'ର କାର୍ଯ୍ୟ ଶେଷ ହୋଇ ନାହିଁ ।''

ଅଜ୍ଞାନ ଓ ଅହଂ କବଳିତ ମଣିଷର ଏହାହିଁ ଜୀବନଧାରା । ଏହାର ପରିବର୍ତ୍ତନ ବା ରୂପାନ୍ତର ପାଇଁ ପୂର୍ଣ୍ଣଯୋଗର ଅଭୀପ୍ସା ଓ ଆହ୍ୱାନ । ଏ ସମ୍ପର୍କରେ ମଣିଷର ଅସୁମାରି ପ୍ରଶ୍ନର ଉତ୍ତର ଅବିଶ୍ରାନ୍ତ ଭାବେ ଶ୍ରୀଅରବିନ୍ଦ ଦେଇଛନ୍ତି । ସେସବୁ 'ଯୋଗ ପତ୍ରାବଳୀ'ରେ ସଂକଳିତ ହୋଇଛି । ଏ ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମାଙ୍କ ଅନୁପମ ଉକ୍ତି ହେଉଛି, "Who can understand Sri Aurobindo ? He is as vast as the universe. His teachings are limitless.'' ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ସେତ ବିଶ୍ୱ ଭଳି ବିଶାଳ, ଅସୀମ ଅନନ୍ତ ତାଙ୍କର ଶିକ୍ଷା, ସୁତରାଂ ପ୍ରଶ୍ନ ପରିବର୍ତ୍ତେ ଗଭୀର ବିଶ୍ୱାସ ସହ ନିଜ ନିଜର ଆନ୍ତରିକ ପ୍ରଚେଷ୍ଟା ତଥା ଧୈର୍ଯ୍ୟକୁ ଧରି ରଖିଥିଲେ ନିର୍ଦ୍ଧାରିତ ଲକ୍ଷ୍ୟରେ ଉପନୀତ ହେବା ଅବଶ୍ୟମ୍ଭାବୀ ।

ମନୁଷ୍ୟର ଜୀବନ ଏକ କ୍ରମାଗତ ବିକାଶର ଇତିହାସ । ସେ ଏକ ବିକାଶଶୀଳ ଅଭୀପ୍ସା-ପରାୟଣ ସତ୍ତା । ବିକାଶ ପଥରେ ଯେଉଁ ବିବର୍ତ୍ତନୀ ଶକ୍ତି ତାକୁ ଜଡ଼ ଓ ପଶୁ ସ୍ତରରୁ ଆଜିର ସ୍ତରକୁ ଆଣିଛି, ସେଇ ଶକ୍ତି ତାଙ୍କୁ ଏ ଅପୂର୍ଣ୍ଣ ସ୍ତରରେ ଛାଡ଼ି ଯିବ ନାହିଁ । ଆପାତତଃ ଦେବମାନବର ଅଭ୍ୟୁଦୟ, ବିକାଶର ଅନ୍ତିମ ଲକ୍ଷ୍ୟ । ଏ ପୃଥିବୀ ଦିନେ ଦେବମାନବ ଦ୍ୱାରା ଅଧ୍ୟୁଷିତ ହେବ – ଏହାହିଁ ସେଇ ଅନୁପମ ସକାଳର ପ୍ରତିଶ୍ରୁତି । ❖

The best way to express one's gratitude to the Divine is to feel simply happy.
(*23 April 1954*) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

ସାଧନା-ପରମ୍ପରା

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୮)

ସେସମୟରେ ଶିଷ୍ୟତ୍ୱରେ ଗୃହୀତ ହେଲାପରେ ସାଧକ ଉତ୍ତରାଖଣ୍ଡ ଅବା ବଦରିକାଶ୍ରମ ବା ନୈମିଷାରଣ୍ୟ ଅଭିମୁଖରେ, କେହି କେହି ମଥୁରା-ବୃନ୍ଦାବନ ପଥରେ ଯାତ୍ରା କରନ୍ତି। ଶ୍ରୀଚୈତନ୍ୟ ମନଭିତରେ ଭାବି ନେଇଛନ୍ତି ସେ ବୃନ୍ଦାବନଯାତ୍ରା କରୁଛନ୍ତି। କିନ୍ତୁ ସଙ୍ଗୀ ନିତ୍ୟାନନ୍ଦ ତାଙ୍କୁ ପ୍ରକୃତିସ୍ଥ ଥିବାର ବୋଧ ନକରିବାରୁ ଏ ଦଶାରେ ଏକାକୀ ଛାଡ଼ିବାକୁ ଉଚିତ ମନେକଲେ ନାହିଁ। ତେଣୁ କିଛିଦିନ ଶାନ୍ତିପୁରରେ ନିବାସ କରି ତତ୍‌ପରେ କାହାକୁ ସଙ୍ଗରେ ନେଇ ଯାତ୍ରା କରନ୍ତୁ – ଏଇ ଅଭିପ୍ରାୟରେ ବନ୍ଧୁ ବିଶ୍ୱମ୍ଭରଙ୍କ ସଙ୍ଗନେଲେ। କିଛିବାଟ ଚାଲିଗଲା ପରେ ସନ୍ନ୍ୟାସୀ ପଚାରିଲେ, ''ପ୍ରଭୁପାଦ ! ବୃନ୍ଦାବନ ଆଉ କେତେଦୂର, ଶୀତଳବାୟୁରୁ ଅନୁଭବ ହେଉଛି ସମ୍ଭବତଃ ଯମୁନା ସନ୍ନିକଟ''। ନିତ୍ୟାନନ୍ଦ ଏହା କହି ଆଶ୍ୱସ୍ତ କଲେ ଯେ : 'ହଁ, ହଁ, ଯମୁନାର ତୀର ଦେଖାଗଲାଣି।' ତହୁଁ ଗଙ୍ଗା ସମୀପରେ ପହଞ୍ଚି ଶ୍ରୀଚୈତନ୍ୟ ମା' ଯମୁନାର ସ୍ତବସ୍ତୁତି କଲେ ଗଦ୍‌ଗଦ କଣ୍ଠରେ – ଏହା ସେହି ସ୍ରୋତସ୍ୱିନୀ ଯେଉଁଠି ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଗୋପିକାବୃନ୍ଦ ରୁଣ୍ଡ ହୁଅନ୍ତି। ମାତ୍ର ସ୍ନାନାଦି ଶେଷକରି ଯେବେ ସୂର୍ଯ୍ୟପ୍ରଣାମାନ୍ତେ ଚାହିଁଲେ : ସବୁକିଛି ଅତି ପରିଚିତ ମନେହେଲା। ସେତେବେଳେ ବନ୍ଧୁବରଙ୍କ ବର୍ତ୍ତମାନର ସ୍ଥିତିକୁ ଚାହିଁ ନିତ୍ୟାନନ୍ଦ ଜଣାଇଲେ ସେମାନେ ଶାନ୍ତିପୁରରେ ପହଞ୍ଚିବାକୁ ଯାଉଛନ୍ତି ଓ ତାଙ୍କୁ ପାଛୋଟି ନେବାପାଇଁ ଅଦ୍ୱୈତ ମହାପ୍ରଭୁ ଶିଷ୍ୟବର୍ଗଙ୍କୁ ନେଇ ଏଆଡ଼କୁ ଆସୁଛନ୍ତି – ତିନିଦିନର ଉପବାସୀ ସନ୍ନ୍ୟାସୀଙ୍କୁ ଭିକ୍ଷାଦେବା ଇଚ୍ଛାରେ। ଚାହୁଁ ଚାହୁଁ ଅଦ୍ୱୈତ ଗୋସାଇଁ ସେଠି ପହଞ୍ଚି ତାଙ୍କୁ ସମ୍ଭାଷଣ କଲେ, 'ଓଁ ନମୋ ନାରାୟଣାୟ' ଏବଂ ଶ୍ରୀଚୈତନ୍ୟ ମଧ୍ୟ ଅଦ୍ୱୈତାଚାର୍ଯ୍ୟଙ୍କୁ ଶ୍ରଦ୍ଧାର ସହ ସେହିପରି ସମ୍ଭାଷଣ କଲେ। କବିରାଜ କହୁଛନ୍ତି :

> ମହାଭାଗବତ ଦେଖେ ସ୍ଥାବର ଜଙ୍ଗମ।
> ତାଁହା ତାଁହା ହୟ ତା'ର ଶ୍ରୀକୃଷ୍ଣ ସ୍ଫୁରଣ ॥
> ସ୍ଥାବର ଜଙ୍ଗମ ଦେଖେ ନା ଦେଖେ ତାଁର ମୂର୍ତ୍ତି।
> ସର୍ବତ୍ରେତେ ହୟ ତା'ର ଇଷ୍ଟଦେବ ସ୍ଫୂର୍ତ୍ତି ॥

ଶାନ୍ତିପୁରର ବୈଷ୍ଣବମଣ୍ଡଳୀ ଅଦ୍ୱୈତଙ୍କୁ ସମ୍ମୁଖରେ ରଖି ନବୀନ ସନ୍ନ୍ୟାସୀଙ୍କୁ ଆମନ୍ତ୍ରଣ କଲେ ଭିକ୍ଷା ଦେବାକୁ (ସାଧୁ ସନ୍ନ୍ୟାସୀଙ୍କୁ ଭୋଜନ ପାଇଁ ଆମନ୍ତ୍ରଣକୁ 'ଭିକ୍ଷା' କୁହାଯାଏ।) ଶ୍ରୀଚୈତନ୍ୟ ତାଙ୍କର ସାଙ୍ଗମାନଙ୍କୁ (ସାଙ୍ଗୋପାଙ୍ଗ) ନେଇ ସୀତାଦେବୀ ଓ ଅଦ୍ୱୈତାଚାର୍ଯ୍ୟଙ୍କ ଅତିଥି ହେଲେ। ସେସମୟରେ ନା ଥିଲା ତାଙ୍କର ନିଦ୍ରା ନା ଥିଲା ଆହାର – କେବଳ ଥିଲା ଭାବର ତଥା ଦିବ୍ୟପ୍ରେମର ବିହ୍ୱଳତା। ଯା'ହେଉ ଆହାର ପରେ ଜ୍ଞାନୀ ତଥା ଭକ୍ତଗଣ ନିଜନିଜର ଅଭିଜ୍ଞତା ଓ ଅନୁଭୂତିର ଚର୍ଚ୍ଚା କଲେ, ତତ୍ପରେ କୀର୍ତ୍ତନାନନ୍ଦରେ ଭୋଳହେଲେ। କ୍ରମଶଃ ସନ୍ନ୍ୟାସୀ ପ୍ରକୃତିସ୍ଥ ହେଲେ। ସେସମୟରେ ଆଚାର୍ଯ୍ୟଙ୍କ ବହିରାଙ୍ଗନର ପରିମଣ୍ଡଳରେ ପ୍ରବେଶ କଲେ ମନେହେଉଥିଲା ସତେ ଯେପରି ବ୍ୟାସ-ବାଲ୍ମୀକି, ବଶିଷ୍ଠ-ବିଶ୍ୱାମିତ୍ରଙ୍କ ବ୍ରହ୍ମବିଦ୍ୟା ମୂର୍ତ୍ତିମନ୍ତ ହୋଇ ପୁନରାୟ ନିଜର ଅର୍ଦ୍ଧସମାପ୍ତ କାର୍ଯ୍ୟକୁ ସମାପ୍ତ କରିବାକୁ ଆସିଛନ୍ତି। ଅଦ୍ୱୈତାଚାର୍ଯ୍ୟ ଉଦାରଭାବରେ ମତ୍ତ ଥିଲେ, ଏହି କାରଣରୁ ଯେଉଁ ଅବତାର ପୁରୁଷଙ୍କୁ ଗଙ୍ଗାଜଳ ଓ ତୁଳସୀମଞ୍ଜରୀ ଦେଇ ଆବାହନ କରିଥିଲେ, ସେ ଆବାହନର ପ୍ରତିଶ୍ରୁତି ସ୍ୱରୂପ ଶ୍ରୀଗୌରାଙ୍ଗ ମୂର୍ତ୍ତି ଧରି ଭଗବାନ୍ ସ୍ୱୟଂ ଆସିଛନ୍ତି ଭାରତ ଭୂଖଣ୍ଡକୁ। ଯା'ହେଉ ତାଙ୍କରି ପରାମର୍ଶରେ ଶ୍ରୀ ନିତ୍ୟାନନ୍ଦ ଯାଇ ନବଦ୍ୱୀପର ମାତା ଶଚୀଦେବୀଙ୍କୁ ଶିବିକାରେ ନେଇଆସିଲେ, ମାତ୍ର ଶତଇଚ୍ଛା ଥିଲେ ବି ବିଷ୍ଣୁପ୍ରିୟା ଆସିଲେ ନାହିଁ – ସନ୍ନ୍ୟାସର ନିୟମ ପ୍ରତି ମର୍ଯ୍ୟାଦା ରଖି, ଏହାଛଡ଼ା ସେପରି ଆଦେଶ ସନ୍ନ୍ୟାସୀ-ସ୍ୱାମୀଙ୍କ ପକ୍ଷରୁ ଆସି ନଥିଲା। ମାତାଙ୍କୁ ଦେଖି ପୁତ୍ର ଶ୍ରଦ୍ଧା ନିବେଦନ କଲେ ଓ କହିଲେ : ମୁଁ ସନ୍ନ୍ୟାସ ନେଇ ଠିକ୍ କରିଛି କି ଭୁଲ୍ କରିଛି କହିପାରିବି ନାହିଁ, ମାତ୍ର କାଳେ କାଳେ ତୁମେ ମୋର ମାତା, ମୁଁ ତୁମ ପୁତ୍ର, ଏ ଦେହ ତୁମରି ଦାନ। ତୁମେ ମୋତେ ଏବେ ଯେଉଁଠାରେ ରହିବାକୁ ଆଦେଶ କରିବ, ମୁଁ ସେଇଠି ରହିବି, ଯଦିବା ମୁଁ ଅନିକେତ ଭଳି ପରିବ୍ରଜଣରେହିଁ ଜୀବନ ବିତାଇବି, ତଥାପି ତୁମକୁ ଉଦାସ କରିବି ନାହିଁ, ଯେଉଁସ୍ଥାନ ନିର୍ଦ୍ଦେଶ କରିବ, ସେଇ ସ୍ଥାନହିଁ ମୋ ପାଇଁ ପବିତ୍ରଧାମ ହେବ, ସେଠାବରୁ ତୁମେ ମୋର ସଂବାଦ ପାଇପାରିବ। କାରଣ ତୁମେ ତ ଜାଣ ମା :

> ସନ୍ନ୍ୟାସୀର ଧର୍ମ ନୁହେଁ ସନ୍ନ୍ୟାସ ଲଇୟା।
> ନିଜ ଜନ୍ମସ୍ଥାନେ ରହେ କୁଟୁମ୍ବ ଲଇୟା ॥

ଶଚୀମାତା ଏକଥା ସମ୍ୟକ୍ ବୁଝିଥିଲେ । ସୁତରାଂ ପୂର୍ବରୁ ଭାବିଚିନ୍ତି ରଖିଥିବା ପରି କହିଲେ :

ତିଁହୋ ଯଦି ଇଁହା ରୟ, ତବେ ମୋର ସୁଖ ।
ତାର ନିନ୍ଦା ହୟ ଯଦି ତବେ ମୋର ଦୁଃଖ ॥
ତା'ତେ ଏଇ ଯୁକ୍ତି ଭାଲ ମୋର ମନେ ହୟ ।
ନୀଳାଚଳେ ରହେ ଯଦି ଦୁଇ କାମ ହୟ ॥
(ଚୈ. ଚରିତାମୃତ, ମଧ୍ୟଲୀଳା)

ଅନୁରାଗୀ ଭକ୍ତମାନେ ଚାହୁଁଥିଲେ : ମାତା ଯଦି ପୁତ୍ରକୁ ନିକଟସ୍ଥ କୌଣସି ସ୍ଥାନ ନିର୍ଦ୍ଦେଶ କରନ୍ତେ ତା'ହେଲେ ସେମାନଙ୍କ ପାଇଁ ଭଲ ହୁଅନ୍ତା, ମାତ୍ର ମାତା ଯେ ପୁତ୍ରଠୁ ବଳି ସଂଯମୀ; ତଥାପି ନୀଳାଚଳଧାମ ଅତି ଉତ୍ତମ, ସେଠାରେ ରହିଲେ ଆମ ଭଳି ଭକ୍ତଲୋକଙ୍କର ଶ୍ରୀଜଗନ୍ନାଥ ଦର୍ଶନ ସହିତ ତୀର୍ଥବାସ ଏବଂ ଚୈତନ୍ୟଦେବଙ୍କ ସାକ୍ଷାତ୍ ବି ମିଳିବ – ବର୍ଷରେ ଥରେ, ଦୁଇଥର ଯାଇ ସେଠାରେ ତାଙ୍କ ପବିତ୍ରସଙ୍ଗଲାଭ କରିହେବ । ଶଚୀମାତା ଇତ୍ୟବସରେ ପୁତ୍ରର କେଶବିହୀନ ମୁଖମଣ୍ଡଳ ଓ ଗୈରିକ ବସ୍ତ୍ରକୁ ଚାହିଁ ଅଶ୍ରୁମୋଚନ କଲେଣି । ନିଜକୁ ସଂଯମିତ କରି ପଣତକାନିରେ ଚକ୍ଷୁରୁ ଲୋତକ ପୋଛି ସୀତାଦେବୀ ଓ ଆଚାର୍ଯ୍ୟ ମହାଶୟଙ୍କୁ ବିଧିବଦ୍ଧ ନମସ୍କାର ଇତ୍ୟାଦି କରି ସାରିଲେଣି ଏବଂ ସଖାସମେତ ନିମାଇ ଓ ଉପସ୍ଥିତ ବୈଷ୍ଣବ ସମ୍ପ୍ରଦାୟଙ୍କୁ ଭିକ୍ଷା ଦେବାର ଅଭିପ୍ରାୟ ଜଣାଇ ଅନୁମତି ମାଗି ନେଲେଣି ।

ସେଠାରେ ଯେତେଦିନ ଶ୍ରୀଚୈତନ୍ୟ ରହିଲେ ସତ୍‌ପ୍ରସଙ୍ଗ ଆଲୋଚିତ ହେଲା, ଧର୍ମର ନାନା ପ୍ରସଙ୍ଗ ସହ ଜିଜ୍ଞାସା ଓ ସେସବୁର ସମାଧାନାଦି ବି ଚର୍ଚ୍ଚିତ ହେଲା । ପ୍ରବୀଣ ବୈଷ୍ଣବ ସାଧୁ ଆପଣା ସାଧନାର ଅଭିଜ୍ଞତା ଓ ତୀର୍ଥପର୍ଯ୍ୟଟନର ବିଷୟ ଆଲୋଚନା କଲେ । ମନେ ହେଉଥିଲା : ପୁରାତନ ଯୁଗ ଫେରିଆସିଛି ଅଧ୍ୟାତ୍ମଶାସ୍ତ୍ରର ଚର୍ଚ୍ଚା ସାଙ୍ଗରେ, ସାଧାରଣ ଭକ୍ତିପ୍ରିୟ ନରନାରୀଙ୍କ ଉତ୍ସାହ ବଢ଼ାଇବା ପାଇଁ ସହଜ ଭଗବତ୍‌ତତ୍ତ୍ୱ ଓ ଭଜନ-କୀର୍ତ୍ତନର ରୋଳ ବି ଚାଲିଛି । ସେଇ ଜନସମୁଦାୟଙ୍କ ଗହଣରେ ଚୈତନ୍ୟଦେବ ଯେପରି ଦେଖାଯାଉଥିଲେ, ତାହାର ସଂକ୍ଷିପ୍ତ ବର୍ଣ୍ଣନା କରିଛନ୍ତି କବିରାଜ ଗୋସାଇଁ :

ଗୌର ଦେହକାନ୍ତି ସୂର୍ଯ୍ୟ ଜିନିୟା ଉଜ୍ଜ୍ୱଳ ।
ଅରୁଣ ବସ୍ତ୍ର ଗାତ୍ରେ ତାହେ କରେ ଝଲମଲ ॥

ଯିଏ ଯଥାର୍ଥରେ କାନ୍ତିମାନ୍, ସିଏ ସର୍ବାବସ୍ଥାରେ ସ୍ୱତନ୍ତ୍ର ବୋଲି ବାରିହୋଇ ପଡ଼ନ୍ତି । ଜ୍ଞାନଭକ୍ତିରେ ବୈରାଗ୍ୟର ସମ୍ମିଶ୍ରଣ ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ପ୍ରତିଭାତ ହେଉଥିଲା । ଚାହୁଁ ଚାହୁଁ ସପ୍ତାହେ ବିତିଗଲା । ଶ୍ରୀଚୈତନ୍ୟଙ୍କ ମନରେ ଶ୍ରୀଜଗନ୍ନାଥଦର୍ଶନ ଲାଳସା ପ୍ରବଳ ହେଲା, ଶ୍ରୀକ୍ଷେତ୍ରରେ ଉପନୀତ ହେବା, ତହିଁ ବାସକରିବାର ବ୍ୟାକୁଳତା ତାଙ୍କୁ ଅଥୟ କଲା । ସେ ଯିବାକୁ ଅନୁମତି ମାଗିଲେ ଅଦ୍ୱୈତ ଆଚାର୍ଯ୍ୟଙ୍କୁ; ସୀତାଦେବୀ ଓ ଶଚୀମାତାଙ୍କ ଅନୁରୋଧରେ ଦିନେ-ଦୁଇଦିନ ଅଧିକା ବି ରହିଲେ । ତତ୍‌ପରେ ନିମାଇ ତାଙ୍କ ମା'ଙ୍କୁ ଶ୍ରଦ୍ଧାର ସହ ନବଦ୍ୱୀପ ବାହୁଡ଼ିଯିବା ପାଇଁ ନିବେଦନ କଲେ । ସବାରି ଯୋଗେ ମାତା ଗଲା ପରେ ଆଚାର୍ଯ୍ୟ ଦୁଇଟି ସୁଦୃଶ୍ୟ କଠଉ ଆଣି ପ୍ରିୟ ନିମାଇଙ୍କୁ ଉପହାର ଦେଲେ । ଏବେ ତାଙ୍କର ସନ୍ନ୍ୟାସ ବେଶ ସଂପୂର୍ଣ୍ଣ ହେଲା । ସୀତାଦେବୀ ଓ ଅଦ୍ୱୈତ ଆଚାର୍ଯ୍ୟ ପୁତ୍ରସମ ନିମାଇଙ୍କୁ ବିଦାୟ ଦେଇ ସୁଖ-ଦୁଃଖ ଉଭୟଭାବ ଉଦ୍‌ବେଳ ତରଙ୍ଗରେ ଆପ୍ଳୁତ ହେଲେ । ଶାନ୍ତିପୁରର ସଖା ଓ ସହଚରବର୍ଗ ସେ ଅଞ୍ଚଳ ପାରହୋଇଯିବା ପର୍ଯ୍ୟନ୍ତ ବାଟେଇ ଦେଲେ । ଯଥାର୍ଥ ସନ୍ନ୍ୟାସ ପର୍ବ ଏବେ ଆରମ୍ଭ ହେଲା, ଗୁରୁଦେବ ଆଚାର୍ଯ୍ୟ ଭାରତୀଙ୍କ ଉପଦେଶ ସ୍ମରଣ କଲେ ସର୍ବାବସ୍ଥାରେ ସମଚିତ୍ତ ରହିବା ପାଇଁ – ଯେହେତୁ ସନ୍ନ୍ୟାସୀଙ୍କ ପାଇଁ ଆକାଶ ହେଉଛି ଗୃହଛାଦ, ଧରାତଳ ଶୟନ-ଶଯ୍ୟା, ସରିତର ଶୀତଳଜଳ ପାନୀୟ ଓ ପଥପାର୍ଶ୍ୱର ବୃକ୍ଷଫଳ ଆହାର – ତାହାଙ୍କ ଲାଗି ସକଳ ଜନପଦ ସୁହୃଦ୍-ସୁବାନ୍ଧବ । ଉଦାର ମନରେ ନିରାସକ୍ତ ସନ୍ନ୍ୟାସୀ ମଝିରେ ମଝିରେ 'ଓଁ ନମୋ ହରିନାରାୟଣାୟ' ବୋଲି ଉଚ୍ଚସ୍ୱରରେ ଗାନକରି ସେ ଗଙ୍ଗାସାଗର ଉଦ୍ଦେଶ୍ୟରେ ପଦଯାତ୍ରା କଲେ, ତାଙ୍କ ସହିତ ଥିଲେ ନିତ୍ୟାନନ୍ଦ, ଜଗଦାନନ୍ଦ ଆଦି ସନ୍ନ୍ୟାସିବୃନ୍ଦ ଓ ଅଳ୍ପକେତେ ସନ୍ନ୍ୟାସ ନେଇ ନଥିବା ବୈଷ୍ଣବ ଭକ୍ତଯୁବକ ।

ସେସମୟରେ ବଙ୍ଗଳାର ମୁସଲମାନ ଶାସନକର୍ତ୍ତା ଓ ଓଡ଼ିଶାର ହିନ୍ଦୁ ରାଜା ପ୍ରତାପରୁଦ୍ରଙ୍କ ମଧ୍ୟରେ ପ୍ରାୟଶଃ ସନ୍ଧିବିଗ୍ରହ ଲାଗି ରହିଥିଲା । ତେଣୁ ଉଭୟ ରାଜ୍ୟର ସୀମାର ମିଳନସ୍ଥାନ ସଦାବେଳେ ଡାକୁ ଓ ଦସ୍ୟୁମାନଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା; ସ୍ଥଳପଥ ଯେପରି ସଂକଟପୂର୍ଣ୍ଣ ଥିଲା, ଜଳପଥ ବି ସେଇଭଳି ଜଳଦସ୍ୟୁଙ୍କର ଉତ୍ପାତରୁ ମୁକ୍ତ ନଥିଲା । ଯଦିବା ଉତ୍କଳର ରାଜା ଯାତ୍ରୀମାନଙ୍କ ପାଇଁ ସୁରକ୍ଷାର, ଏପରିକି ତୀର୍ଥଯାତ୍ରୀଙ୍କ ପାଇଁ ନିଶୁଳ୍କ ଅବାଧଗତିର ବ୍ୟବସ୍ଥା କରିଥିଲେ, ତଥାପି ଶୁଳ୍କ-ଆଦାୟକାରୀ ଲୋକ ନିଜ ନିଜର ପ୍ରକୋପ ଦେଖାଉଥିଲେ । ନିରୀହ ଧାର୍ମିକଙ୍କୁ ଭଣ୍ଡ ବୋଲି କହି ହଇରାଣ କରୁଥିଲେ ।

ଚୈତନ୍ୟଦେବଙ୍କର ପ୍ରଥମ ବିଶ୍ରାମସ୍ଥଳ ଥିଲା ସାଗରସଙ୍ଗମରେ ଥିବା ଛତ୍ରଭୋଗ ନାମକ ସ୍ଥାନ, ଯେଉଁଠି 'ଅମ୍ବୁଲିଙ୍ଗମ୍'ଙ୍କ ଦେଉଳ ଥିଲା । ସେଠାରେ ଭୂମ୍ୟାଧିକାରୀ ରାମଚନ୍ଦ୍ର ଖାଁ ଶ୍ରୀଚୈତନ୍ୟଙ୍କ ବ୍ୟକ୍ତିତ୍ୱ ଓ ବ୍ୟବହାରରେ ଏତେ ପ୍ରଭାବିତ ହୋଇପଡ଼ିଲେ ଯେ ନିଜ ତରଫରୁ ସେମାନଙ୍କର ବିଶ୍ରାମର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଜଳପଥ ଦେଇ ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରାର ବ୍ୟବସ୍ଥା କରିଦେଲେ । ଶ୍ରୀଚୈତନ୍ୟ ସେଇ ମନ୍ଦିରରେ ଶିବଙ୍କର ସ୍ତବ-ସ୍ତୁତି ଓ ଧ୍ୟାନ କଲେ । ସେଇ ଛତ୍ରଭୋଗ ପାଖରୁ ସେମାନେ ନୌକାରେ ଯାଇ ବାଲେଶ୍ୱର ନିକଟସ୍ଥ ପ୍ରୟାଗଘାଟରେ ଅବତରଣ କଲେ । ନିତ୍ୟାନନ୍ଦଙ୍କର ଆଗରୁ ସେସବୁ ସ୍ଥାନ ବେଶ୍ ଜଣାଶୁଣା ଥିଲା, ତେଣୁ ସିଏ ପଥଦେଖାଇ ରେମୁଣାର ଗୋପୀନାଥ ମନ୍ଦିର ଯାଏଁ ନେଇଗଲେ । ପଥ ମଧ୍ୟରେ ଚୈତନ୍ୟଦେବ ଭକ୍ତମାନଙ୍କୁ ସେମାନଙ୍କ ପୂର୍ବରୁ ଆସିଥିବା ପରମବୈଷ୍ଣବ ମାଧବେନ୍ଦ୍ର ପୁରୀଙ୍କର ମନ୍ଦିର ନିକଟରେ ରାତ୍ରିଯାପନକାଳୀନ ଘଟଣା ସବିସ୍ତାରେ ବର୍ଣ୍ଣନାକରି ଶୁଣାଇଲେ; କେମିତି ସ୍ୱୟଂ ଗୋପୀନାଥ ନିଜ ନାମ ଆଗରେ 'କ୍ଷୀରଚୋରା' ବିଶେଷଣଟି ଯୋଡ଼ି ଭକ୍ତର ମାନଙ୍କୁ ନିଜର ମର୍ଯ୍ୟାଦା ଅପେକ୍ଷା ଅଧିକ ବଢ଼ାଇଲେ 'ଚୋର' ଆଖ୍ୟାଟି ନିଜ ଉପରେ ଆରୋପ କରି । ସେଠାରେ ସେଦିନ ବିଶ୍ରାମ କରି ସେଠାବରୁ ଯଜ୍ଞପୁର (ଆଧୁନିକ ନାମ ଯାଜପୁର) । ଏକ ସମୟରେ ତାହା ଓଡ଼ିଶାର ରାଜଧାନୀ ଥିଲା । ଅନେକ ସୁନ୍ଦର କାରୁକାର୍ଯ୍ୟ ଖଚିତ ମନ୍ଦିରମାନ ଥିଲା, ପଥମଧ୍ୟରେ କଳାପାହାଡ଼ ଦ୍ୱାରା ଭଙ୍ଗା ହୋଇଥିବା ବହୁସଂଖ୍ୟକ ଭଗ୍ନ ମନ୍ଦିର ଦେଖି ସେ ଦୁଃଖିତ ହୋଇଥିଲେ । ଜନଶ୍ରୁତି ରହିଛି ଶ୍ରୀଗୌରାଙ୍ଗ ଦେବଙ୍କ ପୂର୍ବପୁରୁଷଙ୍କ ଭିଟାମାଟି ଶ୍ରୀଚୈତନ୍ୟ ଆସିବାଯାଏ ଯାଜପୁରରେ ରହିଥିଲା, ଯେଉଁଠି ସେ ଧ୍ୟାନଯୋଗରେ ସେମାନଙ୍କୁ ସୂକ୍ଷ୍ମରେ ଆପ୍ୟାୟିତ କରିଥିଲେ ।

କୁହାଯାଏ ଜଗନ୍ନାଥ ମିଶ୍ରଙ୍କ ପୂର୍ବପୁରୁଷ ଉତ୍କଳଖଣ୍ଡର ସେଇ ଅଞ୍ଚଳରୁ ପୂର୍ବବଙ୍ଗକୁ ଯାଇଥିଲେ, ସମ୍ଭବତଃ କୌଣସି ରାଜାଙ୍କର ଯଜ୍ଞରେ ଯାଜ୍ଞିକ ଭାବରେ ଆମନ୍ତ୍ରିତ ହୋଇଥିବେ । ପୂର୍ବକାଳରେ ସେଇଭଳି କର୍ମକାଣ୍ଡୀୟ ଉତ୍କୃଷ୍ଟ ଯାଜ୍ଞିକ-ବ୍ରାହ୍ମଣଙ୍କୁ ରାଜାମାନେ ଡକାଇ ଭୂମି ଆଦି ଦେଇ ଶାସନ ବସାଉଥିଲେ । (ଅବଶ୍ୟ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଉପରେ ବଙ୍ଗଳା ଦୂରଦର୍ଶନର ଧାରାବାହିକରେ ଏହି ବିଷୟ ଦର୍ଶାଯାଇଛି । ଜୀବନୀକାର କେହି କେହି ତାଙ୍କର ଆଦି-ବାସସ୍ଥାନ ଉତ୍କଳଖଣ୍ଡ ବୋଲି ଉଲ୍ଲେଖ କରିଛନ୍ତି ।) ସେମାନେ ବିରଜାମନ୍ଦିର ପରିକ୍ରମା କଲେ ଓ ପୂଜାଦି ସମାପନ କଲେ । ସେଠାରୁ କିଛିବାଟ ପାଦରେ ଓ କିଛିବାଟ ନୌକାରେ – ଏଇପରି ଭାବେ ଯାଇଁ କଟକରେ ଉପନୀତ ହେଲେ । ଏବେ ମଧ୍ୟ ଶ୍ରୀଚୈତନ୍ୟ ଯେଉଁ ଘାଟରେ ଓହ୍ଲାଇଥିଲେ, ସେଇଦିନର ସ୍ମୃତି ବହନ କରି କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍ସବ ଆଦି କରାଯାଏ କଟକରେ ।

ଶ୍ରୀଚୈତନ୍ୟଙ୍କୁ ଯେ ତାଙ୍କ ମା' ପୁରୁଷୋତ୍ତମ କ୍ଷେତ୍ରରେ ବାସ କରିବାକୁ ଆଦେଶ ଦେଇଥିଲେ ସେଇ କଥାଟିକୁ ସେ ବିଧିର ନିର୍ଦ୍ଦେଶ ବୋଲି ମାନିନେଇଥିଲେ, କାରଣ ସେ କ୍ଷେତ୍ରଟି ବହୁଯୁଗରୁ ସର୍ବଧର୍ମ ସମନ୍ୱୟର ପୀଠସ୍ଥାନ ଥିଲା, ସେଠାରେ ସକଳ ଆଚାର୍ଯ୍ୟ ନିଜ ନିଜ ମତର ପ୍ରତିଷ୍ଠା ଅର୍ଥେ ମଠ ବସାଇଛନ୍ତି, ଶ୍ରୀଜଗନ୍ନାଥଙ୍କଠାରେ ନିଜର ଇଷ୍ଟ ଓ ନିଜ ମତର ପୂର୍ଣ୍ଣତା ରହିଛି ବୋଲି ମାନିଛନ୍ତି । ଚୈତନ୍ୟଦେବ ଶୁଣିଛନ୍ତି ଯେ ଶ୍ରୀଜଗନ୍ନାଥ ଦେବଙ୍କର ଛତ୍ରଛାୟା ତଳେ ସକଳ ଧର୍ମ, ସକଳ ମତ ପରସ୍ପରକୁ ଆଦର ମର୍ଯ୍ୟାଦା କରନ୍ତି, କାରଣ ବ୍ରହ୍ମଙ୍କର କ୍ଷର, ଅକ୍ଷର ଓ ପୁରୁଷୋତ୍ତମ ତତ୍ତ୍ୱର ଏକତ୍ର ସମାବେଶ ଅନ୍ୟ କୌଣସି ଧାମ ବା ତୀର୍ଥରେ ବିରାଜିତ ନୁହନ୍ତି ବିଗ୍ରହ ମୂର୍ତ୍ତିରୂପେ । ଅଥଚ ସେଇ ମହୋଦାର କ୍ଷେତ୍ରରେ ମାୟାବାଦୀ ପଣ୍ଡିତ ସାର୍ବଭୌମ ଅବିସମ୍ବାଦିତ ଭାବେ ସାରା ଭାରତଖଣ୍ଡରେ କେମିତି ଅପରାଜେୟ ରହିଯାଇଛନ୍ତି – ଏକଥା ତାଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଥିଲା । ମାୟାବାଦୀଗଣ ବ୍ରହ୍ମଙ୍କର ପରାକାଷ୍ଠା ଦେଖାଇବାକୁ ଯାଇ ପରୋକ୍ଷଭାବେ ମାୟା, ମିଥ୍ୟା, ଅଳୀକ, ଅବାସ୍ତବ ଆଦି ନାମରେ ବିଷ୍ଣୁ ବା ନାରାୟଣଙ୍କ ବିଭୂତିକୁ ପ୍ରାକୃତ ପର୍ଯ୍ୟାୟକୁ ନେଇଆସି ନାହାନ୍ତି କି ? ସେଇ ଯୁକ୍ତିର ଅସାରତା ବା ସସୀମତା ଦେଖାଇବାକୁ ପରବର୍ତ୍ତୀ ସମୟରେ ଶ୍ରୀଚୈତନ୍ୟ କହିଛନ୍ତି :

ବ୍ରହ୍ମଶବ୍ଦେ ମୁଖ୍ୟ ଅର୍ଥେ କହେ ଭଗବାନ୍ ।
ବିଦୈଶ୍ୱର୍ଯ୍ୟ ପରିପୂର୍ଣ୍ଣ ଅନୂର୍ଦ୍ଧ ସମାନ ।
ତାଁହାର ବିଭୂତି ଦେହ ସଦ୍ ଚିଦାକାର ।
ଚିଦ୍‌ବିଭୂତି ଆସ୍ୱାଦି ତାରେ କହେ ନିରାକାର ॥
ବିଷ୍ଣୁନିନ୍ଦା ନାହିଁ ଆର ଇହାର ଉପର ।
ପ୍ରାକୃତ କରିୟା ମାନେ ବିଷ୍ଣୁ କଳେବର ॥

(ଚୈ.ଚରିତାମୃତ, ମଧ୍ୟଲୀଳା)

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

# କଳା ଓ ଯୋଗ

## ଶ୍ରୀମା

*ପ୍ରଶ୍ନ : ... ଯଦି କେହି ଯୋଗ କରେ ତେବେ 'ସେକ୍ସପିଅର୍' କିଂବା 'ସେଲି'ଙ୍କ ଭଳି ସେହି ଉଚ୍ଚତାକୁ ଉଠି ପାରେ କି ? ଏପରି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ ।*

ଉତ୍ତର : କାହିଁକି ନୁହେଁ ? ସେକ୍ସପିଅର୍ କିଂବା ଅନ୍ୟ କୌଣସି କବିଙ୍କର ଯେ କୌଣସି ସୃଷ୍ଟିଠାରୁ ମହାଭାରତ ଓ ରାମାୟଣ କୌଣସି ଗୁଣରେ ନ୍ୟୂନ ନୁହନ୍ତି ଏବଂ ସେସବୁ କାର୍ଯ୍ୟ ଏପରି ବ୍ୟକ୍ତିମାନଙ୍କ ଦ୍ୱାରା ହୋଇଥିବାର କୁହାଯାଏ, ଯେଉଁମାନେ କି ଥିଲେ ଋଷି ଏବଂ ସେମାନେ ଯୌଗିକ ତପସ୍ୟା କରିଥିଲେ । ଉପନିଷଦ୍ ଭଳି ଗୀତା ମଧ୍ୟ ଏକସଙ୍ଗେ ସର୍ବବୃହତ୍ ସାହିତ୍ୟିକ ଏବଂ ସର୍ବବୃହତ୍ ଆଧ୍ୟାତ୍ମିକ କୃତି ମଧ୍ୟରେ ପରିଗଣିତ ହୁଏ, ଯାହାକି ଯୋଗର ଅନୁଭୂତି ନ ଥିବା କୌଣସି ବ୍ୟକ୍ତି ଦ୍ୱାରା ଲେଖା ଯାଇ ନ ଥିଲା । ଭାରତରେ ହେଉ ବା ପାରସ୍ୟରେ ହେଉ କିଂବା ଅନ୍ୟ କୌଣସି ସ୍ଥାନରେ ହେଉ, ସାଧୁ, ସନ୍ଥ, ସୁଫି କିଂବା ଭକ୍ତମାନଙ୍କ ଦ୍ୱାରା ଲିଖିତ ବିଖ୍ୟାତ ପଦ୍ୟସବୁ ତୁମର 'ମିଲ୍‌ଟନ୍' ଏବଂ 'ଶେଲି'ଙ୍କ ରଚନାଠାରୁ କେଉଁ ଗୁଣରେ ନ୍ୟୂନ ? ତା'ଛଡ଼ା ଯୋଗୀମାନଙ୍କୁ ଓ ସେମାନଙ୍କର କର୍ମକୁ ତୁମେ କେତେ ବା କ'ଣ ଜାଣିଛ ? ତୁମେ କ'ଣ କହିପାରିବ କବି ଏବଂ ସ୍ରଷ୍ଟାମାନଙ୍କ ମଧ୍ୟରେ କେଉଁ କେଉଁମାନେ ଭଗବାନଙ୍କ ସଂସ୍ପର୍ଶରେ ସଚେତନ ଭାବରେ ଆସି ନାହାନ୍ତି ? ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବାହାରେ ଯୋଗୀ ଭଳି ଦେଖାଯାଆନ୍ତି ନାହିଁ, ସେମାନେ ଗୁରୁ ନୁହନ୍ତି ଏବଂ ସେମାନଙ୍କର କୌଣସି ଶିଷ୍ୟ ନ ଥା'ନ୍ତି; ସେମାନେ କ'ଣ କରନ୍ତି ତାହା ସଂସାରରେ କେହି ଜାଣନ୍ତି ନାହିଁ; ସେମାନେ ଖ୍ୟାତି ପାଇଁ ଉଦ୍‌ବିଗ୍ନ ନୁହନ୍ତି, ଏବଂ ସେମାନେ ନିଜ ଆଡ଼କୁ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହାନ୍ତି ନାହିଁ; କିନ୍ତୁ ସେମାନଙ୍କର ଉଚ୍ଚତର ଚେତନା ଥାଏ, ସେମାନେ ଏକ ଭଗବତ୍ ଶକ୍ତିର ସଂସ୍ପର୍ଶରେ ଆସିଥା'ନ୍ତି ଏବଂ ସେମାନେ ଯେତେବେଳେ କିଛି ସୃଷ୍ଟି କରନ୍ତି, ତାହା ସେହି ସ୍ତରରୁହିଁ କରିଥା'ନ୍ତି । ଭାରତର ବିଖ୍ୟାତ ଚିତ୍ରକଳା ଏବଂ ବିଖ୍ୟାତ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା । ଯେଉଁମାନେ ଆଧ୍ୟାତ୍ମିକ ଅନୁଶୀଳନ ଓ ଅଭ୍ୟାସ ମଧ୍ୟଦେଇ ତାଙ୍କର ଜୀବନ ଅତିବାହିତ କରିଥିଲେ; ସେମାନେ ସର୍ବଶ୍ରେଷ୍ଠ କାରୁକାର୍ଯ୍ୟମାନ କରିଥିଲେ, କିନ୍ତୁ ଭବିଷ୍ୟତରେ ନିଜର ସ୍ମୃତିରକ୍ଷା ପାଇଁ କିଛି କରିଯାଇ ନ ଥିଲେ । ଯୋଗୀମାନେ ତାଙ୍କର କଳାକୃତି ପାଇଁ ସାଧାରଣତଃ ବାହାରକୁ ଜଣା ଯାଆନ୍ତି ନାହିଁ, କାରଣ ସେମାନେ ତାଙ୍କର କଳା ଅଭିବ୍ୟକ୍ତିକୁ ସେମାନଙ୍କ ଜୀବନର ସବୁଠାରୁ ମୁଖ୍ୟ କାର୍ଯ୍ୟ ବୋଲି ବିଚାର କରନ୍ତି ନାହିଁ ଏବଂ ସାଧାରଣ ଶିଳ୍ପୀ ଭଳି ଏ ଦିଗରେ ଯଥେଷ୍ଟ ସମୟ ଏବଂ ଶକ୍ତି ବିନିଯୋଗ କରନ୍ତି ନାହିଁ । ସେମାନେ ଯାହା କିଛି କରନ୍ତି ସର୍ବଦା ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ । କେତେଜଣ ଏପରି ଅଛନ୍ତି ଯେଉଁମାନେ କି ଖୁବ୍ ବୃହତ୍ କାର୍ଯ୍ୟ କରିଥିଲେ ମଧ୍ୟ ତାକୁ ପୃଥିବୀରେ ପ୍ରଚାର କରି ନାହାନ୍ତି ! [...]

କଳା ମଧ୍ୟରେ ନିହିତ ମୌଳିକ ସତ୍ୟ ଭଗବତ୍ ପରିପ୍ରକାଶର ସୌନ୍ଦର୍ଯ୍ୟ ଦୃଷ୍ଟିରୁ କିଛି ଊଣା ନୁହେଁ । ସମ୍ଭବତଃ ଏହି କଥାକୁ ବିଚାର କଲେ ଖୁବ୍ କମ୍ ପ୍ରକୃତ କଳାକାର ମିଳି ପାରିବେ; ତଥାପି ଏପରି କେତେକେ ଅଛନ୍ତି ଯେଉଁମାନଙ୍କୁ ଯୋଗୀ ଭାବରେ ଗ୍ରହଣ କରାଯାଇପାରେ । କାରଣ, ଜଣେ କଳାକାରକୁ ଯୋଗୀ ଭଳି ପ୍ରେରଣା ପାଇବା ପାଇଁ ଅପେକ୍ଷା କରିବା ନିମନ୍ତେ ତାଙ୍କୁ ଖୁବ୍ ଗଭୀର ଧ୍ୟାନରେ ନିମଗ୍ନ ହେବାକୁ ପଡ଼ିଥାଏ । ପ୍ରକୃତରେ କିଛି ସୁନ୍ଦର ସୃଷ୍ଟି କରିବାକୁ ହେଲେ କଳାକାରଙ୍କୁ ପ୍ରଥମେ ତାହା ନିଜ ମଧ୍ୟରେ ଦେଖିବାକୁ ପଡ଼େ ଏବଂ ତାଙ୍କ ନିଜ ଚେତନାରେ ତାହାକୁ ପୂର୍ଣ୍ଣରୂପେ ଉପଲବ୍ଧି କରିବାକୁ ପଡ଼ିବ; କେବଳ ଯେତେବେଳେ ସେ ଏହା ଅନୁଭବ କରିପାରିବେ, ଦେଖିପାରିବେ ଏବଂ ନିଜ ଭିତରେ ଧାରଣ କରିପାରିବେ ସେତେବେଳେହିଁ ସେ ବାହାରେ ତାକୁ କାର୍ଯ୍ୟକାରୀ କରିପାରିବେ; ତାଙ୍କର ମହାନ୍ ଅନ୍ତର୍ଦୃଷ୍ଟି ଅନୁଯାୟୀ ସେ ଏହା ସୃଷ୍ଟି କରିପାରିବେ । ଏହା ମଧ୍ୟ ଏକପ୍ରକାର ଯୌଗିକ ଶୃଙ୍ଖଳା, କାରଣ ଏହାଦ୍ୱାରା ସେ ଅନ୍ତର୍ଜଗତ ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରିପାରନ୍ତି । ଲିଓନାର୍ଦୋ ଦା' ଭିନ୍‌ସି ଜଣେ ଯୋଗୀ ଭିନ୍ନ ଅନ୍ୟ କିଛି ନ ଥିଲେ ଏବଂ ସେ ଖୁବ୍ ବଡ଼ ନ ହେଲେ

ମଧ୍ୟ ଅନ୍ତତଃ ବିଶିଷ୍ଟ ଚିତ୍ରକରଙ୍କ ମଧ୍ୟରେ ତାଙ୍କର ସ୍ଥାନ ଥିଲା – ଯଦିଓ କେବଳ ଚିତ୍ରବିଦ୍ୟାରେ ତାଙ୍କର କଳା ସୀମିତ ନ ଥିଲା ।

ସଂଗୀତ ମଧ୍ୟ ମୁଖ୍ୟତଃ ଏକ ଆଧ୍ୟାତ୍ମିକ କଳା ଏବଂ ତାହା ସର୍ବଦା ଧାର୍ମିକ ମନୋଭାବ ଏବଂ ଏକ ଆନ୍ତର ଜୀବନ ସହିତ ସଂପର୍କ ପ୍ରତିଷ୍ଠା କରି ଆସିଛି । କିନ୍ତୁ ଏଠାରେ ମଧ୍ୟ ଆମ୍ଭେମାନେ ସଂଗୀତକୁ ଏକପ୍ରକାର ସ୍ୱାଧୀନ ଓ ସ୍ୱୟଂସମ୍ପୂର୍ଣ୍ଣ ଏବଂ ସ୍ୱଳ୍ପକାଳ ସ୍ଥାୟୀ କଳାରେ ପରିଣତ କରିଛୁ – ଯେପରି ଅପେରା ସଂଗୀତରେ କରାଯାଇଥାଏ । ଆମେ ଯେତେସବୁ କଳାତ୍ମକ ସୃଷ୍ଟି ଦେଖୁ ସେଗୁଡ଼ିକ ଏହି ପ୍ରକାରର ଏବଂ କଳା କୌଶଳ ଦୃଷ୍ଟିରୁ ଏହା ବେଶ୍ ଆମୋଦଦାୟକ । ମୁଁ କହୁ ନାହିଁ ଯେ ଅପେରା ସଂଗୀତ ଉଚ୍ଚତର କଳା ଅଭିବ୍ୟକ୍ତିର ମାଧ୍ୟମ ରୂପେ ବ୍ୟବହୃତ ହୋଇପାରିବ ନାହିଁ; କାରଣ ଯାହାକିଛି ରୂପ ନେଇଥାଉ ପଛକେ ଏହା ଗଭୀର ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରେ । ସବୁକିଛି ନିର୍ଭର କରେ ଏହି କଥା ଉପରେ ଯେ ଏହା କିପରି ବ୍ୟବହୃତ ହେଉଛି ଏବଂ ଏହା ପଛରେ କି ଉଦ୍ଦେଶ୍ୟ ରହିଛି । ଏପରି କିଛି ନାହିଁ ଯାହାକି ଭଗବତ୍ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ ନାହିଁ – ଯେପରିକି କୌଣସି ଜିନିଷକୁ ଦିବ୍ୟ ବୋଲି ଛଳନା କରାଯାଇଥିଲେ ମଧ୍ୟ ତାହା ସ୍ୱଳ୍ପକ୍ଷଣ ସ୍ଥାୟୀ ହୋଇଥାଏ ।

ଆଧୁନିକ ବିଖ୍ୟାତ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ଏପରି ଅନେକେ ଅଛନ୍ତି ଯେଉଁମାନେ କି ସୃଷ୍ଟି କରିବା ସମୟରେ ଉଚ୍ଚତର ଚେତନା ସଂସ୍ପର୍ଶରେ ଆସିଥିଲେ । ସେଜାର୍ ଫ୍ରାଙ୍କ୍ ଅର୍ଗାନ ବଜାଇବା ସମୟରେ ଖୁବ୍ ଅନୁପ୍ରାଣିତ ହୋଇଥିଲେ; ତାଙ୍କର ଚୈତ୍ୟଜୀବନ ଉନ୍ମୁକ୍ତ ହୋଇଥିଲା, ସେ ଏ ବିଷୟରେ ସଚେତନ ଥିଲେ ଏବଂ ଏହାକୁ ଉତ୍ତମ ଭାବରେ ପ୍ରକାଶ କରିଥିଲେ । ବିଥୋଭେନ୍ ତାଙ୍କର ନବମ ସିମ୍ଫୋନି ରଚନା କରିବା ସମୟରେ ଏକ ଊର୍ଦ୍ଧ୍ୱତର ଜଗତକୁ ଉନ୍ମୋଚିତ ହୋଇ ଯିବାର ଏବଂ ଊର୍ଦ୍ଧ୍ୱତର ଜଗତ୍ ପୃଥିବୀପୃଷ୍ଠକୁ ଅବତରଣ କରିବାର ସୂକ୍ଷ୍ମଦର୍ଶନ କରିଥିଲେ । ୱ୍ୟାଗ୍ନର୍‌ଙ୍କର ଗୁହ୍ୟଜଗତ୍ ସହିତ ଦୃଢ଼ ଏବଂ ଶକ୍ତିଶାଳୀ ସଂପର୍କ ରହିଥିଲା; ତାଙ୍କର ଗୁହ୍ୟବିଦ୍ୟା ସଂପର୍କରେ ପ୍ରବୃତ୍ତି ଥିଲା ଓ ନିଗୂଢ଼ ଅନୁଭୂତି ଥିଲା ଏବଂ ଏହା ମାଧ୍ୟମରେ ସେ ସର୍ବୋତ୍କୃଷ୍ଟ ପ୍ରେରଣାମାନ ପାଇଥିଲେ । କିନ୍ତୁ ସେ ମୁଖ୍ୟତଃ ପ୍ରାଣସ୍ତରରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କର ମନ ସର୍ବଦା ତାଙ୍କର ପ୍ରେରଣାକୁ ବାଧା ଦେଉଥିଲା ଏବଂ ଏହା ସବୁକିଛିକୁ ଯାନ୍ତ୍ରିକ କରି ଦେଉଥିଲା । ସେଥିପାଇଁ ତାଙ୍କ କାର୍ଯ୍ୟର ବେଶୀ ଭାଗ ବହୁତ ମିଶ୍ରିତ ଥିଲା । ଅଧିକାଂଶ ସମୟରେ ତାହା ଅବୋଧ ଏବଂ କଷ୍ଟକର ଥିଲେ ମଧ୍ୟ ଶକ୍ତିଶାଳୀ ଥିଲା ଏବଂ ଯେତେବେଳେ ସେ ପ୍ରାଣସ୍ତର ଓ ମନଃସ୍ତରକୁ ପାର ହୋଇ ଏକ ଉଚ୍ଚତର ଜଗତରେ ପ୍ରବେଶ କଲେ ସେତେବେଳେ, ସେ ପାଇଥିବା କେତେକ ଆଭାସ ଅତୀବ ସୁନ୍ଦର ଥିଲା; ଯାହାକି 'ପାର୍ସିଫଲ୍' ଓ 'ଟ୍ରିସ୍ତାନ'ର କେତେକ ଅଂଶରେ ଏବଂ 'ଇସଲଟ୍'ର ଶେଷଦୃଶ୍ୟରେ ଦେଖିବାକୁ ମିଳିଥିଲା ।

ଆଧୁନିକ ବ୍ୟକ୍ତିମାନେ ନୃତ୍ୟକୁ କ'ଣ କରିଛନ୍ତି ତାହା ପୁନରାୟ ଦେଖ; ନୃତ୍ୟଶୈଳୀ ଆଗରୁ କିପରି ଥିଲା ଓ ଏବେ କିପରି ଅଛି ତା' ସହିତ ଏହାକୁ ତୁଳନା କର । ନୃତ୍ୟ ଏକ ସମୟରେ ଆନ୍ତର ଜୀବନର ଉଚ୍ଚତମ ଅଭିବ୍ୟକ୍ତିମାନଙ୍କ ମଧ୍ୟରୁ ଗୋଟିଏ ଥିଲା; ଏହା ଧର୍ମ ସହିତ ସଂପୃକ୍ତ ଥିଲା ଏବଂ ପବିତ୍ର ଅନୁଷ୍ଠାନ, ଉତ୍ସବମାନଙ୍କରେ ଏବଂ ଭଗବତ୍ ଉପାସନା-ମାନଙ୍କରେ ଏହା ଏକ ମୁଖ୍ୟ ଅଂଶ ସ୍ୱରୂପ ଥିଲା । କେତେକ ଦେଶରେ ଏହା ସୌନ୍ଦର୍ଯ୍ୟର ଖୁବ୍ ଉଚ୍ଚସ୍ତର ଏବଂ ଅସାଧାରଣ ପରିପୂର୍ଣ୍ଣତାରେ ପହଞ୍ଚି ପାରିଥିଲା । ଜାପାନରେ ସେମାନେ ଧାର୍ମିକ ଜୀବନର ଅଂଶ ସ୍ୱରୂପ ନୃତ୍ୟର ଏହି ପରମ୍ପରା ରକ୍ଷା କରିଥିଲେ । କାରଣ ଜାପାନୀମାନଙ୍କର ସୌନ୍ଦର୍ଯ୍ୟ ଓ କଳା ପ୍ରତି ନିବିଡ଼ ଆକର୍ଷଣ ଏକ ସ୍ୱାଭାବିକ ଅଧିକାର ହୋଇଥିବାରୁ ସେମାନେ ଏହାକୁ କମ୍ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ କ୍ଷୁଦ୍ର ଉଦ୍ଦେଶ୍ୟରେ ବ୍ୟବହାର କରି ତାହାର ଅଧଃପତନ ଘଟାଇବାକୁ ଚାହୁଁ ନ ଥିଲେ । ଭାରତରେ ମଧ୍ୟ ଏହିପରି ହେଉଥିଲା । ଏହା ସତ୍ୟ ଯେ ଆମ ସମୟରେ ପୁରାତନ ଗ୍ରୀକ୍‌ର ନୃତ୍ୟ ଓ ଅନ୍ୟ ନୃତ୍ୟକୁ ପୁନଃପ୍ରଚଳନ କରିବାକୁ ଚେଷ୍ଟା କରାଯାଇଅଛି; କିନ୍ତୁ ସେପରି ପୁନଃ ପ୍ରଚଳନରେ ଧାର୍ମିକ ଭାବର ଅଭାବ ଦେଖାଦେଇଥିଲା, ଏବଂ ସେସବୁ ନୃତ୍ୟ ଅପେକ୍ଷା ଛନ୍ଦର କସରତ ଭଳି ଜଣା ପଡୁଥିଲା । [...]

ମନ ଉପରେ ଆଉ ଏପରି ଏକ ରାଜ୍ୟ ରହିଛି ଯାହାକୁ ଆମେ କହିପାରିବା ସଂଗତିର ରାଜ୍ୟ ଏବଂ ତୁମେ ଯଦି ସେଠାରେ ପହଞ୍ଚିବ ତାହା ହେଲେ ଯେକୌଣସି ରୂପରେ ସେହି ସଂଗତି ପୃଥିବୀପୃଷ୍ଠରେ ପ୍ରକାଶିତ ହେଉଥାଉ ନା କାହିଁକି ତାହାର ମୂଳ ଉତ୍ସ ତୁମେ ସେହିଠାରେ ଦେଖିପାରିବ । ଉଦାହରଣ ସ୍ୱରୂପ ସଂଗୀତ-ବିଦ୍ୟାରେ କେତେକ ସର୍ବୋଚ୍ଚ ଧ୍ୱନି ରହିଥିଲା ଯାହାକି ଜଣକ ପରେ ଜଣେ କଳାକାରଙ୍କର

କଳା ଅଭିବ୍ୟକ୍ତିର ପଶ୍ଚାତରେ ଥିଲା । ଗୋଟିଏ ହେଉଛି 'ବାକ୍'ଙ୍କର ଐକ୍ୟତାନ ସଙ୍ଗୀତ ଓ ଅନ୍ୟଟି 'ବିଥୋଭେନ୍'ଙ୍କ ଐକ୍ୟତାନ ସଙ୍ଗୀତ । ସେଦୁଇଟି ଲିଖିତ ଭାଷାରେ ଏକା ଭଳି ନ ଥିଲା ଏବଂ କାନକୁ ମଧ୍ୟ ଭିନ୍ନ ଶୁଣା ଯାଉଥିଲା । କିନ୍ତୁ ତତ୍ତ୍ୱତଃ ସେମାନେ ଏକ । ଏକ ଚେତନାର ସ୍ପନ୍ଦନ, ଏକାପ୍ରକାର ଅର୍ଥବୋଧ ଓ ସାମଞ୍ଜସ୍ୟର ଲହରୀ ଏଦୁହିଙ୍କୁ ସ୍ପର୍ଶ କରିଥିଲା । 'ବିଥୋଭେନ୍' ଏକ ବୃହତ୍ତର ଅଂଶକୁ ଧରି ପାରିଥିଲେ କିନ୍ତୁ ତାଙ୍କ ଭିତରେ ତାଙ୍କ ମନର ଉଦ୍‌ଭାବନ ଏବଂ ମନର ପ୍ରକ୍ଷିପ୍ତ ବିଷୟ ମିଶ୍ରିତ ଭାବରେ ରହିଥିଲା; 'ବାକ୍' ଟିକିଏ କମ୍ ଗ୍ରହଣ କରିଥିଲେ କିନ୍ତୁ ସେ ଯାହା ପାଇଥିଲେ ତାହା ଅଧିକ ପବିତ୍ର ଥିଲା । ତାହାର ସ୍ପନ୍ଦନ ଥିଲା ଚେତନାର ବିଜୟୀ ଆକସ୍ମିକ ଆବିର୍ଭାବ, ଯେଉଁ ଚେତନା କି ଅଚେତନର ଗର୍ଭକୁ ବିଦାରି ବିଜୟ ଉଲ୍ଲାସରେ ଜନ୍ମ ନେଇଥିଲା ।

ଯୋଗ ଦ୍ୱାରା ତୁମେ ଯଦି ସମସ୍ତ ପ୍ରକାର କଳାର ଏହି ମୂଳ ଉତ୍ସରେ ପହଞ୍ଚିବାକୁ ସକ୍ଷମ ହେବ, ତାହା ହେଲେ ତୁମେ ଇଚ୍ଛା କଲେ ସବୁ 'କଳାର' ପ୍ରଭୁ ହୋଇପାରିବ । ଯେଉଁମାନେ ପୂର୍ବରୁ ସେଠାକୁ ଯାଇଛନ୍ତି, ସେମାନେ ବୋଧ ହୁଏ ସେହି ଉତ୍ସକୁ ଅଧିକ ସୁଖକର ଓ ଆନନ୍ଦଦାୟକ ମନେ କରୁଥିଲେ କିଂବା ତାହାକୁ ଉଲ୍ଲାସଜନକ ଓ ସ୍ୱାଚ୍ଛନ୍ଦ୍ୟରେ ପରିପୂର୍ଣ୍ଣ ବୋଲି ମନେ କରି ତାହାକୁ ବାହାରେ ପ୍ରକାଶ ନ କରି, ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ ନ କରି ସେଠାରେ ଥାଇ ତାହା ଉପଭୋଗ କରୁଥିଲେ । କିନ୍ତୁ ଏହି ନିବୃତ୍ତି, ଯୋଗର ପୂର୍ଣ୍ଣ ସତ୍ୟ କିଂବା ପ୍ରକୃତ ସତ୍ୟ ନୁହେଁ ବରଂ ଏହା ଏକ ବିକୃତି, ସନ୍ନ୍ୟାସର ନାସ୍ତିସୂଚକ ଗୁଣ ଦ୍ୱାରା ଯୋଗର ସକ୍ରିୟ ସ୍ୱାଧୀନତାର ଏହା ଏକ ଅବନତି । ପ୍ରଭୁଙ୍କର ଅଭିଳାଷ ହେଲା ପ୍ରକାଶିତ ହେବା, ଆଳସ୍ୟ ଏବଂ ପୂର୍ଣ୍ଣ ନୀରବତା ମଧ୍ୟରେ ଛପି ରହିବା ନୁହେଁ । ଯଦି ଦିବ୍ୟଚେତନା ପ୍ରକୃତରେ ନିଷ୍କ୍ରିୟ ହୋଇଥାଆନ୍ତା ତାହା ହେଲେ କେବେ ବି ସୃଷ୍ଟି ହୋଇପାରି ନଥା'ନ୍ତା ।

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ ❖

ଯଦି ପ୍ରକୃତିକୁ କେବଳ ଅନୁକରଣ କରିବା କଳାର କାର୍ଯ୍ୟ ହୁଏ ତାହାହେଲେ ପୃଥିବୀର ସମସ୍ତ ଆର୍ଟ୍-ଗ୍ୟାଲେରୀ ବା ଚାରୁକଳା ପ୍ରଦର୍ଶନୀ କକ୍ଷଗୁଡ଼ିକୁ ଭସ୍ମୀଭୂତ କରିଦେବାରେ କିଛି କ୍ଷତି ହେବ ନାହିଁ । ସେମାନଙ୍କ ସ୍ଥାନରେ ଫଟୋ-ଷ୍ଟୁଡ଼ିଓସବୁ ଠିଆ କରାଇ ପାରିଲେ ହେଲା । କଳା, ପ୍ରକୃତିର ଅନ୍ତର୍ନିହିତ ବ୍ୟଞ୍ଜନାକୁ ବ୍ୟକ୍ତ କରିପାରେ ବୋଲିହିଁ ଗୋଟିଏ ଛୋଟ ଚିତ୍ରକୁ କୋଟିପତିର ଧନ ଓ ରାଜାଧିରାଜର ମଣିମାଣିକ୍ୟ ଅପେକ୍ଷା ଆମେ ବେଶୀ ମୂଲ୍ୟ ଦେଉ ।

କଳା ନାମରେ ତୁମେ ଯଦି ପ୍ରକୃତିକୁ କେବଳ ନକଲ କରି ବସ, ତେବେ ଯାହା ପାଇବ ତାହା ହେବ ହୁଏତ ଏକ ପ୍ରାଣହୀନ ଦେହ, ଏକ ଜୀବନହୀନ ଅଙ୍କନ ବା କିଛି ଅସମ୍ଭବ ବିକଟତା; ଯାହା ପ୍ରତ୍ୟକ୍ଷ ବା ଇନ୍ଦ୍ରିୟଗ୍ରାହ୍ୟ, ତାହାର ପଶ୍ଚାତ୍ ବା ଉର୍ଦ୍ଧ୍ୱରେହିଁ 'ସତ୍ୟ' ବାସ କରେ ।

– ଶ୍ରୀଅରବିନ୍ଦ

# ସଂପାଦକୀୟ ....

ବର୍ତ୍ତମାନ ଏହି ମୁହୂର୍ତ୍ତରେ ଆମ ଚାରିପାଖରେ, ଆମ ଦେଶରେ ଓ ପୃଥିବୀର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ଘଟଣାବଳୀର ଯଦି ଫଟୋଚିତ୍ରମାନ ନିଆଯାଏ ଓ ତାହାକୁ ଏକତ୍ର କରି ଦେଖାଯାଏ ତା'ହେଲେ ସେହି ଏକ ସଙ୍ଗରେ, ସେହି ଏକ ସମୟରେ ପରସ୍ପର ବିରୋଧୀ ଜିନିଷର ଏପରି ସବୁ ଚିତ୍ର ଦେଖିବାକୁ ମିଳିବ, ଯାହାକୁ ବ୍ୟାଖ୍ୟା କରିହେବ ନାହିଁ । କେଉଁଠି ସନ୍ତ୍ରାସବାଦ, ବୈଦେଶିକ ଆକ୍ରମଣ, ଗୃହଯୁଦ୍ଧ ଓ ସାଂପ୍ରଦାୟିକ ଦଙ୍ଗା ଆଦି ଉଗ୍ର ହିଂସାର ତାଣ୍ଡବ ଲୀଳା ଚାଲିଛି ତ ଠିକ୍ ସେତିକିବେଳେ ଅନ୍ୟ କେଉଁଠି ଶାନ୍ତି ଓ ସଦିଚ୍ଛାର ବାତାବରଣ ସୃଷ୍ଟି ପାଇଁ ନାନା ସଭା, ଶୋଭାଯାତ୍ରା, ସମ୍ମିଳନୀ ଓ ଶାନ୍ତିଦୂତ ପ୍ରେରଣ ଆଦିର କାମ ଅବ୍ୟାହତ ହୋଇ ରହିଛି । କେଉଁଠି ନାନା ଚକ୍ରାନ୍ତ ଓ ସାମରିକ ବିଦ୍ରୋହ ଦ୍ୱାରା କୌଣସି ଶାସନର ପତନ ଘଟାଇବା ବେଳକୁ କେଉଁଠି ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ନୂତନ ନିର୍ବାଚିତ ସରକାର ଗଠିତ ହେଉଛି । କେଉଁଠି ପ୍ରାକୃତିକ ବ୍ୟପ୍ତାତରେ ଅସଂଖ୍ୟ ଲୋକଙ୍କର ପ୍ରାଣହାନି ଘଟୁଛି ତ କେଉଁଠି ପ୍ରକୃତିକୁ ନିୟନ୍ତ୍ରଣ କରି ତାହାକୁ ଲୋକମାନଙ୍କ କଲ୍ୟାଣ ଓ ସମୃଦ୍ଧି ପାଇଁ ନିୟୋଜିତ କରିବାର ଅବିରାମ ପ୍ରଚେଷ୍ଟା ଚାଲିଛି । କେଉଁଠି ଅଭାବ, ଅନଟନ, ଦାରିଦ୍ର୍ୟ, ଅନାହାରରେ ଲୋକମାନେ ଶଢୁଛନ୍ତି ତ କେଉଁଠି ପ୍ରାଚୁର୍ଯ୍ୟ, ଭୋଗବିଳାସ ଓ ଆମୋଦ-ପ୍ରମୋଦର ଅବାଧ ସୁଅ ଛୁଟୁଛି ।

ତାହା ଆଣବିକ ଶକ୍ତି ବା ମହାକାଶଯାନ ହେଉ ବା କମ୍ପ୍ୟୁଟର୍, ମୋବାଇଲ୍ ଫୋନ୍ ଆଦି ହେଉ, ବୈଜ୍ଞାନିକ ନୂତନ ଉଦ୍ଭାବନ ଓ କାରିଗରୀ କୌଶଳସବୁର ପ୍ରୟୋଗ ହେଉଛି କେତେବେଳେ ଧ୍ୱଂସ ଓ ବିନାଶର ଅସ୍ତ୍ରରୂପେ ବା ଆଉ କେତେବେଳେ ସୃଜନ ଓ ସମୃଦ୍ଧିର ଯନ୍ତ୍ରରୂପେ । କେଉଁଠି ସାମରିକ ଶିବିରମାନଙ୍କରେ ସୈନ୍ୟମାନଙ୍କୁ ନୂତନ ମାରଣାସ୍ତ୍ରସବୁର ପ୍ରୟୋଗ ପାଇଁ ତାଲିମ ଦିଆଯାଉଛି ତ କେଉଁଠି ନୂଆ ନୂଆ ଆଶ୍ରମ ଖୋଲା ଯାଇ ସାଧକମାନଙ୍କୁ ଆସନ, ପ୍ରାଣାୟାମ, ପୂଜା-ପ୍ରାର୍ଥନା ଓ ଧ୍ୟାନ-ଧାରଣା ଆଦିର ଶିକ୍ଷା ଦିଆଯାଉଛି । ପୃଥିବୀର ରଙ୍ଗମଞ୍ଚରେ ଯେଉଁସବୁ ବିଖ୍ୟାତ ଅଭିନେତାମାନଙ୍କର ଆବିର୍ଭାବ ହୋଇଛି, ଗୋଟିଏ ବିଚାର ପାଇଁ ଯେ ନାୟକ ଅନ୍ୟ ଏକ ବିଚାର ପାଇଁ ସେହି ସମାନ ବ୍ୟକ୍ତିହିଁ ଖଳନାୟକ । ଏହିପରି ଅନେକ ଘଟଣା, ତାହା ଆରବ ଇସ୍ରାଏଲ୍ ସଂଘର୍ଷ ହେଉ ବା କାଶ୍ମୀର ଉପରେ ଭାରତ ପାକିସ୍ତାନ ବିବାଦ ହେଉ – ସେହି ସମାନ ଘଟଣାସବୁ ସମ୍ପର୍କରେ ଲୋକମାନେ ପରସ୍ପର ବିରୋଧୀ ବିଚାର ଓ ମତାମତ ପୋଷଣ କରିଥାଆନ୍ତି ।

ଏମିତି କେତେ କେତେ ଘଟଣାର ଫଟୋଚିତ୍ର ନିଆଯାଇ ପାରିବ, ନିଆଯାଉଛି ମଧ୍ୟ ଏବଂ ନିଜ ନିଜର ସ୍ୱାର୍ଥ ଅନୁଯାୟୀ ତାହାର ଧାରା ବିବରଣୀ ମାନ ରେଡିଓ, ଟେଲିଭିଜନ୍ ଓ ସମ୍ବାଦପତ୍ର ଆଦି ଗଣମାଧ୍ୟମରେ ପ୍ରଚାରିତ ହୋଇ ଜନମତକୁ ପ୍ରଭାବିତ କରାଯାଉଛି । କିନ୍ତୁ ଏସବୁର ପଛରେ କ'ଣ ରହିଛି, କେଉଁ ଚେତନା କିଭଳି ଭାବେ କ୍ରିୟା କରୁଛି, ତାହାର କୌଣସି ଫଟୋଚିତ୍ର ନିଆଯାଇ ପାରିବ ନାହିଁ । ତାହା ସବୁଦିନ ପାଇଁ ରହିଯିବ ଅନ୍ତରାଳରେହିଁ । ଏସମ୍ପର୍କରେ ମନର ସମସ୍ତ ବିଚାର ମଧ୍ୟ ସବୁ ସମୟରେ ସୀମିତ, ଅସ୍ପଷ୍ଟ, ଅସମ୍ପୂର୍ଣ୍ଣ ଓ ଅଧିକାଂଶ କ୍ଷେତ୍ରରେ ପ୍ରମାଦପୂର୍ଣ୍ଣ ହେବାକୁ ବାଧ୍ୟ । କାରଣ ମନ ସବୁବେଳେ ବିଚାର କରିଥାଏ ନିଜର ଶିକ୍ଷା, ସଂସ୍କାର ଓ ଧାରଣା ଆଦି ଅନୁଯାୟୀ ଏବଂ ପ୍ରାୟ ସବୁକ୍ଷେତ୍ରରେ ତାହା ପୂର୍ବଗଠିତ ଓ ପୂର୍ବକଳ୍ପିତ ହୋଇଥାଏ । ସିଧାସଳଖ କୌଣସି ବିଷୟର ସତ୍ୟକୁ ଦେଖିବାର ଦୃଷ୍ଟି ବା ସାମର୍ଥ୍ୟ ତା'ର ନାହିଁ । ତେଣୁ ଆମ ମନକୁ ସମ୍ପୂର୍ଣ୍ଣ ନୀରବ କରିଦେଇ ତାହାର ଊର୍ଦ୍ଧ୍ୱକୁ ଉଠି ନ ଗଲେ ବା ତାହାକୁ ନିଶ୍ଚଳ ଓ ନିସ୍ତରଙ୍ଗ କରିଦେଇ ତହିଁରେ ଯଥାର୍ଥ ସତ୍ୟର ପ୍ରତିଫଳନ ପାଇଁ ଅପେକ୍ଷା ନ କଲେ କୌଣସି ଜିନିଷର ପ୍ରକୃତ ସତ୍ୟଟି କ'ଣ ତାହା ଜାଣିପାରିବୁ ନାହିଁ । ତେଣୁ ସେହି ଅବସ୍ଥାରେ ନ ପହଞ୍ଚିବା ପର୍ଯ୍ୟନ୍ତ କୌଣସି ବିଷୟରେ, କୌଣସି ଘଟଣା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ମତାମତ ପୋଷଣ କରିବା ବାଞ୍ଛନୀୟ ନୁହେଁ । ପ୍ରକୃତ ସତ୍ୟର ଉପଲବ୍ଧି ପାଇଁ ତାହା ହେବ ଏକ ପ୍ରତିବନ୍ଧକ ।

ଅବଶ୍ୟ ଏହା ସତ୍ୟ ଯେ ଆମ ଚାରିପାଖରେ ଘଟୁଥିବା ଘଟଣାବଳୀ ଆମକୁ ନାନା ପୀଡ଼ା ଦିଏ, ଆମର ଶାନ୍ତି ନଷ୍ଟ କରେ, ଆମକୁ ବ୍ୟଥିତ ଓ ଉଦ୍‌ବିଗ୍ନ କରେ, ଏପରିକି ବେଳେବେଳେ ଆମ ଭିତରେ ନାନା ଭୟ ଓ ଆଶଙ୍କାର ସୃଷ୍ଟି କରେ । କିନ୍ତୁ ସେହି ଭୟ ଓ ଉଦ୍‌ବେଗ ଆମ ପାଇଁ କୌଣସି ସମାଧାନ ଆଣି ଦେବ ନାହିଁ । ବରଂ ଆମେ ବର୍ତ୍ତମାନ ଯେଉଁ

ସମୟ ଭିତର ଦେଇ ଯାଉଛୁ, ତା'ର ବାହ୍ୟରୂପରେ ବ୍ୟସ୍ତ ବିଚଳିତ ନ ହୋଇ ପୁରାତନ ଜଗତର ସମସ୍ତ ମିଥ୍ୟାଚାରର ଗଡ଼ଣକୁ ଭାଙ୍ଗିଦେଇ ତା' ସ୍ଥାନରେ ଏକ ନୂତନ ଭବିଷ୍ୟତ୍, ଏକ ନୂତନ ଜଗତର ନିର୍ମାଣ ଲାଗି ଭଗବାନଙ୍କ ଦିବ୍ୟଶକ୍ତି କିପରି କ୍ରିୟା କରିଚାଲିଛି ଓ ଶ୍ରୀଅରବିନ୍ଦ, ମା' ସେସମ୍ପର୍କରେ ଯାହାସବୁ କହିଛନ୍ତି ତାହା ଉପରେ ଦୃଢ଼ ବିଶ୍ୱାସ ଓ ଭରସା ରଖିବାକୁ ହେବ । ଶ୍ରୀଅରବିନ୍ଦ ବର୍ତ୍ତମାନର ଅବସ୍ଥାକୁ ଉଷା ପୂର୍ବରୁ ଗାଢ଼ ହେଉଥିବା ଅନ୍ଧକାର ବୋଲି ଯାହା କହିଛନ୍ତି ତାହା ମନେ ରଖି, ଆମକୁ ବର୍ତ୍ତମାନର ଅନ୍ଧକାର ଉପରେ ନୁହେଁ, ଆଗାମୀ ଉଷାର ଆଲୋକ ଉପରେହିଁ ନିଜର ସମସ୍ତ ଆଶା ଓ ଏକାଗ୍ରତାକୁ ଠୁଳ କରିବାକୁ ହେବ । ତାଙ୍କ କଥାରେ : "Those who seek for the Divine have to stand firm persist in their seeking; after a time, the darkness will fade and begin to disappear and the Light will come." [SABCL- Letters on Yoga, Page : 1611] — ''ଯେଉଁମାନେ ଭଗବାନଙ୍କୁ ଖୋଜୁଛନ୍ତି ସେମାନେ ଦୃଢ଼ ଭାବରେ ଛିଡ଼ା ହୋଇ ନିଜ ଅନ୍ୱେଷଣରେ ଲାଗି ରହିବା ଉଚିତ । ଗୋଟିଏ ସମୟ ପରେ ଅନ୍ଧକାର ମ୍ଳାନ ହୋଇଯାଇ ଅନ୍ତର୍ଦ୍ଧାନ ହେବାକୁ ଆରମ୍ଭ କରିବ ଓ ଆସିବ ଦିବ୍ୟ-ଆଲୋକ ।''

ବର୍ତ୍ତମାନ ଅବସ୍ଥା, ତା'ର କାରଣ ଓ ପ୍ରତିକାର ସମ୍ପର୍କରେ ମା'ଙ୍କର କଥାଗୁଡ଼ିକ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ : "The whole world is in a condition of strife, conflict, between the forces of truth and light wanting to manifest and the opposition of all that does not want to change, which represents in the past what is fixed, hardened and refuses to go. Naturally, each individual feels his own difficulties and is faced by the same obstacles.

"There is only one way for you. It is a total, complete and unconditional surrender. What I mean by that is the giving up not only of your actions, work, ambitions, but also of all your feelings, in the sense that all that you do, all that you are, is exclusively for the Divine. So, you feel above the surrounding human reactions – not only above them but protected from them by the wall of the Divine's Grace. ...

"You answer to all the contrary forces, the contrary movements, the attacks, the misunderstandings, the bad wills, with the same smile that comes from full confidence in the Divine Grace. And that is the *only* way out, there is no other."

(MCW. Vol. 15, p. 398 -399)

''ସମଗ୍ର ଜଗତ୍ ଆଜି ଅଭିବ୍ୟକ୍ତ ହେବାକୁ ଚାହୁଁଥିବା ସତ୍ୟ ଓ ଆଲୋକର ଶକ୍ତି ଏବଂ ପରିବର୍ତ୍ତନ ଚାହୁଁ ନ ଥିବା ଓ ତାହାର ବିରୋଧ କରୁଥିବା ଅତୀତର ପ୍ରତିନିଧି ସେହି ସ୍ଥାଣୁ କଠିଣ ଓ ଚାଲିଯିବାକୁ ଅସ୍ୱୀକାର କରୁଥିବା ଶକ୍ତି ଭିତରେ ଚାଲିଥିବା ଏକ ବିବାଦ ଓ ସଂଘର୍ଷର ଅବସ୍ଥାରେ ରହିଛି । ତେଣୁ ଏହା ସ୍ୱାଭାବିକ ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ନିଜର ବାଧାବିଘ୍ନକୁ ସାମନା କରିବା ସଙ୍ଗେ ସଙ୍ଗେ ସେହି ସମାନ ପ୍ରତିବନ୍ଧକର ମଧ୍ୟ ସମ୍ମୁଖୀନ ହେଉଛି ।

''ତୁମ ଆଗରେ ଗୋଟିଏ ମାତ୍ର ବାଟ ରହିଛି । ଏହା ହେଉଛି ଏକ ସାମଗ୍ରିକ, ସମ୍ପୂର୍ଣ୍ଣ ଓ ସର୍ତ୍ତବିହୀନ ସମର୍ପଣ । ମୁଁ ଯେଉଁ ଅର୍ଥରେ ଏହା କହୁଛି ତାହା କେବଳ ତୁମର କର୍ମ, କ୍ରିୟାକଳାପ ଓ ଅଭିଳାଷର ନୁହେଁ, ତୁମର ସମସ୍ତ ଆବେଗ ଅନୁଭବର ମଧ୍ୟ ସମର୍ପଣ ଓ ନିବେଦନ, ଅର୍ଥାତ୍ ତୁମେ ଯାହା କିଛି କରୁଛ, ଯାହା କିଛି ହୋଇଛ, ସେ ସମସ୍ତ ଯେପରି ଅନନ୍ୟଭାବେ କେବଳ ଭଗବାନଙ୍କ ନିକଟରେ ଉତ୍ସର୍ଗୀକୃତ ହୁଏ ।

''ତା'ହେଲେ ତୁମେ ଅନୁଭବ କରିବ ଯେ ତୁମ ଚାରି ପାଖରେ ଘେରି ରହିଥିବା ମଣିଷମାନଙ୍କ ପ୍ରତିକ୍ରିୟାସବୁର ଊର୍ଦ୍ଧ୍ୱକୁ ଉଠିଯାଇଛ, ଖାଲି ସେତିକି ନୁହେଁ, ତୁମେ ମଧ୍ୟ ଦିବ୍ୟକୃପାର ଏକ ପ୍ରାଚୀର ଦ୍ୱାରା ସେସବୁର ଦାଉରୁ ସୁରକ୍ଷିତ ହୋଇ ରହିଛ ।... ବିରୋଧ କରିଥିବା ସମସ୍ତ ଶକ୍ତି, ସମସ୍ତ ଗତିବୃତ୍ତି, ସମସ୍ତ ଆକ୍ରମଣ, ସମସ୍ତ ଅସଦିଚ୍ଛାର ଉତ୍ତର ଦେଉଛ ସେଇ ସମାନ ସ୍ମିତହାସ୍ୟ ନେଇ ଯାହା ଆସିଥାଏ ଭଗବତ୍ ଦିବ୍ୟକୃପାରୁ । ତାହାହିଁ ଏକମାତ୍ର ବାଟ, ଅନ୍ୟ କୌଣସି ବାଟ ନାହିଁ ।''

ତେଣୁ କେବଳ ଭଗବତ୍ କୃପାହିଁ ଆମ ଚେତନା ପାଇଁ ଆଣି ଦେବ ଦୃଢ଼-ବିଶ୍ୱାସର ସେହି ଦୃଷ୍ଟି ଯାହାର ଅବଲମ୍ବନରେ

ଆମେ ଦେଖିବୁ ପୃଥିବୀର ସମସ୍ତ ଘଟଣାବଳୀ ଭିତରେ, ମାନବ-ସମାଜର ସମସ୍ତ ଆଚରଣ ଭିତରେ ଯାହାକିଛି ପ୍ରକାଶ ପାଉଛି ତା' ଭିତରେ ଭଗବାନଙ୍କର ଏକ ଦିବ୍ୟସଂକଳ୍ପ, ଏକ ସାମଗ୍ରିକ ଦିବ୍ୟ-ଯୋଜନାହିଁ କାର୍ଯ୍ୟକାରୀ ହେଉଛି । ସେହି ଯୋଜନାଟି ଏକ ନୂତନ ଜଗତର ନିର୍ମାଣ ପାଇଁ । ପୁରାତନ ଜଗତର ସେହି ଅନ୍ଧକାରଗର୍ଭରେ ଏକ ନୂତନ ଆଲୋକର ଜଗତ୍, ପୁରାତନ ଜଗତର ସେହି ମିଥ୍ୟାଚାର ଓ ପ୍ରବଞ୍ଚନାର ଗର୍ଭରେ ଏକ ନୂତନ ସତ୍ୟର ଜଗତ୍ ଦିନୁଦିନ ବଢ଼ି ଉଠିବାରେ ଲାଗିଛି । ତା'ର ଜନ୍ମଲଗ୍ନ କ'ଣ ଆସନ୍ନ ? ଜଗତର ଏହି ଅସ୍ଥିରତା କ'ଣ ସୂଚିତ କରେ ଏକ ପ୍ରସବ-ବେଦନାକୁ ? ❖


I shall save earth, if earth consents to be saved.

(Savitri) – Sri Aurobindo

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**